- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-280 ◆WEDNESDAY ◆08 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୦ ◆ବୁଧବାର ◆୦୮ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସୁନୀଲଙ୍କ ଗ୍ରାଣ୍ଡ ଏଣ୍ଟ୍ରି

▶ପୃଷ୍ଠା ୧୧ ଦେଖନ୍ତୁ...

# ମଣିପୁର ପୁଣି ଅଶାନ୍ତ



■ ଇମ୍ଫାଲ, ୭।୪ (ଏଜେନ୍ସି): କିଛି ଦିନର ବ୍ୟବଧାନ ପରେ ପୁଣି ଅଶାନ୍ତ ହୋଇପଡ଼ିଛି ମଣିପୁର । ଉଗ୍ରବାଦୀଙ୍କ ଗ୍ରେନେଡ୍ ଆକ୍ରମଣରେ ଆଜି ଦୁଇ ଶିଶୁ ପ୍ରାଣ ହରାଇବା ପରେ ରାଜଧାନୀ ଇମ୍ଫାଲ ସମେତ ୫ଟି ଜିଲ୍ଲାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଘଟଣାର ପ୍ରତିବାଦ ଜଣାଇ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହିତ ଅନେକ ସରକାରୀ ଅଫିସ ଏବଂ ଯାନବାହନରେ ନିଆଁ ଲଗାଇଦେଇଛନ୍ତି । ସେମାନେ ସିଆରପିଏଫ୍ କ୍ୟାମ୍ପ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି । ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଇମ୍ଫାଲ ସମେତ ୫ଟି ଆଖପାଖ ଜିଲ୍ଲାରେ କର୍ଫ୍ୟୁ ଜାରି କରାଯିବା ସହିତ ଇଣ୍ଟରନେଟ ଓ ମୋବାଇ ସେବା ବନ୍ଦ କରିଦିଆଯାଇଛି । ଗୁଳିମାଡ଼ରେ ଦୁଇ ଜଣ ନିହତ ହୋଇଥିବାର ଖବର ମଧ୍ୟ ମିଳିଛି । ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ସନ୍ଦିଗ୍ଧ ଉଗ୍ରବାଦୀଙ୍କ ମୋର୍ଟାର ଆକ୍ରମଣରେ ଦୁଇଜଣ ଶିଶୁଙ୍କ ମୃତ୍ୟୁ ପରେ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି ।

**ସିଆରପିଏଫ୍ ଶିବିର ଉପରେ ଆକ୍ରମଣ**

**୫ଟି ଜିଲ୍ଲାରେ କର୍ଫ୍ୟୁ, ଇଣ୍ଟର୍‌ନେଟ୍ ବନ୍ଦ**

▶ବିସ୍ତୃତ ବିବରଣୀ ପୃଷ୍ଠା-୨

## ଚରମ ସୀମାରେ ଟ୍ରମ୍ପଙ୍କ ପାଗଳାମି

# ପାରସ୍ୟ ସଭ୍ୟତାର ଧ୍ୱଂସ ଧମକ

■ ତେହେରାନ/ୱାସିଂଟନ, ୭।୪ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ମହାଯୁଦ୍ଧ ଆଜି ମହାସଙ୍କଟର ଦ୍ୱାରଦେଶରେ । ବିନା କାରଣରେ ଇରାନ ଉପରେ ଆକ୍ରମଣ କରିବା ସହିତ ରଣକ୍ଷେତ୍ରରେ ଅପମାନଜନକ ସ୍ଥିତିର ସମ୍ମୁଖୀନ ହୋଇଥିବା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ରାତିରେ ଇରାନ ଉପରେ ଆକ୍ରମଣ କରି ସମଗ୍ର ପାରସ୍ୟ ସଭ୍ୟତାକୁ ମୂଳପୋଛ କରିବାକୁ ଧମକ ଦେଇଛନ୍ତି । ଯୁଦ୍ଧବିରତି ପାଇଁ ତାଙ୍କର ୪୮ ଘଣ୍ଟାର ସମୟସୀମା ଆଜି ଶେଷ ହେଉଥିବା ବେଳେ ଟ୍ରମ୍ପ ଧମକ ଦେଇଛନ୍ତି ଯେ ରାତି ୮ଟା (ଭାରତୀୟ ସମୟ ବୁଧବାର ସକାଳ ୫ଟା ୩୦) ସୁଦ୍ଧା ହର୍ମୁଜ ସମୁଦ୍ରପଥ ନଖୋଲିଲେ ଏପରି ଆକ୍ରମଣ କରାଯିବ । ସାମାଜିକ ଗଣମାଧ୍ୟମ ଟ୍ରୁଥ ସୋସିଆଲ ମାଧ୍ୟମରେ ସେ ଧମକ ଦେଇଛନ୍ତି ଯେ ଏଭଳି ଆକ୍ରମଣ ପାଇଁ ତାଙ୍କର ଇଚ୍ଛା ନଥିଲେ ମଧ୍ୟ ଏହା କରିବାକୁ ସେ ଯାଉଛନ୍ତି । ଆଜିର ରାତି ବିଶ୍ୱ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭାବେ ପରିଗଣିତ ହେବ । ତେବେ ସମୟସୀମା ସରିବାର ଶେଷ ମୁହୂର୍ତ୍ତରେ କିଛି ଚମତ୍କାର ହୋଇପାରେ । ଆମେରିକାର ସର୍ତ୍ତକୁ ଇରାନ ଗ୍ରହଣ କରିପାରେ ବୋଲି ସେ ଆଶାବାଦୀ ।

ତାଙ୍କର ଏହି ଧମକ ପରେ ଇରାନ ମଧ୍ୟ ଏହାର ଜବାବ ଦେଇଛି । ଇରାନର ଶକ୍ତିଶାଳୀ ରେଭଲୁସନାରୀ ଗାର୍ଡ କର୍ପ ପକ୍ଷରୁ କୁହାଯାଇଛି ଯେ ଆମେରିକାର ଆତଙ୍କବାଦୀ ଇରାନରେ ପଶିବାକୁ ଉଦ୍ୟମ କଲେ ଏହାର ପରିଣାମ ପାଇଁ ସେମାନଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଆମେରିକା ସହିତ କଥାବାର୍ତ୍ତା ପାଇଁ ସବୁ ରାସ୍ତା ବନ୍ଦ କରି ଦିଆଯାଇଛି ବୋଲି ଉଲ୍ଲେଖ କରି ଇରାନ ପଡ଼ୋଶୀ ଦେଶଙ୍କୁ ଚେତାବନୀ ଦେଇଛି ଯେ ଇରାନ ଉପରେ ଆକ୍ରମଣ ପାଇଁ

▶ପୃଷ୍ଠା-୧୦



**ଇରାନ ନିଜ ଜିଦ୍‌ରେ ଅଟଳ**

**ଆମେରିକା ସହିତ ସମସ୍ତ ଯୋଗାଯୋଗ ରାସ୍ତା ବନ୍ଦ କଲା ଇରାନ**

## ପରମାଣୁ ଆକ୍ରମଣ ଭୟ

■ ୱାସିଂଟନ, ୭।୪ (ଏଜେନ୍ସି): ଆକ୍ରମଣ କରି ଇରାନର ସଭ୍ୟତାକୁ ଧ୍ୱଂସ କରିଦିଆଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପଙ୍କ ଧମକ ପରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି । କେଉଁ ଅସ୍ତ୍ର ପ୍ରୟୋଗ କରି ଟ୍ରମ୍ପ ପାରସ୍ୟ ସଭ୍ୟତାକୁ ଲୋପ କରିଦେବେ । ଏସଂପର୍କରେ ପ୍ରଶ୍ନ ହେବାରୁ ଉପରାଷ୍ଟ୍ରପତି ଭାନସ କହିଲେ ଯେ ଆମେରିକା ପାଖରେ ଏଭଳି ଏକ ଅସ୍ତ୍ର ଅଛି ଯାହା କେବେ ପ୍ରୟୋଗ କରାଯାଇନାହିଁ । କେବଳ ଟ୍ରମ୍ପ ଚାହିଁଲେ ଏହାର ପ୍ରୟୋଗ କରାଯାଇପାରିବ । ସେହି ଅସ୍ତ୍ର ପ୍ରୟୋଗ ପାଇଁ ପ୍ରସ୍ତୁତି ଚାଲିଛି । ତାଙ୍କର ଏହି ମନ୍ତବ୍ୟ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି । ଅନେକ ସନ୍ଦେହ ପ୍ରକଟ କରିଛନ୍ତି ଯେ ଭାନ୍ସଙ୍କ ଇସାରା ପରମାଣୁ ଅସ୍ତ୍ର ରହିଛି । ଇରାନ ଉପରେ ଆମେରିକା ପରମାଣୁ ଆକ୍ରମଣ କରିପାରେ । କିନ୍ତୁ ହ୍ୱାଇଟ ହାଉସ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ ଇରାନ ଯୁଦ୍ଧରେ ଆମେରିକା ପରମାଣୁ ଅସ୍ତ୍ର ପ୍ରୟୋଗ କରିବ ନାହିଁ ।

# ଆଣ୍ଟେଇଲା ମନରେଗା; ଝୁଣ୍ଟିଲେ ସରକାର

### ଦି' ବର୍ଷ ହେଲା ପଡ଼ିନାହିଁ ମୁଠାଏ ମାଟି ■ ପ୍ରଶ୍ନଘେରରେ ଭି ବି ଜି ରାମ୍ ଜି ଭବିଷ୍ୟତ

■ ନୟାଗଡ, ୭।୪ (ଅନୀଲ ପଣ୍ଡା): ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଛନ୍ତି; ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଉଛନ୍ତି । ମାତ୍ର ବିଡ଼ମ୍ବନା ହେଉଛି ଯେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ମୁଠାଏ ବି ମାଟି ପଡ଼ିନାହିଁ । ମନରେଗାକୁ ମାରି କେନ୍ଦ୍ର ସରକାର ଭି ବି ଜି ରାମ ଜି ଯୋଜନା ପ୍ରଣୟନ କରିଛନ୍ତି । ଚଳିତ ଆର୍ଥିକ ବର୍ଷରୁ ଏହାକୁ କାର୍ଯ୍ୟକାରୀ କରାଯାଉଛି ଓ ଏ ବାବଦରେ କେନ୍ଦ୍ରୀୟ ଅଂଶ ହ୍ରାସ ପାଇବା ପରେ ରାଜ୍ୟ ରାଜକୋଷ ଉପରେ ପାଖାପାଖି ବର୍ଷକୁ ୬ ହଜାର କୋଟିର ଚାପ ବଢ଼ିଛି । ମାତ୍ର ସରକାର ବଦଳିବା ପରେ ଗତ ଦୁଇଟି ଆର୍ଥିକ ବର୍ଷର ପରିସଂଖ୍ୟାନ ଦେଖିଲେ ୨୦୨୧-୨୨ ଆର୍ଥିକ ବର୍ଷର ବ୍ୟୟଠାରୁ ଏହି ବର୍ଷଗୁଡ଼ିକରେ ମନରେଗା ବ୍ୟୟ ୫୦ ପ୍ରତିଶତ ହ୍ରାସ ପାଇଛି । ମନରେଗା ଯୋଜନାରେ ପ୍ରତି ପଞ୍ଚାୟତ ଜରିଆରେ ଗାଁ ଗୁଡ଼ିକରେ ମାଟି କାମଠାରୁ ଆରମ୍ଭ କରି ଅନେକ ବିକାଶ ତଥା ଉନ୍ନତି ମୂଳକ କାର୍ଯ୍ୟ ହେଉଥିଲା । କରୋନା ମହାମାରୀ ସମୟରେ ମନରେଗା ଯୋଜନାରେ ତତ୍କାଳୀନ ବିଜେଡି ସରକାର ଅତିରିକ୍ତ ଆର୍ଥିକ ବରାଦ କରି ଲୋକଙ୍କୁ କାମ ଯୋଗାଇ ଦେଇଥିଲେ । ମାତ୍ର ବର୍ତ୍ତମାନ ସମୟରେ ଏହା ଯଥେଷ୍ଟ ହ୍ରାସ ପାଇଛି । ୨୦୨୧-୨୨ ମସିହାରେ ମନରେଗା ଯୋଜନାରେ ସାରା ରାଜ୍ୟରେ ୫,୭୩୭ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ଏହି ଅର୍ଥ ପଞ୍ଚାୟତ, ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗଠାରୁ

▶ପୃଷ୍ଠା-୧୦



## ଜିଆର୍‌ଏସ୍ ନିଯୁକ୍ତିରେ ଅଘୋଷିତ ପ୍ରତିବନ୍ଧକ

ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜିଆର୍‌ଏସ୍(ଗ୍ରାମ ରୋଜଗାର ସେବକ)ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଗାଁ ସାଥିଙ୍କଠାରୁ ଆରମ୍ଭ କରି ବ୍ଲକରେ କାର୍ଯ୍ୟରତ ଏପିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଷ୍ପାର ଆବଶ୍ୟକତା ରହିଛି । ୨୦୨୪ ମସିହା ପୂର୍ବରୁ ରାଜ୍ୟ ସରକାର ମନରେଗା ଅଧୀନରେ କାର୍ଯ୍ୟ କରୁଥିବା ଜିଆର୍‌ଏସ୍‌ଙ୍କୁ ପଦୋନ୍ନତି ଦେଇଥିଲେ । ସେମାନଙ୍କୁ

▶ପୃଷ୍ଠା-୧୦

### ବହୁଚର୍ଚ୍ଚିତ ନରସିଂହପୁର ହାଜତମୃତ୍ୟୁ ଘଟଣା

## ୮ ବର୍ଷ ପରେ ୬ ଅବସରପ୍ରାପ୍ତ ପୁଲିସ ଗିରଫ

■ କଟକ, ୭।୪ (ସମିସ): ଦୀର୍ଘ ଆଠ ବର୍ଷ ତଳର ଏକ ସମ୍ବେଦନଶୀଳ ହାଜତ ମୃତ୍ୟୁ ମାମଲାରେ ଶେଷରେ ଆଇନର କଡ଼ା କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି । ୨୦୧୬ ମସିହାରେ ନରସିଂହପୁର ଥାନାରେ ପୁଲିସ ନିର୍ଯାତନା ଯୋଗୁଁ ପ୍ରାଣ ହରାଇଥିବା ସରୋଜ ସେନାପତିଙ୍କ ମୃତ୍ୟୁ ଘଟଣାରେ ସଂପୃକ୍ତ ୬ଜଣ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କୁ ନରସିଂହପୁର କୋର୍ଟରେ ହାଜର କରାଯାଇଥିବା ବେଳେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ସୂଚନାନୁଯାୟୀ, ମାଳିସାହି ଗାଁର ସରୋଜ ସେନାପତିଙ୍କ ବିରୋଧରେ ତାଙ୍କ ପତ୍ନୀ ଅଳକା ନାୟକ ନରସିଂହପୁର ଥାନାରେ ଏତଲା ଦେଇଥିଲେ । ଏହି ପାରିବାରିକ ବିବାଦଜନିତ ମାମଲାରେ

▶ପୃଷ୍ଠା-୧୦

**ପାରିବାରିକ ବିବାଦରୁ ଥାନାକୁ ଆସିଥିବା ଯୁବକଙ୍କୁ ମିଳିଥିଲା ଅକଥନୀୟ ନିର୍ଯାତନା**

**ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ ପରେ ଜେଲ୍ ଗଲେ ଅଭିଯୁକ୍ତ**

## କଣ୍ଟାମାଳ ଗାଁରେ ପୁଲିସ-ଗ୍ରାମବାସୀ ମୁହାଁମୁହିଁ

### ୬ ପୁଲିସ, ୫ ଗ୍ରାମବାସୀ ଗୁରୁତର



■ ରାୟଗଡ଼ା/ଟିକିରି, ୭।୪ (ସମିସ): ଦୁଇ ଦିନ ହେଲା ଅଶାନ୍ତ ହୋଇପଡିଛି କାଶିପୁର ଥାନା ଅନ୍ତର୍ଗତ କଣ୍ଟାମାଳ ଗ୍ରାମ । ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହେବା ଯୋଗୁଁ ଏଥିରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ଓ ୬ ଜଣ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ଗୁରୁତର ପୁଲିସ କର୍ମଚାରୀଙ୍କୁ ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ସେଠାରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି । ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ. କୁମାର ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ଏସ୍‌ପି କହିଛନ୍ତି ଯେ ଆଜି ସକାଳେ ଜଣେ ଅଭିଯୁକ୍ତ ସୁବାସ ସିଂ ମାଝିଙ୍କୁ ଗିରଫ କରିବା ପାଇଁ ପୁଲିସ ଫୋର୍ସ କଣ୍ଟାମାଳ ଗ୍ରାମକୁ ଯାଇଥିଲା । ସେହି ସମୟରେ କଣ୍ଟାମାଳ ଗ୍ରାମ ସମେତ ଆଖାପାଖ ଗାଁର ପ୍ରାୟ ୨୫୦ଜଣ ଗ୍ରାମବାସୀ ଏକଜୁଟ ହୋଇ ପୁଲିସକୁ ଆକ୍ରମଣ କରିଥିଲେ । ସେମାନେ ପୁଲିସ ଫୋର୍ସ ଉପରେ ମିଳିତ

▶ପୃଷ୍ଠା-୧୦

### ପ୍ରଣବପ୍ରକାଶଙ୍କ ଯାଜପୁର ବାସଭବନ ସମ୍ମୁଖରେ ଗୁଳିମାଡ଼

# ବିଚ୍ ରାସ୍ତାରେ ଯୁବକଙ୍କୁ ହତ୍ୟା





▶▶ **ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ**

▶▶ **ହତ୍ୟା ପଛରେ ପତ୍ନୀଙ୍କ ହାତ ଥିବା ମା'ଙ୍କ ଅଭିଯୋଗ**

■ ଯାଜପୁର, ୭।୪ (ସମିସ): ବିଚ୍ ରାସ୍ତାରେ ଯୁବକଙ୍କୁ ଗୁଳି କରି ହତ୍ୟା । ଯାଜପୁର ସହରରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସଙ୍କ କାଳିମେଘାସ୍ଥିତ ଘର ସମ୍ମୁଖରେ ଗତକାଲି ବିଳମ୍ବିତ ରାତ୍ରିରେ ଏପରି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକଜଣଙ୍କ ହେଲେ, ଯାଜପୁର ଟାଉନ୍ ଥାନା କୁଆଁସରପୁର ଅଞ୍ଚଳର ସୌମ୍ୟସାଗର ସାମଲ । ଏହି ଘଟଣାକୁ ନେଇ ଜିଲ୍ଲା ବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି । ଯାଜପୁର ଟାଉନ୍ ଥାନା ପୁଲିସ ଏନେଇ ନଂ.୧୪୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଆଜି ସକାଳୁ ସାଇଣ୍ଟିଫିକ୍ ଟିମ ସହାୟତାରେ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଥିଲା । ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ ସହ ସୌମ୍ୟ ବ୍ୟବହାର କରିଥିବା ସ୍କୁଟିକୁ ଜବତ କରିଛି । ଏହାସହ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ସହ ପୁଲିସ୍ ସିସିଟିଭି ଯାଞ୍ଚ କରୁଥିବା ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ସୂଚନା ଦେଇଛନ୍ତି ।

▶ପୃଷ୍ଠା-୧୦

## ଦୁର୍ଘଟଣା ନେଲା ୫ ମୁଣ୍ଡ

■ ଥୁଆମୂଳରାମପୁର/ବୋରିଗୁମ୍ମା, ୭।୪ (ସମିସ): ପ୍ରତିଦିନ ଦୁର୍ଘଟଣା ରାଜ୍ୟରେ ଏକାଧିକ ମୁଣ୍ଡ ନେଉଛି । ଗତକାଲି ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟି ୬ଜଣଙ୍କ ଜୀବନ ଯାଇଥିବା ବେଳେ ଆଜି ପୁଣି ୫ଜଣଙ୍କ ମୃତ୍ୟୁ ହୋଇଛି । କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ ଏବଂ କୋରାପୁଟ ଜିଲ୍ଲା ବୋରିଗୁମ୍ମାରେ ପୃଥକ୍ ଦୁର୍ଘଟଣାରେ ମୋଟ ୫ଜଣ ପ୍ରାଣ ହରାଇଛନ୍ତି ।

ସୂଚନାନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର-ଡୁମେରପଦର ମୁଖ୍ୟ ରାସ୍ତାର ବଡ଼ଦେର୍ଲା ଛକରେ ଆଜି ଏକ ଟ୍ରାକ୍ଟର୍ ଦୁଇଟି ବାଇକ୍‌କୁ ଧକ୍କା ଦେବାରୁ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତକମାନେ ହେଲେ, ସାନଦେର୍ଲା ଗ୍ରାମର ବାଲେଶ୍ୱର ନାଏକ (୧୯), ରୁଦ୍ର ନାଏକ (୨୦) ଓ ବଡ଼ଦେର୍ଲା ଗ୍ରାମର ଖଗେଶ୍ୱର ମାଝୀ ଓରଫ୍ କ୍ରିଷ୍ଣା (୨୫) । ଆଜି ସନ୍ଧ୍ୟାରେ ଗୋଟିଏ ବାଇକ୍‌ରେ ବାଲେଶ୍ୱର ଓ ରୁଦ୍ର ଏବଂ ଅନ୍ୟ ଏକ ବାଇକ୍‌ରେ ଖଗେଶ୍ୱର ଯାଉଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ଟ୍ରାକ୍ଟର୍ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ରୁଦ୍ର ଓ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ବାଲେଶ୍ୱରଙ୍କୁ ଥୁଆମୂଳରାମପୁର

▶ପୃଷ୍ଠା-୧୦

**ଦୁଇ ବାଇକ୍‌କୁ ଧକ୍କା ଦେଲା ଟ୍ରାକ୍ଟର୍; ୩ ମୃତ**

**ବୋଲେରୋ ଧକ୍କାରେ ୨ ବାଇକ୍ ଆରୋହୀ ମୃତ**

**ମଧ୍ୟପ୍ରାଚ୍ୟ ମହାଯୁଦ୍ଧ**

# ଖରିଫରେ ମିଳିବନି ସାର

### ୟୁରିଆ-ଡିଏପିର ଘୋର ଅଭାବ ■ କମିବ ଫସଲ ଉତ୍ପାଦନ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୪ (ସମିସ): ଇରାନ୍ ଉପରେ ଆମେରିକା, ଇସ୍ରାଏଲ୍ ଆକ୍ରମଣ ଓ ହର୍ମୁଜ ପ୍ରଣାଳୀକୁ ଇରାନର ଅବରୋଧର ପ୍ରଭାବ କେବଳ ତୈଳ ବା ଇନ୍ଧନ କ୍ଷେତ୍ରରେ ସୀମିତ ନାହିଁ; ସାରା ଭାରତର ଫସଲ ଉତ୍ପାଦନ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି କରିଛି । ଭାରତର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା କୃଷି କ୍ଷେତ ଉପସାଗରୀୟ ଯୁଦ୍ଧ ଯୋଗୁଁ ଗଭୀର ଭାବରେ ପ୍ରଭାବିତ ହୋଇଛି । କାତାରରୁ ତରଳ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) ଯୋଗାଣ ବନ୍ଦର ପ୍ରଭାବ ଦେଶର ସାର କ୍ଷେତ୍ରକୁ ପ୍ରଭାବିତ କରିଛି । ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା କାରଣରୁ ଭାରତରେ ସାର ଓ କୀଟନାଶକର ଘୋର ଅଭାବ ଦେଖାଦେଇଛି । ଫଳରେ ଘରୋଇ ବଜାରରେ ସାର ଏବଂ କୀଟନାଶକର ମୂଲ୍ୟ ଆକାଶଛୁଆଁ ହୋଇଛି । ଏପରିକି ଆଗାମୀ ଖରିଫ୍ ଋତୁରେ ଫସଲ ଅମଳକୁ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି । ସମ୍ପ୍ରତି ବଜାରରେ ୟୁରିଆ ଦର ବ୍ୟାଗ୍ ପିଛା ପ୍ରାୟ ୧,୧୦୦ ରୁ ୧,୨୦୦ ଟଙ୍କାକୁ ବୃଦ୍ଧି ପାଇଛି । ଯୁଦ୍ଧ ପୂର୍ବରୁ ବିକ୍ରି ହେଉଥିବା ଡ଼ିଏପି ସାର ବ୍ୟାଗ ୧୩୦୦ ଟଙ୍କାରୁ ବଢ଼ି ୨୨୦୦ ଟଙ୍କାରେ ପହଞ୍ଚିଲାଣି । ସେହିପରି କୀଟନାଶକର ମୂଲ୍ୟ ୨୫%ରୁ ୩୦% ବୃଦ୍ଧି ହୋଇଛି । ଏକର ପିଛା ଚାଷ ଖର୍ଚ୍ଚ ପୂର୍ବାପେକ୍ଷା ଦେଢ଼ଗୁଣରୁ ଦୁଇଗୁଣ ବୃଦ୍ଧି ପାଇଛି ।

ସାର ଉତ୍ପାଦନ ପ୍ରକ୍ରିୟାରେ ଏଲ୍‌ଏନ୍‌ଜି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ । ଭାରତ ଏହାର ଏଲ୍‌ଏନ୍‌ଜି ଆବଶ୍ୟକତା ପାଇଁ କତାର ଉପରେ ଅତ୍ୟନ୍ତ ନିର୍ଭରଶୀଳ । ଭାରତର ମୋଟ ଏଲ୍‌ଏନ୍‌ଜି ଆମଦାନୀର ପ୍ରାୟ ୪୦% କେବଳ କତାରରୁ ଆସିଥାଏ । ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ କତାର ଯୋଗାଣ ବନ୍ଦ କରିଦେଇଛି, ଯାହାର ସିଧାସଳଖ ଭାରତୀୟ ସାର ଉତ୍ପାଦନକାରୀଙ୍କ ଉପରେ ପଡିଛି । ଗ୍ୟାସ୍ ଅଭାବ ଏବଂ ମୂଲ୍ୟରେ ବୃଦ୍ଧି ସାର କମ୍ପାନୀଗୁଡ଼ିକୁ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ କରିବାକୁ ବାଧ କରୁଛି । ଯଦି ଏହି ବାଧା ଦୀର୍ଘ ସମୟ ଧରି ଜାରି ରହେ, ତେବେ ଅନେକ କମ୍ପାନୀଙ୍କୁ ସେମାନଙ୍କର ଉତ୍ପାଦନ ୟୁନିଟ୍ ବନ୍ଦ କରିବାକୁ ପଡ଼ିପାରେ ।

ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁଯାୟୀ ଭାରତରେ ଅନେକ ସାର କମ୍ପାନୀ ସେମାନଙ୍କ ଉତ୍ପାଦନ ହ୍ରାସ କରିବା ଆରମ୍ଭ

▶ପୃଷ୍ଠା-୧୦


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# କାଳବୈଶାଖୀ ତାଣ୍ଡବ: ଉପୁଡ଼ିଲା ଗଛ ଓ ବିଦ୍ୟୁତ ଖୁଣ୍ଟ






















ତୁରୁମୁଙ୍ଗା, ୭।୪(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଅନ୍ତର୍ଗତ ମାଛଗଡ଼, ବେଲସରେଇ, ଦାମାହୁଦା, ଗୋଜାପଥର ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ହଠାତ୍ ବର୍ଷା ସହ ଜୋରପବନ ଓ କୁଆପଥର ବର୍ଷା ହେବାରୁ ଅଞ୍ଚଳରେ ଜନଜୀବନ ବ୍ୟାହତ ହୋଇପଡ଼ିଛି। ପବନ ଯୋଗୁଁ ଅନେକ ବଡ଼ ବଡ଼ ଗଛ ଉପଡ଼ି ପଡ଼ିଥିବା ସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସେବା ବନ୍ଦ ହୋଇ ଲୋକମାନେ ଅନ୍ଧକାରରେ ରହିଛନ୍ତି।ଏହାସହ କୁଆ ପଥର ମାଡ଼ ରେ ପନି ପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। କୁଆପଥର ବର୍ଷା ଓ ଜୋର ପବନରେ ଚାଷୀମାନଙ୍କ କ୍ଷେତ ନଷ୍ଟ ହୋଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସାହାରପଡା-ମାଛଗଡ଼ ମୁଖ୍ୟ ରାସ୍ତାର ପଇତାମଜା ନିକଟରେ ଏକ ବିରାଟ ଜାମୁ ଗଛ ରାସ୍ତା ଉପରେ ପଡ଼ିଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଲୋକ ପ୍ରଶାସନଙ୍କୁ ଶୀଘ୍ର ଗଛ ହଟାଇ ଯାତାୟାତ ସୁଚାରୁ କରିବା ସହ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ନୟାକୃଷ୍ଣପୁର ଶିଶୁମନ୍ଦିରର ବାର୍ଷିକ ଉତ୍ସବ

# 'ଶିଶୁମାନେ ପ୍ରତିଦିନ ପିତାମାତାଙ୍କୁ ପ୍ରଣାମ କରନ୍ତୁ ଓ ଭକ୍ତି କରନ୍ତୁ'



ଚମ୍ପୁଆ, ୭।୪(ସମିସ): ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ନୟାକୃଷ୍ଣପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟବକ୍ତା ଭାବେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ରମେଶଚନ୍ଦ୍ର ପ୍ରଧାନ, ଝରଣ ଖଣିର ମ୍ୟାନେଜର ପ୍ରଦୀପ କୁମାର ଶତପଥୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରତିଷ୍ଠାତା ଡମ୍ବରୁଧର ମହାନ୍ତ, ବିଦ୍ୟାଳୟର ସଭାପତି ପନ୍ନଗ ଭୂଷଣ ମହାନ୍ତ, ବିଦ୍ୟାଳୟର ସମ୍ପାଦକ ପ୍ରତାପଚନ୍ଦ୍ର ମହାନ୍ତ ଓ ବିଦ୍ୟାଳୟର ଉପସଭାପତି ମାଧବାନନ୍ଦ ମହାନ୍ତ ମଞ୍ଚାସୀନ ଥିଲେ। ଶିଶୁମାନେ ପ୍ରତିଦିନ ପିତାମାତାଙ୍କୁ ପ୍ରଣାମ କରନ୍ତୁ ଏବଂ ଭକ୍ତି କରନ୍ତୁ, ଯାହାଫଳରେ ସେମାନଙ୍କ ଆଶୀର୍ବାଦରେ ପିଲାମାନେ ଉନ୍ନତି କରିପାରିବେ ବୋଲି ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଏଥିସହିତ ପିଲାମାନେ କିପରି ସଂସ୍କାରିତ ହୋଇପାରିବେ, ସେ ଦିଗରେ ପିତାମାତା ଓ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ଦୃଷ୍ଟି ଦେବାକୁ ଅଭିମତ ରଖିଥିଲେ। ମୁଖ୍ୟବକ୍ତା ତାଙ୍କ ଭାଷଣରେ କହିଲେ ଯେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏକ ସାମାଜିକ, ସାଂସ୍କୃତିକ, ରାଷ୍ଟ୍ରବାଦୀ ଓ ଶୈକ୍ଷିକ ଅନୁଷ୍ଠାନ। ଯେଉଁଠାରେ ଶିଶୁମାନେ ସାମାଜିକ ସଭାବନା ସହିତ ନୈତିକ, ଆଧାତ୍ମିକ ଓ ରାଷ୍ଟ୍ରପ୍ରେମର ଶିକ୍ଷା ଲାଭ କରନ୍ତି। ସମ୍ମାନିତ ଅତିଥି ଡମ୍ବରୁଧର ମହାନ୍ତ ବିଦ୍ୟାଳୟର ପ୍ରତିଷ୍ଠା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିମାନେ ବିଦ୍ୟାଳୟର ଉନ୍ନତି କଳ୍ପେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ବିଦ୍ୟାଳୟକୁ ସହଯୋଗର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଶିଶୁମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀମାନେ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବକୁ ପ୍ରଧାନଆଚାର୍ଯ୍ୟ ଓ ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ପରିଚାଳନା କରିଥିଲେ। ସମସ୍ତ ପରିଚାଳନା ସମିତିସଭ୍ୟ ଏଥିରେ ସହଯୋଗ କରିଥିଲେ।

# ମା' ମଙ୍ଗଳାଙ୍କ ୫୦ତମ ବାର୍ଷିକ ଉତ୍ସବ



ଆନନ୍ଦପୁର, ୭।୪ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅନ୍ତର୍ଗତ ଅତା ଗ୍ରାମରେ ମା ମଙ୍ଗଳାଙ୍କ ୫୦ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ପୂଜକ ରବି ଶତପଥୀ, ମା'ଙ୍କ ପୂଜକ ଶଙ୍କର୍ଷଣ ବେହେରାଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବାହ୍ନରୁ ପୁଣ୍ୟତୋୟା ବୈତରଣୀ ନଦୀରୁ ୧୦୮ ବ୍ରତଧାରୀ କଳସ ବୁଡ଼ାଇବା ପରେ ଶୁଭକଳସକୁ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ସଙ୍କଳ୍ପ କାର୍ଯ୍ୟ ସରସ୍ୱତୀ ନାଥ, ସରସ୍ୱତୀ ପାଗଳ ତୁଲାଇଥିବା ବେଳେ ବିଶ୍ୱର ଶାନ୍ତି ନିମନ୍ତେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଭକ୍ତ ଭାନୁମତୀ ପାଲ, ରଶ୍ମି ପାଗଳ କହିଛନ୍ତି, ମା'ଙ୍କ କରୁଣା ଅପାର ଯେତେବେଳେ ଯାହା ଭକ୍ତିରେ ମାଗିଲେ ଦିଅନ୍ତି। ବିଭିନ୍ନ ସ୍ଥାନରୁ ଶହ ଶହ ଭକ୍ତ ଆସି ମା'ଙ୍କ ପୀଠରେ ଅରୁଆ ଚାଉଳ ଗୁଆ ବସାଇଲେ ମାନସିକ ପୂର୍ଣ୍ଣ ହେଉଛି। ଅନେକ ଭକ୍ତଙ୍କ ମାନସିକ ପୂର୍ଣ୍ଣ ମଧ୍ୟ ହେଉଛି ବୋଲି ପ୍ରକାଶ କରିଛନ୍ତି। ଭକ୍ତ ମାନଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ଗ୍ରାମର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ମାଙ୍କ ପୀଠରେ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ସମସ୍ତ ଗ୍ରାମବାସୀଙ୍କ ସହଯୋଗ ମଧ୍ୟରେ ପ୍ରଫୁଲ୍ଲ ପାଗଳ, ଲକ୍ଷ୍ମୀଧର ନାଥ, ମଙ୍ଗୁଳି ନାଥ, ଅନାଦି ନାଥ, ରବିନ ନାଥ, ସୁନନ୍ଦ ସାହୁ, ରାମଚନ୍ଦ୍ର ପାଗଳ, ଚନ୍ଦନ ନାଥ, ସନ୍ତୋଷ ସାହୁ, ଟୁଲୁ ପଣ୍ଡାଙ୍କ ସହ ଅନେକ ଯୁବ ପିଢ଼ି ସାମିଲ ହୋଇଥିଲେ।

# ମହୁଲି ମଦ ପୋଚ ଜବତ; ୫ ଗିରଫ




ହାଟଡ଼ିହୀ, ୭।୪(ସମିସ): ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ଟିଲଗଡ଼ିଆ, ଢେଙ୍କା, ସୁନ୍ଦରାପାଳ, ପଡ଼ିଆରିପଲ୍ଲୀ, ଅଞ୍ଚଳରେ ଚଢ଼ଉ କରି ୩୦୪ଲିଟର ରନ୍ଧା ମହୁଲି ମଦ ଓ ୩୫୦୦ ଲିଟର ମହୁଲ ପୋଚ ଜବତ କରିବା ସହ ସମ୍ପୃକ୍ତ ଗ୍ରାମର ଶ୍ରୀରାମ ମାରାଣ୍ଡି, ଫୁଲ ମାଝୀ, ମାୟା ମାଝୀ, ଶ୍ରୀକାନ୍ତ ପାତ୍ର ଓ ପାରୁ ଟୁଡୁଙ୍କୁ ଗିରଫ କରିଛନ୍ତି।ଏନେଇ ୬ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ।

# ଦିନବେଳା ସିଝୁଛି, ସନ୍ଧ୍ୟାବେଳା ଛେଚୁଛି

ସମ୍ବଲପୁର, ୭।୪ (ସମିସ)



ଚଳିତବର୍ଷ ମାର୍ଚ୍ଚ ପ୍ରାରମ୍ଭରୁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥିଲା। ମାର୍ଚ୍ଚ ୧୩ ତାରିଖରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା। ଟାଣ ଖରା ଓ ପ୍ରବଳ ଗୁଳୁଗୁଳିରେ ଲୋକେ ଅତିଷ୍ଠ। ଏହାପରେ ମାର୍ଚ୍ଚ ମାସସାରା ୪୦ ଡିଗ୍ରୀ ପାଖାପାଖି ତାପମାତ୍ରା ରହିଥିବାବେଳେ ଚଳିତ ଏପ୍ରିଲ ମାସ ପ୍ରାରମ୍ଭବେଳକୁ କାଳବୈଶାଖୀ ଆସିଛି। ଲୋକେ କାଳବୈଶାଖୀ ଆସି ବର୍ଷା ହେଲେ ତାପମାତ୍ରା କମିବ ବୋଲି ଆଶାପ୍ରକାଶ କରୁଥିଲେ। ତେବେ, ଗତ ଶୁକ୍ରବାର ୩ ତାରିଖ ସମ୍ବଲପୁରର ତାପମାତ୍ରା ସର୍ବାଧିକ ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ଦିନବେଳା ଟାଣ ଖରାରେ ଲୋକେ ସିଝୁଥିବାବେଳେ ସନ୍ଧ୍ୟା ହେଲେ କାଳବୈଶାଖୀ ଝଡ଼ ସହ ବର୍ଷା ଏବଂ କେତେକ ସ୍ଥାନରେ କୁଆପଥର ବର୍ଷା ହେଉଛି। ଦିନବେଳା ପ୍ରବଳ ଗୁଳୁଗୁଳିରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। କାଳବୈଶାଖୀରେ ପ୍ରବଳ ଝଡ଼ ଯୋଗୁଁ କେଉଁଠି ଗଛ ଭାଙ୍ଗି ଯାଉଛି ତ କେଉଁଠି ଆଜବେଷ୍ଟସ୍ ଉଡ଼େଇ ନେଉଛି। ଝଡ଼ ସହ କେତେକ ସ୍ଥାନରେ ବର୍ଷା ମଧ୍ୟ ହେଉଛି। ଗତ ରବିବାର ୫ ତାରିଖ, ପୁଅ ବାହାଘରର ଲଗ୍ନପତ୍ର ଦେବାକୁ ଆସିଥିବା ବୌଦ୍ଧ ବଘିଆପଡ଼ାର ବିପ୍ଳବ ବେହେରାଙ୍କ ସମ୍ବଲପୁର ଜିଲ୍ଲା ଯୁଯୋମୁରା ଥାନା ବାଣ୍ଡିଝରଣ ଯାତ୍ରୀ ପ୍ରତୀକ୍ଷାଳୟରେ ଅଟକିଥିବାବେଳେ ବଜ୍ରାପାତ ହୋଇ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ରବି ଧାନ ବା ଡାଲୁଆ ଧାନ ଏବଂ ପନିପରିବା ଚାଷକୁ ନେଇ ଚାଷୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କୁଆପଥର ବର୍ଷାହେଲେ ଏହା ଫସଲ ନଷ୍ଟ କରିବାର ଆଶଙ୍କା ରହିଛି।ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ତାତିଲା ପବନ ବହୁଛି। ସକାଳ ନହେଉଣୁ ଟାଣ ଖରାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜଳଛତ୍ର ଖୋଲାଯାଇନାହିଁ। ସମ୍ବଲପୁରର ମୁଖ୍ୟ ରାସ୍ତା କଚେରୀ ଛକରୁ ଅଇଁଠାପାଲି ଛକ ପର୍ଯ୍ୟନ୍ତ ସହରାଞ୍ଚଳରେ ପୂର୍ବରୁ ରହିଥିବା ଅମୃତଧାରା ଗୁଡ଼ିକ କେଉଁଠି ରାସ୍ତା ସମ୍ପ୍ରସାରଣ ପାଇଁ ଭାଙ୍ଗି ଦିଆଯାଇଛି ତ କେଉଁଠି ଅଚଳ ହୋଇ ପଡ଼ିରହିଛି। ଲୋକେ ପାଣି ଟୋପାଏ ପାଇପାରୁନାହାନ୍ତି। କେଇବର୍ଷ ହେବ ସମ୍ବଲପୁରରେ ପାଣି ପାଉଚ୍ ମଧ୍ୟ ବନ୍ଦ କରିଦିଆଯାଇଛି। ଏପରିସ୍ଥଳେ ପାଣି ବୋତଲ ବିକ୍ରି କରି ମୁନାଫା କମାଉଛନ୍ତି ବେପାରୀ। ଟାଣ ଖରାକୁ ଦୃଷ୍ଟିରେ ରଖି ଯାତାୟାତ କରୁଥିବା ଲୋକ ମୁଣ୍ଡରେ ଗାମୁଛା ବାନ୍ଧିବାସହ ଛତା ଧରି ଯିବାଆସିବା କରୁଥିବା ଦେଖାଯାଉଛି। ସାଧାରଣରେ ବାରମ୍ବାର ଦାବିପରେ ମହାନଗର ନିଗମ ପକ୍ଷରୁ ଟ୍ରାଫିକ୍ ଛକ ମାନଙ୍କରେ ଘୋଡ଼ଣୀ ବା ଗ୍ରୀନ୍ ସେଡ୍ ନିର୍ମାଣ କରାଯାଇଛି। ବଜାରରେ ସ୍ଥାନୀୟ ତିଆରି ଘୁମା ବା ମାଠିଆ ସହ ପଶ୍ଚିମବଙ୍ଗର ସୁରେଇ ବିକ୍ରି ହେଲାଣି।

ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ଏପ୍ରିଲ ୨୨ ତାରିଖରେ ସମ୍ବଲପୁରର ତାପମାତ୍ରା ବର୍ଷର ସର୍ବାଧିକ ୪୪.୬ ଡିଗ୍ରୀ ହୋଇଥିଲା। ଏହାର ପୂର୍ବବର୍ଷ ୨୦୨୪ ମସିହା ମେ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ହୋଇଥିଲା। ଚଳିତବର୍ଷ ମଧ୍ୟ ଯେଉଁଭଳି ଭାବେ ତାପମାତ୍ରା ବୃଦ୍ଧି ପାଉଛି, ସର୍ବୋଚ୍ଚ ତାପମାତ୍ରା ୫୦ ଡିଗ୍ରୀ ଛୁଇଁପାରେ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

**ସମ୍ବଲପୁରର ତାପମାତ୍ରା**

| ତାରିଖ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ଏପ୍ରିଲ ୧ | ୩୮.୪ | ୨୧.୪ |
| ଏପ୍ରିଲ ୨ | ୩୮.୬ | ୨୩.୮ |
| ଏପ୍ରିଲ ୩ | ୪୦.୦ | ୨୪.୮ |
| ଏପ୍ରିଲ ୪ | ୩୮.୪ | ୨୫.୪ |
| ଏପ୍ରିଲ ୫ | ୩୩.୦ | ୨୬.୦ |
| ଏପ୍ରିଲ ୬ | ୩୬.୨ | ୨୨.୭ |
| ଏପ୍ରିଲ ୭ | ୩୬.୫ | ୨୨.୮ |

## ନାବାଳିକାକୁ ଦୁଷ୍କର୍ମ ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ



ରେଢ଼ାଖୋଲ, ୭।୪(ସମିସ): ସମ୍ବଲପୁର ଜିଲ୍ଲା ଜୁଜୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକକୁ ଦୁଷ୍କର୍ମ ଘଟଣାରେ ଯୁଯୁମୁରା ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଗତ ଅଗଷ୍ଟ ମାସ ୨୦୨୫ ମସିହାରେ ନାବାଳିକା ଜଣଙ୍କ ପରିଶ୍ରା କରିବାକୁ ଯାଇଥିବା ବେଳେ ୫ ଜଣ ଯୁବକ ଜୋର୍‌ଜବରଦସ୍ତ ଟେକି ନେଇ ଜଣକ ପରେ ଜଣେ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ଯୁଯୁମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଯୁଯୁମୁରା ପୁଲିସ ଅଭିଯୁକ୍ତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତକୁ ଝାଙ୍କରପାଲି ପଞ୍ଚାୟତ ଡୁଡକାକୁଦ ଗ୍ରାମର ପରେଶ୍ ମିର୍ଦ୍ଧାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିମା ଏକ୍କା ସୂଚନା ଦେଇଛନ୍ତି।

## କଫ ସିରପ୍ ଜବତ, ଜଣେ ଗିରଫ



ସମ୍ବଲପୁର, ୭।୪(ସମିସ): ସମ୍ବଲପୁର ଅବକାରୀ ମୋବାଇଲ ୟୁନିଟ୍ ବେଆଇନ କଫ ସିରପ୍ କାରବାରରେ ସଦର ଥାନା ଅଞ୍ଚଳରୁ ଜଣକୁ ଗିରଫ କରିଛି। ସେ ହେଉଛି ସଦର ଥାନା ଝାରମୁଣ୍ଡାର ଅମରେଶ ଦୁଆନ(୪୬)।ଅବକାରୀ ପୁଲିସ ୭୦ ବୋତଲ କଫ ସିରପ୍ ଜବତ କରିଛି। ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଜନଗଣନା ସଚେତନତା ରଥ ଶୁଭାରମ୍ଭ



ସମ୍ବଲପୁର, ୭।୪ (ସମିସ) : ଆଗାମୀ ଜନଗଣନା ୨୦୨୭ରେ ବ୍ୟାପକ ନାଗରିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ, ଯିଏକି ମୁଖ୍ୟ ଜନଗଣନା ଅଧିକାରୀ ମଧ୍ୟ, ରେହାନ ଖତ୍ରୀ ଆଜି ପତାକା ଦେଖାଇ ୪ଟି ସଚେତନତା ରଥ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମହାନଗର ନିଗମ ଅଧିକାରୀ ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭାରତର ପ୍ରଥମ ଡିଜିଟାଲ ଜନଗଣନା ବିଷୟରେ ବାସିନ୍ଦାଙ୍କୁ ସଚେତନତା ଏବଂ ସ୍ୱଗଣନା ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା। ଏହି ୪ଟି ଗାଡ଼ି ଦୁଇଦିନ ମଧ୍ୟରେ ସମ୍ବଲପୁରର ସମସ୍ତ ୪୧ଟି ୱାର୍ଡ ବୁଲି ଜନସାଧାରଣଙ୍କୁ ସଚେତନ କରିବ। ରଥଗୁଡ଼ିକ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜନଗଣନା ସମ୍ପର୍କିତ ଗୀତ ସହ ବ୍ୟାନରରେ ସଜ୍ଜିତ କରାଯାଇଛି। ଏହି ଅଭିଯାନଟି ସ୍ୱଗଣନା ଏବଂ ଗୃହ ତାଲିକାଭୁକ୍ତ କରିବା ବିଷୟରେ ସଚେତନତା ସୃଷ୍ଟି କରିବ।ଆସନ୍ତା ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସମ୍ପୃକ୍ତ ୱେବ୍‌ସାଇଟ୍‌କୁ ଯାଇ ସ୍ୱଗଣନା ପ୍ରକ୍ରିୟା ସମାପ୍ତ କରିପାରିବେ। ଏହାପରେ ଜନଗଣନାରେ ନିୟୋଜିତ ବ୍ୟକ୍ତିବିଶେଷ ଘରକୁ ଘର ଯାଇ ଡିଜିଟାଲ ଜନଗଣନା କରିବେ। ଏଥିପାଇଁ ସମସ୍ତଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

### ସମ୍ବଲପୁରର ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

## ୧୨ରେ ଆର୍ଟ ଅଫ ସୋଲ୍‌ର 'ଦ ସୋଡାଉନ୍ ଚାପ୍ଟର ୩'



ସମ୍ବଲପୁର, ୭।୪(ସମିସ): ଆର୍ଟ ଅଫ୍ ସୋଲ୍ ପ୍ରଡକ୍ସନ୍ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୧୨ ତାରିଖ ଜାତୀୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା "ଦ ସୋଡାଉନ୍ ଚାପ୍ଟର୍-୩" ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଯୋଗୀ ଭାଗ ନେବେ ବୋଲି ଆୟୋଜକ ପକ୍ଷରୁ କୁହାଯାଇଛି। ଦେଶର କୋଣ ଅନୁକୋଣରୁ ନୃତ୍ୟ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଯାଉଛି ଏକ ବିଶାଳ ଜାତୀୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା। ଏହି ମହୋତ୍ସବରେ ଶାସ୍ତ୍ରୀୟ, ଲୋକନୃତ୍ୟ ଏବଂ ଓପନ୍ ଷ୍ଟାଇଲ୍ ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ। ସବୁ ବର୍ଗର ବୟସ୍କ ଓ କନିଷ୍ଠ ଶିଳ୍ପୀଙ୍କ ପାଇଁ ଏହା ଏକ ସ୍ୱତନ୍ତ୍ର ମଞ୍ଚ ସାଜିବ। ଏହି ପ୍ରତିଯୋଗିତା ପାଇଁ ଏପର୍ଯ୍ୟନ୍ତ ୮-୧୦ଟି ରାଜ୍ୟରୁ ପ୍ରତିଯୋଗୀ ପଞ୍ଜୀକରଣ କରିଛନ୍ତି। ଚାମ୍ପିଅନସିପ୍‌ରେ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଓ ୧୫୦୦ରୁ ଅଧିକ ଦର୍ଶକ ରହିବେ ବୋଲି ଟ୍ରଷ୍ଟର ସଭାପତି ବୁଲୁ ପୂଝାରୀ କହିଛନ୍ତି। ଲୋକ ବର୍ଗ ପାଇଁ ଗୁରୁ ଧାନ ପଣ୍ଡା ଏବଂ ଶାସ୍ତ୍ରୀୟ ବର୍ଗ ପାଇଁ ଡ. ତପସ୍ୱିନୀ ଗୁରୁ ବିଚାରକ ରହିଛନ୍ତି। ସେହିପରି ଓପନ୍ ଷ୍ଟାଇଲ୍ ଗ୍ରାଣ୍ଡ ଫିନାଲେରେ ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ଓ ହିପ୍ ହପ୍ ଇଣ୍ଡିଆ ଖ୍ୟାତ ରକ୍ତିମ ଠାକୁରିଆ ମୁଖ୍ୟ ବିଚାରକ ଭାବେ ଯୋଗଦେବେ। କାର୍ଯ୍ୟକ୍ରମର ଟାଇଟଲ୍ ସ୍ପୋନ୍ସର ଭାବେ 'ୱାନ୍ ବାଇଟ୍ ସମ୍ବଲପୁର' ଥିବା ବେଳେ 'ଭିଭିସ୍ପା ୱାର୍ଲ୍ଡ ସ୍କୁଲ୍' ସହ-ପ୍ରାୟୋଜକ ଭାବେ ସହଯୋଗ କରୁଛି। ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ସୁରଜିତ ମିତ୍ର, ଫାଉଣ୍ଡର ମିଶୁ ଅଙ୍କିତା ମହାପାତ୍ର ଓ ମାନସ ପାଢ଼ି, ସୁବ୍ରତ ସାହୁ, ଆର୍ତ୍ତି ଟଣ୍ଡନ୍, ସୁଭାଶ୍ରୀ ଦାଶ, ଆର୍ଯ୍ୟନ ନାୟକ, ସୁଶ୍ରିତା ପାଣିଗ୍ରାହୀ ଓ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଯୋଗ ଦେବେ ଖ୍ୟାତିନାମ ଡ୍ୟାନ୍ସର ରକ୍ତିମ ଠାକୁରିଆ**

## ଓଡ଼ିଆ ପକ୍ଷରେ 'ବର୍ଣ୍ଣବୋଧ ଉତ୍ସବ'



ସମ୍ବଲପୁର, ୭।୪ (ସମିସ) : ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ଓଡ଼ିଆ ଭାଷା ଓ ସଂସ୍କୃତିର ସଚେତନତା ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ 'ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ' ପାଳିତ ହୋଇଯାଇଛି। ସୂଚନା ଥାଉ କି, ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ବର୍ଣ୍ଣବୋଧ ପୁସ୍ତକଗୁଡ଼ିକ ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା ଓଡ଼ିଆ ଭାଷାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାଷାଗତ ଶିକ୍ଷଣ ଓ ବିକାଶର ପରିବେଶ ସୃଷ୍ଟି କରିବା ଦିଗରେ ଏହି ଦିବସଟିକୁ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ଉତ୍ସର୍ଗୀକୃତ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ସମ୍ବଲପୁର, ୭।୪(ସମିସ): ସମ୍ବଲପୁର ସଦର ଥାନାଜାତୀୟ ରାଜପଥ ନଂ. ୫୫ର ମାନେଶ୍ୱର ଛକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଜଣକ ଯୁଯୋମୁରା ଥାନା ହାତୀବାରୀ ଗୁଡ଼ିଆକଣ୍ଟାର ବୋଲି ପୁଲିସ କହିଛି।ଅଜଣା ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଧମାକୁ 'ଆମ ବସ୍' ଚଳାଚଳ ପାଇଁ ଦାବି

ସମ୍ବଲପୁର, ୭।୪(ସମିସ): ଅଇଁଠାପାଲିରୁ ହୁମା ପର୍ଯ୍ୟନ୍ତ ଆମ ବସ ପ୍ରତିଦିନ ଯାଉଛି। କିନ୍ତୁ ପାଖରେ ଥିବା ଧମାକୁ ଏହି ବସ ଯାଉନାହି। ଧମାରେ ଅନେକ କାର୍ଯ୍ୟାଳୟ ସହ ଶିକ୍ଷାନୁଷ୍ଠାନ ରହିଛି। ତେଣୁ ଧମା ପର୍ଯ୍ୟନ୍ତ ଆମ ବସ ଚଳାଚଳ ପାଇଁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁର ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ହୁମା



ପର୍ଯ୍ୟନ୍ତ ପ୍ରତିଦିନ ୮ଟି ଏସି ଓ ୨ଟି ନନ୍‌ଏସି ବସ୍ ଚାଲୁଛି। ହୁମାର ସଦର ମହକୁମା ହେଉଛି ଧମା। ସେଠାରେ ପ୍ରସିଦ୍ଧ ଝାଡେଶ୍ୱର ମନ୍ଦିର ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ଝାଡେଶ୍ୱରୀ କଲେଜ ରହିଛି। ହୁମାରୁ ଧମା କେବଳ ୪ କି.ମି. ଦୂରରେ ଅବସ୍ଥିତ।ଏହା ଏକ ଶିକ୍ଷା ଓ ପ୍ରଶାସନିକ କେନ୍ଦ୍ର ଭାବେ ପରିଚିତ। ଧାମା ଓ ପାଶ୍ୱର୍ବର୍ତୀ ଗ୍ରାମର ଲୋକମାନେ ପ୍ରତିଦିନ ଧମା ଉପରେ ନିର୍ଭର କରୁଛନ୍ତି। ଏହି ପରିସ୍ଥିତିରେ ବସ୍ ଗୁଡିକୁ ଧମା ଦେଇ ଲରସରା ପର୍ଯ୍ୟନ୍ତ ଚାଲୁ କରିଲେ ଅଞ୍ଚଳର ଲୋକମାନଙ୍କ ପାଇଁ ବହୁତ ସୁବିଧା ହେବ ବୋଲି କହିଛନ୍ତି।

## ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତାର ଦ୍ୱିତୀୟ ଦିବସ

ସମ୍ବଲପୁର, ୭।୪(ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଚତୁର୍ଥ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୫-୨୬ର ପ୍ରଥମ ସୋମବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଥିଲା। ମଙ୍ଗଳବାର ଦ୍ୱିତୀୟ ଦିନରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ବିଭିନ୍ନ ପ୍ରକାରର ଦୌଡ଼କୁଦ ପ୍ରତିଯୋଗିତା ଏବଂ ଫିଲ୍ଡ ଇଭେଣ୍ଟ ଆୟୋଜିତ ହୋଇଥିଲା। ଖେଳାଳିମାନଙ୍କ ଦକ୍ଷତାର ଅଦ୍ଭୁତ ପ୍ରଦର୍ଶନ ଦେଖିବାକୁ ମିଳିଲା। ପ୍ରଥମେ ପୁରୁଷମାନଙ୍କ ଜାଭେଲିନ୍ ଥ୍ରୋ ସହିତ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପରେ ପୁରୁଷ ଓ ମହିଳାଙ୍କ ୧୦୦ ମିଟର ଦୌଡ଼ ଆୟୋଜିତ ହୋଇଥିଲା। ତାପରେ ୪୦୦ ମିଟର ଦୌଡ଼ (ପୁରୁଷ ଓ ମହିଳା) ଭଳି ମଧ୍ୟମ ଦୂରତା ଓ ସ୍ପ୍ରିଣ୍ଟ ଇଭେଣ୍ଟଗୁଡ଼ିକ ଖେଳାଳିମାନଙ୍କର ସହନଶୀଳତା ଓ ପ୍ରତିଯୋଗିତାମୂଳକ ମନୋଭାବକୁ ଉଜାଗର କରିଥିଲା। ଫିଲ୍ଡ ଇଭେଣ୍ଟ ମଧ୍ୟରେ ପୁରୁଷ ଓ ମହିଳାଙ୍କ ଲଙ୍ଗଜମ୍ପ ଏବଂ ମହିଳାଙ୍କ ଜାଭେଲିନ୍ ଥ୍ରୋ ଆୟୋଜିତ ହୋଇଥିଲା। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ପୁରୁଷ ଓ ମହିଳାଙ୍କ ୪-୧୦୦ ମିଟର ରିଲେ ଦୌଡ଼, ଯାହା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।ଏହାସହିତ ୮୦୦ ମିଟର ଦୌଡ଼ (ପୁରୁଷ ଓ ମହିଳା) ମଧ୍ୟ ଆୟୋଜିତ ହୋଇଥିଲା। ସମସ୍ତ ପ୍ରତିଯୋଗିତା ସୁଚାରୁ ଓ ସୁସଂଗଠିତ ଭାବେ ପରିଚାଳିତ ହୋଇଥିଲା, ଯାହା ଆୟୋଜକଙ୍କ ଶୃଙ୍ଖଳିତ କାର୍ଯ୍ୟକୁଶଳତାକୁ ପ୍ରତିଫଳିତ କରିଥିଲା।



ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଓ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ହେବାକୁ ଥିବା ଚାରିଦିନିଆ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ୧୪ଟି ବିଶ୍ୱବିଦ୍ୟାଳୟରୁ ୩୪୬ ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଚାମ୍ପିଅନସିପ୍‌ରେ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ମୋଟ ୧୮ଟି ଆଥଲେଟିକ୍ସ ଇଭେଣ୍ଟ ରହିଛି। ଥ୍ରୋଇଂ ଇଭେଣ୍ଟ ଗୁଡ଼ିକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହେବାକୁ ଥିବାବେଳେ ଅନ୍ୟ ସମସ୍ତ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ ହେଉଛି।

## ୧୨ରୁ ପବ୍ଲିକ୍ ଲାଇବ୍ରେରୀରେ ଛାତ୍ରଛାତ୍ରୀଙ୍କ ଗ୍ରୁମିଂ କ୍ଲାସ୍

ସମ୍ବଲପୁର, ୭।୪ (ସମିସ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ କ୍ରମାଗତ ଭାବେ ଚତୁର୍ଥ ବର୍ଷ ପାଇଁ ଆରମ୍ଭ ହେବାକୁ ଯାଉଥିବା ଗ୍ରୁମିଂ କ୍ଲାସ୍ ପାଇଁ ଆଜି ବିଭିନ୍ନ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତିତ୍ୱ କରି ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଗ୍ରୁମିଂ କ୍ଲାସ୍‌ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଇଂ. ବିଭୂତି ନାରାୟଣ ମାଝୀଙ୍କ ମନ୍ତ୍ରୋଚ୍ଚାରଣ ସହ ମା'ସମଲେଶ୍ୱରୀଙ୍କ ଠାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଉପାଧ୍ୟକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି ବିଦ୍ୟାଳୟ ମୁଖ୍ୟ ତଥା ବୁଦ୍ଧିଜୀବୀଙ୍କୁ ସ୍ୱାଗତ କରିତିଲେ। କାର୍ଯ୍ୟକ୍ରମର ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ ଗ୍ରୁମିଂ କ୍ଲାସର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମ ଏପ୍ରିଲ ୧୨ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ପ୍ରତି ରବିବାର ଆୟୋଜିତ ହେବ। ଶିକ୍ଷାବିତ୍ ଡ. ଗିରିଧାରି ହୋତା, ପ୍ରଫେସର ମୀନକେତନ ପାଠୀ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ନିରୁପମା ବଡ଼ପଣ୍ଡା, ପ୍ରଫେସର ମୁରଲୀ ପ୍ରେମନାଥ ନାୟକ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ



ଏବଂ ଦିପାଳୀ ଚୌଧୁରୀ ବିଗତବର୍ଷ ମାନଙ୍କରେ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ କିଭଳି ଉପକୃତ ହୋଇଥିଲେ ତାହା ବର୍ଣ୍ଣନା କରିଥିଲେ। ଶେଷରେ ପବ୍ଲିକ ଲାଇବ୍ରେରୀର ସଭ୍ୟ ସଚିବ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ହରିନାରାୟଣ ପଣ୍ଡା, ଉଦିତ ପାଟଯୋଶୀଓ ପୃଥ୍ୱୀରାଜ ମିଶ୍ର ତଥା ସହଯୋଗୀ ବିଜୟ ସାହୁ ଓ ଭୁବନେଶ୍ୱର କୁମୁରା ପରିଚାଳନା କରିଥିଲେ।

## ଓକିଲ ସଂଘର ନବନିର୍ବାଚିତ ପଦାଧିକାରୀଙ୍କୁ ଶୁଭେଚ୍ଛା



ସମ୍ବଲପୁର, ୭।୪ (ସମିସ) : ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ ପଦାଧିକାରୀଙ୍କୁ ଓକିଲ ସଂଘ କାର୍ଯ୍ୟାଳୟକୁ ଯାଇ ଆଜି ସମ୍ବର୍ଦ୍ଧନା ଜଣାଇଛନ୍ତି। ଇଂ ପୂଜାରୀ ନବନିର୍ବାଚିତ ପଦାଧିକାରୀଙ୍କ ସହ ସମ୍ବଲପୁର ଜିଲ୍ଲାର ସାମଗ୍ରିକ ବିକାଶ ଏବଂ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ସମ୍ବଲପୁର ସହର ତଥା ଜିଲ୍ଲାର ସାମଗ୍ରିକ ବିକାଶ କ୍ଷେତ୍ରରେ ଓକିଲ ସଂଘର ସବୁବେଳେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏହି ଅବସରରେ ନବନିର୍ବାଚିତ ସଭାପତି ଚନ୍ଦ୍ର କୁମାର ପୁରୋହିତ, ଉପସଭାପତି ରବି ରଞ୍ଜନ ପୂଜାରୀ, ସମ୍ପାଦକ ପ୍ରବୀଣ କୁମାର ସିଂ ଦେଓଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଭେଟିଥିଲେ। ଏହାସହ ଓକିଲ ସଂଘ ହନୁମାନ ବାଟିକାଠାରେ ଆଗାମୀ ୧୦ ଏପ୍ରିଲ ଠାରୁ ପ୍ରତିଷ୍ଠା ହେବାକୁ ଥିବା ନବନିର୍ମିତ ଶ୍ରୀ ହନୁମାନ ଜୀଙ୍କ ମନ୍ଦିର ଦର୍ଶନ କରିଥିଲେ। ବିଜୁ ଜନତା ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ଆନନ୍ଦ ବଡ଼ଗୟାଁ, ବେଣୁଧର ଦାସ, ସୁରୁବାବୁ ମେହେର, ସଞ୍ଜୀବ ଷଡ଼ଙ୍ଗୀ, ଧର୍ମରାଜ ମରେଇ, ଦେବାଶିଷ ପରିଡ଼ା, ରୁଦ୍ର ଷଡ଼ଙ୍ଗୀ, ଅନମୋଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜୟ ଟିପ୍ପଣୀକୁ ନେଇ ବର୍ଷିଲେ ରୋହିତ

ସମ୍ବଲପୁର, ୭।୪ (ସମିସ)



ଟାଟା ପାୱାର ଉପରେ ବିଧାୟକ ଜୟନାରାୟଣଙ୍କ ଟିପ୍ପଣୀକୁ ନେଇ ସାମ୍ବାଦିକ ସମ୍ମିଳନୀରେ ବର୍ଷିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ବିଧାୟକ ଜୟନାରାୟଣ ମିଶ୍ର ଟାଟା ପାୱାରର ସମସ୍ତ ଶୋଷଣ, ଦୁର୍ନୀତି ଏବଂ ଜୁଲମ ବିଷୟରେ ଜାଣି ମଧ୍ୟ ତାଙ୍କ ସରକାର ଆସିବାର ବିଗତ ଦୁଇବର୍ଷ ଧରି କିଭଳି ଚୁପ୍ ଥିଲେ? ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ହଠାତ୍ ଚେଇଁ ଉଠି ଟାଟା ପାୱାର ବିରୋଧରେ ବିଳିବିଳାଉଛନ୍ତି। ବିଧାୟକ ପୂର୍ବରୁ ଯଦି ଜାଣିଥିଲେ ତେବେ ଟାଟା ପାୱାର ବିଭିନ୍ନ ଅଞ୍ଚଳର ଗୁଣ୍ଡା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ନେଇ ଖରା ଦିନ ଅବସରରେ ସାଧାରଣଜନତାଙ୍କ ଜୋର୍‌ଜବରଦସ୍ତି ବିଦ୍ୟୁତ୍ କାଟ୍ କରୁଥିଲା ତେବେ କେଉଁ ପରିସ୍ଥିତିରେ ଜନପ୍ରତିନିଧି ସେମାନଙ୍କୁ ଆରେଷ୍ଟ ନ କରି ଲୋକଙ୍କୁ ସେମାନଙ୍କ ଦାଉରୁ ରକ୍ଷା କରି ପାରିଲେ ନାହିଁ, ଏହାର ଜବାବ୍ ଦିଅନ୍ତୁ। ଦ୍ୱିତୀୟ କଥାଟି ହେଲା ବିଧାୟକ ଯଦି ଜାଣିଥିଲେ ପୂର୍ବ ବକେୟା ବିଲ୍ (ଏରିୟର) ଅସୁଲ କରିବାର ଅଧିକାର ଟାଟା ପାୱାରର ନାହିଁ, ତେବେ କ'ଣ ପାଇଁ ସେ ଏହି ବାର୍ତ୍ତାକୁ ସାଧାରଣ ଜନତାଙ୍କୁ ସୁଚାଇଲେ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ବକେୟା ବିଲ୍ ଆଦାୟକୁ ଆଧାର କରି ବିଗତ ଦିନରେ ଜରୁରୀକାଳୀନ ସେବା ଅନ୍ତର୍ଭୁକ୍ତ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅଇଁଠାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସଂପୃକ୍ତ କମ୍ପାନୀ ଦ୍ୱାରା ବିଦ୍ୟୁତ୍ କାଟ୍ ହୋଇଥିଲା। ଏହାର ଫଳସ୍ୱରୂପ ଉପରୋକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଫ୍ରିଜର୍ ମାଧ୍ୟମରେ ରହୁଥିବା ଅନେକ ଦରକାରୀ ଭ୍ୟାକସିନ୍ ନଷ୍ଟ ହୋଇଯାଇଥିବା ଆଶଙ୍କା ପ୍ରକାଶ ପାଇଛି। ଯେଉଁ ବିଦ୍ୟୁତ୍ ଉପଭୋକ୍ତାମାନେ ବକେୟା ବିଲ୍ ବା ଏରିୟର ପ୍ରଦାନ କରିସାରିଛନ୍ତି, ତାହା କିଭଳି ଭାବରେ ସେମାନଙ୍କ ନିକଟକୁ ଫେରି ଆସିବ ବିଧାୟକ ତାହା ସ୍ପଷ୍ଟ କରନ୍ତୁ। ଖରାଦିନ ସମୟରେ ବିଦ୍ୟୁତ୍ କାଟ୍ ହେଲେ ବୃଦ୍ଧ ବୃଦ୍ଧା, ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କୁ କିଭଳି କଷ୍ଟ ହୁଏ ଏହା କେବଳ ଅଙ୍ଗେ ନିଭାଇଥିବା ବ୍ୟକ୍ତି ହିଁ ଜାଣିପାରିବ।ବିଧାୟକଙ୍କ ଅପାରଗତା - ଯଥା ଠିକ୍ ଭାବରେ ସମ୍ବଲପୁରର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଏରିୟର ବିଲ୍ ସମ୍ବନ୍ଧରେ ସରକାରଙ୍କ ନିୟମାବଳୀ ବିଷୟରେ ସଠିକ୍ ରୂପରେ ଅବଗତ ନ କରିବା, ଗୁଣ୍ଡାଗର୍ଦ୍ଦି ବିରୁଦ୍ଧରେ ତୁରନ୍ତ ଜନପ୍ରତିନିଧି ହିସାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଆଦି, ଯୋଗୁଁ ସାଧାରଣ ଉପଭୋକ୍ତା ନାହିଁ ନ ଥିବା କଷ୍ଟରେ ଏବେ ମଧ୍ୟ ଅଛନ୍ତି। ଯଦି ଏଭଳି ଅବସ୍ଥା ସମ୍ବଲପୁରରେ ଆଗକୁ ଜାରି ରୁହେ ତେବେ ବିଗତ ଦିନରେ ଟାଟା ପାୱାର ବିରୁଦ୍ଧରେ ବିଜେଡି ଆନ୍ଦୋଳନ କରିଥିଲା ଏବଂ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ ହେବ ଏଥିରେ କୌଣସି ସନ୍ଦେହ ନାହିଁ।

ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ବେଣୁଧର ଦାସ, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାସ, ଯୁବ ବିଜେଡି ରାଜ୍ୟ ଉପସଭାପତି ଦେବାଶିଷ ପରିଡ଼ା, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ ମରେଇ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦୋଷ ମହାନ୍ତି, ଯୁବନେତା ରୁଦ୍ର ଷଡ଼ଙ୍ଗୀ, ରାଜ୍ୟ ଛାତ୍ର ଉପସଭାପତି ଅନମୋଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି କର୍ମୀ ଓ ଆର୍‌ଏମ୍‌ସି କର୍ମଚାରୀଙ୍କ ମଧ୍ୟରେ ଠେଲାପେଲା

### ● ଥାନାରେ ଉଭୟ ପକ୍ଷର ଏତଲା

ରାଉରକେଲା, ୭।୪(ସମିସ): ଆରଏମସି କାର୍ଯ୍ୟାଳୟରେ ବିଜେପି କର୍ମୀ ଓ ଆରଏମ୍‌ସି କର୍ମଚାରୀଙ୍କ ମଧ୍ୟରେ ମଙ୍ଗଳବାର ଅପରାହ୍ନରେ ଠେଲାପେଲା ହୋଇଛି। ଏହି ଘଟଣା ଥାନାରେ ପହଞ୍ଚିଛି। ଏନେଇ ଥାନାରେ ଉଭୟ ପକ୍ଷରୁ ଏତଲା ଦିଆଯାଇଛି। ଆର୍‌ଏମ୍‌ସି କର୍ମଚାରୀଙ୍କ ଅଭିଯୋଗ ପ୍ରକାରେ, ବିଜେପି କର୍ମୀ ନବୀନ ଗୁପ୍ତା ନିଜକୁ ଆରଟିଆଇ କର୍ମୀ ବୋଲି ଦାବି କରୁଥିବା ବେଳେ ଆଜି ସେ ଜଣେ ଆରଏମସି ଅଧିକାରୀଙ୍କ ସହିତ ଦୁର୍ବ୍ୟବହାର କରିଥିଲେ।



ଏହି ଘଟଣା ପରେ କର୍ମଚାରୀମାନେ ବିରୋଧ କରିଥିଲେ। ପରେ ଉଦିତନଗର ଥାନାରେ ଅଭିଯୋଗ କରିଥିଲେ। ଏହି ଅବ୍ୟବସ୍ଥା ପାଇଁ ଦାୟୀ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ ନବୀନ କହିଛନ୍ତି, ସେ ଏକ ଟେଣ୍ଡର ସମ୍ପର୍କିତ ସୂଚନା ପାଇଁ ଆରଏମସି କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ସେ ବିଳମ୍ବର ପ୍ରତିବାଦ କରିବାରୁ କର୍ମଚାରୀମାନେ ଠେଲାପେଲା କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଏନ୍‌ଟିଆଇ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ



ରାଉରକେଲା, ୭।୪(ସମିସ): ରାଉରକେଲା ଇସ୍ପାତ କାରଖାନାର ଆଇଜିଏଚ ଅଧିନସ୍ଥ ସେବିକା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏନଟିଆଇ) ପକ୍ଷରୁ ମଙ୍ଗଳବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସିଏମଓ ଡା. କେ.ଏଲ ହେମ୍ବ୍ରମ୍ ଅଧ୍ୟକ୍ଷତା କରିବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡା. ହେମ୍ବ୍ରମ୍ ସଚେତନତା, ଅନୁଶାସନ ଏବଂ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ପଦ୍ଧତି ଅନୁସରଣରେ କିପରି ଉତ୍ତମ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେଇହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ 'ସ୍ୱାସ୍ଥ୍ୟ ପାଇଁ ଏକତା, ବିଜ୍ଞାନ ସହିତ ଆମେ' ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୨୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ ଅତିରିକ୍ତ ସିଏମ୍‌ଓ ଡା. ସୁଶୀଲ କୁମାର ଏବଂ ଏନଟିଆଇର ଅଧକ୍ଷା ବିଦ୍ୟୁତପ୍ରଭା ଗୋଠ୍ ବିଚାରକ ଭାବେ ଯୋଗଦେଇଥିଲେ। ଏନଟିଆଇର ଦ୍ୱିତୀୟ ବର୍ଷର ଛାତ୍ର ଶୁଭମ କୁମାର ପ୍ରଧାନ ବିଜେତା ହୋଇଥିଲେ। ଏହି ଅବସରରେ ଇଂରାଜି, ହିନ୍ଦୀ ଏବଂ ଓଡିଆରେ ଏକ ତ୍ରିଭାଷୀୟ ସ୍ଲୋଗାନ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଏନ୍‌ଟିଆଇର ଉପାଧକ୍ଷା ନବନୀତା ଜେନା ଏବଂ ବିଏନଏସ ଗୃହଲକ୍ଷ୍ମୀ ପଲେଇ ବିଚାରକ ଥିଲାବେଳେ ଏନଟିଆଇର ପ୍ରଥମ ବର୍ଷର ଛାତ୍ରୀ ଅଦ୍ୟାଶା ରାୟ ବିଜେତା ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନଟିଆଇର ସିନିୟର ନର୍ସ ଟ୍ୟୁଟର ଜ୍ୟୋତିର୍ମୟୀ ପାଢ଼ୀ ସଂଯୋଜନା କରିଥିଲେ।

## ପ୍ରଗତି ଉତ୍କଳ ସଂଘର ବାର୍ଷିକ ସାଧାରଣ ସଭା

ରାଉରକେଲା, ୭।୪(ସମିସ): ରାଉରକେଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘର ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପଖାଳ ଦିବସ ସହ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ପ୍ରତାପକୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟତଃ ଓଡ଼ିଶା ସରକାରଙ୍କ ଦ୍ୱାରା ବିଜ୍ଞାପିତ ସୋସାଇଟି ଆକ୍ଟ ଅଧୀନରେ ଅନୁଷ୍ଠାନର ପୁନଃ ପଞ୍ଜିକରଣ ସମ୍ବନ୍ଧରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପରେ ମଧୁ ମଣ୍ଡପ ଠାରେ ସଦସ୍ୟ ସଦସ୍ୟାମାନେ ସପରିବାର ମିଳିତ ହୋଇ ପଖାଳ ସହ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦ ଉପଭୋଗ କରିଥିଲେ।



ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଘୁନାଥପାଲିର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତି, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ଉପଦେଷ୍ଟା ଶାନ୍ତନୁ କୁମାର ପରିଚ୍ଛା ଯୋଗଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ, ଡ. ପ୍ରଭାତ କୁମାର ମଲ୍ଲିକ, ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ସମ୍ପାଦକ ଘନଶ୍ୟାମ ଦଳ, ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ପାଠାଗାର ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ପ୍ରସନ୍ନ କୁମାର ମହାନ୍ତି, ରବୀନ୍ଦ୍ର କୁମାର ପଣ୍ଡା, ନଗେନ ଦାସ, ପ୍ରଦୀପ କୁମାର ପଟ୍ଟନାୟକ, ବରୁଣ ନାହାକ, ଶାନ୍ତନୁ କୁମାର ମହାନ୍ତି, ଆଶିଷ କୁମାର ଦାସ, ରଞ୍ଜନ ପଣ୍ଡା, ରଶ୍ମି ସାହୁ, ସତ୍ୟନାରାୟଣ ଦାଶ, ଧରଣୀଧର ସାମଲ, ପରିକ୍ଷିତ ଗୁରୁ, ପ୍ରମୋଦ କୁମାର ପତି ଏବଂ ଅଜୟ କୁମାର ଗୋସ୍ୱାମୀ ପ୍ରମୁଖ ସହାୟତା କରିଥିଲେ। ଶତାଧିକ ସଦସ୍ୟ ସପରିବାର ଯୋଗ ଦେଇ ପଖାଳ ଭୋଜିକୁ ଉପଭୋଗ କରିଥିଲେ।

## ରାଉରକେଲାରେ ଗ୍ୟାସ୍ କଳାବଜାରର ପର୍ଦ୍ଦାଫାସ

# ଗ୍ୟାରେଜରୁ ୧୬୧ ସିଲିଣ୍ଡର ଜବତ; ମାଲିକ ଚମ୍ପଟ

ରାଉରକେଲା, ୭।୪(ସମିସ)



- ଚଞ୍ଚକତା କରି ଡେଲିଭରି ତାରିଖ ଘୁଞ୍ଚାଉଛନ୍ତି ଏଜେନ୍ସି ମାଲିକ
- ଦଲାଲ-ଗ୍ୟାସ ଏଜେନ୍ସି ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

ରାଉରକେଲାରେ ଗ୍ୟାସ୍ କଳାବଜାରର ମଙ୍ଗଳବାର ଏକ ବଡ ଧରଣର ପର୍ଦ୍ଦାଫାସ କରିଛି ଜିଲ୍ଲା ପ୍ରଶାସନ। ସେକ୍ଟର-୯ ଲାଗୁନ ପାର୍କ ନିକଟ ଏକ ଗ୍ୟାରେଜରୁ ଜିଲ୍ଲା ପ୍ରଶାସନର ଏକ ଟିମ୍ ଚଢ଼ଉ କରି ୧୬୧ ସିଲିଣ୍ଡର ଜବତ କରିଛନ୍ତି। ଯାହା ଏବେ ଯୋଗାଣ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ଦଲାଲ-ଗ୍ୟାସ ଏଜେନ୍ସି ମାଲିକଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକାକୁ ଏକ ପ୍ରକାର ସ୍ପଷ୍ଟ କରୁଥିବା ସାଧାରଣରେ ଆଲୋଚନା ହେଉଛି। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ଆଳ ଦେଖାଇ ଗ୍ୟାସ ଏଜେନ୍ସି ମାଲିକମାନେ ନିର୍ବିଘ୍ନରେ ଉଭୟ ଘରୋଇ ଓ କମର୍ସିଆଲ ଗ୍ୟାସ ସିଲିଣ୍ଡର କଳାବଜାର କରୁଛନ୍ତି। ଏହି କଳାବଜାରରେ ଯୋଗାଣ ବିଭାଗର କିଛି ଅସାଧୁ ଅଧିକାରୀ ଗ୍ୟାସ ଏଜେନ୍ସି ମାଲିକଙ୍କ ସହ ହାତ ମିଳାଇଥିବା ମଧ୍ୟ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ସମ୍ପ୍ରତି ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସାରା ଦେଶରେ ଗ୍ୟାସ ସଙ୍କଟ ଉପୁଜିଛି। ଗ୍ୟାସ ସିଲିଣ୍ଡର ଦେଶରେ ପ୍ରଚୁର ପରିମାଣରେ ମହଜୁଦ ରହିଥିବା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଉଛି। ଏବେ ଯୁଦ୍ଧ ପ୍ରଭାବ ଯୋଗୁଁ ଗତ ୭ ମାର୍ଚ୍ଚ ରୁ ଘରୋଇ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ପାଇବା ପରେ ଏହାର ଦାମ ୯୩୯ ଟଙ୍କାରେ ପହଞ୍ଚିଛି। ହୋମ ଡେଲିଭରି କରିବା ପାଇଁ ଗ୍ରାହକଙ୍କୁ ୧୦୦୦ ଟଙ୍କା ଦେବାକୁ ପଡୁଛି। ସେପଟେ କଳାବଜାରୀ ରୋକିବା ପାଇଁ ବୁକିଂ ହେବା ତାରିଖ ଠାରୁ ୨୫ ଦିନ ମଧ୍ୟରେ ଗ୍ରାହକମାନଙ୍କୁ ଗ୍ୟାସ ଡେଲିଭରି କରିବାକୁ ନିୟମ କରଯାଇଛି। ସରକାର ଓ ତୈଳ କମ୍ପାନୀ ଗୁଡିକ ଗ୍ୟାସ ଯୋଗାଣ ସ୍ୱାଭାବିକ କରିବାକୁ ଆଶ୍ୱାସନା ଦେଉଥିଲେ ମଧ୍ୟ ଗ୍ରାଉଣ୍ଡ ଜିରୋରେ ପରିସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଳରେ ଗ୍ୟାସ ଏଜେନ୍ସି ମଲିକମାନେ ଏବେ ଗ୍ୟାସ କଳାବଜାର କରି ମାଲାମାଲ ହେବାରେ ଲାଗିଛନ୍ତି। କଳାବଜାର ଯୋଗୁଁ ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରୋଷେଇ ଗ୍ୟାସକୁ ନେଇ ଏବେ ଅହେତୁକ ସଙ୍କଟଜନକ ସ୍ଥିତି ସୃଷ୍ଟି ହେବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧୦ ରୁ ୧୫ ଦିନ ହେବ ବୁକିଂ ହୋଇଥଲେ ମଧ୍ୟ ସେମାନଙ୍କୁ ହୋମ ଡେଲିଭରୀ ମିଳୁ ନାହିଁ। ଯାହାଫଳରେ ଲୋକେ ବାଧ୍ୟ ହୋଇ ନିଜେ ସିଲଣ୍ଡର ନେବାକୁ ଗ୍ୟାସ ବିତରଣ କେନ୍ଦ୍ରରେ ଭିଡ ଜମାଉଛନ୍ତି।ଗ୍ୟାସ ସିଲିଣ୍ଡର କଳାବଜାର ଭୟରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବୁକିଂ କରି ୧୦୦୦ ଟଙ୍କା ମଧ୍ୟରେ ମିଳୁଥିବା ଗ୍ୟାସ ସିଲିଣ୍ଡର ଏବେ ଚୋରାରେ ୧୮ ଶହରୁ ୨ ହଜାର ଟଙ୍କାରେ କଳାବଜାର ହେଉଥିବା ଅଭିଯୋଗ ହେଉଛି। ବଜାରରେ ଗ୍ୟାସ ମିଳୁନଥିବାରୁ ଜାଳେଣି ଅଭାବରୁ ରୋଷେଇ ବାଧାପ୍ରାପ୍ତ ହେଉଛି। ଗ୍ୟାସ ସିଲିଣ୍ଡର ଅଭାବରୁ ଲୋକେ ଏବେ ବୈଦ୍ୟୁତିକ ଇଣ୍ଡକ୍ସନ ଚୁଲା ମୁହାଁ ହେଲେଣି। ଜଣେ ଗ୍ରାହକ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି ଯେ, ପାନପୋଷ ସ୍ଥିତ ଭାରତ ଗ୍ୟାସ ଏଜେନ୍ସିରେ ଗ୍ୟାସ ସିଲିଣ୍ଡର ପାଇଁ ମାର୍ଚ୍ଚ ୧ ତାରିଖରେ ବୁକିଂ କରିଥିଲେ। ଆଜି ୭ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କୁ ଗ୍ୟାସ ଡେଲିଭରି କରାଯାଇ ନାହିଁ। ଫୋନ କଲେ ମଧ୍ୟ ଗ୍ୟାସ ଏଜେନ୍ସି ପକ୍ଷରୁ କୌଣସି ରେସପଣ୍ଡ ମିଳୁନାହିଁ। ଡେଲିଭରି ତାରିଖ ଯେତେ ଘୁଞ୍ଚିବ, ଅର୍ଥାତ୍ ଯେଉଁଦିନ ଡେଲିଭରି ହେବ ସେହିଦିନ ଠାରୁ ପୁନଃ ବୁକିଂ ପାଇଁ ୨୫ ଦିନ ସେହି ଦିନ ଠାରୁ ଆରମ୍ଭ ହେବ। ଫଳରେ ସେତିକି ବିଳମ୍ବିତ ଦିନ ଗ୍ରାହକଙ୍କର କ୍ଷତି ହେବ ବୋଲି ଗ୍ରାହକ ଜଣଙ୍କ ଅଭିଯୋଗ କରିଛନ୍ତି। କେବଳ ପାନପୋଷ ଭାରତ ଏଜେନ୍ସି ନୁହେଁ ସହରର ଅନେକ ପ୍ରମୁଖ ଗ୍ୟାସ ଏଜେନ୍ସି ଏପରି ଭବେ ଗ୍ରାହକମାନଙ୍କ ଡେଲିଭରି ତାରିଖ ଜାଣିଶୁଣି ବିଳମ୍ବ କରି ଗ୍ୟାସ ସିଲିଣ୍ଡର କଳାବଜାର କରୁଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଗ୍ୟାସ କଳାବଜାର ରୋକିବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ପ୍ରସାଶନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା କୁହାଯାଉଥିବା ବେଳେ ଆଜି ସେକ୍ଟର - ୯ ଲାଗୁନ ପାର୍କ ନିକଟସ୍ଥ ଏକ ଗାଡି ଗ୍ୟାରେଜ ଭିତରୁ ୧୬୦ଟି ଗ୍ୟାସ ସିଲିଣ୍ଡର ଜବତ ହେବା ଘଟଣା ଯୋଗାଣ ବିଭାଗ ଅଧିକାରୀଙ୍କ ସ୍ୱଚ୍ଛତା ଓ ସାଧୁତା ଉପରେ ସନ୍ଦେହ ସୃଷ୍ଟି କରିଛି। ସେକ୍ଟର-୯ ଲୁଗୁନ ପାର୍କ ନିକଟରେ ରେଡ୍ ବେଳେ ଏକ ଗ୍ୟାରେଜରୁ ବିପୁଳ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ଏଥିରେ ଉଭୟ କମର୍ସିଆଲ୍ ଓ ଘରୋଇ ଗ୍ୟାସ୍ ସିଲିଣ୍ଡର ରହିଛି। ଉକ୍ତ ସ୍ଥାନରୁ ୧୬୧ଟି ଗ୍ୟାସ ସିଲିଣ୍ଡର୍ ଜବତ କରାଯାଇଛି। ସେଥି ମଧ୍ୟରେ ୧୦୩ଟି କମର୍ସିଆଲ ଏବଂ ୫୮ଟି ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡର ରହିଥିବା ଜଣାପଡ଼ିଛି। ରାଉରକେଲା ମହାନଗର ନିଗମ ଅଧିକାରୀ, ଯୋଗାଣ ବିଭାଗ, ପୁଲିସ, ରାଉରକେଲା ତହସିଲଦାର ପ୍ରମୁଖ ଏହି ରେଡରେ ସାମିଲ ହୋଇଛନ୍ତି। ସେକ୍ଟର-୯ ଅଞ୍ଚଳରେ ବ୍ୟକ୍ତି ଜଣକ ଉକ୍ତ ଗ୍ୟାରେଜରେ ଏତେ ପରିମାଣର ସିଲିଣ୍ଡର୍ କାହିଁକି ଓ କେମିତି ରଖିଥିଲେ ସେ ନେଇ ତଦନ୍ତ ଜାରି ରହିଛି। ଚଢ଼ଉ ବେଳେ ଗ୍ୟାରେଜ୍ ମାଲିକ ଚମ୍ପଟ୍ ମାରିଥିବା ଜଣାପଡ଼ିଛି।

### ● ପ୍ଲାଣ୍ଟ ଆଗରେ ଟିପ୍ପର ଆସୋସିଏସନର ଆନ୍ଦୋଳନ

## ଦାବି ପୂରଣ ପାଇଁ ଏକ ସପ୍ତାହ ମାଗିଲା ଆରଏସପି

ରାଉରକେଲା, ୭।୪(ସମିସ): ଲୋକାଲ ଟ୍ରକ୍ ଓ ଟିପ୍ପର ଗୁଡିକୁ ସ୍ଲାଗ୍ ଲୋଡି ଦେବା ଦାବିରେ ଆଜି ରଘୁନାଥପାଲି ଟିପ୍ପର ଓନର୍ସ ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ରାଉରକେଲା ଇସ୍ପାତ କାରଖାନାର ସ୍ଲାଗ୍ ଗ୍ରାନୁଲେସନ ପ୍ଲାଣ୍ଟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସେମାନେ ବାହାର ରାଜ୍ୟରୁ ସ୍ଲାଗ୍ ଲୋଡିଂ ପାଇଁ ଆସିଥିବା ସମସ୍ତ ଟ୍ରକ୍ ଓ ଟିପ୍ପରକୁ ଆରଏସପି ଭିତରକୁ ପ୍ରବେଶ କରାଇ ଦେଇନଥିଲେ। ଖବର ପାଇ ଜୋନ ୨ ଡିଏସପି ଜିତେନ କୁମାର ସେଠୀ, ଟାଙ୍ଗରପାଲ୍ଲୀ ଥାନା ଆଇଆଇସି ନିରଞ୍ଜନ ସେଠୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ଆପୋଷ ଆଲୋଚନା ପାଇଁ ଆରଏସପି ପକ୍ଷରୁ ଆନ୍ଦୋଳନକାରୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ଏଥିରେ ଆରଏସପିର ସିଜିଏମ (ସର୍ଭିସେସ) ଆତିଶ ସରକାର, ମାଜିଷ୍ଟ୍ରେଟ ରେଗନ ଚନ୍ଦ୍ର ସାହୁ, ଡିଏସପି ଜିତେନ କୁମାର ସେଠୀ, ଟାଙ୍ଗରପାଲ୍ଲୀ ଥାନା ଆଇଆଇସି ନିରଞ୍ଜନ ସେଠୀ, ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ଅବନୀ ରଞ୍ଜନ ଷଡଙ୍ଗୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଲୋକାଲ ଟିପର ଗୁଡିକୁ ଲୋଡିଂ ଦିଆଯାଉନଥିବା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଟିପ୍ପର ମାଲିକଙ୍କ ପରିବାର ଦିନ କାଟିବା ସହ ମାସିକ କିସ୍ତି ଦେବା, ପରିବାର ପ୍ରତିପୋଷଣ କରିବା ମୁସ୍କିଲ ହୋଇପଡ଼ିଛି ବୋଲି ସଭାପତି ଅଶୋକ ପଟ୍ଟନାୟକ ଆଲୋଚନାରେ ମତ ରଖିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଦୀର୍ଘ ସମୟରା ଆଲୋଚନା ପରେ ସମାଧାନ ପାଇଁ ଆରଏସ୍‌ପି କର୍ତ୍ତୃପକ୍ଷ ସାତ ଦିନ ମହଲତ ନେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ସାତ ଦିନ ପରେ ସମାଧାନ କରାନଗଲେ ଆସୋସିଏସନ ପକ୍ଷରୁ ଆଗାମୀ ଦିନରେ ବିରାଟ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାପତି ଅଶୋକ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।



## ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥର ଶୁଭାରମ୍ଭ

ଲହୁଣୀପଡ଼ା, ୭।୪(ସମିସ): ଲହୁଣିପଡ଼ା ଗୋଷ୍ଠୀ ଶିକ୍ଷା ମଣ୍ଡଳର ତାଲବାହାଲି ପ୍ରାଥମିକ ବିଦ୍ୟାଳୟରୁ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଏବିଇଓ ନରହରୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ ପୁରୁଣା ପାଣି ପଞ୍ଚାୟତ ସରପଞ୍ଚ ଚାଙ୍ଗ ଓରାମ, ସମ୍ମାନିତ ଅତିଥି ଭାବେ ଏମ୍‌ଆଇଏସ ଶିବ ପ୍ରସାଦ ସାହୁ, ତାଲବାହାଲି ପ୍ରାଥମିକ ବିଦ୍ୟାଳୟର ଏସଏମସି ସଭାପତି ଦୈତାରୀ ନାୟକ, ତାଲବାହାଲି ସିଆରସିସି ହିମାଂଶୁ ଶେଖର ବେହେରା ଯୋଗ ଦେଇଥିଲେ। ପ୍ରବେଶ ଉତ୍ସବର ଉଦ୍‌ଘାଟନ ପରେ ଅତିଥିଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଁ କରାଯାଇଥିଲା। ଏହାପରେ ଅତିଥିମାନେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପରିକ୍ରମା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଜୁନିଆନି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାହାନ୍ତ ପରିଚାଳନା କରିଥିବା ବେଳେ ବିଭିନ୍ନ କ୍ଲଷ୍ଟର ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

ରାଉରକେଲା, ୭।୪(ସମିସ): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନ୍ତର୍ଗତ ରଘୁନାଥପଲ୍ଲୀ ବିଧାନ ସଭାର ମଧୁବାବୁ ମଣ୍ଡଳର ପ୍ରଶିକ୍ଷଣ ଶିବିର ମଣ୍ଡଳ ସଭାନେତ୍ରୀ ମମତା ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ବରିଷ୍ଠ ନେତା ଗଙ୍ଗାଧର ଦାଶ ଯୋଗଦେଇଥିଲେ। ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜଗବନ୍ଧୁ ବେହେରା, ଗଙ୍ଗାଧର ଦାଶ, ନିରଞ୍ଜନ ମାହାତୋ, ପ୍ରଣତାପ ଦାସ, ନବୀନ ଗୁପ୍ତା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ସନ୍ତୋଷ ବିରାଟ ଓ ନମ୍ରତା ବାଗ, ସୁବ୍ରତ ପଟ୍ଟନାୟକ, ପ୍ରଭାସ ସାମଲ, ରବୀନ୍ଦ୍ରନାଥ ବାରିକ ତାରକାନାଥ ମହାପାତ୍ର, ଅଜୟ ପାତ୍ର, ଅଜୟ ରାଉତ୍, ଅଜୟ ରାୟ, ମନୋଜ ପଟ୍ଟନାୟକ, ସୁଶିଲ ସେଠୀ, ନିରଞ୍ଜନ ଧଳ, ବିଶ୍ୱନାଥ ଆୟିଚିଙ୍କ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗରେ ସୁରକ୍ଷା ସଚେତନତା ନାଟକ

ରାଉରକେଲା, ୭।୪(ସମିସ): ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ କର୍ମଚାରୀମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ କାର୍ଯ୍ୟରେ ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୮ ତାରିଖ ଦିନ 'ସୁରକ୍ଷା ମନ୍ତ୍ର' ଶୀର୍ଷକ ଏକ ସୁରକ୍ଷା ସଚେତନତା ନାଟକ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏସି ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଏସଏସ ରାୟଚୌଧୁରୀ, ଟ୍ରାଫିକ ବିଭାଗର ସିଜିଏମ୍ କୌଶିକା ସୁନୟାନି, ସୁରକ୍ଷା ଏବଂ ଅଗ୍ନିଶମ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସହ କାରଖାନାର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରୁ ଶ୍ରୀ ମହାପାତ୍ର ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇଥିଲେ। ଶ୍ରୀ କୌଶିକ ସୁନ୍ୟାନି ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଦୈନନ୍ଦିନ କାର୍ଯ୍ୟରେ ରେଳ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ସୁରକ୍ଷା ନାଟକ ବାସ୍ତବ ଜୀବନର କାର୍ଯ୍ୟକ୍ଷେତ୍ର ପରିସ୍ଥିତିକୁ ଚିତ୍ରଣ କରିଥିଲା। ଯେଉଁଥିରେ ପ୍ରାୟତଃ ନିୟର ମିସ୍ ରିପୋର୍ଟିଂ, ହାଉସକିପିଂ ଏବଂ ସୁରକ୍ଷା ମାନଦଣ୍ଡ ପାଳନ ଉପରେ ଏକ ଦୃଢ଼ ବାର୍ତ୍ତା ଦିଆଯାଇଥିଲା। ଏହି ନାଟକକୁ ଟି ଆଣ୍ଡ ଆରଏମ ବିଭାଗର ଜୁନିୟର ଇଞ୍ଜିନିୟର ରମେଶ ଚନ୍ଦ୍ର ମହାନ୍ତି ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଶିକ୍ଷଣୀୟ ଅଭିଜ୍ଞତାକୁ ଯୋଡି, ଟି ଆଣ୍ଡ ଆରଏମ ବୁମ୍ ବାରିଅର, ବିଭିନ୍ନ ପ୍ରକାରର ୱାଗନ୍ ଏବଂ ଟ୍ରାକ୍ ମୋବାଇଲ୍‌ର ସୂଚନାପ୍ରଦ ମଡେଲ୍ ମଧ୍ୟ ପ୍ରଦର୍ଶନ କରିଥିଲା। ଶେଷରେ ଟି ଆଣ୍ଡ ଆରଏମ ବିଭାଗର ଡିଜିଏମ ତଥା ଡିଏସଓ ଅରବିନ୍ଦ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟିଆଣ୍ଡ ଆରଏମ ବିଭାଗର ଜିଏମ ପରମାନନ୍ଦ ଟୁଡୁଙ୍କ ମାର୍ଗଦର୍ଶରେ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀମନ୍ତ ନନ୍ଦ ପରିଚାଳନା କରିଥିଲେ।




### ● ଅବସରପ୍ରାପ୍ତ ଶିକ୍ଷକଙ୍କର ବନ୍ଧୁମିଳନ

## ୮ମ ବେତନ କମିସନରେ ପେନ୍‌ସନଭୋଗୀଙ୍କୁ ଅନ୍ତର୍ଭୁକ୍ତ ଦାବି



ରାଉରକେଲା, ୭।୪(ସମିସ): ସ୍ଥାନୀୟ ସେକ୍ଟର-୨୦ସ୍ଥିତ କୋଏଲ ବିଦ୍ୟାପୀଠ ପରିସରରେ ପ୍ରାକ୍ତନ ଏନଏସି(ଏସଟି)ର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏକ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ପଦ୍ମନାଭ ଦାଶଙ୍କ ଆବାହନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ମଥ ନାଥ ଜେନା, ବିଷ୍ଣୁ ଚରଣ ରାଉତ ଓ ଗୌରାଙ୍ଗ ଚନ୍ଦ୍ର ପାହାଡ଼ୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକଦେବ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ଚନ୍ଦ୍ର ପାହାଡୀ ବନ୍ଧୁ ମିଳନର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୭ମ ବେତନ କମିଶନଙ୍କ ସୁପାରିଶ କ୍ରମେ ଉପକୃତ ସମସ୍ତ ହିତାଧିକାରୀଙ୍କୁ ୮ମ ବେତନ କମିଶନଙ୍କ ସୁପାରିଶରେ ପେନସନ ଭୋଗୀଙ୍କୁ ଅନ୍ତର୍ଭୁକ୍ତ କରିବା ସହିତ ପୁନଃବିଚାର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳ କିମ୍ବା ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମନ୍ମଥ ନାଥ ଜେନା, ବିଷ୍ଣୁ ଚରଣ ରାଉତ, ଜଗବନ୍ଧୁ ଜେନା, ସନ୍ତୋଷ କୁମାର ବେହେରା, ଶାନ୍ତନୁ କୁମାର ମୁଦୁଲି, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଦିପ୍ତା କୁମାରୀ ଦାସ ଓ ଶୁଭାକାଙ୍କ୍ଷୀ ଚୌଧୁରୀ ଅତୀତର ସ୍ମୃତି ଓ ଅନୁଭୂତି ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରିଥିଲେ। ଦୀର୍ଘ ଦିନ ପରେ ସମସ୍ତେ ଏକାଠି ହୋଇଥିବାରୁ ସମସ୍ତେ ସେମାନଙ୍କର ପୁରୁଣା ଦିନର କାର୍ଯ୍ୟାବଳୀକୁ ମନେ ପକାଇ ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ପରସ୍ପର ପରସ୍ପରକୁ ଆଲିଙ୍ଗନ କରିବା ଓ ଭାବପ୍ରବଣତା ସହିତ ଅତୀତର ସ୍ମୃତି ସାଉଁଟିବାର ଏକ ଆବେଗିକ ମୁହୂର୍ତ୍ତ ବେଶ୍ ନିଆରା ଥିଲା। ଶେଷରେ ଶିକ୍ଷକ ରାଜକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ପ୍ରମୋଦ କୁମାର ଦାଶ, ହୃଷୀକେଶ ରାଉତ, ଅଞ୍ଜଳି ପଣ୍ଡା, ଶାନ୍ତି ଲତା ପଣ୍ଡା, କୈଳାସ ଚନ୍ଦ୍ର ଦାସ, ମଞ୍ଜୁଲତା ମଲ୍ଲିକ, ମିନାକ୍ଷୀ ପଣ୍ଡା, ଗୋପେଶ୍ୱରୀ ସାମନ୍ତରା, ଚନ୍ଦ୍ରିକା ରାୟ, ପ୍ରଭାତ ମଞ୍ଜରୀ ଦାସ, ମୀନା କୁମାରୀ ମିଶ୍ର, ଜୟଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ତ୍ରିପାଠୀ, ଭାଗିରଥି ରଥ, ଭାଗ୍ୟଧର ଭୂୟାଁ, ରାମକୃଷ୍ଣ ତ୍ରିପାଠୀ, ସଦାଶିବ ମହାକୁଡ଼, ଅଭିରାମ ପ୍ରଧାନ, ଅନିରୁଦ୍ଧ ଆଚାର୍ଯ୍ୟ, କାମାକ୍ଷା ନାରାୟଣ ଚୌବେ, ହୃଷୀକେଶ ମାହାନ୍ତି, ଦିଲିପ କୁମାର ପଟେଲ, ଉଦୟକର ନାୟକ, ନିରଞ୍ଜନ ସାହୁ, କିଶୋର କୁମାର ତିହାଡୀ, ଅଶୋକ କୁମାର ସାମଲ, ମମତା ରାୟ ଓ ବଳରାମ ଶାସ୍ତ୍ରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ବିପିୟୁଟି ଏସିଆ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ

# ପରୀକ୍ଷା ଶେଷର ୨ ଦିନରେ ଫଳ ପ୍ରକାଶ କରି ରେକର୍ଡ

ରାଉରକେଲା, ୭।୪(ସମିସ)




ଦକ୍ଷତା ଓ ବୈଷୟିକ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତାର ଏକ ଉଲ୍ଲେଖନୀୟ ନିଦର୍ଶନ ସ୍ୱରୂପ ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ସଫଳତାର ସହ ୨୦୨୫-୨୬ ଅଡ୍ ସେମିଷ୍ଟାର୍ ପରୀକ୍ଷା ଫେଜ୍-୨ର ଫଳାଫଳ ଅନ୍ତିମ ପରୀକ୍ଷା ଶେଷ ହେବାର ମାତ୍ର ୨ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରିଛି। ବିଶ୍ୱବିଦ୍ୟାଳୟର ଏହି ସଫଳତା 'ଏସିଆ ବୁକ୍ ଅଫ୍ ରେକର୍ଡ' ଏବଂ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ସ୍ଥାନିତ ହୋଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅଡିଟୋରିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଭିନନ୍ଦନ ଜ୍ଞାପନ ସମାରୋହରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନୀୟ ଅତିଥି ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର୍, ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା, ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ଡିଆଇସି ଅତନୁ ଭୌମିକ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ, କୁଳସଚିବ ନିଶି ପୁନମ ମିଞ୍ଜଙ୍କ ସମେତ ଅନ୍ୟାନ୍ୟ ବିଭାଗର ପ୍ରଫେସର ପ୍ରମୁଖ ଉପସ୍ଥିତ ଥିଲେ। ଏସିଆ ବୁକ୍ ଅଫ୍ ରେକର୍ଡ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପରୀକ୍ଷା ଶେଷ ହେବାର ୨ ଦିନ ମଧ୍ୟରେ କଲମ ଓ କାଗଜରେ ସବୁଠାରୁ ଗତିଶୀଳ ପରୀକ୍ଷାର ପରୀକ୍ଷା ଫଳ ପ୍ରକାଶନ ପାଇଁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ସମେତ ବିପିୟୁଟିର କୁଳସଚିବ ନିଶି ପୁନମ ମିଞ୍ଜ ଏବଂ ଅନ୍ୟାନ୍ୟ ବିଭାଗର ପ୍ରଫେସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି ପରୀକ୍ଷା ଫଳ ପ୍ରକାଶ ପାଇଁ ମୂଲ୍ୟାଙ୍କନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଏକ ନୂତନ ପଦ୍ଧତି ଆପଣାଇଥିଲା। ସୂଚନାଯୋଗ୍ୟ, ସେମିଷ୍ଟାର ପରୀକ୍ଷା ୨୦୨୬ ଜାନୁଆରୀ ୧୨ ତାରିଖରେ ଆରମ୍ଭ ହୋଇ ୨୦୨୬ ଫେବୃଆରୀ ୩ ତାରିଖ ଦିନ ୧ଟାରେ ଶେଷ ହୋଇଥିଲା। ଏଥିରେ ବି.ଟେକ୍, ବି.ଆର୍କ, ବି.ଏସସି, ବି.ଫାର୍ମ, ବିବିଏ, ବିସିଏ, ଆଇଏମବିଏ, ଏମ୍.ଆର୍କ, ଏମ୍.ଫାର୍ମ, ଏମ୍.ଏ.ସି.ଆଇ, ଏମ୍ ଟେକ୍, ଏମବିଏ, ଏମସିଏ ଏବଂ ପିଏଚଡି କୋର୍ସ ଭଳି ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ବିଭିନ୍ନ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା। ଏହି ପରୀକ୍ଷାରେ ସର୍ବମୋଟ ୬୭ ହଜାର ୯୬୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୨୦୨୬ ଜାନୁଆରୀ ୧୨ ତାରିଖରେ ପ୍ରଥମ ପରୀକ୍ଷା ଅନୁଷ୍ଠିତ ହେବା ପରେ ଉତ୍ତର ଖାତାଗୁଡ଼ିକୁ ସୁରକ୍ଷିତ ଭାବେ ଜାନୁଆରୀ ୧୩ ତାରିଖରେ ରାଉରକେଲା ସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ମୁଖ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଡିଜିଟାଲ୍ ଅନଲାଇନ୍ ମୂଲ୍ୟାୟନ ପାଇଁ ପ୍ରତ୍ୟେକ ଉତ୍ତରଖାତାକୁ କୋର୍ଡିଂ ଓ ସ୍କାନିଂ କରାଯାଇ ବିଶ୍ୱବିଦ୍ୟାଳୟ ପରୀକ୍ଷା ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ପ୍ରତ୍ୟେକ ଦିନ ପରୀକ୍ଷା ଶେଷ ହେବା ପରେ ଏହି ପ୍ରକ୍ରିୟାକୁ ନିୟମିତ ଭାବେ ଅନୁସରଣ କରାଯାଇଥିଲା। ଏହି ଅବଧି ମଧ୍ୟରେ ସର୍ବମୋଟ୍ ୩ ଲକ୍ଷ ୫୧ ହଜାର ୨୬୪ଟି ଉତ୍ତର ଖାତାର ଡିଜିଟାଲ୍ ମୂଲ୍ୟାୟନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ୧ ହଜାର ୪୫୭ ଜଣ ପଞ୍ଜିକୃତ ଅଧ୍ୟାପକଙ୍କ ଦ୍ୱାରା ୫୮ଟି ନିର୍ଦ୍ଧାରିତ ନୋଡାଲ୍ ସେଣ୍ଟରରେ ଏହି ମୂଲ୍ୟାୟନ କାର୍ଯ୍ୟ କରାଯାଇଥିଲା। ମୂଲ୍ୟାୟନର ଗୁଣବତ୍ତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରତ୍ୟେକ ଆଧ୍ୟାପକଙ୍କୁ ଦିନକୁ ସର୍ବାଧିକ ୪୦ଟି ଉତ୍ତରଖାତା ଦେଖିବାକୁ ଅନୁମତି ଦିଆଯାଇଥିଲା ଓ ମୂଲ୍ୟାୟନ କାର୍ଯ୍ୟ ପ୍ରତିଦିନ ସକାଳ ୭ଟା ରାତି ୯ଟା ପର୍ଯ୍ୟନ୍ତ କଡ଼ାକଡ଼ି ଭାବେ ପରିଚାଳିତ ହେଉଥିଲା। ବିଶ୍ୱବିଦ୍ୟାଳୟର ପ୍ରଥମ ବିଧିର ଅନୁପାଳନ କ୍ରମେ, ୨୦୨୬ ଫେବୃଆରୀ ୫ ତାରିଖ ରାତି ୮ଟାରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥଙ୍କ ଆଧ୍ୟକ୍ଷତାରେ ପରିଚାଳନା ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ଡିନ୍ ଏବଂ ମନୋନୀତ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳକୁ ଟିକିନିଖି ସମୀକ୍ଷା କରିବା ସହ ଏହାକୁ ଅନୁମୋଦନ କରିଥିଲେ। ଆନୁଷ୍ଠାନିକ ଅନୁମୋଦନ ପରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଦୀନାଃ ଦସ୍ତଗୀରଙ୍କ ସମେତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ, କୁଳସଚିବ ନିଶି ପୁନମ ମିଞ୍ଜ ଏବଂ ଅନ୍ୟାନ୍ୟ ପ୍ରଫେସରଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫେବୃଆରୀ ୫ ତାରିଖ ରାତି ୯ଟା ସମୟରେ ଅଡ୍ ସେମିଷ୍ଟାର ପରୀକ୍ଷା ୨୦୨୫-୨୬ ଫେଜ୍-୨ ପରୀକ୍ଷାର ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ଯାହାକୁ ଆଧାର କରି ଆଜି ବିପିୟୁଟି ସମ୍ମାନଜନକ ଏସିଆ ବୁକ୍ ଅଫ୍ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହୋଇପାରିଛି।

# କଟକ ସିଟି



## ଅବକାରୀ ବିଭାଗ ଟାର୍ଗେଟରେ ନିଶା ମାଫିଆଙ୍କ 'ସପ୍ଲାଇ ଚେନ୍'

# ଗୁଡ଼ ଓ ଚିନିରେ ଲଗାମ ଲାଗିବା ଜରୁରୀ

କଟକ, ୭।୪(ସମିସ)



ରାଜ୍ୟରେ ବେଆଇନ ମଦ ପ୍ରସ୍ତୁତିର ମୂଳୋତ୍ପାଟନ ପାଇଁ ଅବକାରୀ ବିଭାଗ ଏବେ ଏକ ବଡ଼ ଧରଣର ରଣନୈତିକ ପରିବର୍ତ୍ତନ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମହୁଲ ଫୁଲର ଅଭାବ ଯୋଗୁଁ ବେଆଇନ ମଦ ପ୍ରସ୍ତୁତିରେ ଗୁଡ଼ ଓ ଚିନିକୁ ମୁଖ୍ୟ କଞ୍ଚାମାଲ ଭାବେ ବ୍ୟବହାର କରାଯାଉଥିବାରୁ ଏହି ସାଧାରଣ ସାମଗ୍ରୀର ଅପବ୍ୟବହାର ରୋକିବାକୁ ପ୍ରଶାସନ ଏକ କଠୋର 'ନିୟାମକ ପ୍ରଣାଳୀ' ବା ରେଗୁଲେଟୋରୀ ଫ୍ରେମୱର୍କ ଲାଗୁ କରିବା ଜରୁରୀ ହୋଇପଡ଼ିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି କଞ୍ଚାମାଲଗୁଡ଼ିକର ନିୟନ୍ତ୍ରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଇନ ନ ଥିବାରୁ ଏହାର ସୁଯୋଗ ନେଇ ନିଶା ମାଫିଆମାନେ ସହଜରେ ବିପୁଳ ପରିମାଣର ଗୁଡ଼ ଓ ଚିନି ସଂଗ୍ରହ କରି ମଦ ରନ୍ଧା ଜାରି ରଖୁଛନ୍ତି। ମାତ୍ର ଏଣିକି ବଜାରରେ ଏହି ସାମଗ୍ରୀଗୁଡ଼ିକର ବ୍ୟବସାୟିକ କାରବାର ଉପରେ ଅଙ୍କୁଶ ଲଗାଇବାର ପ୍ରୟୋଜନୀୟତା ରହିଛି। ଏପରିସ୍ଥଳେ ସରକାରୀସ୍ତରରେ ତୀକ୍ଷ୍ଣ ନଜର ରଖାଯିବା ସହ ଅବକାରୀ ବିଭାଗର ନିୟନ୍ତ୍ରଣ ବଳୟକୁ ସମସ୍ତ ହୋଲ୍‌ସେଲର୍ ଓ ବଡ଼ ଖୁଚୁରା ବ୍ୟବସାୟୀଙ୍କୁ ଅଣାଗଲେ ଏହି କାରବାର ଉପରେ ରୋକ ଲଗାଯାଇପାରିବ।

ଯଦି ଏହି ନୂତନ ବ୍ୟବସ୍ଥା ଲାଗୁ ହୁଏ, ତେବେ ଅତି ସମ୍ବେଦନଶୀଳ ତଥା ମଦ ରନ୍ଧା ହେଉଥିବା ଚିହ୍ନଟ 'ହଟ୍‌ସ୍ପଟ୍' ଅଞ୍ଚଳଗୁଡ଼ିକରେ ଗୁଡ଼ ଓ ଚିନିର ବଡ଼ ଧରଣର କାରବାର ଉପରେ ସିଧାସଳଖ କଟକଣା ଲଗାଯିବ। ବ୍ୟବସାୟୀମାନଙ୍କ ପାଇଁ ଏଣିକି ସେମାନଙ୍କର ଷ୍ଟକ୍ ଏବଂ ବିକ୍ରୟ ରେଜିଷ୍ଟର ବ୍ୟବସ୍ଥିତ ଭାବେ ରଖିବା ବାଧ୍ୟତାମୂଳକ ହେବ, ଯାହାକୁ ଅବକାରୀ ଅଧିକାରୀମାନେ ଯେ କୌଣସି ସମୟରେ ଯାଞ୍ଚ କରିପାରିବେ। ଏହି ସମ୍ଭାବ୍ୟ ବ୍ୟବସ୍ଥାକୁ ଅଧିକରୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବା ମଧ୍ୟ ଜରୁରୀ, ଯଦ୍ୱାରା ସେମାନେ ଗୁଇନ୍ଦା ସୂଚନା ଆଧାରରେ ନିର୍ଦ୍ଦିଷ୍ଟ ସନ୍ଦିଗ୍ଧ ଅଞ୍ଚଳରେ ଅସ୍ଥାୟୀ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରିପାରିବେ। ଯଦି କୌଣସି ସ୍ଥାନରେ ମଦ ପ୍ରସ୍ତୁତି ଉଦ୍ଦେଶ୍ୟରେ ଗୁଡ଼ କିମ୍ବା ଚିନି ଗଚ୍ଛିତ ରଖାଯାଇଥିବା ନେଇ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥା ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

କଟକ ଜିଲ୍ଲା ଅବକାରୀ ବିଭାଗର ଫେବୃଆରୀ ୨୦୨୬ ସୁଦ୍ଧା ହୋଇଥିବା ଜବତ ପରିସଂଖ୍ୟାନ ଅନୁଯାୟୀ ଏହି ସବୁ ନୂତନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବେଆଇନ ମଦ ଓ ନିଶା ସାମଗ୍ରୀ ଜବତର ମୂଲ୍ୟ ପ୍ରାୟ ୩ ଗୁଣା ବୃଦ୍ଧି ପାଇ ୩୪ କୋଟି ଟଙ୍କା ଟପିଥିବା ବେଳେ ବହୁ ପରିମାଣର 'ମଦ ରନ୍ଧା ଉପଯୋଗୀ ଗୁଡ ପୋଚ' ଜବତ ହେବା ଦର୍ଶାଉଛି ଯେ କଞ୍ଚାମାଲ୍ ଯୋଗାଣ ଉପରେ ରୋକ୍ ଲଗାଇବା ଏବେ ଜରୁରୀ ହୋଇପଡ଼ିଛି। ଉପକୂଳ ଜିଲ୍ଲାଗୁଡ଼ିକରେ ଗୁଡ଼ ଓ ଚିନି ସହଜରେ ଉପଲବ୍ଧ ହେଉଥିବାରୁ ମାଫିଆମାନେ ଏହାକୁ ପ୍ରାଥମିକ ସମ୍ବଳ ଭାବେ ବ୍ୟବହାର କରୁଛନ୍ତି। ତେଣୁ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ କେବଳ ବେଆଇନ ମଦ ପ୍ରସ୍ତୁତିକୁ ରୋକି ହେବ ନାହିଁ, ବରଂ ନିଶା କାରବାରର ପୂରା 'ସପ୍ଲାଇ ଚେନ୍' ବା ଯୋଗାଣ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାରେ ଏକ ବଡ଼ ଅସ୍ତ୍ର ସାଜିବ ବୋଲି ଆଶା କରାଯାଉଛି।

- ▶ ମଦ ରନ୍ଧା ପାଇଁ ବିପୁଳ ପରିମାଣରେ ବ୍ୟବହାର ହେଉଛି ଗୁଡ଼ ଓ ଚିନି
- ▶ ହୋଲ୍‌ସେଲର୍‌ଙ୍କ ପାଇଁ ଲାଗୁ ହୋଇପାରେ କଡ଼ା ନିୟମ

# ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ଗିରଫ

## ୨୮ ଟି ଚୋରି, ଡକାୟତି ଓ ହତ୍ୟା ମାମଲାରେ ଅଭିଯୁକ୍ତ

**କଟକ, ୭।୪(ସମିସ):** କମିସନରେଟ୍ ପୁଲିସର ଦୁର୍ଦ୍ଦାନ୍ତ ଅପରାଧୀ ତାଲିକାରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ରହିଥିବା କୁଖ୍ୟାତ ସଞ୍ଜୟ ସାହୁକୁ ସିଡିଏ ଫେଜ୍ ୨ ଥାନା ପୁଲିସ ଗିରଫ କରିଛି। ତା' ବିରୋଧରେ ୨୮ଟି ସଂଗୀନ ଅପରାଧିକ ମାମଲା ରହିଛି। ସିଡିଏରେ ଏକ ବଡ଼ ଧରଣର ଲୁଟ୍ କରିବା ମାମଲାରେ ପୁଲିସ ତାକୁ ଗିରଫ କରିଛି। ଅଭିଯୁକ୍ତ ସଞ୍ଜୟ ସିଡିଏ ସେକ୍ଟର ୬ ମୁଣ୍ଡାସାହି ବସ୍ତିରେ ରହୁଥିବା ବେଳେ ତା' ଘର ଲାଲବାଗ ଥାନା ଅଲିଶାବଜାର ଗଡଡ଼ ସାହି। ସେ ମର୍କତନଗରରେ ୨୦୧୧ରେ ଏକ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବାର ପୁଲିସ କହିଛି। ଏହି ମାମଲାରେ ସେ ଜେଲ୍ ଯାଇ ବାହାରିଥିବା ବେଳେ ପୁଣି ଥରେ ଅପରାଧିକ କାର୍ଯ୍ୟକଳାପ ଚଳାଇ ଆସୁଥିଲା।

ପୁଲିସ ସୂଚନା ଅନୁଯାୟୀ, ସିଡିଏ ସେକ୍ଟର ୧୩ରେ ମାର୍ଚ୍ଚ ୨୪ ତାରିଖ ରାତିରେ ଏକ ନିର୍ମାଣାଧୀନ ସ୍ଥାନରେ ଜଣେ ସହଯୋଗୀଙ୍କ ସହିତ ଏକ ଅଟୋରେ ସଞ୍ଜୟ ଯାଇଥିଲା। ଘର କାମ ପାଇଁ ରଖାଯାଇଥିବା ୮ କୁଇଣ୍ଟାଇଲ୍ ଓଜନର ଲୁହା ଖଣ୍ଡକୁ ଅଟୋରେ ଲଦି ଚୋରି କରିଥିଲା। ଘର ନିକଟରେ ଜଣେ ବାସିନ୍ଦା ଘଟଣା ସମ୍ପର୍କରେ ଜାଣିବା ପରେ ସିଡିଏ ଫେଜ ୨ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ତୁରନ୍ତ ସେଠାରେ ପହଞ୍ଚିଲା ବେଳକୁ ସଞ୍ଜୟ ଅଟୋ ନେଇ ପଳାଇ ଯାଇଥିଲା। ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ ନିକଟରେ ଥିବା ଜଙ୍ଗଲିଆ ସ୍ଥାନରେ ଗାଡ଼ି ଛାଡ଼ି ସଞ୍ଜୟ ସହଯୋଗୀ ସହିତ ଫେରାର ହୋଇଯାଇଥିଲା। ପୁଲିସ ଲୁହା ସାମଗ୍ରୀଗୁଡ଼ିକ ଜବତ କରିଥିଲା। ଜବତ ହୋଇଥିବା ଲୁହା ସାମଗ୍ରୀର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସଞ୍ଜୟ ବିରୋଧରେ ୨୮ଟି ଚୋରି, ଡକାୟତି, ହତ୍ୟା, ଦାଦାବଟି ଭଳି ଅପରାଧିକ ମାମଲା ରହିଛି। ମର୍କତନଗର, ଲାଲବାଗ, ଚାଉଳିଆଗଞ୍ଜ, ଜଗତପୁର, ଖାରବେଳନଗର ଥାନାରେ ଏହି ଅପରାଧିକ ମାମଲା ରହିଛି। ସିଡିଏ ଫେଜ୍ ୨ ଥାନାରେ ୧୦ଟି ଅପରାଧିକ ମାମଲା ଥିବା ସିଡିଏ ଫେଜ ୨ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ହାଇକୋର୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**କଟକ, ୭।୪(ସମିସ):** ଓଡ଼ିଶା ଉଚ୍ଚ ନ୍ୟାୟାଳୟର କର୍ମଚାରୀମାନଙ୍କ ପାଇଁ କର୍ମ କ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ ଏବଂ ନିରାକରଣ) ଅଧିନିୟମ -୨୦୧୩ (ପିଓଏସଏଚ ଆକ୍ଟ) ଏବଂ ଏହାର ଅନ୍ତର୍ଗତ ନିୟମାବଳୀର କାର୍ଯ୍ୟକାରିତା ଉପରେ ଆଜି ଏକ ସଚେତନତା କାର୍ଯ୍ୟକ୍ରମ ହାଇକୋର୍ଟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ସଚେତନତା, ସମ୍ବେଦନଶୀଳତା ସହ ଆଇନର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଲିଙ୍ଗଗତ ନ୍ୟାୟ ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ତଥା ସମାନ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ବିଚାରପତି ତଥା ହାଇକୋର୍ଟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ମାର୍ଗଦର୍ଶକ ଜଷ୍ଟିସ୍ ସାବିତ୍ରୀ ରଥ ସ୍ୱାଗତ ଭାଷଣ ପ୍ରଦାନ କରି ଭେଦଭାବ ଓ ନିର୍ଯାତନା ମୁକ୍ତ ତଥା ସମ୍ମାନଜନକ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇନଜୀବୀ ତଥା ଆଇସିସିର ସଦସ୍ୟା ଆଇନଜୀବୀ ମୃଣାଳିନୀ ପାଢ଼ୀ ଏବଂ ସୁଶ୍ରୀ ଶାଶ୍ୱତା ପଟ୍ଟନାୟକ କର୍ମଚାରୀଙ୍କୁ ସେମାନଙ୍କର ଅଧିକାର, ଦାୟିତ୍ୱ ଏବଂ ଆଇସିସିର ଭୂମିକା ସମ୍ପର୍କରେ ପ୍ରଶିକ୍ଷିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଆଇସିସି ପୋର୍ଟାଲରେ ଅଭିଯୋଗ ଦାଖଲ କରିବା ପ୍ରକ୍ରିୟାର ଏକ ପ୍ରଦର୍ଶନୀ କରାଯିବା ସହ ଆଇନ ଉପରେ ଏକ ସଚେତନତାମୂଳକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ୍ ଡକ୍ଟର ଭାଗ୍ୟଲକ୍ଷ୍ମୀ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୧୦ରୁ ତିନିଦିନିଆ ଚୈତ୍ର ମହୋତ୍ସବ

**କଟକ, ୭।୪(ସମିସ):** କଟକ ସଦର ଥାନା ଅଧୀନ ପାଇକସାହି ଖେଳପଡ଼ିଆଠାରେ ଆସନ୍ତା ୧୦ ତାରିଖରୁ ତିନିଦିନ ବ୍ୟାପୀ ଭବ୍ୟ 'ଚୈତ୍ର ମହୋତ୍ସବ' ଅନୁଷ୍ଠିତ ହେବାକୁ ଯାଉଛି। କଟକ ମହାନଗର କୈବର୍ତ୍ତ ସଭା (ଖାନନଗର) ଏବଂ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା (ଯୋବ୍ରା)ର ମିଳିତ ଆନୁକୂଲ୍ୟରେ ଏହି ପାରମ୍ପରିକ ଉତ୍ସବର ଆୟୋଜନ କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ୧୦ ତାରିଖରେ ମହୋତ୍ସବର ଶୁଭ ଉଦ୍‌ଘାଟନ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ୧୧ ତାରିଖରେ ମା' ବାସେଳୀ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ପାଇକସାହି ଅଞ୍ଚଳରେ ନଗର ପରିକ୍ରମା କରିବେ, ଯାହା ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ। ୧୨ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହୋତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ବହୁ ନେତା, ମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ସଭାପତି କୁଶ ସାହୁ, ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଅବିନାଶ ବେହେରା ଏବଂ ସଂଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରା ସୂଚନା ଦେଇଛନ୍ତି। ପାଇକସାହିର ଜଗନ୍ନାଥ ପ୍ରସାଦ ବେହେରା, ଦେବେନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ବେହେରା ଓ ବିଜୟ ବେହେରାଙ୍କ ସମେତ କୈବର୍ତ୍ତ ସଭାର ସମସ୍ତ କର୍ମକର୍ତ୍ତା ମହୋତ୍ସବକୁ ସଫଳ କରିବା ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି।

# ଦିଲ୍ଲୀ ଦରବାରରେ ସଂଖ୍ୟା ନୁହେଁ, ଦକ୍ଷତା ହିଁ ସ୍ୱରର ମାପକାଠି: ସଂତୃପ୍ତ



**କଟକ, ୭।୪(ସମିସ):** ଜନ୍ମମାଟି ପ୍ରତି ଜଣେ ରାଜନୈତିକ ବ୍ୟକ୍ତିର କର୍ତ୍ତବ୍ୟ କେବଳ ଏକ ଦାୟିତ୍ୱ ନୁହେଁ, ବରଂ ନିଜ ଚେର ପ୍ରତି ଥିବା ଏକ ଋଣ। ରାଜନୀତିର ବଡ଼ ପେସାଦାର ଦୁନିଆରେ ନିଜ ସ୍ଥାନ ସୁଦୃଢ଼ କରିବା ପରେ ମଧ୍ୟ ମାଟି ଓ ମାତୃଭୂମିର ଉନ୍ନତି ପାଇଁ କାର୍ଯ୍ୟ କରିବା ଜଣେ ନିଷ୍ଠାବାନ ନେତାଙ୍କ ପ୍ରକୃତ ପରିଚୟ ବୋଲି ନବ ନିର୍ବାଚିତ ରାଜ୍ୟସଭା ସାଂସଦ ଡକ୍ଟର ସଂତୃପ୍ତ ମିଶ୍ର ପ୍ରକାଶ କରିଛନ୍ତି। କଟକ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଡକ୍ଟର ମିଶ୍ର କହିଥିଲେ, 'ଦିଲ୍ଲୀ ଦରବାରରେ ସଂଖ୍ୟା ନୁହେଁ, ବରଂ ଦକ୍ଷତା ହିଁ ସ୍ୱରର ମାପକାଠି ହେବ'। ସେ ଆହୁରି ମଧ୍ୟ କହିଥିଲେ ଯେ ନିଜ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମିର ସୁଧାର ଏବଂ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଜଣେ ପ୍ରତିନିଧିଙ୍କ ପ୍ରାଥମିକ କର୍ତ୍ତବ୍ୟ। ଓଡ଼ିଶାର ଅସ୍ମିତା, କଳା, ସଂସ୍କୃତି ଓ ଐତିହ୍ୟକୁ ଦେଶର ବୃହତ ପଞ୍ଚାୟତ ସଂସଦରେ ଉପସ୍ଥାପନ କରିବା ପାଇଁ ସେ ସଂକଳ୍ପବଦ୍ଧ ବୋଲି ଜଣାଇଥିଲେ। କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ଶିଶିର ପରିଜା ଏବଂ ସିଏମସି ଡେପୁଟି ମେୟର ଦମୟନ୍ତୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ଅନିତା ବେହେରା, ସ୍ମୃତି ରଞ୍ଜନ ନାୟକ, ସୌମିତ ମିତ୍ର ଓ ବହୁ କର୍ପୋରେଟର ଡକ୍ଟର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟରେ ବିକାଶର ଧାରାକୁ ଶୃଙ୍ଖଳିତ ଭାବେ ଆଗେଇ ନେବା ସହ ସାମାଜିକ ସଂହତି ବଜାୟ ରଖିବା ପାଇଁ ସଭାରେ ସଦସ୍ୟମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ଶୋଭନୀୟ ସଚେତନତା ଯାତ୍ରା




**କଟକ, ୭।୪(ସମିସ):** ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଦିବସ ଅବସରରେ ଯୁଦ୍ଧବିହୀନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା-ସମ୍ପାଦିକା ଡଃ ଅରୁନ୍ଧତୀ ଦେବୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, କରଞ୍ଜିଆ ଓ କୋଣାର୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଭ୍ୟସଭ୍ୟା, ଗୁରୁମା ଏବଂ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ସମାରୋହରେ 'ଶାନ୍ତି ଆମେ ଚାହୁଁ, ଯୁଦ୍ଧ ଚାହୁଁନା' ଏବଂ 'ବିଶ୍ୱ ପରିବାର ଆମ ପରିବାର' ଭଳି ସ୍ଲୋଗାନ ଦେଇ ଶାନ୍ତିବାହିନୀର ସଦସ୍ୟମାନେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ରଚିତ ଶାନ୍ତି ସଙ୍ଗୀତ ଗାନ କରିଥିଲେ। ମାଷ୍ଟର କ୍ୟାଣ୍ଟିନ୍ ଛକଠାରୁ ବାହାରିଥିବା ଏହି ଶୋଭାଯାତ୍ରା ଲୋୟର ପିଏମଜି ପର୍ଯ୍ୟନ୍ତ ଯାଇ ଏକ ସ୍ନେହ ଓ ଶାନ୍ତିଭରା ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲା। କାର୍ଯ୍ୟକ୍ରମରେ ଗୁରୁମା ବରଦା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ମନୋରମା ଶତପଥୀ, ମମତା ପ୍ରଧାନ ଏବଂ ମନୋରଞ୍ଜନ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସ୍ୱପ୍ନ ଫାଉଣ୍ଡେସନ୍ ଓ ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର




**୩୫୧ ୟୁନିଟ୍ ରକ୍ତ ସଂଗୃହୀତ**

**କଟକ, ୭।୪(ସମିସ):** ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତଭଣ୍ଡାରଗୁଡ଼ିକରେ ସୃଷ୍ଟି ହୋଇଥିବା ରକ୍ତ ଅଭାବକୁ ଦୂର କରିବା ପାଇଁ ଆଗେଇ ଆସିଛନ୍ତି କଟକର ଦୁଇ ପ୍ରମୁଖ ସାମାଜିକ ଅନୁଷ୍ଠାନ। ବିଦ୍ୟାଧରପୁର ସାଇ ମନ୍ଦିରଠାରେ ସ୍ୱପ୍ନ ଫାଉଣ୍ଡେସନ୍ ଏବଂ ରୋଟାରୀ କ୍ଲବ ଅଫ୍ କ୍ୟାଣ୍ଟନମେଣ୍ଟର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ଥାଲାସେମିଆ ଆକ୍ରାନ୍ତ ଶିଶୁ ଓ ଅନ୍ୟ ଗୁରୁତର ରୋଗୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ମାନବୀୟ ସଙ୍କଟକୁ ଲକ୍ଷ୍ୟ କରି ଆୟୋଜିତ ଏହି ଶିବିରରେ ରକ୍ତଦାତାମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରବଳ ଖରାକୁ ଖାତିର ନ କରି ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଶିବିରରେ ପହଞ୍ଚି ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ ୩୫୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ରକ୍ତଭଣ୍ଡାରକୁ ସମୃଦ୍ଧ କରିବା ସହ କୁନି କୁନି ପିଲାଙ୍କ ଜୀବନ ରକ୍ଷା କରିବା ପାଇଁ ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ଏଭଳି ପ୍ରୟାସ ଜାରି ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ସାମାଜିକ ସେବା ଓ ଜନକଲ୍ୟାଣକାରୀ କାର୍ଯ୍ୟ କ୍ଷେତ୍ରରେ ଏହି ଶିବିର ଏକ ମାଇଲଖୁଣ୍ଟ ସାଜିଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଏହାକୁ ବେଶ୍ ପ୍ରଶଂସା କରାଯାଇଛି।

# ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ



**ଚୌଦ୍ୱାର, ୭।୪(ସମିସ):** ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ସୋମବାର ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ୱଚ୍ଛ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ୧୦ନଂ ୱାର୍ଡସ୍ଥିତ ବିରାଟ ଗାଦି ପରିସରକୁ ସଫେଇ କରାଯାଇଥିଲା। ପୌରପାଳିକାର ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛକର୍ମୀ, ସଫେଇ କର୍ମଚାରୀ, ସୁପରଭାଇଜର ଯୋଗ ଦେଇଥିଲେ। ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, କାଉନସିଲର ବିଜୟ ମଲ୍ଲିକ, ଅଜୟ ବେହେରା, ଅର୍ଜୁନୀ ବେହେରା, ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୌରପାଳିକା ପରିମଳ ବିଶେଷଜ୍ଞ ପୀୟୁଷ ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, ସୁନୀଲ ଦାସ, ତପନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କଟକର ଐତିହ୍ୟସ୍ଥଳରେ 'ସ୍ୱଚ୍ଛତା ଅଭିଯାନ'




**କଟକ, ୭।୪(ସମିସ):** 'ଓଡ଼ିଆ ପକ୍ଷ' ପାଳନର ଷଷ୍ଠ ଦିବସ ଅବସରରେ କଟକ ଜିଲ୍ଲା ପ୍ରଶାସନ ଓ ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ଐତିହ୍ୟ ସ୍ଥଳ ଓ ମନ୍ଦିର ପରିସରରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ, ଦେବୋତ୍ତର ବିଭାଗ ଓ ମନ୍ଦିର କର୍ମଚାରୀଙ୍କ ଉପସ୍ଥିତିରେ ସଫେଇ କାର୍ଯ୍ୟ କରାଯାଇଥିଲା। ଅନ୍ୟପକ୍ଷରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଓ କମିଶନର କିରନଦୀପ କୌର ସହୋତାଙ୍କ ନେତୃତ୍ୱରେ ବାରବାଟୀ ଦୁର୍ଗ, ଗଡ଼ଖାଇ ମନ୍ଦିର, ଚଣ୍ଡୀ ମନ୍ଦିର ଏବଂ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରି ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ କରାଯାଇଛି। ଏହାବ୍ୟତୀତ ସ୍ୱରାଜ ଆଶ୍ରମ, ସାମୁଦ୍ରିକ ସଂଗ୍ରହାଳୟ, ଦୋଳମୁଣ୍ଡାଇସ୍ଥିତ ଜଗନ୍ନାଥ ମନ୍ଦିର, ପ୍ରତାପନଗରୀର ଧାକୁଲେଇ ପୀଠ ଏବଂ ଗାନ୍ଧୀ ସ୍ମୃତି ପୀଠ ଭଳି ସ୍ଥାନଗୁଡ଼ିକରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତାକୁ କେବଳ ଏକ ଅଭିଯାନ ନୁହେଁ, ବରଂ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଗ୍ରହଣ କରିବାକୁ ଏହି ଅବସରରେ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ସିଏମ୍‌ସି କାଉନ୍‌ସିଲ୍‌କୁ ୪ ବର୍ଷ

କଟକ, ୭।୪(ସମିସ)



କଟକ ମହାନଗର ନିଗମ (ସିଏମସି)ର ନିର୍ବାଚିତ କାଉନସିଲ୍ ଶାସନର ଚାରି ବର୍ଷ ସଫଳତାର ସହ ପୂରଣ ହୋଇଛି। ଠିକ୍ ଏହି ଦିନ ୨୦୨୨ ମସିହାରେ ମେୟର ସୁବାସ ସିଂହ ଓ ନବନିର୍ବାଚିତ କାଉନସିଲର୍‌ମାନେ ଶପଥ ଗ୍ରହଣ କରିଥିଲେ। ଏହି ଚାରି ବର୍ଷ ମଧ୍ୟରେ

**ବିକାଶର ନୂଆ ଫର୍ଦ୍ଦ ଯୋଡ଼ିଲେ ମେୟର**

କଟକ ସହରରେ ଅଭୂତପୂର୍ବ ରୂପାନ୍ତରଣ ଓ ବିକାଶର ଇତିହାସ ରଚିତ ହୋଇଛି ବୋଲି ମେୟର ଶ୍ରୀ ସିଂହ ଏବଂ ଡେପୁଟି ମେୟର ଦମୟନ୍ତୀ ମାଝୀ ମିଳିତ ଭାବେ ପ୍ରକାଶ କରିଛନ୍ତି। ସହରର ଭିତ୍ତିଭୂମି କ୍ଷେତ୍ରରେ ନେତାଜୀ ବସ୍ ଟର୍ମିନାଲ୍ ଏବଂ ଐତିହାସିକ ବକ୍ସ ଡ୍ରେନ୍ ପ୍ରକଳ୍ପ ସବୁଠାରୁ ବଡ଼ ସଫଳତା ଭାବେ ଉଭା ହୋଇଛି। ୫୦ ବର୍ଷର ଜଟିଳ ସମସ୍ୟା ଭାବେ ପରିଚିତ ମୁଖ୍ୟ ଡ୍ରେନ୍‌କୁ ବକ୍ସ ଡ୍ରେନ୍‌ରେ ପରିଣତ କରାଯାଇ ଏହା ଉପରେ ଚାରି ଥାକିଆ ରାସ୍ତା, ଆଲୋକିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ସେହିପରି ଛତ୍ରବଜାରର ୧୦୦ ବର୍ଷର ପୁରୁଣା ଦୋକାନୀମାନଙ୍କୁ ଅର୍ବାନ ହାଟରେ ସ୍ଥାୟୀ ଭାବେ ଥଇଥାନ କରାଯିବା ନିଗମ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ସାମାଜିକ କଲ୍ୟାଣ କ୍ଷେତ୍ରରେ 'ଜାଗା ମିଶନ' ଜରିଆରେ ୩୪୮୦ ଜଣ ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଏବଂ ନରଣପୁରଠାରେ ଆର୍ଥିକ ଅନଗ୍ରସର ପରିବାର ପାଇଁ ୮୭୦ଟି ଘରର ବ୍ୟବସ୍ଥା କରାଯାଇଛି। ଏଥିସହ ୪୫୫୬ ଜଣଙ୍କୁ ପେନସନ୍ ସୁବିଧା, ୬୪ଟି ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଛି। ମୁକ୍ତା ଯୋଜନାରେ ୧୧୫୬ଟି ପ୍ରକଳ୍ପ ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଛି। ସହରବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ୨୪ ଘଣ୍ଟିଆ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଜଳ ଯୋଗାଣ, ୧୩୬ରୁ ଊର୍ଦ୍ଧ୍ୱ ପାର୍କ, ୮ଟି ସ୍ମାର୍ଟ ଲାଇବ୍ରେରୀ ଏବଂ ୩୬ କୋଟି ଟଙ୍କା ବ୍ୟୟରେ ବୃହତ୍ ବିଶ୍ୱନାଥ ପଣ୍ଡିତ ଲାଇବ୍ରେରୀ ନିର୍ମାଣ ଶେଷ ହୋଇଛି। ଏଥିସହ ନେତାଜୀ ଜନ୍ମପୀଠର ଉନ୍ନତିକରଣ, ଗଙ୍ଗା ମନ୍ଦିର ପୋଖରୀର ସୌନ୍ଦର୍ଯ୍ୟକରଣ ଏବଂ ଟାଉନ ହଲ୍‌ରେ ଅତ୍ୟାଧୁନିକ ଆର୍ଟ ଗ୍ୟାଲେରୀ ଆଦି ପ୍ରକଳ୍ପ ସହରର ଗୌରବ ବଢ଼ାଇଛି। କଟକର ଏହି ଐତିହାସିକ ସଫଳତା ପଛରେ ସମସ୍ତ କର୍ପୋରେଟର ଓ ସିଏମସି ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ରହିଛି ବୋଲି ମେୟର ଶ୍ରୀ ସିଂହ ସାଧୁବାଦ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ

# ଶିଶୁ ଶ୍ରମିକ ମୁକ୍ତ ଓ ସୁରକ୍ଷିତ ଜିଲ୍ଲା ଗଠନକୁ ଗୁରୁତ୍ୱ

**ଝାରସୁଗୁଡ଼ା, ୭।୪(ସମିସ)**



ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡିଏମଏଫ ଅଡିଟୋରିୟମ ହଲ୍‌ଠାରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଏବଂ 'ଏଡ୍ ଫର ଚିଲ୍‌ଡ୍ରେନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରି ଜିଲ୍ଲାରେ ଶିଶୁ ଏବଂ ମହିଳାମାନଙ୍କ ସୁରକ୍ଷା ତଥା କଲ୍ୟାଣମୂଳକ ଯୋଜନାର ସମୀକ୍ଷା କରିଥିଲେ। ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଉପସ୍ଥିତ ଥିଲେ। ଜିଲ୍ଲା ମହିଳା ସଶକ୍ତୀକରଣ ବିଭାଗ, ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଚହ୍ୱାଣ ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ୧୫ ରୁ ୧୮ ବର୍ଷ ବୟସର କିଶୋରମାନେ ଯେପରି କୌଣସି ମଲ୍, ଦୋକାନ କିମ୍ବା ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନହୁଅନ୍ତି, ସେଥିପ୍ରତି ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବ୍ଲକ, ପଞ୍ଚାୟତ ଏବଂ ଗ୍ରାମ୍ୟସ୍ତରୀୟ ଭାବେ ନିୟମିତ ଭାବରେ ସମୀକ୍ଷା କରି ଜିଲ୍ଲାପାଳଙ୍କୁ ତଥ୍ୟ ପ୍ରଦାନ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା: 'ଅଦ୍ୱିକା', 'ମୈତ୍ରୀ' ଏବଂ 'ଆଶ୍ୱାସନା' କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାକୁ 'ଶିଶୁ ଭିକ୍ଷାବୃତ୍ତି ମୁକ୍ତ ଜୋନ୍' ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକ ସ୍ତରରେ ଦୃଢ଼ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏଥିସହ ଶିଶୁ ହେଲ୍ପଲାଇନ, ମହିଳା ହେଲ୍ପଲାଇନ, ଘରୋଇ ହିଂସା ରୋକିବା, ମାନବ ଚାଲାଣ ନିରୋଧ ଏବଂ ଶିଶୁ ମଙ୍ଗଳ କମିଟିରେ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜୁଭେନାଇଲ ଜଷ୍ଟିସ ବୋର୍ଡ, ସ୍ପେଶାଲ ଜୁଭେନାଇଲ ପୋଲିସ ୟୁନିଟ୍ ଏବଂ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାର ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟିକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସୂଚାରୁ ରୂପେ ପରିଚାଳନା କରିଥିଲେ। ବୈଠକରେ ଜିଲ୍ଲାର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଶିଶୁ ଭିକ୍ଷାବୃତ୍ତି ରୋକିବାକୁ ଟାସ୍କ ଫୋର୍ସ ଗଠିତ

**ଝାରସୁଗୁଡ଼ା, ୭।୪(ସମିସ):** ଜିଲ୍ଲାରେ ଶିଶୁ ଭିକ୍ଷାବୃତ୍ତି ସମସ୍ୟାର ସମାଧାନ ଏବଂ କୋମଳମତି ଶିଶୁମାନଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁସାରେ, ଏହି ଟାସ୍କ ଫୋର୍ସରେ ଜିଲ୍ଲାର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କୁ ସାମିଲ କରାଯାଇଛି। ଏଥିରେ ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ପୌରପାଳିକାର ନିର୍ବାହୀ ଅଧିକାରୀ ଏବଂ ସମାଜ ମଙ୍ଗଳ ଅଧିକାରୀମାନେ ସଦସ୍ୟ ଭାବେ ରହିଛନ୍ତି। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି, ଟ୍ରାଫିକ ଛକ, ବସଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ବଜାର ପରି ସର୍ବସାଧାରଣ ସ୍ଥାନରେ ଭିକ୍ଷାବୃତ୍ତି କରୁଥିବା ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଉଦ୍ଧାର କରାଯିବ। ଉଦ୍ଧାର ପରେ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଉପଯୁକ୍ତ କାଉନସେଲିଂ ପ୍ରଦାନ କରାଯିବ। ଏଥିସହିତ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି, ଶିଶୁମାନଙ୍କୁ ଭିକ୍ଷାବୃତ୍ତି ପାଇଁ ବ୍ୟବହାର କରୁଥିବା ବ୍ୟକ୍ତି ବା ଗୋଷ୍ଠୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶିଶୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ପୋଲିସ ଏବଂ ଶିଶୁ ସୁରକ୍ଷା ୟୁନିଟ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## କାଳବୈଶାଖୀରେ ଭାଙ୍ଗିଲା ଘର; ଆମ୍ବ, ପନିପରିବା ଚାଷ ନଷ୍ଟ

### କ୍ଷୟକ୍ଷତି ଆକଳନ କଲେ ଉପଜିଲ୍ଲାପାଳ, ତହସିଲଦାର



**ଦେବଗଡ଼, ୭।୪(ସମିସ):** ତିଲେଇବଣି ବ୍ଲକ କଂସର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ କାଳବୈଶାଖି ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କୁଆପଥର ମାଡ ସହିତ ପ୍ରବଳ ପବନ ଏବଂ ତୁହାକୁ ତୁହା ବର୍ଷା ଯୋଗୁଁ ଅନେକ ଲୋକଙ୍କର ଘରର ଆଜବେଷ୍ଟ ଏବଂ ଖପର ଛାତ ଭାଙ୍ଗି ଯାଇଥିବା ବେଳେ ଆମ୍ବ ଓ ପନିପରିବାର ଚାଷ ମଧ୍ୟ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସୋମବାର ବିଳମ୍ବିତ ରାତିରେ କାଳବୈଶାଖିର ପ୍ରଭାବରେ ପ୍ରବଳ ପବନରେ ଅନେକ ସ୍ଥାନରେ ଗଛ ଉପୁଡି ପଡ଼ିଥିବା ବେଳେ କୁଆପଥର ବର୍ଷା ହୋଇଥିଲା। କଂସର ଗ୍ରାମପଞ୍ଚାୟତ ଅନ୍ତର୍ଗତ ତେରେଣ୍ଡାକଟା, କଂସର, ପାଲୁଣିପଡ଼ା, ଜସୋବନ୍ତପୁର ଆଦି ଗ୍ରାମରେ କୁଆପଥର ମାଡରେ ଆମ୍ବ ସମେତ ବିଭିନ୍ନ ପନିପରିବା ଚାଷ ନଷ୍ଟ ହୋଇଛି। ତେରେଣ୍ଡାକଟା ଭାଲୁଦରି ଗ୍ରାମର ଗୋପବନ୍ଧୁ ନାଏକ, କୌଶିକ ନାଏକ, ରାଜେନ୍ଦ୍ର କୁମୁରା, ରାଜୁ ଭୋଇ, ବରୁଣ କୁଅଁରଙ୍କ ସମେତ ଅନେକ ଲୋକଙ୍କର ଘରର ଆଜବେଷ୍ଟ ଓ ଖପର ଛାତ ଭାଙ୍ଗିଥିବା ଜଣାପଡ଼ିଛି। ଆଜି କ୍ଷୟକ୍ଷତି ହୋଇଥିବା ଗ୍ରାମକୁ ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକଙ୍କ ସମେତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ଏଥିସହ ଯେଉଁ ଘରର ଆଜବେଷ୍ଟ କିମ୍ବା ଖପର ଛାତ ଅଧିକ କ୍ଷୟକ୍ଷତି ହୋଇଛି ସେମାନଙ୍କୁ ତାରପୋଲିନ ଦେବାର ବ୍ୟବସ୍ଥା କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ୫୦ରୁ ଊର୍ଦ୍ଧ୍ୱ ଚାରା ଲଗାଇଲେ ନବ ଦମ୍ପତି

**ଝାରସୁଗୁଡା, ୭।୪(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଭିମ ଯୋର ପଞ୍ଚାୟତ ସ୍ଥିତ ନିଜ ବାସଭବନରେ ନବଦମ୍ପତି ମେଘନାଦ (ପପୁ) ସହ ରଞ୍ଜିତାଙ୍କ ବିବାହ ହୋଇଛି। ବିବାହ ପରେ ନବଦମ୍ପତି ସ୍ଥାନୀୟ ସରପଞ୍ଚ ମନ ବାଗ, ଗ୍ରାମର ବିଶିଷ୍ଟ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ଗିରିଧାରୀ ଧୁରୁଆଙ୍କ ସହ କେତେକ ଯୁବକଙ୍କ ମିଳିତ ସହଯୋଗରେ ଆୟୁର୍ବେଦିକ ଚିକିତ୍ସାଳୟ ପରିସରରେ ପିଜୁଳି, ଡାଳିମ୍ବ ଭଳି ୫୦ରୁ ଊର୍ଦ୍ଧ୍ୱ ପ୍ରକାର ବୃକ୍ଷର ଚାରାରୋପଣ କରିଛନ୍ତି। ଏଥିସହ




ନୂତନ ଦମ୍ପତି ଉକ୍ତ ଚାରାର ଆଜୀବନ ସୁରକ୍ଷାର ଶପଥ ନେଇଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ' ପକ୍ଷରୁ ଚାଲିଥିବା 'ସବୁଜ ସ୍ମୃତି' ଅଭିଯାନରେ ଅନୁପ୍ରାଣିତ ହୋଇ ଏହି ଚାରାରୋପଣ କରିଥିବା ଜଣାପଡ଼ିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ' ସହଯୋଗରେ ଆୟୋଜିତ ଏହି ଚାରାରୋପଣରେ ଠଣସୁନ୍ଦର ଗନ୍ଧା, ରାକେଶ ଚୌବେ, ଲିପିସନ ନାଏକ, ରଞ୍ଜିତ ଗନ୍ଧା, ସୁମିତ ପଟେଲ, ପ୍ରତିମା ଟେଟେ, ପ୍ରୀତି ନାଏକ, ନନ୍ଦିତା ପୁସେଟ, ପୂଜା ନାଏକ ଓ ନରେଶ ବୁଦୁଲା ସମେତ ସେବକ ସଂସ୍ଥାର କର୍ମକର୍ତ୍ତା, ଗ୍ରାମର କେତେକ ଯୁବକ ଓ ବନ୍ଧୁବାନ୍ଧବଙ୍କ ସହାୟତାରେ ଏହି ନିଆରା କାର୍ଯ୍ୟକ୍ରମ ହୋଇଥିଲା।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ଝାରସୁଗୁଡା, ୭।୪(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ପ୍ରଧାନ ଅଧ୍ୟକ୍ଷତା କରି ଦିବସ ପାଳନର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଜୁନିୟର



ରେଡକ୍ରସର ରାଜ୍ୟ ପରାମର୍ଶଦାତ୍ରୀ ପ୍ରତିଭା ମହାପାତ୍ର ଦିବସର ଥିମ 'ଟୁଗେଦର ଫର ହେଲଥ ଷ୍ଟାଣ୍ଡ ବିଥ ସାଇନ୍ସ' ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପଟେଲ ଫାଷ୍ଟ ଫୁଡ଼ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାକୁ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଝିଲି ବାରିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସସ୍ମିତା ଜେନା, ପୂଜା ଚୌଧୁରୀ, ବୁଧୁରାମ ବାଗ, ଅଜୟ ପଟେଲ, ପ୍ରଦୀପ ନାୟକ, ଗୌତମ ଟପ୍ପୋ, କାର୍ତ୍ତିକ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ଠିକାଦାର ସଂଘର ନୂତନ କର୍ମକର୍ତ୍ତା

# ସୁଜିତ ସଭାପତି, ଅନୁପମ ସମ୍ପାଦକ ମନୋନୀତ



**ଦେବଗଡ଼, ୭।୪(ସମିସ):** ଇଂ. ସୁଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦେବଗଡ଼ ଡିଷ୍ଟ୍ରିକ୍ଟ କଣ୍ଟ୍ରାକ୍ଟର୍ସ ୟୁନିଅନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବ ବୈଠକରେ ମନୋନୀତ ହୋଇଥିବା ୟୁନିଅନର କର୍ମକର୍ତ୍ତାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଏଥିରେ ସଭାପତି ଭାବେ ସୁଜିତ କୁମାର ପ୍ରଧାନ, ଉପସଭାପତି ଭାବେ ସୋଭେନ କୁମାର ସାମଲ, ସାଧାରଣ ସମ୍ପାଦକ ଭାବେ ଅନୁପମ ମୋଦୀ, ଯୁଗ୍ମ ସମ୍ପାଦକ ଭାବେ ନିରୂପମ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଭାବେ କୁମାର ସ୍ୱସ୍ତିକ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ସେହିପରି ୟୁନିୟନର ଆଇନ ପରାମର୍ଶଦାତା ଭାବେ ସିଦ୍ଧେଶ୍ୱର ଗୁରୁ ଓ ବିନୟ କୁମାର ପ୍ରଧାନଙ୍କୁ ନିଯୁକ୍ତି କରାଯାଇଛି। ଜିଲ୍ଲାର ସରକାରୀ ଉନ୍ନତିମୂଳକ ନିର୍ମାଣ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଏପ୍ରିଲ ପହିଲାରୁ ୨୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ଟେଣ୍ଡରରେ ବାହାର ଜିଲ୍ଲା ଠିକାଦାର ଅଂଶଗ୍ରହଣ ନ କରିବାକୁ ଅନୁରୋଧ କରାଯାଇଛି। ଏଥିସହ ପୂର୍ବ ବିଡ୍ ପ୍ରତ୍ୟାହାର ଏବଂ ଏକ ସୁସ୍ଥ ପ୍ରତିଯୋଗିତା ପାଇଁ ଅନୁସୂଚିତ ଜାତି ଓ ଜନଜାତି ଠିକାଦାରଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ 'ପ୍ରାଇସ୍ ପ୍ରିଫରେନ୍ସ' ସୁବିଧା ବର୍ଜନ କରିବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଇଂ. ଅଜୟ କୁମାର ପ୍ରଧାନ, ହରିହର ପାଣି, ପ୍ରସନ୍ନ ବେହେରା, ନନ୍ଦକିଶୋର ମହାପାତ୍ର, ଶିବାନନ୍ଦ ଗଡ଼ନାୟକ, ସ୍ମୃତିରଞ୍ଜନ ସାହୁ, ନିହାର ରଞ୍ଜନ ପ୍ରଧାନ, ଅଭିଜିତ ପ୍ରଧାନ, ସଚ୍ଚିନ ପ୍ରଧାନ, ମନୋଜ କୁମାର ସାହୁଙ୍କ ସମେତ ୟୁନିୟନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସନ୍ଦେହଜନକ ଅବସ୍ଥାରେ ଜଙ୍ଗଲରୁ ବୃଦ୍ଧଙ୍କ ଶବ ଉଦ୍ଧାର

**ଦେବଗଡ଼, ୭।୪ (ସମିସ):** ବାଉଁଶ କାଟିବା ପାଇଁ ଜଙ୍ଗଲକୁ ଯାଇଥିବା ଜଣେ ବୃଦ୍ଧଙ୍କର ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଦେବଗଡ଼ ଥାନା ସୁଗୁଡା ଗ୍ରାମ ନିକଟସ୍ଥ ବିଟାବାଘଧର ଜଙ୍ଗଲରୁ ଉଦ୍ଧାର ହୋଇଛି। ମୃତକ ସୁଗୁଡା ଗ୍ରାମର ପରଦେଶୀ ପାତ୍ର (୭୫) ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ ପରଦେଶୀ ଗତକାଲି ସକାଳ ୬ ଟାରୁ ନିକଟସ୍ଥ ଜଙ୍ଗଲକୁ ବାଉଁଶ କାଟିବା ପାଇଁ ଯାଇଥିଲେ। ଆଜି ସକାଳ ପର୍ଯ୍ୟନ୍ତ ଘରକୁ ନଆସିବାରୁ ପରିବାର ଲୋକ ଖୋଜାଖୋଜି କରିବା ବେଳେ ସୁଗୁଡା ନିକଟସ୍ଥ ବିଟାବାଘଧର ଜଙ୍ଗଲ ଭିତରେ ତାଙ୍କର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଦେବଗଡ଼ ଥାନାରେ ମୃତକଙ୍କ ବୋହୂ ଇନ୍ଦ୍ରାଣୀ ପାତ୍ର ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପରିବାର ଲୋକ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ସନ୍ଦେହ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଦେବଗଡ଼ ଥାନା ଅଧିକାରୀ ସବ୍ୟଶାଚୀ ଶତପଥି ସୂଚନା ଦେଇଛନ୍ତି।

## ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

# ରାଇସ୍ ମିଲ୍‌ରେ ଗଚ୍ଛିତ ଧାନ ଚାଷୀଙ୍କୁ ଫେରାଇବାକୁ ଦାବି



**ଦେବଗଡ଼, ୭।୪(ସମିସ):** ଜିଲ୍ଲାରେ ଚାଷୀଙ୍କ ଧାନ କଟଣି ଛଟଣି କରି ମିଲର୍ସମାନେ ୬୦ ହଜାର କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବେଆଇନ ଭାବରେ ଗଚ୍ଛିତ କରି ରଖିଥିବା ନେଇ ଜିଲ୍ଲା କଂଗ୍ରେସ ଅଭିଯୋଗ କରିଛି। ଉକ୍ତ ଗଚ୍ଛିତ ଧାନକୁ ଜବତ କରି ଚାଷୀଙ୍କୁ ଫେରାଇବାକୁ ଦାବି କରି ଆଜି ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରଉ କରିଥିଲା। ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଶ୍ରୀତମ କୁମାର ସାହୁ, ଆକାଶ ଦାସ, ଜିଲ୍ଲା କୋଷାଧ୍ୟକ୍ଷ ଜିତେନ୍ଦ୍ର ବେହେରା, ସମ୍ପାଦକ ସୁମନ୍ତ ବେହେରା, ଆଦିବାସୀ କଂଗ୍ରେସ ସଭାପତି ସୁଶିଲ ଗୁଡିଆ, ଏସସି ସେଲ ସଭାପତି ରମେଶ ଚନ୍ଦ୍ର ପାତ୍ର, କୁନା ଦେବ ପ୍ରମୁଖ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାର ମିଲର୍ସଙ୍କ ଚାଷୀ ମାରଣ ନୀତି ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ତେବେ ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ମହାରଣା, ତହସିଲଦାର କର୍ଣ୍ଣ ମଳିକ ଓ ଥାନା ଆଇଆଇସି ସବ୍ୟସାଚୀ ଶତପଥି ସେଠାରେ ପହଞ୍ଚି ଜିଲ୍ଲାରେ ଥିବା ପ୍ରତ୍ୟେକ ରାଇସମିଲରେ ଯାଞ୍ଚ କରିବାକୁ ପ୍ରତିଶ୍ରୁତି ଦେବା ପରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ପ୍ରତ୍ୟାହୃତ କରାଯାଇଥିଲା।

## ମାଗଣା ସ୍ୱାସ୍ଥ୍ୟ ଶିବିର

**ଝାରସୁଗୁଡା, ୭।୪(ସମିସ):** ଝାରସୁଗୁଡା ଜିଲ୍ଲା ବେହେରାମାଲ ସ୍ଥିତ ନବ ଦାସ ଅଡିଟୋରିୟମଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଶକ୍ତି କୁମାର ତ୍ରିପାଠୀ ଓ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ଇପ୍ସିତା ଦେବତା ଯୋଗଦେଇ ନିଶୁଳ୍କରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ୭୪୦ରୁ ଊର୍ଦ୍ଧ୍ୱ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ତ୍ରୀ ରୋଗ, ବନ୍ଧ୍ୟାତ୍ୱ, ଚର୍ମ ରୋଗ ଆଦିର ମାଗଣା ଚିକିତ୍ସା କରିବା ସହିତ ଔଷଧ ବଣ୍ଟନ କରାଯାଇଥିଲା। ସମାଜର ଆର୍ଥିକ ଭାବରେ ବଞ୍ଚିତ ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁଲଭ ଭାବରେ ଯୋଗାଇବା ପାଇଁ ପ୍ରତିବଦ୍ଧ ଶକ୍ତି ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ଶିବିର ସମୟରେ ଦାତବ୍ୟ ଆଇଭିଏଫ ପାଇଁ ଏକ ଚୟନ ପ୍ରକ୍ରିୟା ମଧ୍ୟ କରାଯାଇଥିଲା।

## ଝାଡ଼େଶ୍ୱର ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୭।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଏବଂ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ହୋଇଯାଇଛି। ସ୍ଥାନୀୟ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନେତୃତ୍ୱ ନେଇ ସହରବାସୀଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି। ଏଥିରେ ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ, ପୌର ପରିଷଦ ଉପାଧ୍ୟକ୍ଷ ବେଣୁଗୋପଳ ପାଣିଗ୍ରାହୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନର ପଦାଧିକାରୀ ଓ ପୌରପାଳିକାର କର୍ମଚାରୀମାନେ ମନ୍ଦିର ପରିସରକୁ ସଫା କରିବା ସହ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଆମର ଐତିହ୍ୟ ଓ ପରିବେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ସୁରକ୍ଷା ପାଇଁ ଏହି ସ୍ୱଚ୍ଛତା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ଏଥିସହ ଏହି ଅଭିଯାନରେ ସମାଜସେବୀ ସୋନୁ ଥିରାଣୀ, ରାଜେନ୍ଦ୍ର ସା, ଜୟ ମହାନନ୍ଦିଆ, ବିକଳ୍ପ ତିୱାରୀ, ଚିରାଗ ପୋଦାର, ଅଭିନବ ତିୱାରୀ, କଳ୍ପନା ମାଝୀଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ବରିଷ୍ଠ ନାଗରିକ ଓ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ବକେୟା ରାଜସ୍ୱ ଆଦାୟ ପାଇଁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୭।୪(ସମିସ)**




ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗରୁ ଆଦାୟ ହେଉଥିବା ରାଜସ୍ୱର ସ୍ଥିତି ଏବଂ ଆଗାମୀ ସମୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ସରକାରୀସ୍ତରରେ ରାଜସ୍ୱ ବୃଦ୍ଧି ସହ ଏଥିରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ବୁର୍ଲା ଜଳସେଚନ ବିଭାଗ ପକ୍ଷରୁ ମାର୍ଚ୍ଚ ମାସ ପାଇଁ ଜଳକର ଆଦାୟର ସ୍ଥିତି ସମୀକ୍ଷା କରାଯାଇଥିଲା। ଏହା ସହିତ ଖଣି, କୃଷି, ଆରଟିଓ, ଜମି ଜମା ସଂକ୍ରାନ୍ତୀୟ ରାଜସ୍ୱ ଏବଂ ଅବକାରୀ ବିଭାଗର କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା। ବେଆଇନ ମଦ କାରବାର ଓ ଚୋରା ଚାଲାଣ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ପ୍ରକ୍ରିୟାକୁ ଅଧିକ ଜୋରଦାର କରିବା ସହ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ପ୍ରଗତି ଓ ସରକାରୀ ପାଣ୍ଠିକୁ ସୁଦୃଢ଼ କରିବା ପାଇଁ ପ୍ରତିଟି ବିଭାଗ ନିଜର ଶତପ୍ରତିଶତ ଚେଷ୍ଟା କରିବା ଉଚିତ ବୋଲି ବୈଠକରେ ଜିଲ୍ଲାପାଳ କହିଥିଲେ। ଶେଷରେ ଜିଲ୍ଲାପାଳ ସମସ୍ତ ତହସିଲଦାର ଏବଂ ଉପ-ଜିଲ୍ଲାପାଳଙ୍କୁ ବିଭିନ୍ନ ରାଜସ୍ୱ ସଂକ୍ରାନ୍ତୀୟ କାର୍ଯ୍ୟକଳାପକୁ ନିୟମିତ ସମୀକ୍ଷା କରିବାକୁ କହିଛନ୍ତି। ରାଜସ୍ୱ ଆଦାୟ କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତାକୁ ଗ୍ରହଣ କରାଯିବ ନାହିଁ ଏବଂ ସମସ୍ତ ତଥ୍ୟ ନିୟମିତ ଭାବେ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ବୌଦ୍ଧ,୭ ।୪(ସମିସ)



ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ଗ୍ରୀଷ୍ମ କାଳୀନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା, ପ୍ରତ୍ୟେକ କାର୍ଯ୍ୟାଳୟରେ ଜନ ସାଧାରଣଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ସମସ୍ତ ଥାନା, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସବ ସେଣ୍ଟରରେ ପାନୀୟ ଜଳ, ଓଆରଏସ ପ୍ୟାକେଟ ଉପଲବ୍ଧ କରାଇବା, ଶ୍ରମିକଙ୍କୁ ଦିବା ୧୧ଟାରୁ ଅପରାହ୍ନ ୩ଟା ଯାଏ କାମ ନ କରାଇବା, ଶ୍ରମିକଙ୍କ ବିଶ୍ରାମ ପାଇଁ ଛାଉଣୀ ଏବଂ ପିଇବା ପାଣିର ବ୍ୟବସ୍ଥା, ଅଙ୍ଗନବାଡି କେନ୍ଦ୍ରରେ ମଧ ପାନୀୟ ଜଳ, ଓଆରଏସ ପ୍ୟାକେଟର ବ୍ୟବସ୍ଥା, ଅପରାହ୍ନରେ ଅଙ୍ଗନବାଡି ଶିଶୁଙ୍କ ଗୃହ ପରିଦର୍ଶନ, ପଶୁପକ୍ଷୀ, ଗାଈଗୋରୁଙ୍କ ପାଇଁ ମଧ ପିଇବା ପାଣିର ବ୍ୟବସ୍ଥା, ରାସ୍ତାକଡରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା, ୨୪ ଘଣ୍ଟା କଣ୍ଟ୍ରୋଲ ରୁମ୍ ଖୋଲାଯିବା, ପାଣି ସମସ୍ୟା, ଜଳ ବିବାଦ ଦୂର, ବସ୍, ଟ୍ରକରେ ଫାଷ୍ଟଏଡ୍, ପାଣି ଓଆରଏସ ପ୍ୟାକେଟ ରଖିବା, ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ପଦକ୍ଷେପ, ଜନ ସଚେତନତା, ନଳକୂପ ମରାମତି, ବନ୍ଧକଟା ଖନନ, ଜନ ସଚେତନତା ପାଇଁ ପୋଷ୍ଟର, ଲିଫଲେଟ ବଣ୍ଟନ, ସାମାଜିକ ଗଣମାଧ୍ୟମରେ ଜନ ସଚେତନତା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଅଧକ୍ଷତା କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଘସିଏନ ବରଫ କାରଖାନାରେ ଚଢ଼ଉ

ପାଟଣାଗଡ଼,୭ ।୪(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଘସିଏନ ଗାଁରେ ଏକ ବରଫ କାରଖାନା ବେଆଇନ ଭାବେ ଦୀର୍ଘ ବର୍ଷରୁ ଚାଲି

- ତ୍ରୁଟି ସୁଧାରିବାକୁ ୧୫ ଦିନ ସମୟ
- ଟେଷ୍ଟ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ

ଆସୁଛି । ଏ ନେଇ ପଟଣାଗଡ଼ ଉପଜିଲ୍ଲାପାଳଙ୍କଠାରେ ଅଞ୍ଚଳବାସୀ ଲିଖିତ ଅଭିଯୋଗ କରିବା ପରେ ଏହା ଉପରେ ଚଢଉ ହୋଇଛି । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ସିଙ୍କୁ ଏହି ବରଫ କାରଖାନା ଠାରେ ଚଢ଼ଉ କରିଛନ୍ତି । ଚଢ଼ଉ ପରେ ସେ କହିଛନ୍ତି ଯେ କାରଖାନାର ଅନେକଗୁଡିଏ ତ୍ରୁଟି ରହିଛି । ବରଫ ତିଆରି ପାଇଁ ଥିବା କଞ୍ଚାମାଲ ସହ ବ୍ୟବହୃତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ଅଣାଯାଇଛି । କାରଖାନାରେ ଥିବା ତ୍ରୁଟି ସବୁ ସୁଧାରିବା ପାଇଁ ୧୫ ଦିନର ମହଲତ ଦିଆଯାଇଛି । ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ବୌଦ୍ଧରେ ଚାଲିଥିବା ରାମଲୀଳା ଅବସରରେ ଇନ୍ଦ୍ରଜିତ ବଧର ଦୃଶ୍ୟ

## ନାରାୟଣନଗର ଶ୍ରୀରାମଲୀଳା ଉଦ୍‌ଯାପିତ

ଜହ୍ନାପଙ୍କ,୭ ।୪(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀ ଶ୍ରୀ ରାମଲୀନା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ଉତ୍ସବ ଉଦଯାପିତ ହୋଇଛି । ମଙ୍ଗଳବାର ନାଟକର ଅନ୍ତିମ ଦିନରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଜହ୍ନାପଙ୍କ ସନୁମାନ ମନ୍ଦିରରୁ ରାମ, ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ, ବିଭୀଷଣ ସମସ୍ତ ବାନରସେନାଙ୍କୁ ନେଇ ଏକ ଶୋଭାଯାତ୍ରାରେ ତ୍ରିବେଣୀ ଛକ, ସାହୁ ଗଳି, ଗଙ୍ଗାଧର ଛକ, ଦୈନିକ ବଜାର ଦେଇ ଯାତ୍ରା ପଡ଼ିଆରେ ପହଞ୍ଚିଥିଲେ । ସେହିପରି ରାବଣ ଓ ତାଙ୍କ ଦଳର ସୈନ୍ୟ ଜଗନ୍ନାଥ ମନ୍ଦିରରୁ ବାହାରି ହରିବଂଶ, ଗଙ୍ଗାଧର ଛକ, ସାହୁ ଗଳି, ଦୈନିକ ବଜାର, ଚାଷୀ ସାହି ଦେଇ ଯାତ୍ରା ପଡ଼ିଆରେ ପହଞ୍ଚି ଥିଲେ । ବିଭିନ୍ନ ଛକରେ ଉଭୟ ଦାନବ ସୈନ୍ୟ ଓ ବାନର ସୈନ୍ୟ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା । ଜଗନ୍ନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ ।

## କନ୍ଧମାଳରେ ସୀତା ବିବାହ



କଣ୍ଠାମାଳ,୭ ।୪(ସମିସ): କଣ୍ଠାମାଳ ବ୍ଲକ୍ ଛକ ଶ୍ରୀରାମ ମନ୍ଦିରରେ ଚାଲିଥିବା ତୁଳସୀ ରାମାୟଣ ଓ ନବାହ୍ନ ପାରାୟଣର ତୃତୀୟ ଦିବସରେ ସୀତା ବିବାହ ସମ୍ପନ୍ନ ହୋଇଛି । ଘଣ୍ଟ, ବାଜା, ବାଣ, ରୋଷଣୀ ନୃତ୍ୟ, ସଂଗୀତ ମଧ୍ୟରେ ଶ୍ରୀରାମ ମନ୍ଦିରରୁ ବିରାଟ ପଟୁଆର ସହ ବରଯାତ୍ରୀରେ ବାହାରି ପତ୍ରଫଣ୍ଡି କଲୋନୀସ୍ଥିତ ମାତା ସୀତାଙ୍କ ବାସଭବନରେ ପହଞ୍ଚିଥିଲେ । ଜନକ ଭାବେ ଅପର୍ତ୍ତି ପ୍ରଧାନ ଓ ପତ୍ନୀ ସଂଯୁକ୍ତା ଓ ରାଜା ଦଶରଥ ଭାବେ ସୁଶୀଲ ପାଣିଗ୍ରାହୀ ପତ୍ନୀ ନମିତା ପାଣିଗ୍ରାହୀ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ପିତାମାତା ଭାବେ ବିବାହ ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ସନତ ମିଶ୍ର ବିବାହ କାର୍ଯ୍ୟରେ ପୌରୋହିତ୍ୟ କରିଥିବାବେଳେ ବାଳକୃଷ୍ଣ ମିଶ୍ର ସହଯୋଗ କରିଥିଲେ । ସୋନପୁର ଜିଲ୍ଲା ନନ୍ଦନମାଳର ମଧୁସୂଦନ ଦାସ ବ୍ୟାସ ଭାବେ ତୁଳସୀ ରାମାୟଣ କଥା ମାଧ୍ୟମରେ ସୀତାବିବାହ କଥା ଶୁଣାଇଥିଲେ ।

## କୁମାରକେଳି ସ୍କୁଲରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ




ବୀରମହାରାଜପୁର,୭ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ୍ କୁମାରକେଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଦୟା ସରାବନି ଯୋଗ ଟ୍ରଷ୍ଟ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ଚାନ୍ଦ ସଭାପତିତ୍ୱ କରିଥିଲେ । ଜଲୋଏ ଫରେଷ୍ଟର ପ୍ରଦୀପ ଜେନା, ଅବସରପ୍ରାପ୍ତ ଶିକ୍ଷକ ମନରୁଛି ଭୋଇ, ନରେନ୍ଦ୍ର ନାଗ ଓଜୟଶ୍ରୀ ପାଢ଼ୀ ଅତିଥି ଭାବେ ଉପସ୍ଥିତ ଥିଲେ । ଅଚ୍ୟୁତ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଟ୍ରଷ୍ଟର ସଂପାଦକ ଡକ୍ଟର ହୃଷୀକେଶ ଦେହେରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଟ୍ରଷ୍ଟର ସଭାପତି ଡକ୍ଟର ଯୁଧିଷ୍ଠିର ଖମାରୀ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷାର ଗୁରୁତ୍ୱ, ପ୍ଲାଷ୍ଟିକ ବିରୋଧୀ ଅଭିଯାନ, ଚାରାରୋପଣ ଓ ବନ ଅଗ୍ନି ନିୟନ୍ତ୍ରଣ, ପଶୁପକ୍ଷୀଙ୍କ ସୁରକ୍ଷା ବିଷୟରେ ବାର୍ତ୍ତା ରଖିଥିଲେ । ଏଥି ସହିତ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପ୍ରତି ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା । ଶେଷରେ ବନମାଳୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ଆଜି ପରିବେଶକୁ ବଞ୍ଚାଅ, ଆସନ୍ତାକାଲିକୁ ସୁରକ୍ଷିତ କର' ବାର୍ତ୍ତା ଦିଆଯାଇଥିଲା ।

## ବୀରମହାରାଜପୁରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବୀରମହାରାଜପୁର,୭ ।୪(ସମିସ): ବରିଷ୍ଠ ନାଗରିକ ସଂଗଠନ ବୀରମହାରାଜପୁର ଓ ଖଣ୍ଡହତାର ମିଳିତ ଆନୁକୂଲ୍ୟରେ ସଦର କାର୍ଯ୍ୟାଳୟ ବୀରମହାରାଜପୁରଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଦୟାନିଧି ହୋତା ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବତନ ସଭାପତି ଡ ପ୍ରଫୁଲ୍ଲ ରଥ, ମୁଖ୍ୟ ବକ୍ତା ଭାବେ ପ୍ରତାପ ଶଙ୍କର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦିଲ୍ଲିପ ତ୍ରିପାଠୀ, ଘାସିରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାସ୍ଥ୍ୟ ହିଁ ପରମ ସମ୍ପଦ ଏବଂ ଏହି ସମ୍ପଦର ସୁରକ୍ଷା ହିଁ ଏକ ପ୍ରଗତିଶୀଳ ସଭ୍ୟତାର ମୂଳଦୁଆ । ପରିଣତ ବୟସରେ ସମସ୍ତ ବରିଷ୍ଠ ନାଗରିକ ନିଜ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଯତ୍ନବାନ ହେବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶ୍ୟାମସୁନ୍ଦର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ରଖିଥିବାବେଳେ କୋଷାଧକ୍ଷ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଡ ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ । ଖଣ୍ଡହତା ସଂଗଠନର ସଦସ୍ୟ ଗଦାଧର ବାରିକ, ହୃଷିକେଶ ନାଏକ, ଟିକାଇ କର୍ମୀ, ପ୍ରହ୍ଲାଦ ପ୍ରଧାନ, ପ୍ରହ୍ଲାଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ବୀରମହାରାଜପୁର ସଂଗଠନର ସୁରୁ ସାହୁ, ନାରାୟଣ ନାୟକ, ରବି ନାରାୟଣ ବେହେରା, ନାରାୟଣ ପ୍ରସାଦ ନାୟକ, ଧର୍ମ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ମନରେଗା ସାମାଜିକ ସମୀକ୍ଷା



ବୀରମହାରାଜପୁର,୭ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍‌ରେ ମହାତ୍ମା ଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା କରାଯାଇଛି । ବ୍ଲକ୍ ସଭାଗୃହରେ ବୀରମହାରାଜପୁର ବ୍ଲକ୍ ବିଡ଼ିଓ ରାଜୀବ ହାଁସଦାଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ଏଡିଏମ ଅଞ୍ଜୋଲିନା ପଧାନ ଯୋଗଦେଇ ସମୀକ୍ଷା କରିଥିଲେ । ବୀରମହାରାଜପୁର ପଞ୍ଚାୟତ ସମିତି ଉପାଧକ୍ଷ ନାରାୟଣ ଲୁହା, ସାମାଜିକ ସମୀକ୍ଷା ବରିଷ୍ଠ ସଦସ୍ୟ କିଶୋର ହୋତା, ପ୍ରଭଞ୍ଜନ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ସଂଯୋଜକ ଚୈତନ୍ୟ ମଲ୍ଲିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଯନ୍ତ୍ରୀ ଦୁଃଶାସନ ସାହୁ, ୧୫ ପଞ୍ଚାୟତର ଭିଆରପିଏପି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆରଏସ ଏବଂ ହିତାଧିକାରୀ ଯୋଗ ଦେଇଥିଲେ । ହିଲୁଙ୍ଗ ପଞ୍ଚାୟତର ସର୍ବାଧିକ ୧୧ ଜଣ ଏବଂ ଚମ୍ପାମାଳ ପଞ୍ଚାୟତର ସର୍ବନିମ୍ନ ୧୦୦ ଦିନ କାର୍ଯ୍ୟ ସମ୍ପାଦନ କରିଥିବା ସମୁଦାୟ ୪୮ ଜଣ ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ଅବହେଳା କାରଣରୁ ୩୦ଟି କାର୍ଯ୍ୟରୁ ଜରିମାନା ଆଦାୟ କରାଯାଇଛି । ଆଗକୁ ଯେପରି କୌଣସି ତ୍ରୁଟି ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି । ଶେଷରେ ବୀରମହାରାଜପୁର ବ୍ଲକ୍ ମନରେଗା ପ୍ରୋଗ୍ରାମ ଅଫିସର ଅମିତାଂଶୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଡମ୍ବରୁଧର କହଁରଙ୍କୁ ସମ୍ବର୍ଦ୍ଧନା



କଣ୍ଠାମାଳ,୭ ।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଠାମାଳ ବ୍ଲକ୍ ସଦର କଣ୍ଠାମାଳର ସଂଗ୍ରାମୀ ଆଦିବାସୀ ନେତା ଡମ୍ବରୁଧର କହଁରଙ୍କୁ ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । କଣ୍ଠାମାଳରେ ତାଙ୍କୁ ବିଜେପି କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ସମ୍ବର୍ଦ୍ଧନା ଜଣାଇ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବୌଦ୍ଧ,୭ ।୪(ସମିସ): ବୌଦ୍ଧ-ବଘିଆପଡା ରାସ୍ତାର ସାଲେସିଂ ଛକ ନିକଟରେ ଏକ ଟ୍ରାକ୍ଟର ଗୋଟିଏ ବାଇକକୁ ଧକ୍କା ଦେଇଛି । ଏହା ଫଳରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ବ୍ୟକ୍ତି ଜଣକ ଶଗଡା ପଞ୍ଚାୟତ ରୁଗୁଡ଼ିଗୋରା ଗ୍ରାମର କୈଳାଶ ଭୋଇ । ସେ ନିଜ ବାଇକରେ ଗାଆଁକୁ ଫେରୁଥିବାବେଳେ ସାମ୍ନା ପଟୁ ଆସୁଥିବା ଏକ ଡାଲା ବିହିନ ଟ୍ରାକ୍ଟର ଧକ୍କା ଦେଇ ଚାଲି ଯାଇଥିଲା । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୋଟିଏ ଅଟୋରେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ସେଠାରେ ଚିକିତ୍ସା ପରେ ବୁର୍ଲା ଭିମସାରକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଶଗଡା,୭ ।୪(ସମିସ): ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଧୀନ ବରଗୋଛା ପଞ୍ଚାୟତ ବାଞ୍ଜିମୁଣ୍ଡା ଗ୍ରାମ ରାସ୍ତାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ସକାଳ ୯ଟାରେ ବାଞ୍ଜିମୁଣ୍ଡା ରାସ୍ତାର ଏକ ନାଳ ନିକଟରେ ଏକ ବାଇକରେ ୨ ଜଣ ଯୁବକ ଯାଉଥିବା ସମୟରେ ଗାଡିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଦେହୁରୀ ପାଲି ଗ୍ରାମର ଶିବା ମଲ୍ଲିକ (୧୯)ଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ସେହି ଗ୍ରାମର ଯୁବକ ସିପୁନ ମଲ୍ଲିକ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ପଠାଇଥିଲେ । ଖବର ପାଇ ମନମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ।

## ଦମକଳ କେନ୍ଦ୍ର ଛାତରୁ ପଡ଼ି ଶ୍ରମିକ ମୃତ

ତରଭା, ୭ ।୪(ସମିସ): ତରଭା ଦମକଳ କେନ୍ଦ୍ରରେ ନିର୍ମାଣ କାମ ଚାଲିଥିବା ବେଳେ ଜଣେ ଶ୍ରମିକ ଦୁଇ ମହଲା ଛାତରୁ ପଡିଯିବାରୁ ମୃତ୍ୟୁ ଘଟିଛି । ସୋମବାର ବିଳମ୍ବିତ ରାତି ଯାଏ କାମ କରି ବିଶ୍ରାମ ନେଇଥିବାବେଳେ ବଲାଙ୍ଗିର ଜିଲ୍ଲା ମହିମୁଣ୍ଡା ଗ୍ରାମର ସଞ୍ଜୟ ଧରେଇ (୨୯) କୌଣସି କାରଣ ବଶତଃ ଛାତରୁ ତଳେ ପଡ଼ି ଯାଇଥିଲେ । ତୁରନ୍ତ ସାଥୀ ଶ୍ରମିକ ସୁବ୍ରତ ନିଆଲ, ଯୁଗେଶ୍ୱର ସାହୁ, ଜନ୍ମେଜୟ ଧରେଇ ପ୍ରମୁଖ ତାଙ୍କୁ ତରଭା ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ଆଣିଥିଲେ । ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଡାକ୍ତର ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ । ତରଭା ପୁଲିସ ଶବ ଜବତ କରିଥିଲା । ତଦନ୍ତ ପରେ ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି । ଏଏସ୍ଆଇ ସୁଧୀର ଜେନା ତଦନ୍ତ ଭାର ନେଇଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି ।

## ୨୮ କେଜି ଗଞ୍ଜେଇ ଜବତ; ଅଭିଯୁକ୍ତ ଗିରଫ

ତରଭା,୭ ।୪(ସମିସ): ତରଭା ପୁଲିସ ମଙ୍ଗଳବାର ୨୭ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ବରଗଡ ଜିଲ୍ଲା ଝାରବନ୍ଧ ନିକଟସ୍ଥ ଭାଦଲପୁରୀ ନିବାସୀ ଧନରାଜ ସିଂ (୫୦) ଗିରଫ ହୋଇଛି । ଏକ କାର (ସିଜି ୦୪ଏଚ ଏ ୪୪ ୮ ୬)ରେ ସେ କଣ୍ଠାମାଳ ପଟରୁ ଆସୁଥିବା ବେଳେ ଗର୍ଜା ପାର୍କ ଛକ ନିକଟରେ ପୁଲିସ ସନ୍ଦେହରେ ଅଟକାଇ ଥିଲା । ଯାଞ୍ଚ ପରେ କାରରୁ ଗଞ୍ଜେଇ ମିଳିଥିଲା । ମାଜିଷ୍ଟ୍ରେଟ ଦୀପ୍ତିମୟୀ ଭୁଏଙ୍କ ଉପସ୍ଥିତରେ ଓଜନ କରାଯାଇଥିଲା । ଏସଆଇ ପ୍ରସନ୍ନ ଜିତ ବେହେରା, ସୁଶୀଲ ଯୋଶୀ, ଜ୍ୟୋସ୍ନା ପ୍ରଧାନ, ସଞ୍ଜୟ ନାଗ ପ୍ରମୁଖ ପାଟ୍ରୋଲିଂରେ ଥିବାବେଳେ ଧରିଥିଲେ । ମେଣ୍ଡା ଫାଣ୍ଡି ଅଧିକାରୀ ପ୍ରେମ ରାଜ ସାହୁ ତଦନ୍ତ ଭାର ନେଇଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି ।

## ଏନକ୍ୱାସରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଥମ



ତରଭା,୭ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନର ଗୁଣବତ୍ତା ସୁନିଶ୍ଚିତ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡ. ନୃପରାଜ ସାହୁ ଏଥିରେ ଅଧକ୍ଷତା କରିଥିଲେ । ଏକାଧିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏନକ୍ୱାସ ସାର୍ଟିଫିକେଟ ପାଇଁ ଆବଶ୍ୟକ ସହଯୋଗ ଦେବା ପାଇଁ ଜିଲ୍ଲାପାଳ ଆଶ୍ୱାସନା ଦେଇଥିଲେ । ୨୦୨୫-୨୬ ବର୍ଷରେ ସାରା ଓଡ଼ିଶାରେ ସୁବର୍ଣ୍ଣପୁର ଜିଲ୍ଲାର ୬୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର - ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏନକ୍ୱାସ ପାଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ସମଗ୍ର ଓଡ଼ିଶାରେ ପ୍ରଥମ ହୋଇପାରିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବୈଠକରେ ସୂଚନା ଦିଆଯାଇଥିଲା । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଉଷାରାଣୀ ଦାସ, ଡାକ୍ତର ପ୍ରକାଶ ଦଣ୍ଡସେନା, ରୂପକ ମହାପାତ୍ର, ହିତେଶ ତ୍ରିପାଠୀ, ଅନାଦି ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କଣ୍ଠାମାଳରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

କଣ୍ଠାମାଳ, ୭ ।୪(ସମିସ):କଣ୍ଠାମାଳ ବ୍ଲକ ସଦର କଣ୍ଠାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ଼କ୍ରସ୍ ଆନୁକୂଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜୁନିଅର୍ ରେଡ଼କ୍ରସ୍ ପରାମର୍ଶଦାତା ତଥା ଶିକ୍ଷକ ବନମାଳୀ ମେହେର ସଂଯୋଜନା କରିଥିଲେ । ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହ ୨୦୨୬ବର୍ଷ ସ୍ୱାସ୍ଥ୍ୟ ଦିବସର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରଯାଇଥିଲା । ଶିକ୍ଷୟିତ୍ରୀ ହେମବନ୍ତି ବାଘ, ଏମ୍ ମାଧୁରୀ ଦୋରା, ଶିକ୍ଷକ ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଶିକ୍ଷୟିତ୍ରୀ ମୀରବାଇ ଧରୁଆ, ସୁଭଦ୍ରା ମାଝୀ, ଶିକ୍ଷକ ସୌରଭ ସାହୁ ,ବୀରଭଦ୍ର ମିଶ୍ର, କର୍ମଚାରୀ ନିଳୀମା ପ୍ରଧାନଙ୍କ ସମେତ ବିଦ୍ୟାଳୟର ଜୁନିଅର୍ ରେଡ଼କ୍ରସ୍ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଆଲୋକ ପରଡ଼ିଆ ପରିଚାଳନା କରିଥିବାବେଳେ ଶିକ୍ଷକ ସୁଦାମ ଚରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ

କଣ୍ଠାମାଳ,୭ ।୪(ସମିସ): କଣ୍ଠାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜୁନିଅର ରେଡ୍‌କ୍ରସ ସଭାପତି ତଥା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଏଥିରେ ଅଧକ୍ଷତା କରିଥିଲେ । ବୌଦ୍ଧ ଜିଲ୍ଲା ପରିଷଦ ଉପ ସଭାପତି ଶଙ୍କର୍ଷଣ ପ୍ରଧାନ, କଣ୍ଠାମାଳ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ସମୀର ମେହେର, କଣ୍ଠାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, କଣ୍ଠାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଶୋଭ ରଞ୍ଜନ ମାଳି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଓ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ନବ କିଶୋର ଦୀପ ଅତିଥି ଭାବେ ଯୋଗ ଦେଇଥିଲେ । ରବିଚନ୍ଦ୍ର ପଶାୟତ, ରାମନାରାୟଣ ଦାଶ, ସାଧନ କର୍ମୀ ଗୋପେଶ ପଣ୍ଡା, ଚନ୍ଦ୍ରମଣି ବାଘ, ଚନ୍ଦ୍ରଶେଖର ମହାପାତ୍ର, ପ୍ରଭାକର ଛନ୍ଦ, ଅଧ୍ୟାପକ ଉଦ୍ଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଶିବିରରେ ୨୫୭ ଜଣ ଜୁନିଅର ଏବଂ ୧୩୨ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିବିର ପରିଚାଳନାରେ ବିସିସି ବନମାଳୀ ମେହେର, ମଞ୍ଜିତ ମୋହନ ଚାନ୍ଦ, ପ୍ରିୟମ୍ବଦା ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ । ଶିବିରକୁ ସାଧନକର୍ମୀ ବନମାଳୀ ମେହେର ଓ ଶିକ୍ଷକ ବାନ୍ଧବ ନାଏକ ପରିଚାଳନା କରିଥିଲେ । ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା ।

## ବନ୍ଧପାଲି ରାମ ମନ୍ଦିରରେ ସ୍ୱଚ୍ଛତା ଅଭିଯାନ

ବୌଦ୍ଧ,୭ ।୪(ସମିସ): କଣ୍ଠାମାଳ ବ୍ଲକ୍ ବନ୍ଧପାଲି ଗ୍ରାମ ନିକଟରେ ଥିବା ରାମ ମନ୍ଦିରରେ ଓଡିଶା ଦିବସ ଅବସରରେ ଓଡିଆ ପକ୍ଷ ପାଳନର ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅର୍ଜୁନ ଦାସ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜ୍ଞାନରଞ୍ଜନ ପ୍ରଧାନ, ବିପିଏମ ଅଜୟ ପ୍ରଧାନ, ଓଏଲଏମର ବିଏଲସି ରାଧାରାଣୀ ନାଏକ, ସ୍ୱେଚ୍ଛାସେବୀ ମୁକ୍ତେଶ୍ୱର ପ୍ରଧାନ, ଶ୍ରୀହରି ବାଗଙ୍କ ସମେତ ବ୍ଲକ୍ କର୍ମଚାରୀ, ସିଆରପି, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଶିଶୁ କଥା ଦିବସ



ବୌଦ୍ଧ,୭ ।୪(ସମିସ): ବୌଦ୍ଧ ବ୍ଲକ୍ ମୁର୍ଗୁଣ୍ଡି ୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ ଓ ଅନ୍ୟମାନେ ଯୋଗ ଦେଇଥିଲେ ।

## ପୁରୁଣାକଟକ ଭୈରବୀ କଲେଜରେ ରକ୍ତଦାନ ଶିବିର




ହରଭଙ୍ଗା,୭ ।୪(ସମିସ): ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ତାରେଣିଆ, ଅଧ୍ୟାପକ ସୁରେଶ ଜ୍ୟୋଷି, ରଞ୍ଜିତ ସାମଲ, ସୁଷମାରାଣୀ ବହିଦାରଙ୍କ ସମେତ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ । ତହସିଲଦାର ବଳଦେବ ବେହେରା ଉପସ୍ଥିତ ଥିଲେ । ଯୁବ ରେଡକ୍ରସ, ରେଡ୍ ରିବନ୍ କ୍ଲବ୍ ଓ ଜାତୀୟ ସେବା ଯୋଜନା ଅନୁଷ୍ଠାନ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା ।

## ଇଚ୍ଛାପୁର କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥ ପରିକ୍ରମା

ଡୁଙ୍ଗୁରିପାଲି,୭ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଇଚ୍ଛାପୁର କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ସଚେତନ ରଥକୁ ସ୍ୱାଗତ କରାଯାଇ ଗ୍ରାମ ପରିକ୍ରମା କରାଯାଇଛି । ଇଚ୍ଛାପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ କର୍ଲାଯୁରୀ, ଡୁମେରପାଲି, ଇଚ୍ଛାପୁର ଓ କନ୍ଧୁମୁଣ୍ଡା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଖଡିଛୁଆଁ ଓ ପ୍ରବେଶ ଉତ୍ସବ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ ।



# ନିଜ ଖର୍ଚ୍ଚ ଓ ଶ୍ରମରେ ରାସ୍ତା ମରାମତି କଲେ ଗ୍ରାମବାସୀ

ବୌଦ୍ଧ,୭ ।୪(ସମିସ)

ବୌଦ୍ଧ ଜିଲ୍ଲାର ଜଗନ୍ନାଥ ସଡକଠାରୁ ହରଭଙ୍ଗା ବ୍ଲକ୍ ମହାକୁଡପାଲି ଗ୍ରାମକୁ ଯାଇଥିବା ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ହେଉଛି । ଏହା ସତ୍ତ୍ୱେ ପ୍ରଶାସନ ଶୁଣୁନି । ଶେଷରେ ନିଜେ ଗ୍ରାମବାସୀ ରାସ୍ତା ନିର୍ମାଣ କରିଛନ୍ତି । ହରଭଙ୍ଗା ବ୍ଲକ ବିରନରସିଂହପୁର ପଞ୍ଚାୟତର ମହାକୁଡପାଲି ଗ୍ରାମରେ ଶତାଧିକ ପରିବାର ବାସ କରୁଛନ୍ତି । ଗ୍ରାମରୁ ଗେହ୍ଲା ମା' ମନ୍ଦିର ଦେଇ ଜଗନ୍ନାଥ ସଡକ ପର୍ଯ୍ୟନ୍ତ ପ୍ରାୟ ଦେଢ କିଲୋମିଟର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଛି । ଗ୍ରାମବାସୀ ମା'ଙ୍କ ଦର୍ଶନ ଏବଂ



ମହାନଦୀକୁ ଗାଧୋଇ ଯିବାକୁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହି ରାସ୍ତାର ମରାମତି ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ, ଜିଲ୍ଲାପାଳ ଓ ଜନ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ ଦୀର୍ଘ ବର୍ଷ ହେଲା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ନିରାଶ ହୋଇ ଶେଷରେ ଗ୍ରାମବାସୀ ନିଜେ ରାସ୍ତା ମରାମତି କରିବା ଲାଗି ନିଷ୍ପତ୍ତି ନେଇଥିଲେ । ସେହି ଅନୁସାରେ ଗ୍ରାମବାସୀ ପରିବାର ପିଛା ୫ ଶହ ଟଙ୍କା ଆଦାୟ କରି ନିଜେ ଶ୍ରମଦାନ ପୂର୍ବକ ଆଜି ରାସ୍ତା ମରାମତି ଆରମ୍ଭ କରିଛନ୍ତି ।

## ଅଳ୍ପରେ ସାଇବର୍ ଠକେଇରୁ ବର୍ତ୍ତିଗଲେ ଯୁବତୀ

ବରଗଡ଼, ୭ ।୪(ସମିସ): ବରଗଡ଼ ଜଣେ ଯୁବତୀ ଅଳ୍ପକେ ସାଇବର ଠକେଇରୁ ବର୍ତ୍ତି ଯାଇଛନ୍ତି । ଫେସବୁକ ମାଧ୍ୟମରେ ଜଣେ ଯୁବକ ବରଗଡ଼ର ଏହି ଯୁବତୀଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରିଥିଲା । ପ୍ରଥମେ ଗୋଟିଏ ଡ୍ରେସ୍ ତାଙ୍କ ଠିକଣାରେ ପଠାଇ ଅତି ଅଳ୍ପ ଟଙ୍କାରେ ସୁନାଗହଣା ପଠାଇବ ବୋଲି କହିଥିଲା । ଯୁବତୀଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କଠାରୁ ସେ ପ୍ରାୟ ୪୫ ହଜାରରୁ ଅଧିକ ଟଙ୍କା ଠକି ନେଇଥିଲା । ସୁନାଗହଣା ବିମାନରେ ଆସୁଛି । ଏଣୁ ଆଉ ୫ ହଜାର ଟଙ୍କା ପଠାଇବାକୁ କହିଥିଲା । ଏଥିରେ ଯୁବତୀଙ୍କ ସନ୍ଦେହ ହୋଇଥିଲା । ଯୁବତୀ ଘଟଣା



ସମ୍ପର୍କରେ ଶ୍ମଶାନବନ୍ଧୁ ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ଶ୍ରୀମତୀ ପଟେଲ ଅନୁଗୁଳରେ ଥିବା କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ପ୍ରଦୀପ ସାମଲଙ୍କୁ ଫୋନ୍‌ରେ ଏ ନେଇ ଜଣାଇଥିଲେ । ପରେ ଯୁବତୀଙ୍କୁ ସାଙ୍ଗରେ ଧରି ବରଗଡ଼ ସାଇବର ଥାନାରେ ପହଞ୍ଚିଥିଲେ । ସାଇବର ଥାନା ଅଧିକାରୀ ସଞ୍ଜୟ ପରିଡ଼ା ଘଟଣା ବିଷୟରେ ଅବଗତ ହେବା ପରେ ସମ୍ପୃକ୍ତ ଠକର ବ୍ୟାଙ୍କ ଆକାଉଣ୍ଟକୁ ବ୍ଲକ କରାଇବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ । ଏସ୍‌ଆଇ ସଞ୍ଜୋସ ବେହେରା ଏଥିରେ ସହଯୋଗ କରିଥିଲେ ।

## କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

# ଉଜୁଡିଗଲା ଅମଳ ଫସଲ

ଗାଇସିଲେଟ, ୭ ।୪(ସମିସ)

ଅଦିନିଆ ବର୍ଷା ଉଜାଡିଦେଲା ଫସଲ । ଅମଳ ଫସଲ ହରାଇ ଶହ ଶହ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ସେପଟେ ଅଧିକରୁ ଅଧିକ ମୁଗ ସବୁ ଗଜା ହୋଇଯାଇଛି । ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ଧାନ ଚାଷ ପରେ ଖରାଦିନିଆ ପନିପରିବା, ମୁଗ, ବିରି, ତରଭୁଜ ଚାଷ କରିଥିଲେ । ଚଳିତ ଥର ରୋଗପୋକରୁ ନେଇ ବିଭିନ୍ନ ସମସ୍ୟାରୁ ରକ୍ଷା କରି ଚାଷ କରିଥିଲେ ଭଲ ଫସଲ ମଧ୍ୟ ହୋଇଥିଲା । ହେଲେ ଅଦିନିଆ କୁଆପଥର ବର୍ଷା ଯୋଗୁଁ ଅମଳ ସମୟରେ ନଷ୍ଟ ହୋଇଯାଇଛି ।ଏକର ଏକର ଫସଲ ଖଳାରେ ମୁଗ ଆଣି ଶୁଖାଇଥିଲେ । ଅଦିନିଆ ବର୍ଷା ଆସିଲା ସବୁ ଉଜାଡି ଦେଇଗଲା କାଳବୈଶାଖୀ ବର୍ଷାରେ ମୁଗ ସବୁ ଓଦା ହୋଇ ନଷ୍ଟ ହୋଇଗଲା ବିଭିନ୍ନ ପନିପରିବା ଓ ତରଭୁଜ ବଡ଼ ବଡ଼ କୁଆପଥର ମାଡ଼ରେ ମାଟିରେ ମିଶି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା ଆଉ କିଛି ମୁଗ ଗଜା ହୋଇଯାଇଛି



ଅର୍ଥ ଖର୍ଚ୍ଚ କରି ଚାଷୀ ଚାଷ କରିଥିବା ବେଳେ ଏବେ କ୍ଷତିର ଭରଣା କିଭଳି କରିବ ଚାଷୀ ଚିନ୍ତାରେ ପଡ଼ିଛି । ଏନେଇ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, କୃଷି ନିରୀକ୍ଷକ ଉମେଶ ମହାକୁଡ ଚାଣ୍ଟିପାଲି, ଗନିଆପାଲି, ଜାମୁଟପାଲି ପଞ୍ଚାୟତର ବିଭିନ୍ନ ଗ୍ରାମର କ୍ଷେତ୍ର ପରିଦର୍ଶନ କରିଥିଲେ ।

ଗାଇସିଲେଟ ଦାଦନ ପ୍ରବଣ ଅଞ୍ଚଳ କିଛି ସମୟରେ ମରୁଡ଼ି ଯୋଗୁଁ ମଧ୍ୟ ଚାଷୀ ଚିନ୍ତାରେ ପଡ଼ିଥାଏ । ହେଲେ କାଳବୈଶାଖୀ ସାଙ୍ଗକୁ କୁଆପଥର ବର୍ଷା ଦାଉ ସାଧିଛି । ଗାଇସିଲେଟ ବ୍ଲକର ପ୍ରାୟ ୩୦୦ ହେକ୍ଟର ଚାଷଜମି ପ୍ରବାହିତ ହୋଇଥିବା ବେଳେ ଛପର ଓ ଆଜବେଷ୍ଟସ୍

### ଏକର ଏକର ମୁଗ ଓ ବିରି ଚାଷ ନଷ୍ଟ

ଘର ଭାଙ୍ଗି ନଷ୍ଟ ହେବା ସାଙ୍ଗକୁ ଅନେକ ଲୋକ ଆହତ ମଧ୍ୟ ହୋଇଛନ୍ତି । ବିଶେଷ କରି ମହୁଲଫୁଲ, ଚାର ସଂଗ୍ରହ କରି ଲୋକେ ହଜାର ହଜାର ଟଙ୍କା ରୋଜଗାର କରିଥାନ୍ତି ତାହା ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଚାଷରେ କ୍ଷତି ହୋଇଥିବା ଚାଷୀ କିଭଳି ପରିବାର ଚଳାଇବ ଓ ଚାଷୀ କିଭଳି ଋଣ ସୁଝିବ ଚିନ୍ତାରେ ପଡ଼ିଛନ୍ତି । ଚାଷୀଙ୍କୁ ସହଯୋଗ କରିବାକୁ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାହୁ ସରକାରଙ୍କୁ ଦାବି ଜଣାଇଛନ୍ତି ।

## ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ





ବରଗଡ଼, ୭ । ୪(ସମିସ): ସୃଜନଶୀଳତା ବିକାଶରେ କାହାଣୀ ତଥା ଗପର ରହିଛି ପ୍ରମୁଖ ଭୂମିକା । ଶିଶୁମାନଙ୍କ ମଧ୍ୟରେ ଭାଷା, ସାହିତ୍ୟ ପ୍ରତି ଆଗ୍ରହ ତଥା ଭଲପାଇବା ବଢ଼ାଇବା ତଥା ସ୍ଥାନୀୟ ଶିଶୁକଥା/ଗଳ୍ପ/ ଲୋକକଥା ବିଷୟରେ ଛୋଟ ପିଲାଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଓଡିଆ ପକ୍ଷ ପାଳନ ଅବସରେ ରାଜ୍ୟର ସମସ୍ତ ଜିଲ୍ଲା ତଥା ବିଦ୍ୟାଳୟ ସ୍ତରରେ 'ଶିଶୁ କଥା ଦିବସ' କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷିରେ ଆଜି ଜିଲ୍ଲା ପ୍ରଶାସନ ତଥା ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ କଥା ଦିବସ ଓ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ସ୍ଥାନୀୟ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇ ଛୋଟ ଛୋଟ ଗପ ଓ କବିତା କହିବା ପରେ ସମସ୍ତଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ପତ୍ରିକା ପ୍ରଦାନ କରାଯାଇଥିଲା । ବରଗଡ଼ ଜିଲ୍ଲା ମୁଖ୍ୟାଳୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିଲାଙ୍କ ଦକ୍ଷତା ବିକାଶରେ ଶିଶୁକଥା/ଗଳ୍ପ/ ଲୋକକଥାର ମହତ୍ତ୍ୱ ବିଷୟରେ ବୁଝାଇ କହିବା ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଗପ, କବିତା ତଥା ଆଲୋଚନା ଚକ୍ର ମାଧ୍ୟମରେ ପିଲାମାନଙ୍କ ଭିତରେ ସୃଜନଶୀଳତା ବଢ଼ାଇବା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ ଓଡିଆ ଭାଷା, ସାହିତ୍ୟ ଓ ଐତିହ୍ୟର ପ୍ରସାର କରିବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲାଙ୍କ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼.ସୁରେନ୍ଦ୍ର ସାହୁ, ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଡ଼. ସଙ୍ଗୀତା ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିବା ବେଳେ ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ତାହିର ହୁସେନ ଆୟୋଜନ କରିଥିଲେ । ଶକ୍ତି ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ, ହିନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରଙ୍ଗଘର ପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

● ସର୍ବଭାରତୀୟ ନାଟ୍ୟ ମହୋତ୍ସବରେ ଜ୍ଞାନୋଦୟର ସଫଳତା

## 'କିଞ୍ଚିତ ଭୋଗମ' ଶ୍ରେଷ୍ଠ ନାଟକ

ପଦ୍ମପୁର, ୭ ।୪(ସମିସ): ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ସର୍ବଭାରତୀୟ ଆହ୍ୱାନ ରଙ୍ଗ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ, ଝାଡଖଣ୍ଡ, ଆସାମ, ପଶ୍ଚିମବଙ୍ଗ, ତଥା ଓଡ଼ିଶାର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ ତନ୍ମଧ୍ୟରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲାରୁ ଆସିଥିବା 'ଜ୍ଞାନୋଦୟ' କେରାପଦର ବୋଡ଼େନର ନାଟକ 'କିଞ୍ଚିତ ଭୋଗମ' ଶ୍ରେଷ୍ଠ ପ୍ରଯୋଜନା ପୁରସ୍କାର ଲାଭ କରିଛି । ଏହାର ନିର୍ଦ୍ଦେଶକ ରବିରଞ୍ଜନ ପ୍ରଧାନ ଶ୍ରେଷ୍ଠ ନିର୍ଦ୍ଦେଶକ, କେଶରଞ୍ଜନ ପ୍ରଧାନ ଶ୍ରେଷ୍ଠ ନାଟ୍ୟକାର ଏବଂ ଲଛମନ ମହାନନ୍ଦ ଶ୍ରେଷ୍ଠ ସଙ୍ଗୀତ



ନିର୍ଦ୍ଦେଶକ ବିବେଚିତ ହୋଇଛନ୍ତି । ଏହି ନାଟକରେ ଅଭିନୟ କରିଥିବା ହିମାଦ୍ରୀ ମାଝି ଶ୍ରେଷ୍ଠ ଅଭିନେତ୍ରୀ, ରଶ୍ମୀତା ଜଗତ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ଲୁପ୍ତାଞ୍ଜଲି ମାଝି ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ, ପିତାମ୍ବର ଦୀପ ଶ୍ରେଷ୍ଠ ଖଳନାୟକ, ବିଭୂତି ଭୂଷଣ ବିଶି ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଓ କିଶୋର ସେଠି ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ପୁରସ୍କାର ପାଇଛନ୍ତି । ଏହି ଦଳ ସାଂସ୍କୃତିକ ଶୋଭାଯାତ୍ରା 'ରଙ୍ଗ ଜଲୁସ'ରେ ମଧ୍ୟ ପ୍ରଥମ ହେବାର ଗୌରବ ଅର୍ଜନ କରିଛି । ସୂଚନା ଯୋଗ୍ୟ ଯେ ଏହି ନାଟକ ରାଉରକେଲାର ଇସ୍ପାତ ରଙ୍ଗ ମହୋତ୍ସବରେ ସର୍ବାଧିକ ୧୧ଟି ପୁରସ୍କାର ପାଇବା ସହ ସର୍ବଶ୍ରେଷ୍ଠ ନାଟକ ବିବେଚିତ ହୋଇଛି ।

## କ୍ଷତିପୂରଣ ପାଇଁ ତହସିଲଦାରଙ୍କୁ ଫେରାଦ



ଅତାବିରା, ୭ । ୪(ସମିସ): ସୋମବାର ଅପରାହ୍ଣ ଅତାବିରା ବ୍ଲକସାରା ଅଦିନିଆ ବର୍ଷା ସହ ଝଡତୋଫାନ, କୁଆପଥର ମାଡରେ ବ୍ୟାପକ ଫସଲ ନଷ୍ଟ ହୋଇ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ତୁରନ୍ତ ଇନପୁଟ୍ ସହାୟତା ସହ ଫସଲ ବୀମା ପ୍ରଦାନ କରିବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ପକ୍ଷରୁ ଦାବି କରାଯାଇଛି । ସଂଗଠନର ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କେ ରିଚି କୁମାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ବ୍ଲକର ୫୦ ରୁ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ, ପନିପରିବା ଫସଲ ନଷ୍ଟ ହୋଇଥିବାରୁ ତୁରନ୍ତ କ୍ଷୟକ୍ଷତିର ସଠିକ ଆକଳନ କରି ତତ୍କାଳ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି । ଦାବି ପ୍ରଦାନ ସମୟରେ ସଂଗଠନର କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ସମ୍ପାଦକ ସୁରେଶ କର୍ଣ୍ଣ, ବୃନ୍ଦଦେବ ନନ୍ଦ, ଭୁବନ ପ୍ରଧାନ, ହରେରାମ ସ୍ୱାଇଁ, ଭି ଶେଷାଗିନୀ, ବୀରେନ୍ଦ୍ର ପ୍ରଧାନ, ଅମୂଲ୍ୟ ସ୍ୱାଇଁ, କେ ରାମବାବୁ, ଭି କ୍ରିଷ୍ଣା ମୂର୍ତ୍ତି, ସୁବାଷ ବିଶ୍ୱାଳ, ସଂକ୍ରାନ୍ତୀ ଭେଙ୍କଟେଶ୍ୱର ରାଓ, କେ ସତ୍ୟନାରାୟଣ, ବି ପାପାରାଓ ପ୍ରମୁଖ ଉପସ୍ଥିତ ଥିଲେ ।

● ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ୍

## ମାନସ ଇଲେଭେନ ବିଜୟୀ

ଭେଡେନ, ୭ ।୪(ସମିସ): ଭେଡେନସ୍ଥିତ ରଣଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଡେୟାର ଫାଇଟର ଜମଡୋଲ ଓ ମାନସ ଇଲେଭେନ ମଧ୍ୟରେ ହୋଇଥିଲା ।ପ୍ରଥମେ ଡେୟାର ଫାଇଟର ଦଳ ଟସ୍ ଜିତି ମାନସ ଇଲେଭେନକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୧୨ଓଭରେ ୮ଉଇକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା



ଜବାବରେ ଡେୟାର ଫାଇଟର ଡାକ ୯.୫ଓଭରେ ସମସ୍ତ ଉଇକେଟ ହରାଇ ୫୪ରନ ସଂଗ୍ରହ କରିଥିଲା ।ଫଳରେ ୩୫ରନରେ ମାନସ ଇଲେଭେନ ବିଜୟୀ ହୋଇଥିଲା ।ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥି ଭାବରେ ସୁରେନ ନାଇକର ଯୋଗଦାନ କରି ମାନସ ଇଲେଭେନ ଦଳର ଦିଗାନ୍ତ ମେହେରଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଖେଳକୁ ପ୍ରଦୀପ ମେହେର ଓ ଲାଲା ବନଛୋର ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଭାବରେ ଗୁଡୁ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ ।ସ୍କୋର ଭାବରେ ସୂର୍ଯ୍ୟକୁମାର ଦେହେରି ଓ ଏମଡି ରାଜୁ ଦାୟିତ୍ୱ ତୁଲାଇ ଥିଲେ । ଖେଳର ଧରାବିବାରଣୀ ଅଜିତ ଅଗ୍ରୱାଲ ଓ ସିବିଲ ସାହୁ ପ୍ରଦାନ କରିଥିଲେ । ଏଫ୍ସି କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଉପଜିଲ୍ଲାପାଳଙ୍କୁ ଭେଟିଲେ ବରିଷ୍ଠ ନାଗରିକ ସଂଘ



ପଦ୍ମପୁର, ୭ ।୪(ସମିସ): ପଦ୍ମପୁର ଉପଖଣ୍ଡରେ ନୂତନ ଭାବେ ଯୋଗଦାନ କରିଥିବା ଉପଜିଲ୍ଲାପାଳ ହେମସାଗର ଭୋଇଙ୍କୁ ପଦ୍ମପୁରର ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ପଦ୍ମପୁରର ମୌଳିକ ସମସ୍ୟାର ସମାଧାନ ପାଇଁ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟି ରେ ରଖି ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ, ଟ୍ରାଫିକ ସମସ୍ୟାର ସମାଧାନ, ସହରର ପରିମଳ ବ୍ୟବସ୍ଥାର ଉନ୍ନତିକରଣ ଏବଂ ଉପଖଣ୍ଡ ଚିକିତ୍ସାଳୟରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, ନର୍ସିଂ ଅଫିସର ତଥା ଅନ୍ୟାନ୍ୟ ଖାଲି ପଡ଼ିଥିବା ପଦ ପୂରଣ ଉପରେ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଶ୍ରୀ ଭୋଇ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ବରିଷ୍ଠ ନାଗରିକ ସଂଘର ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ସମେତ ସଦସ୍ୟ ସାମାଜିକ କର୍ମୀ ନିରୋଜ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବାସୁଦେବ ଦୋରା, ଦିଲ୍ଲୀପ ସିଂ, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରୀଞ୍ଜୋଲରେ ମନ୍ଦିର ପ୍ରତିଷ୍ଠା

ସୋହେଲା, ୭ ।୪(ସମିସ): ସୋହେଲା ନିକଟସ୍ଥ ସୀମାନ୍ତ ଗ୍ରୀଞ୍ଜୋଲ ଗ୍ରାମରେ ନବ ନିର୍ମିତ ମାଉସୀ ମା ମନ୍ଦିର ଓ ବୁଢାରଜା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପାଞ୍ଚଦିନ ଧରି ଅନୁଷ୍ଠିତ ପ୍ରତିଷ୍ଠା ମହୋତ୍ସବ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମ ସମେତ ପଡୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତବର୍ତ୍ତୀ ଗ୍ରାମର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।ଏହି ଅବସରରେ ବିଭିନ୍ନ ଦିନରେ ଜଳନ୍ଧର ଦରବାର, ପାରାୟଣ, କୃଷ୍ଣଗୁରୁ, ଦଣ୍ଡ ନୃତ୍ୟ, ଅପେରା, ଭଜନ



ସନ୍ଧ୍ୟା ସହ ପ୍ରତ୍ୟହ ହୋମଯଜ୍ଞ, ମିନାବାଜର ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗତକାଲି ସମାପନ ଦିନ ସୁପ୍ରସିଦ୍ଧ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକଙ୍କ କାର୍ଯ୍ୟକ୍ରମରେ ପ୍ରବଳ ଦର୍ଶକଙ୍କ ସମାଗମ ହୋଇଥିଲା । ପାଞ୍ଚ ଦିନ ଧରି ଆୟୋଜିତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ସହଯୋଗ ଏବଂ ଗ୍ରୀଞ୍ଜୋଲ ଗ୍ରାମବାସୀ ସହଯୋଗ କରିଥିଲେ ।

### ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବାର୍ଷିକ ସାଧାରଣ ସଭା

## 'ଫସଲ ବୀମା ଓ ଇନପୁଟ୍ ସହାୟତା ନୀତିର ସରଳୀକରଣ ଦାବି

ବରଗଡ଼, ୭ ।୪(ସମିସ)

ଭାରତ ବର୍ଷରେ ଚାଷୀ ସର୍ବଦା ଶୋଷିତ, ଉପେକ୍ଷିତ । କେତେବେଳେ ସରକାରଙ୍କ ନୀତି ତ ଆଉ କେତେ ବେଳେ ପ୍ରାକୃତିକ ଦୁର୍ବିପାକ ପାଇଁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି । ଗରିବ ଚାଷୀ, ମଜୁରୀଆଙ୍କ କଥା କହୁଥିବା ରାଜନୈତିକ ଦଳ ପୁଞ୍ଜିପତି, ଶିଳ୍ପପତିଙ୍କ ସରକାର ପାଲଟିଛି । ଦେଶରେ ୭୫ ପ୍ରତିଶତ ଚାଷୀ କୃଷି ଉପରେ ନିର୍ଭର କରୁଥିବା ବେଳେ ଏ ବୃହତ ବର୍ଗର ଲୋକ ଅଣଦେଖାର ଶିକାର ହେଉଛନ୍ତି । ୫୦ ପ୍ରତିଶତ ଚାଷୀ ଋଣଗ୍ରସ୍ତ ହୋଇ ଗଲେଣି । ଦେଶର ସମାଜର ଉଚ୍ଚ ବର୍ଗରେ ଥିବା ପୁଞ୍ଜିପତି, ଶିଳ୍ପପତିଙ୍କ ତୁଳନାରେ ତଳ ବର୍ଗରୁ ଚାଷୀ, ଗରିବ ମଧ୍ୟରେ ଅର୍ଥନୈତିକ ତାରତମ୍ୟ, ବୈଷମ୍ୟତା ବଢ଼ିବାରେ ଲାଗିଛି । ଚାଷୀ ନିଜକୁ ଚାଷୀ ବୋଲି କହିବାକୁ କୁଣ୍ଠା କରୁଛନ୍ତି । ଯଦି ଚାଷୀ ନିଜ ନା' ଆଗରେ କିମ୍ବା ପଛରେ ଭୂମିପୁତ୍ର ଲେଖି ସମ୍ମାନ ଓ ଗର୍ବ ସହ ବଞ୍ଚିବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ବାର୍ଷିକ ସାଧାରଣ



ସଭା ସଂଗ୍ରାମର ଚାଷୀ ନେତାମାନେ ମତବ୍ୟକ୍ତ କରିଥିଲେ । ଲାଦରପାଲିସ୍ଥିତ ରାମଚଣ୍ଡୀ କଲ୍ୟାଣମଣ୍ଡ ପରେ ସଂଗଠନର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକର କୃଷକ ସଂଗଠନ ସହ ସମ୍ବଲପୁର ଓ ସୋନପୁର ଜିଲ୍ଲାର ଚାଷୀ ସଂଗଠନ ଯୋଗ ଦେଇ ରଣହୁଙ୍କାର ଦେଇଥିଲେ । ରାଜ୍ୟରେ ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି । ରାଜ୍ୟ ସରକାର ଧାନ କିଣିବାକୁ ଅରାଜି ହେଉଛନ୍ତି । ବଂଶାବଳୀ, ସେଟଲାଇଟ୍ ଆଳରେ ଜମି ପରିମାଣ କାଟିବାକୁ ହୀନ ପ୍ରୟାସ କରୁଛନ୍ତି । ଚାଷୀ ପଞ୍ଜୀକରଣ କରିଥିବା ପ୍ରାୟ୧୪ ହଜାର ଚାଷୀଙ୍କ ଟୋକନ ନଆସିବାରୁ ଧାନ ବିକ୍ରି କରିପାରି ନାହାଁ । ପ୍ରାକୃତିକ ଦୁର୍ବିପାକରେ ସରକାରଙ୍କ ଜଟିଳ ନୀତି ଯୋଗୁଁ ଚାଷୀଙ୍କୁ ଫସଲ ବୀମା କିମ୍ବା ଇନପୁଟ୍ ସହାୟତ ମିଳି ପାରୁନାହିଁ । ଏଣୁ ଏହାର ସରଳୀକରଣ ନ କଲେ ଚାଷୀ ଉପକୃତ ହୋଇ ପାରିବେ ନାହିଁ । ରାଜ୍ୟ ସରକାର ନିକଟରେ ଅନ୍ନପୂର୍ଣ୍ଣା ଯୋଜନା ନା'ରେ ଖାଉଟିଙ୍କୁ ଅଧିକ ୫ କେଜି ଚାଉଳ ଦେବାକୁ ଘୋଷଣା କରିଛନ୍ତି । ହେଲେ ଧାନ କିଣିବାକୁ ରାଜି ହେଉ ନାହାନ୍ତି । ଆଗାମୀ ରବି ଫସଲ ଧାନ ସଂଗ୍ରହ ଜଟିଳ ହେବା ସମ୍ଭାବନା, ଗମ୍ଭୀର ହେବା ଦେଖାଦେଉଛି । ଚାଷୀ ନିଜ ହକ ପାଇଁ ଲଢ଼ିଲେ ସରକାରୀ କଳବଳ ପ୍ରୟୋଗ କରି ରାତି ଅଧିଆ, ମିଥ୍ୟା ମାମଲାରେ ଗିରଫ କରି ଜେଲ ଦଣ୍ଡ ଦେଉଛନ୍ତି । ଆଗାମୀ ରବି ଫସଲରେ ସମସ୍ତ ଚାଷୀଙ୍କ ଟୋକନ ଦେଇ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ ଉଠାଇବାର ସରକାର ବ୍ୟବସ୍ଥା କରନ୍ତୁ ବୋଲି ଦାବି ହୋଇଥିଲା । ଆଗାମୀ ମେ' ମାସ ପ୍ରଥମ ସପ୍ତାହରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ ପରିସୀମାର ବିଭିନ୍ନ ଚାଷୀ ସଂଗଠନ, ଚାଷୀଙ୍କୁ ନେଇ ସମ୍ବଲପୁରରେ ବିରାଟ ଚାଷୀ ସମାବେଶ କରିବାକୁ ସହମତି ପ୍ରକାଶ ପାଇଥିଲା ।ସମ୍ବଲପୁର କୃଷକ ସଂଗଠନର ବ୍ୟମକେଶ ଠାକୁର, ବିପିନ ଭୋଇ, ସୋନପୁରର କୃଷକ ନେତାର ପ୍ରଦ୍ୟୁମ୍ନ ପାଢ଼ୀ, ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ଅଜିତ ଶତପଥି, ଭେ?ନେ ବ୍ଲକରୁ ଉତ୍ପନ୍ନ ଭୋଇ, ବାରପାହାଡ କୃଷକ ସଂଗଠନର ସଭାପତି ଇଶାନ୍ତ ଭୋଇ, ଭଟଲି କୃଷକ ପରିବାର ଥବିର ସାହୁ, କାରଣ ସାହୁ, ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନର ରବି ଶଙ୍କର ପ୍ରଧାନ, ପାର୍ବତୀଗିରି କୃଷକ ସଂଗଠନର ସୁବାଷ ପ୍ରଧନେ, ରାଜବଡାସମ୍ବର କୃଷକ ସଂଗଠନର ସୁବାଷ ସାମନ୍ତ ରାୟ, ପଦ୍ମପୁରର କାହ୍ନୁଚରଣ ମେହେର, ଗାଇସିଲେଟ ବ୍ଲକ କୃଷକ ସଂଗଠନ ସଭାପତି ଅରବିନ୍ଦ ପଣ୍ଡା, ମେଲଛାମୁଣ୍ଡା ଆଞ୍ଚଳିକ କୃଷକ ସଂଗଠର ରତୀକାନ୍ତ, କଳାପାଣିର ସୁରେଶ ମେକେଣ୍ଟି, ଏକାଦଶିଆ ସାହୁ, କୋଶଳ ସେନାର ବିରବଳ ମହାକୁର, ବରପାଲି ବ୍ଲକରୁ ତପନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

● ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

## ମଦ ବୋତଲ ସହ ରାସ୍ତାରୁ ଆବର୍ଜନା ସଫେଇ



ଝାରବନ୍ଧ, ୭ ।୪(ସମିସ): ଝାରବନ୍ଧ ପ୍ରବେଶ ପଥରେ ସ୍ୱାଗତ ବୋର୍ଡ ପାଖରେ ମଦ ବୋତଲ, ପାଉଚ ଓ ଭଙ୍ଗା ଗ୍ଲାସ ଯୋଗୁଁ ସୃଷ୍ଟ ଅସ୍ୱଚ୍ଛ ପରିବେଶ ସମ୍ପର୍କିତ ଖବର 'ସକାଳ'ରେ ପ୍ରସାରଣ ପରେ ପ୍ରଶାସନ ତତ୍ପରତା ହୋଇ ସଫେଇ କାର୍ଯ୍ୟ ଆରମ୍ଭ କରିଛି ।ଏହା ସହ ବସନା ରାସ୍ତାରେ ଅବସ୍ଥିତ ଆବର୍ଜନା କୁଣ୍ଡ ପାର୍ଶ୍ୱରେ ପଡ଼ିଥିବା ଆବର୍ଜନାର ମଧ୍ୟ ସଫେଇ ଜୋରଦାର ଭାବେ ଚାଲିଛି ।ପାଇକମାଳରୁ ଝାରବନ୍ଧକୁ ପ୍ରବେଶ କରୁଥିବା ଯାତ୍ରୀମାନଙ୍କ ପାଇଁ ସ୍ଥାନଟି ଦୀର୍ଘଦିନ ଧରି ଅସ୍ୱଚ୍ଛତାର କେନ୍ଦ୍ରବିନ୍ଦୁ ହୋଇପଡ଼ିଥିଲା । ମୁଖ୍ୟ ରାସ୍ତା କଡରେ ଶହଶହ ଖାଲି ମଦ ବୋତଲ ଓ ପାଉଚ ପଡ଼ି ରହିଥିବାରୁ ଅଞ୍ଚଳର ଛବିକୁ କ୍ଷତିଗ୍ରସ୍ତ କରୁଥିଲା । ଏହାଠାରୁ ଅଧିକ ଚିନ୍ତାଜନକ ବିଷୟ ହେଉଛି, ପାଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବିଦ୍ୟାଳୟ ଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଖରାପ ପ୍ରଭାବ ପଡୁଥିବା ନେଇ ଅଭିଭାବକ ଚିନ୍ତା ପ୍ରକାଶ କରିଥିଲେ ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ସମୟ ଧରି ଏଠାରେ ଅବର୍ଜନା ପଡୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିଲା । ଯାହା ପ୍ରଶାସନୀୟ ଅବହେଳାକୁ ସ୍ପଷ୍ଟ କରୁଥିଲା । ତେବେ ଖବର ପ୍ରସାରଣ ପରେ ପ୍ରଶାସନ ତତ୍କାଳ ପଦକ୍ଷେପ ନେଇ ସଫେଇ ଅଭିଯାନ ଆରମ୍ଭ କରିଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ଭବିଷ୍ୟତରେ ଅବର୍ଜନା ପୁନରାବୃତ୍ତି ରୋକିବା ପାଇଁ ସ୍ଥାୟୀ ବ୍ୟବସ୍ଥା ଓ ନିୟମିତ ସଫେଇ କାର୍ଯ୍ୟକୁ ସୁନିଶ୍ଚିତ କରିବାକୁ ସାଧାରଣ ଲୋକମାନେ ଦାବି କରିଛନ୍ତି ।

# କାଳବୈଶାଖୀରେ ଗଛପଡ଼ି ଭାଙ୍ଗିଲା ଘର



ଅନୁଗୋଳ,୭।୪(ସମିସ): ଅନୁଗୋଳ ବ୍ଲକ୍ ସଦର ଥାନା ଅନ୍ତର୍ଗତ ଶାବଳ ଭଙ୍ଗାରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଗ୍ରାମର ଏକ ପୁରୁଣା ନିମ୍ବଗଛ ଭାଙ୍ଗି ସୁବାସ ଗୋଚ୍ଛାୟତଙ୍କ ଘର ଉପରେ ପଡ଼ିବାରୁ ତାଙ୍କ ଆଜବେଷ୍ଟ ତିଆରି ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆଜି ଅପରାହ୍ଣ ସମୟରେ କାଳବୈଶାଖୀ ସହ କୁଆପଥର ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ପବନ ହେବାରୁ ଅନେକ କ୍ଷୟକ୍ଷତି ହୋଇଛି। କାଳବୈଶାଖୀ ପ୍ରଭାବରେ ଗ୍ରାମରେ ଥିବା ଦୀର୍ଘଦିନର ନିମ୍ବ ଗଛ ଭାଙ୍ଗି ସୁବାସଙ୍କ ଘର ଉପରେ ମାଡ଼ି ବସିଥିଲା। ସୌଭାଗ୍ୟବଶତଃ ଘରୁ ସମସ୍ତେ ବାହାରି ଆସିବାରୁ ବର୍ତ୍ତି ଯାଇଥିଲେ। ଅନ୍ୟପକ୍ଷରେ ବର୍ଷା ଛାଡ଼ିବା ପରେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଦମକଳ ବାହିନୀ ପହଞ୍ଚି ଏହି ନିମ୍ବ ଗଛକୁ କଟର ସାହାଯ୍ୟରେ କାଟି ଘର ଉପରୁ ବାହାର କରିଥିଲେ। ତେବେ ଏଥିରେ ଆଜବେଷ୍ଟ ତିଆରି ଘରଟି ଭାଙ୍ଗି ନଷ୍ଟ ହେବା ସହ ଘର ଭିତରେ ଥିବା ଚାଉଳ ସମେତ ଅନ୍ୟାନ୍ୟ ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଘର ନଥିବାରୁ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## କୁଆପଥର ମାଡ଼ରେ ୨୦ ପରିବାର କ୍ଷତିଗ୍ରସ୍ତ

ବଅଁରପାଳ,୭।୪(ସମିସ): ବଅଁରପାଳ ବ୍ଲକ୍ ଅଞ୍ଚଳରେ ଅଦିନିଆ ବର୍ଷା ସହ କୁଆପଥର ମାଡ଼ରେ ପ୍ରାୟ ୨୦ ପରିବାରଙ୍କ ଆଜବେଷ୍ଟସ୍ ଘର ବ୍ୟାପକ କ୍ଷୟକ୍ଷତି ହୋଇଛି। ସୂଚନା ମୁତାବକ ଆଜି ଅପରାହ୍ଣରେ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଅଚାନକ ଅଦିନିଆ ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। କିନ୍ତୁ ବଅଁରପାଳ ପଞ୍ଚାୟତ ଅଞ୍ଚଳରେ ଭୟାବହ କୁଆପଥର ମାଡ଼ ହେବାରୁ ପଞ୍ଚାୟତର ବଙ୍ଗଳା ସାହି ଓ କଲେଜ ସାହି ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଆଜବେଷ୍ଟସ୍ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଲୋକମାନେ ଗୁରୁତର ଭାବେ ଆହାତ ହୋଇଛନ୍ତି।



## ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ଟ୍ରାଇସାଇକଲ ପ୍ରଦାନ



କିଶୋରନଗର,୭।୪(ସମିସ): କିଶୋରନଗର ବ୍ଲକ୍ ଘୋଷର ଗାଁର ଦିବ୍ୟାଙ୍ଗ ବ୍ୟକ୍ତି ବିଶ୍ୱାମିତ୍ର ସାହୁ ଓ ହରଡ଼ାନାଳୀ ଗାଁର ପୀତାମ୍ବର ବିଶ୍ୱାଳଙ୍କୁ ଆଜି ସମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ ଦ୍ୱାରା ବ୍ୟାଟେରିଚାଳିତ ଟ୍ରାଇସାଇକଲ ପ୍ରଦାନ କରାଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାୟକ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ସରୋଜ ସାହୁ, ବିଏସ୍ଏସ୍ଓ ଝସକେତନ ସାହୁ ପ୍ରମୁଖ ଯୋଗଦେଇ ଏହି ୨ ବ୍ୟକ୍ତିଙ୍କୁ ବ୍ୟାଟେରିଚାଳିତ ଟ୍ରାଇସାଇକଲ ପ୍ରଦାନ କରିଥିଲେ।

## ଇଗ୍ନୋର ୩୯ତମ ଦୀକ୍ଷାନ୍ତ ସମାରୋହ




ଅନୁଗୋଳ,୭।୪(ସମିସ): ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଅନୁଗୋଳ ପ୍ରଥମ ଥର ପାଇଁ ଆଜି ବ୍ଲାକ୍ ଡାଏମଣ୍ଡ, ଅନୁଗୋଳଠାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୩୯ତମ ଦୀକ୍ଷାନ୍ତ ସମାରୋହ ଆୟୋଜନ କରିଛି। ଏହି ଦୀକ୍ଷାନ୍ତ ସମାରୋହ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କ୍ୟାମ୍ପସ୍‌ରେ ବାବା ସାହେବ ଆମ୍ବେଦକର ସଭାଗାରରେ ଆୟୋଜିତ ହୋଇଥିଲା। ସମାନ୍ତରାଳ ଭାବେ ଭାରତର ୫୧ଟି ଆଞ୍ଚଳିକ କେନ୍ଦ୍ରରେ ବି ଏହା ଆୟୋଜିତ ହେଇଥିଲା। ମୁଖ୍ୟ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଉମା କାଞ୍ଜିଲାଲ ପୌରୋହିତ୍ୟ କରିଥିଲେ। ସି ପି ରାଧାକୃଷ୍ଣନ, ଭାରତର ଉପରାଷ୍ଟ୍ରପତି ମୁଖ୍ୟ ଦିଲ୍ଲୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଦିଲ୍ଲୀ ଉପରାଜ୍ୟପାଳ ତରନଜିତ ସିଂ ସିନ୍ଧୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୃତୀ ଶିକ୍ଷାର୍ଥୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନୁଗୋଳ ଠାରେ ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳପତି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ନିଜ ଦୀକ୍ଷାନ୍ତ ଭାଷଣରେ ପ୍ରଫେସର ପଟ୍ଟନାୟକ କୃତୀ ଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଜି ସର୍ବଭାରତୀୟ ସ୍ତରରେ ୩୨୪୮୪୪ ଜଣ ଶିକ୍ଷାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରଯାଇଥିଲା। ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡାଃ ଅଭିଲାଷ ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଏହି ଉତ୍ସବରେ ୧୮୫୩ ଜଣ ଶିକ୍ଷାର୍ଥୀ ଡିଗ୍ରୀ ପାଇବା ସକାଶେ ଯୋଗ୍ୟ ଥିଲାବେଳେ ୮୨ ଜଣ ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସମ୍ମାନିତ ଅତିଥିଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିଥିଲେ।

### ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଉଦ୍‌ବେଗ

## ଡାକ୍ତରଖାନାର ଭିତ୍ତିଭୂମି ଅଭାବ, ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

ତାଳଚେର,୭।୪(ସମିସ): ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ମାନବ ସମ୍ବଳ ଅଭାବ ଯୋଗୁଁ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ସବୁଠି ମାନବ ସମ୍ବଳ ଅଭାବ ରହିଥିବା ପରିଲକ୍ଷିତ ହେଉଛି। କେବଳ ଡାକ୍ତର ନୁହନ୍ତି, ସ୍ୱାସ୍ଥ୍ୟସେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ନର୍ସ, ଫାର୍ମାସିଷ୍ଟ, କିରାଣି, ଆଟେଣ୍ଡାଣ୍ଟ, ଆମ୍ବୁଲାନ୍ସ ଚାଳକ, ଟେକନିସିଆନ୍, ସୁଇପର, ସିକ୍ୟୁରିଟି ଗାର୍ଡ ଅଭାବ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସଭାସମିତି, ପ୍ରଚାର ପ୍ରସାର କରାଯାଉଥିବା ବେଳେ ବିଭିନ୍ନ ଡାକ୍ତରଖାନାରେ ଭିତ୍ତିଭୂମି ଅଭାବ ଚିନ୍ତା କାହାରି ନାହିଁ। ଏହି ଅସୁବିଧା କାରଣରୁ ରୋଗୀମାନେ ବାଧହୋଇ ଅଧିକ ଖର୍ଚ୍ଚାନ୍ତରେ ଘରୋଇ ଚିକିତ୍ସାଳୟକୁ ଦୌଡ଼ୁଛନ୍ତି।

ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ବହୁ ପୁରାତନ ମଣ୍ଡାପାଳ ସରକାରୀ ଡାକ୍ତରଖାନା, ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର, କଳମଛୁଇଁ ସ୍ୱାସ୍ଥ୍ୟକେନ୍ଦ୍ର, କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ର, ଧରମପୁର ଇତ୍ୟାଦି ଡାକ୍ତରଖାନାରେ ଡାକ୍ତର ଥିବା ବେଳେ ଫାର୍ମାସିଷ୍ଟ ନ ଥିବା ଓ କେଉଁଠାରେ ଫାର୍ମାସିଷ୍ଟ ଥିବା ବେଳେ ଡାକ୍ତର ନ ଥିବା ପରିସ୍ଥିତି ଉପୁଜିଛି। ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




## ହେରୋଇନ୍ ଜବତ, ଜଣେ ଗିରଫ

ତାଳଚେର,୭।୪(ସମିସ): ତାଳଚେର ଅବକାରୀ ବିଭଗ ପକ୍ଷରୁ ବହ୍ଲରଛକ ଠାରେ ଚଢ଼ଉ କରାଯାଇ ଜଣେ ବ୍ୟବସାୟୀ ଠାରୁ ୬୫ଗ୍ରାମର ହେରୋଇନ୍ ଜବତ କରାଯାଇଥିବା ବେଳେ ଜଣକୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର ଟାଉନ ଥାନା ଅନ୍ତର୍ଗତ ବହ୍ଲର ଛକ ଠାରେ ଏକ ବାଇକ୍ (ଓଡି୧୯ ଏଏ୧୫୧୬) ଆସୁଥିବା ବେଳେ ତାକୁ ଧରାଯାଇ ଯାଞ୍ଚ କରିବାରୁ ଗାଡିରୁ ୬୫ଗ୍ରାମ ହେରୋଇନ୍ ଜବତ କରାଯାଇଥିଲା। ସେଠାରୁ କୋଲିୟରୀ ଥାନା ଅନ୍ତର୍ଗତ ଘଣ୍ଟପଡ଼ା ଗ୍ରାମର ଅକିନ ଦାସ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ହିରୋଇନର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ଚଢ଼ଉରେ ଏସ୍ଆଇ ମାନସ ରଞ୍ଜନ ପ୍ରଧାନ, ସରୋଜ ସାହୁ, ପୁପୁନା ପ୍ରଧାନ, ଗୌରୀ ଓରାମ ପ୍ରମୁଖ ସାମିଲ ଥିଲେ।



## 'ବିଜ୍ଞାନ ସମ୍ମତ ସହଭାଗୀ ସ୍ୱାସ୍ଥ୍ୟ' ଶୀର୍ଷକ ଆଲୋଚନାଚକ୍ର




କିଶୋରନଗର,୭।୪(ସମିସ): ବିଶ୍ୱ ଯୁବ କେନ୍ଦ୍ର, ବଣିନାଳୀ ଦ୍ୱାରା ସପଘରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ଯୁବ କେନ୍ଦ୍ରର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ସଙ୍ଗୀତା ସାହୁ, ମୁଖ୍ୟ ବକ୍ତା ଭାବେ ଗୋବିନ୍ଦ ଶଙ୍ଖାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ତାଙ୍କ ଅଭିଭାଷଣ ରେ ଔଷଧ,ଟିକା ,ଟୀକାକରଣର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। ଗୋବିନ୍ଦ ଶଙ୍ଖାରୀ ତାଙ୍କ ଅଭିଭାଷଣରେ ପରିବେଶ ଓ ସ୍ୱାସ୍ଥ୍ୟ ପୋଷଣ ଓ ସନ୍ତୁଳିତ ଖାଦ୍ୟ, ଭ୍ରାନ୍ତଧାରଣା ବନାମ ବିଜ୍ଞାନ, ଗୁଜବ କୁ ନ ମାନି ସଠିକ ସମୟରେ ଚିକିତ୍ସା କରାଇବା, ହାତ ଧୋଇବାର ପ୍ରଣାଳୀ ମଧ ଶିକ୍ଷା ଦିଆଯାଇଥିଲା। ଆଗାମୀ ଦିନରେ ସୁସ୍ଥ ଜୀବନଯାପନ ନିମନ୍ତେ ଯୋଗ, ପ୍ରାଣାୟାମ କରିବା ଓ ଜଙ୍କ ଫୁଡ୍ ନ ଖାଇବା ନିମନ୍ତେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ଉଚ୍ଚ ବିଦ୍ୟାଳୟର ୭୫ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଶ୍ୱ ଯୁବ କେନ୍ଦ୍ରର କର୍ମକର୍ତ୍ତା ଅଭୟ ଚରଣ ସ୍ୱାଇଁ, ପୂଜା ସ୍ୱାଇଁ ସହଯୋଗ କରିଥିଲେ।

## କିଶୋରନଗର ମଣ୍ଡଳପକ୍ଷରୁ ପ୍ରତିଷ୍ଠା ଦିବସ

କିଶୋରନଗର,୭।୪(ସମିସ): କିଶୋରନଗର ବିଜେପି ମଣ୍ଡଳ ପକ୍ଷରୁ ସ୍ଥାନୀୟ ସାଧୁପାଳସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ଜିଲ୍ଲା ଏସ୍‌ଟି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ରତ୍ନାକର ପ୍ରଧାନ, ଅଜିତ ପ୍ରଧାନ, ଓସ୍ତାପାଲୀ ସରପଞ୍ଚ ବିଜୟିନୀ ସାହୁ, ଅଖିଳ ପ୍ରଧାନ, ଶରତଚନ୍ଦ୍ର ଦାସ, ଜିତେନ୍ଦ୍ର ସାହୁ, କୁମୁଦ ଚନ୍ଦ୍ର ପ୍ରଧାନ, ଉଦୟ ପ୍ରଧାନ ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବସନ୍ତ ପ୍ରଧାନ, ଜଳଧର ପ୍ରଧାନ, ପ୍ରହ୍ଲାଦ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମେ କମିଟିର ସମସ୍ତ କର୍ମକର୍ତ୍ତାମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ଦୀନଦୟାଲ ଉପାଧ୍ୟାୟ, ଶାମ୍ୟପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଏଥିରେ ମଣ୍ଡଳ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ୧୭ରୁ ଜିଲ୍ଲା ମହୋତ୍ସବ ଆରମ୍ଭ

ଅନୁଗୋଳ,୭।୪(ସମିସ): ଚଳିତ ମାସ ୧୭ ତାରିଖଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଷ୍ଟାଡିୟମଠାରେ ୪ ଦିନ ଧରି ଜିଲ୍ଲା ମହୋତ୍ସବ ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ମହୋତ୍ସବ ପୂର୍ବରୁ ୧୨ ତାରିଖରେ ଏକ ମଶାଲ ଶୋଭାଯାତ୍ରା ଆୟୋଜନ କରାଯିବ। ପାଲଲହଡ଼ାର ଖୁଲୁଡ଼ି ଶୈବ ପୀଠ, ଆଠମଲ୍ଲିକର ଦେଉଳଝରୀ, ଟିକରପଡ଼ାର ନୀଳକଣ୍ଠେଶ୍ୱର ଶିବମନ୍ଦିର ଓ ଛେଣ୍ଡିପଦାର ବାୟାଣୀ ପୀଠରୁ ମଶାଲ ଆସି ବିଭିନ୍ନ ବ୍ଲକ୍ ପରିକ୍ରମା କରି ସେହିଦିନ ତାଳଚେର ମା' ହିଙ୍ଗୁଳାଙ୍କ ପୀଠରେ ଏକତ୍ରିତ ହୋଇ ଶୈଳଶ୍ରୀକ୍ଷେତ୍ର ମନ୍ଦିରଠାରେ ସ୍ଥାପିତ ହେବ। ମହୋତ୍ସବରେ ଜିଲ୍ଲାର କଳାକାରଙ୍କୁ କଳା ପ୍ରଦର୍ଶନ କରିବା ପାଇଁ ଅଧିକ ପ୍ରାଥମିକତା ଦିଆଯିବ। ସେହିପରି ଜିଲ୍ଲା ମହୋତ୍ସବରେ ଜନସାଧାରଣଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେବା ନିମନ୍ତେ ଅଧିକରୁ ଅଧିକ ସ୍ଥାନ ସାଧାରଣ ଲୋକଙ୍କ ପାଇଁ ରଖାଯିବ। କୌଣସି ପାସ୍ ବ୍ୟବସ୍ଥା ରହିବ ନାହିଁ। ଜିଲ୍ଲା ମହୋତ୍ସବ ସମୟରେ କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତା ମଧ ଆୟୋଜନ କରାଯିବ। ସେହିପରି ୬ ଦିନ ଧରି ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଜିଲ୍ଲାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଲୋକକଳା, ହସ୍ତଶିଳ୍ପ ସହିତ ସ୍ୱଦେଶୀ ପଦାର୍ଥର ପ୍ରଦର୍ଶନୀ ତଥା ସ୍ୱଦେଶୀ ମେଳାର ଆୟୋଜନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ



ଅନୁଗୋଳ,୭।୪(ସମିସ): ଅନୁଗୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରେ ତଳମୂଳ ଶାସନ ଗ୍ରାମ ପଞ୍ଚାୟତର ଦେଉଳବନ୍ଧ ମାତେଲିଆ ନାଳ ଉପରେ ୮୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଥିଲେ।

ଏହି ସେତୁ ପାଇଁ ତଳମୂଳ ଶାସନବାସୀ ଦୀର୍ଘ ୩୦ ବର୍ଷ ହେଲା ଦାବି କରିଆସୁଥିଲେ। ଏହି ସେତୁ କାମ ସମ୍ପୂର୍ଣ୍ଣ ହେଲେ ଏହା ତଳମୂଳ ଶାସନ ଠାରୁ ଭୋଲେଶ୍ୱର ମନ୍ଦିର, ଶ୍ମଶାନ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟତ ସମସ୍ୟାର ସମାଧାନ କରିବ। ସେତୁ ନ ଥିବାରୁ ଗ୍ରାମବାସୀ ବହୁ ହଇରାଣ ହରକତ ହେଉଥିଲେ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବଅଁରପାଳ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ୨୮ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, କୁଳାଡ଼ ଟ୍ରକ୍ ମାଲିକ ସଂଘର ସଭାପତି ତଥା ବିଜେପି ନେତା ମନୋରଞ୍ଜନ ଜେନା, ତଳମୂଳ ଶାସନ ଗ୍ରାମ ପଞ୍ଚାୟତର ସରପଞ୍ଚ ଶିବାନୀ ଶତପଥୀ, ଗଡ଼ତଳମୂଳ ସମିତି ସଭ୍ୟା ଅମ୍ରିତା ଜେନା, ୨୮ ନମ୍ବର ଜୋନ୍‌ର ମଣ୍ଡଳ ସଭାପତି ରାଧାକାନ୍ତ ପଟ୍ଟନାୟକ, ତଳମୂଳ ଶାସନ ବିଜେପି ସଭାପତି ସୁଧୀର ତ୍ରିପାଠୀ, ଗଡ଼ତଳମୂଳ ବିଜେପି ସଭାପତି ଅଜିତ ସାହୁ, ବିଜେପି ନେତା ରାହାସ ଦାଶ, ଅଜୟ ସାହୁ, ଅରବିନ୍ଦ ଜେନା, ବରଜୁ ସାହୁ ଓ ଜିତେନ ତ୍ରିପାଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଗୋଳ ନିର୍ବାଚନମଣ୍ଡଳୀର ନୂଆହତାଠାରେ ୬୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମାଣ କରାଯିବାକୁ ଥିବା ଏକ କଲ୍ୟାଣ ମଣ୍ଡପର ଭୂମି ପୂଜନ କରି ଅନୁଗୋଳର ବିଧାୟକ ଶ୍ରୀ ପ୍ରଧାନ ନୂଆହତା ଗ୍ରାମବାସୀଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ସ୍ଥାନୀୟ ବିଡିଓ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ୨୭ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ସରପଞ୍ଚ ରୁନୁବାଳା ଧୀର, ଅଶୋକ ଧୀର, ଦିଲ୍ଲୀପ ରାଉତ, ମହେନ୍ଦ୍ର ଦଳବେହେରା ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ବଅଁରପାଳ ବ୍ଲକ୍ ପରିସରରେ ସୁଭଦ୍ରା ଦିଦି ଫୁଡ୍ କୋର୍ଟର ଶୁଭାରମ୍ଭ କରିଥିଲେ ବିଧାୟକ।

# ଶିକ୍ଷା ସଚେତନତା ପଦଯାତ୍ରା, ଖଡ଼ିଛୁଆଁ କାର୍ଯ୍ୟକ୍ରମ

କଣିହାଁ,୭।୪(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ, ନାମଲେଖା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ 'ଶିକ୍ଷା ସଚେତନତା ରଥ' କଣିହାଁ ବ୍ଲକ୍‌ରେ ପହଞ୍ଚିବା ପରେ ସୋମବାର କଣିହାଁରେ ଭବ୍ୟ ସ୍ୱାଗତ କରାଯିବା ପରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।



ପ୍ରଧାନ, ପଙ୍କଜିନୀ ପ୍ରଧାନ, ମଙ୍ଗୁଲୁ ଚରଣ ସାହୁ, ଅରୁଣ କୁମାର ସାହୁ, ଲଖଣ କୁମାର ପ୍ରଧାନ, ଦୁଃଖବନ୍ଧୁ ସାହୁ ଓ ମୁନା ନାଏକଙ୍କ ସମେତ ବହୁ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବହୁ ଛାତ୍ରଛାତ୍ରୀ ଏହି ପଦଯାତ୍ରାରେ ସାମିଲ ଥିଲେ। ସିଆରସିସି ନୀଳମଣି ବେହେରା, ଗଗନ ଚନ୍ଦ୍ର ନାଏକ, ମାନସ କୁମାର ସାହୁ, ରଞ୍ଜିତା ଦାସ, ଗୌତମ ମାଝୀ, ରଞ୍ଜନ କୁମାର ବେହେରା, ସତ୍ୟବାନ୍ ନାୟକଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ଧରାପଡ଼ିଲେ ବଣ୍ଟି-ବବ୍‌ଲି



ଭୁବନେଶ୍ୱର, ୭।୪(ସମିସ): ବଲିଉଡ଼ ସିନେମା ବଣ୍ଟି ଆଉ ବବଲିଙ୍କ ଷ୍ଟାଇଲ୍‌ରେ ଲୁଟ୍ କରୁଥିବା ଦମ୍ପତିଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁରର ରାକେଶ ରାଉତ (୩୫), ତା ସ୍ତ୍ରୀ ଶ୍ୱେତଲିନା ବେହେରା (୨୭)। ସେମାନଙ୍କଠାରୁ ଚୋରା ସୁନା କିଣୁଥିବା କଟକ ନିଶ୍ଚିତକୋଇଲି ଅଞ୍ଚଳର ଗୋଲେଖ ଚନ୍ଦ୍ର ସଠୁଆ (୬୫)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି।

ପ୍ରକାଶ ଥାଉ କି ରାକେଶ ଓ ଶ୍ୱେତଲିନା ପରସ୍ପରକୁ ସହଯୋଗ କରି ମହିଳାଙ୍କ ଠାରୁ ସୁନା ଲୁଟ୍‌କୁ ଯୋଜନାକୁ ସଫଳ କରୁଥିଲେ। ଏହି ଦମ୍ପତି ଏଭଳି କରି ବହୁ ମହିଳାଙ୍କ ସୁନା ଛିଣ୍ଡାଇ ନେଇଛନ୍ତି। ଅପରାଧ କରିବାକୁ ଦୁହେଁ ସାଙ୍ଗ ହୋଇ ଘରୁ ବାହାରୁ ଥିଲେ। ଭଡ଼ାରେ ବାଇକ୍ ଆଣୁଥିଲେ। ସ୍ତ୍ରୀ ଠଉରିଆ ଭଳି କାହାକୁ ଲୁଟ୍ କରାଯିବ ଟାର୍ଗେଟ ଚିହ୍ନଟ କରୁଥିଲା। ଲୁଟ୍‌ର ଶିକାର ହେବାକୁ ଥିବା ମହିଳାଙ୍କ ସମ୍ପର୍କରେ ଫୋନ୍‌ରେ ସ୍ୱାମୀକୁ ତଥ୍ୟ ଦେଉଥିଲା। ଏହାପରେ ସ୍ୱାମୀ ଲୁଟ୍ କରୁଥିଲା। ସ୍ୱାମୀ ଲୁଟ୍ କରିବା ସମୟ ମଧ୍ୟରେ ସ୍ତ୍ରୀ ଯାଇ ଦୂରରେ ଛିଡ଼ା ହୋଇଯାଉଥିଲା। ସ୍ୱାମୀ ସହ ବସି ଲୁଟ୍ ସୁନା ନେଇ ଏମାନେ ଫେରାର୍ ହୋଇଯାଉଥିଲେ। ଦମ୍ପତି ବାଇକ୍‌ରେ ଯାଉଥିବା ଦେଖି ସେମାନଙ୍କୁ କେହି ଲୁଟେରା ବୋଲି ସନ୍ଦେହ କରୁ ନ ଥିଲେ।

■ ଭଡ଼ା ଗାଡ଼ିରେ ଆସି ଲୁଟୁଥିଲେ ସୁନା
■ ବୟସ୍କ ମହିଳାଙ୍କୁ କରୁଥିଲେ ଟାର୍ଗେଟ୍

ରାଜଧାନୀ ସାରା ଭଡା ବାଇକରେ ବୁଲି ବୁଲି ଝାମ୍ପି ନେଉଥିଲା ସୁନା ଚେନ୍। ଟାର୍ଗେଟରେ ଥିଲେ ବୟସ୍କ ମହିଳା। ପୁଲିସ ଆଖିରେ ଧୂଳି ଦେବା ପାଇଁ ପତ୍ନୀର ସହାୟତା ନେଉଥିଲା। ଭୁବନେଶ୍ୱରରେ କିଛି ମାସ ହେବ ସୁନା ଚେନ୍ ଲୁଟ୍ କରି ମୁଣ୍ଡବିନ୍ଧାର କାରଣ ସାଜିଥିବା ପେସାଦାର ଲୁଟେରା ଶେଷରେ କମିସନରେଟ୍ ପୁଲିସ ହାତରେ ଧରାପଡ଼ିଛି। ଏହି ମାମଲାରେ ମଙ୍ଗଳବାର ଦମ୍ପତିଙ୍କ ସମେତ ୩ ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଗିରଫ କରିଛି ବୋଲି ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି।

ରାକେଶଠାରୁ ୮ଟି ସୁନା ଚେନ୍, କାର୍ ଓ ବାଇକ ଜବତ ହୋଇଛି। ଚନ୍ଦ୍ରଶେଖରପୁର ଥାନାରେ ଗତବର୍ଷ ଡିସେମ୍ବର ୨୪ରେ (ନଂ.୮୬୩/୨୦୨୫) ପଞ୍ଜିକୃତ ମାମଲାରେ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଦିନ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୮ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଗୁଡ଼ିକ ମଧ୍ୟରୁ ଚନ୍ଦ୍ରଶେଖରପୁର ଥାନାରେ ୫ଟି, ନୟାପଲ୍ଲୀ ଥାନାରେ ୨ଟି ଓ ଇନଫୋସିଟି ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟପକ୍ଷରେ ଲୁଟ୍ ଚେନକୁ ପୀଡିତାମାନଙ୍କୁ ଫେରାଇ ଦିଆଯାଇଛି। ତେବେ ପୂର୍ବରୁ ରାକେଶ ଜେଲ ଯାଇଥିବା ବେଳେ ଜାମିନରେ ଆସି ଲୁଟ୍ କରୁଥିଲା।

### ବାଇକର ନମ୍ବର ପ୍ଲେଟ୍‌କୁ ଘୋଡ଼ାଇ ଲୁଟ୍

ଅଭିଯୁକ୍ତ ରାକେଶ ବରମୁଣ୍ଡାସ୍ଥିତ ସାଇ ବାଇକ୍ ରେଣ୍ଟାଲ୍ ଅଫିସରୁ ଭଡାରେ ବାଇକ୍(ୟାମା ଏମଟି-୧୫)କୁ ନେଉଥିଲା। ଏହି ବାଇକରେ ହିଁ ସେ ଭୁବନେଶ୍ୱରରେ ଲୁଟପାଟ୍ କରୁଥିଲା। ସେ ନମ୍ବର ପ୍ଲେଟ୍‌କୁ କପଡ଼ାରେ ଲୁଚାଇ ଦେଉଥିଲା। ଅନେକ ମାମଲାରେ ସିସିଟିଭି ଯାଞ୍ଚ ଓ ମାନବୀୟ ବୁଦ୍ଧିମତ୍ତା ବ୍ୟବହାର କରି ରକେଶକୁ କାବୁ କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ପାନ ଦୋକାନରେ ଲାଗିଲାନି ମନ

୨୦୧୫ ପରେ ରକେଶ ନିଜକୁ ପରିବର୍ତ୍ତନ କରି ଏକ ପାନ ଦୋକାନ ଖୋଲିଥିଲା। ହେଲେ କିଛିମାସ ହେବ ସେ ପତ୍ନୀ ସହ ମିଶି ପୁଣି ଅପରାଧ ଆରମ୍ଭ କରିଥିଲା। ପୁଲିସକୁ ବିଭ୍ରାନ୍ତ କରିବା ପାଇଁ କୌଶଳ ଆପଣାଇଥିଲା। ଚେନ୍ ଲୁଟ୍ କରିବାର କିଛି ଦୂରରେ ପତ୍ନୀକୁ ଛାଡିଦେଉଥିଲା। ଲୁଟ୍ ପରେ ବାଇକରେ ପତ୍ନୀ ସହ ପଳାଉଥିଲା। ୪ଟି ସୁନା ଚେନ୍ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ବରମୁଣ୍ଡା ଶାଖାରେ ବନ୍ଧକ ରଖିଥିଲା। ଯାହା ଜବତ କରାଯାଇଛି। ୨ଟି ସୁନା ଚେନ୍ ଗୋଲେଖ ପାଖରୁ ମଧ୍ୟ ଜବତ କରାଯାଇଛି।

### ଅର୍ଣ୍ଣପୂର୍ଣ୍ଣା ଜୁଏଲର୍ସ ସମ୍ମାରୁ ଝାମ୍ପିଥିଲା ଚେନ୍

ଡିସେମ୍ବର ୨୪ରେ ନୀଳାଦ୍ରି ବିହାରର ସଞ୍ଜୁକ୍ତା ପୃଷ୍ଟିଙ୍କୁ ରକେଶ ଟାର୍ଗେଟ୍ କରିଥିଲା। ସଞ୍ଜୁକ୍ତା ନୀଳାଦ୍ରି ବିହାରସ୍ଥିତ ଅର୍ଣ୍ଣପୂର୍ଣ୍ଣା ଜୁଏଲର୍ସକୁ ଯାଇଥିଲେ। ଜୁଏଲର୍ସ ସାମ୍ନାରେ ସେ ବସିଥିବା ବେଳେ ରକେଶ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇଥିଲା। ଏନେଇ ତାଙ୍କ ପୁଅ ରଞ୍ଜନ କୁମାର ପୃଷ୍ଟି ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା (ନଂ.୮୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ପୁଲିସ ଅଫିସରଙ୍କ ମା'ଙ୍କୁ ବି ଛାଡ଼ି ନ ଥିଲେ

ଗତ ଫେବୃଆରୀ ୧୭ରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ଜଣେ ପୋଲିସ ଅଧିକାରୀଙ୍କ ମା'ଙ୍କ ଠାରୁ ରାକେଶ ସୁନା ଚେନ୍ ଲୁଟ୍ କରିଥିଲା। ଲୁଟ୍‌ର ଶିକାର ହୋଇଥିଲେ ଶକୁନ୍ତଳା ମହାନ୍ତି। ପ୍ରାତଃଭ୍ରମଣ ସାରି ସକାଳ ପ୍ରାୟ ୭ଟା ବେଳେ ସେ ଭିଆଇଏମ ଗଳି ରାସ୍ତା ଦେଇ ଘରକୁ ଫେରୁଥିଲେ। ପଛପାର୍ଶ୍ୱରେ ଏକ ସ୍କୁଟିରେ ରାକେଶ ଓ ତା ସହଯୋଗୀ ତାଙ୍କୁ ପିଛା କରି ଆସି ସୁନା ଚେନ୍ କାଟି ନେଇଯାଇଥିଲା। ଏନେଇ ମାମଲା (ନଂ.୧୪୦/୨୦୨୬) ପଞ୍ଜିକୃତ କରାଯାଇଥିଲା।

## ୩୫ଲକ୍ଷର ବ୍ରାଉନ୍‌ସୁଗର ଜବତ



ଭୁବନେଶ୍ୱର, ୭।୪(ସମିସ): ରାଜଧାନୀରେ ଧଳାଜହର ବିକ୍ରି ଅଭିଯୋଗରେ ଅବକାରୀ ବିଭାଗ କାଳେନ୍ଦ୍ରୀ ଶ୍ରୀଚନ୍ଦନ(୩୪) ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି। କାଳେନ୍ଦ୍ରୀର ଘର ବଡ଼ଗଡ଼ ଥାନା ନିକଟସ୍ଥ କଳିଙ୍ଗାବସ୍ତିରେ ବୋଲି ଜଣାପଡ଼ିଛି। ତା ଠାରୁ ୩୫ ଗ୍ରାମର ଧଳାଜହର ଜବତ ହୋଇଛି। ଗିରଫ କାଳେନ୍ଦ୍ରୀକୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ନାମରେ ଅନେକ ଅପରାଧିକ ମାମଲା ଥିବା ଜଣାପଡ଼ିଛି। ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରୁ ଧଳାଜହର ଆଣି ରାଜଧାନୀରେ ବିକ୍ରି କରୁଥିବା ସମୟରେ ଅବକାରୀ ଟିମ୍ ବଡଗଡ଼ ଥାନା ନିକଟସ୍ଥ ମଇଁଷିଆଖାଲ ବସ୍ତି ଅଞ୍ଚଳରୁ ଅଭିଯୁକ୍ତକୁ କାବୁ କରିବା ସହ ବ୍ରାଉନସୁଗର ଜବତ କରିଥିଲା।

## ବାପପୁଅଙ୍କୁ ମାଡ଼ମାରି ସୁନା ଚେନ୍ ଲୁଟ୍; ଜଣେ ଗିରଫ



ଭୁବନେଶ୍ୱର, ୭।୪ (ସମିସ): ବାପ ପୁଅଙ୍କୁ ମାଡ଼ମାରି ସୁନା ଚେନ୍ ଲୁଟି ନେଇଥିବା ଲୁଟେରାକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଧୁସୂଦନ ନଗର ରାମପୁର ବସ୍ତିର ଯୋଗେଶ ମହାପାତ୍ର (୨୨)।

ପୁଲିସ ସୂଚନାନୁଯାୟୀ, ଗତମାସ ୨୫ ତାରିଖ ରାତି ପ୍ରାୟ ୧୦ଟା ସମୟରେ ରଣବୀର ରାଜନାରାୟଣ ହୋତା ଓ ତାଙ୍କ ବାପା ୟୁନିଟ୍-୪ ମାର୍କେଟ୍‌ରୁ ଘରକୁ ଫେରୁଥିବାବେଳେ ଏକ ମଦ ଦୋକାନ ସାମ୍ନାରେ କିଛି ସମୟ ପାଇଁ ଅଟକିଥିଲେ। ସେହି ସମୟରେ ଯୋଗେଶ ଓ ତା'ର ଦୁଇଜଣ ସହଯୋଗୀ ହଠାତ୍ ସେମାନଙ୍କ ପାଖକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କେହି କିଛି ବୁଝିବା ଆଗରୁ ଯୋଗେଶ ମାଡ଼ ମାରିଥିଲେ। ଯାହା ଫଳରେ ରଣବୀର ରକ୍ତାକ୍ତ ଆଘାତ ପାଇଥିଲେ। ସେତିକିବେଳେ ରଣବୀରଙ୍କ ବେକରୁ ସୁନା ଚେନ୍ ଓ ପକେଟରୁ ହଜାରେ ଟଙ୍କା ଛଡ଼ାଇ ଫେରାର ହୋଇ ଯାଇଥିଲେ। ରଣବୀରଙ୍କ ଅଭିଯୋଗ ଆଧାରରେ ଖାରବେଳ ନଗର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ସକାଳେ ୟୁନିଟ୍-୪ ମାଛ ବଜାରରୁ ଯୋଗେଶକୁ ଗିରଫ କରିବା ସହ ଛିଣ୍ଡା ସୁନା ଚେନ୍ ଜବତ କରିଥିଲା। ଯୋଗେଶ ନାମରେ ପୂର୍ବରୁ ମଧ୍ୟ ସହିଦନଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଠକିଛି କୋଟିଏ ଟଙ୍କା; ଫସିଛନ୍ତି ୧୨



ଭୁବନେଶ୍ୱର, ୭।୪ (ସମିସ): କାହା ଗାଡ଼ି ବିକିଦେବ କହିଛି ତ କାହାକୁ ଗାଡ଼ି କିଣା ଦେବାର ପ୍ରତିଶ୍ରୁତି ଦେଇଛି। ପୁଣି କାହାକୁ ଗାଡ଼ି ବିକିଥିଲେ ମଧ୍ୟ ମାଲିକାନା ବଦଳାଇ ନାହିଁ। ଏଭଳି ଗାଡ଼ି କିଣାବିକା ଆଳରେ କୋଟିଏରୁ ଅଧିକ ଟଙ୍କା ଠକି ନେଇଛି ଧୂର୍ତ୍ତ। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଜଗତସିଂହପୁର ଏରସମା ଥାନା ଅଞ୍ଚଳର ଜଗନ୍ନାଥ ଦାସ (୩୪)।

ପୁଲିସ ସୂଚନାନୁସାରେ, ଜଗନ୍ନାଥ ପୁରୀ ବାଇପାସ୍ ରାସ୍ତାରେ ନାଇସ୍ ମୋଟର ନାମକ ସେକେଣ୍ଡ ହ୍ୟାଣ୍ଡ କାର୍ ଶୋ ରୁମ୍ କରିଛି। ଟଙ୍କପାଣି ରୋଡର ଅନ୍ନଦା ଶଙ୍କର ପଟ୍ଟନାୟକ ଏକ ସେକେଣ୍ଡ ହ୍ୟାଣ୍ଡ କାର କିଣିବା ପାଇଁ ସେଠାକୁ ଯାଇଥିଲେ। ଜଗନ୍ନାଥ ସହ କଥାବାର୍ତ୍ତା ହେବା ପରେ ଗୋଟିଏ କାର ପସନ୍ଦ କରିଥିଲେ। ଅନ୍ନଦା ଗାଡ଼ି ବାବଦକୁ ପ୍ରଥମେ ୭ ଲକ୍ଷ ଟଙ୍କା ଦେଇଥିଲେ। ପରେ ଜଗନ୍ନାଥ ଭଲ ଗାଡ଼ି ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇ କ୍ରେଡିଟ୍ କାର୍ଡ ମାଧ୍ୟମରେ ୪ ଲକ୍ଷ ୯୨ ହଜାର ୨୬୦ ଟଙ୍କା ଅଧିକ ନେଇଥିଲା। ଏହାସହିତ ମାଲିକାନା ପରିବର୍ତ୍ତନ ପାଇଁ ମଧ୍ୟ ୬ ହଜାର ଟଙ୍କା ମଧ୍ୟ ନେଇଥିଲା। ଜଗନ୍ନାଥ ମୋଟ ୧୧ ଲକ୍ଷ ୯୮ ହଜାର ୨୬୦ ଟଙ୍କା ନେବା ପରେ ଅନ୍ନଦାଙ୍କୁ ଗାଡ଼ି ହସ୍ତାନ୍ତର କରିଥିଲା। କିନ୍ତୁ ସେହି ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ଗାଡି ଓ ତାହାର ମାଲିକାନା ସଠିକ ଭାବରେ ପରିବର୍ତ୍ତନ ହୋଇନଥିବା ଅନ୍ନଦା ଜାଣିବାକୁ ପାଇଥିଲେ। ତେଣୁ ସେ ଅଭିଯୁକ୍ତଙ୍କୁ ଗାଡ଼ିଟି ଫେରାଇ ଦେଇ ତାଙ୍କ ଟଙ୍କା ଫେରସ୍ତ ଦେବାକୁ ଦାବି କରିଥିଲେ। ହେଲେ ଜଗନ୍ନାଥ ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଥିଲା। ଏନେଇ ଅନ୍ନଦା ୨୦୨୪ ଜୁଲାଇ ମାସରେ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ହସ୍ତକ୍ଷେପ କରିବାରୁ ଜଗନ୍ନାଥ ୬ ଲକ୍ଷ ୧୦ ହଜାର ଟଙ୍କା ଫେରାଇଥିଲା। ହେଲେ ଅବଶିଷ୍ଟ ୫ ଲକ୍ଷ ୯୦ ହଜାର ଟଙ୍କା ଆଉ ଫେରାଇ ନଥିଲା। ଫଳରେ ଅନ୍ନଦା ପୁଣିଥରେ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଜଗନ୍ନାଥକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ତେବେ ଜଗନ୍ନାଥ କେବଳ ଅନ୍ନଦାଙ୍କୁ ନୁହେଁ, ବରଂ ଏକାଧିକ ଲୋକଙ୍କୁ ଠକିଥିବା କଥା ତଦନ୍ତ ବେଳେ ସାମ୍ନାକୁ ଆସିଛି। ଜଗନ୍ନାଥ ଗାଡ଼ି ବିକିବାକୁ ଚାହୁଁଥିବା ମାଲିକମାନଙ୍କୁ ଯୋଗାଯୋଗ କରିବା ପରେ ଅଳ୍ପ ଟଙ୍କା ଦେଇ ଗାଡ଼ି ନେଇ ଆସୁଥିଲା। ବାକି ଟଙ୍କା ବିକ୍ରି କରିବି ପରେ ଦେବ ବୋଲି କହୁଥିଲା। ଅନୁରୂପ ଭାବେ, ସେହି ଗାଡ଼ିକୁ ବିକ୍ରି କରି କ୍ରେତାଙ୍କ ଠାରୁ ସମ୍ପୂର୍ଣ୍ଣ ଟଙ୍କା ନେଇ ଆସୁଥିଲା। ହେଲେ ଗାଡ଼ି ମାଲିକଙ୍କୁ ଟଙ୍କା ଦେଉନଥିଲା କି ମାଲିକାନା ମଧ୍ୟ ବଦଳାଉ ନଥିଲା ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ପ୍ରାୟ ୧୨ରୁ ଅଧିକ ଲୋକ ଜଗନ୍ନାଥର ଜାଲରେ ପଡ଼ିଥିବା ବେଳେ ସେ କୋଟିଏରୁ ଅଧିକ ଟଙ୍କା ଠକି ନେଇଛି। ଜଗନ୍ନାଥ ଜଣେ ଅଭ୍ୟାସଗତ ଠକ ହୋଇଥିବା ବେଳେ ତା' ନାମରେ ବଡ଼ଗଡ଼ ଥାନାରେ ଆହୁରି ୪ଟି ଠକେଇ ମାମଲା ରହିଥିବା ଜଣାପଡ଼ିଛି।

## ମେଟ୍ରୋ ପ୍ରକଳ୍ପ ବାତିଲ୍; ବିଜେଡିର ପ୍ରତିବାଦ

ଭୁବନେଶ୍ୱର, ୭।୪(ସମିସ): ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ ସରକାର ବାତିଲ କରିବା ନିଷ୍ପତ୍ତିକୁ ନେଇ ମଙ୍ଗଳବାର ପ୍ରବଳ ପ୍ରତିବାଦ କରିଛି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେଡି। ମାଷ୍ଟର କ୍ୟାଣ୍ଟିନ ଛକରେ ବିଜେଡିର ନେତାମାନେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ମେଟ୍ରୋ ରେଳ ପ୍ରକଳ୍ପ ପୁନର୍ବାର ଆରମ୍ଭ କରିବା ପାଇଁ ଦାବି ଜଣାଇଛନ୍ତି। ମେଟ୍ରୋ ପ୍ରକଳ୍ପ ବାତିଲ ନିଷ୍ପତ୍ତି ବିଜେପି ସରକାରଙ୍କ ହୀନମନ୍ୟତାର ପରିଚୟ ଅଟେ। ରାଜ୍ୟ ବିଜେପି ସରକାର ମେଟ୍ରୋ ରେଳ ପ୍ରକଳ୍ପକୁ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା ଅଭିଯୋଗ କରିଛନ୍ତି।




ମୁଖ୍ୟମନ୍ତ୍ରୀଙ୍କର କୁଶ ପୁତ୍ତଳିକା ଦାହ, ମେଟ୍ରୋ ପ୍ରକଳ୍ପ ପୁନଃ ଆରମ୍ଭ ଦାବି

ମଙ୍ଗଳବାର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ସଭାପତି ଶ୍ରୀ ପଣ୍ଡାଙ୍କ ନେତୃତ୍ୱରେ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଯୁବ ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖଙ୍କ ନେତୃତ୍ୱରେ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଭାରତୀ ସିଂ, କେ ଶାନ୍ତି, ମହାମାୟା ସ୍ୱାଇଁ, ଶିବପ୍ରସାଦ ବେହେରା, ପ୍ରତିନନ୍ଦା ରାଉତରାୟ, ଛବି ଦାସ, ସନ୍ତୋଷ ସିଂହ, ସରପଞ୍ଚ ବିକ୍ରମ ସେଠୀ, ବର୍କତ ତୁଲ୍ଲା, ଦୁର୍ଗାକ୍ଷ ସାମନ୍ତରାୟ, ସୋଲାର ମିଶ୍ର, ସଞ୍ଜୟ ସେଠୀ, ଚନ୍ଦ୍ରକାନ୍ତ ସାହୁ, ବିଜୟ ଗୋଛାୟତ, ଶିବ ନାରାୟଣ ରାୟ, ମିହିର ରାଉତ, ମୋନାଲିସା ବେହେରା, ଜୟନ୍ତୀ ସାହୁ, ଭୋଳାନାଥ ମହାରଣା, ସବ୍ୟସାଚୀ ସାହୁ, ପ୍ରେମାନନ୍ଦ ଜେନା, ପ୍ରଭାସିନୀ ମହାନ୍ତି, ଡ଼. ସନ୍ତୋଷ ବେଜ୍, ଶେଖ ଅମିର, ଅଶୋକ ବେହେରା, ଅଚ୍ୟୁତ ସ୍ୱାଇଁ, ବିପ୍ଳବ ବେହେରା, ବାସନ୍ତୀ ସିଂହ, ଦାଶରଥି ନାୟକ, ଆଲୋକ ପାଣିଗ୍ରାହୀ, ସୁସ୍ମିତା ଦାସ, ଚଗଲା ଜେନା, ମିଟୁ ପରିଡ଼ା, ସୁଧାକର ମାଝୀ, ଶ୍ରୀଧର ବେହେରା, ସୁବ୍ରତ ଦାସ, ଇଲା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସାହୁ, ଗଗନ ପଣ୍ଡା, ମନୋରଞ୍ଜନ ଦାସ, ତୁଷାର ଦାସ, ମୁଜାହିଦ୍ ହୁସେନ, ଅଶ୍ୱିନୀ ସୁନ୍ଦରାୟ, ସୁଜିତ୍ ସ୍ୱାଇଁ, ରୁନୁ ଜେନା, ରାଜେଶ ପତ୍ର, ରଞ୍ଜୁଲତା ରାୟ, ଅଲ୍ଲୀ ଅଳି ମଲ୍ଲିକ, ରାଜକିଶୋର ଦାସ, ଆସିୟା ବେଗମ, ନବ କିଶୋର ବେହେରା, ଭରତ ଲେଙ୍କା, ପୁଷ୍ପା ରାଉତ, ସମିତା ମହାନ୍ତି, ପୁଷ୍ପାଞ୍ଜଳି ସେଠୀ, ଜୟନ୍ତି ସାହୁ ଝରଣା ରାଣୀ ପତି, ପଦ୍ମଜା ପ୍ରିୟଦର୍ଶିନୀ ଜେନା, ସାଗର ବଳବନ୍ତରାୟ, ମିଳନ ପାଇକରାୟ, ସମରେନ୍ଦ୍ର ଜେନା, ଅଶୋକ ଜେନା, ଆଶିଷ ପଟ୍ଟନାୟକ, କବିତା ସ୍ୱାଇଁ, ରମାନାଥ ବଳିଆରସିଂ, ବିଜୁ ଜନତା ଦଳର ବରିଷ୍ଠ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, ବରିଷ୍ଠ ଉପଦେଷ୍ଟା ଚିନ୍ମୟ ମହାନ୍ତି, ଦିଲ୍ଲୀପ କୁମାର ଜେନା, ପୂର୍ବତନ କର୍ପୋରେଟର ସେକ୍ ନିଜାମ ଉଦ୍ଦିନ, ନିହାର ରଞ୍ଜନ ସ୍ୱାଇଁ ବିଜୁ ମହିଳା ଜନତା ଦଳର ସେକ୍ରେଟାରୀ ପାୟଲ ପଲ୍ଲବୀ, ସେକ୍ରେଟାରୀ ବବିତା ମହାନ୍ତି, କେଦାର ଭାଇ, ବିଜୁ ଜନତା ଦଳର ଜେନେରାଲ ସେକ୍ରେଟାରୀ ପରୱା ପରବିନ, ବିକ୍ରମ ରେଡ୍ଡୀ, ଏନ ଏମ୍ ରାଓ, ପ୍ରସନ୍ନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

● ଆଜାଦ ନଗର ବୋମାମାଡ଼ ମାମଲା

## ଏନ୍‌ଆଇଏର ତଦନ୍ତ ଆରମ୍ଭ, ଘର ମାଲିକଙ୍କୁ ପଚରାଉଚରା

ଭୁବନେଶ୍ୱର, ୭।୪(ସମିସ): ଏୟାରଫିଲ୍ଡ ଆଜାଦ ନଗର ବୋମାମାଡ଼ ମାମଲାରେ ତଦନ୍ତ ଆରମ୍ଭ କଲା ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ। ବଛା ବଛା ଅଧିକାରୀଙ୍କୁ ନେଇ ଏନ୍‌ଆଇଏ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍ ପ୍ରାରମ୍ଭିକ ପର୍ଯ୍ୟାୟରେ ଏୟାରଫିଲ୍ଡ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛି। ଏହା ସହ ବୋମା ବିସ୍ଫୋରଣ ସମ୍ପର୍କରେ ତଥ୍ୟ ହାସଲ କରିଥିଲା। ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ସେହେନୱାଜ ମଲ୍ଲିକ ଓରଫ ମଫିର ତଦନ୍ତରେ କେତେଦୂର ଆଗେଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ କିଏ ରହିଛନ୍ତି। ଏସମ୍ପର୍କରେ ପଚରାଉଚରା କରାଯାଇଛି। ସେହିପରି ଏନ୍‌ଆଇଏ ଟିମ୍ ଘର ମାଲିକଙ୍କୁ ମଧ୍ୟ ମଫି ସମ୍ପର୍କରେ ପଚରା ଉଚରା କରିଥିବା ନେଇ ସୂଚନା ମିଳିଛି। ସୂଚନାଯୋଗ୍ୟ ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗର ଅଞ୍ଚଳରେ ଏକ ବିଲ୍ଡିଂ ଛାତ ଉପରେ ମଫି ଏବଂ ତାର ସହଯୋଗୀ ବୋମା ଭିଡୁଥିଲା ବେଳେ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ୪ଜଣ ଆହାତ ହୋଇଥିଲେ। ମଫି ଏବଂ ତାର ମା ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମଫିର ଅନ୍ୟ ଜଣେ ସହଯୋଗୀ ଏବଂ ତାର ମହିଳା ବନ୍ଧୁ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ଆର୍‌ଡ଼ିଏକ୍ସରେ ବ୍ୟବହୃତ ସାମାଗ୍ରୀ ବିସ୍ଫୋରଣ ସ୍ଥଳରୁ ମିଳିବା ପରେ ଏନ୍‌ଆଇଏ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା।

## ୧୦ରୁ ଓଡ଼ିଆ ମହୋତ୍ସବ

ଭୁବନେଶ୍ୱର, ୭।୪(ସମିସ): 'ସମ୍ଭାବନା' ପକ୍ଷରୁ ଆୟୋଜିତ ଓଡ଼ିଆ ମହୋତ୍ସବ ଆସନ୍ତା ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ଏକାମ୍ର ହାଟରେ ଅନୁଷ୍ଠିତ ହେବ। ସେହିପରି ଚାରିବର୍ଷର ବିରତି ପରେ ଚଳିତ ଥର ପୁନର୍ବାର 'ଓଡିଆ ମହୋତ୍ସବ ସମ୍ମାନ' ପ୍ରଦାନ କରାଯିବ। ଗୁରୁ ରାମହରି ଦାସ, ଗୁରୁ ଦେବବ୍ରତ ଦାସ, ସାହିତ୍ୟରେ ସୁଷମା ମିଶ୍ର, ବିଚ୍ଛିନ୍ନାଞ୍ଚଳରେ ଓଡିଆ ଭାଷା ପାଇଁ ସଂଘର୍ଷରତ ନନ୍ଦୁ କୁମାର ପାଣ୍ଡେ ଓ ସାମାଜିକ ଗଣମାଧ୍ୟମରେ ଓଡିଆତ୍ୱର ପ୍ରଚାର ପ୍ରସାର ପାଇଁ ଅନ୍ତରଙ୍ଗ କଳିଙ୍ଗ ଫାଉଣ୍ଡେସନ୍‌କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ହୋଟେଲ ଓ' କରିମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଆୟୁଷ ନିର୍ଦ୍ଦେଶାଳୟର ବିଚିତ୍ର ନୀତି

# ଯାହା ବିରୋଧରେ ଅଭିଯୋଗ; ସେ କରିବ ତଦନ୍ତ

ଭୁବନେଶ୍ୱର, ୭।୪(ସମିସ): ଭୁବନେଶ୍ୱର ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥି କଲେଜ ଏବଂ ହସ୍ପିଟାଲରେ ପରିଚାଳନା ଗତ ଅବ୍ୟବସ୍ଥାକୁ ନେଇ ଆରମ୍ଭ ହୋଇଛି ଜୋରଦାର ତନାଘନା। ହସ୍ପିଟାଲରେ ପରିସ୍ଥିତି ଏଭଳି ସ୍ତରକୁ ପହଞ୍ଚିଲାଣି ଯେ ହୋମିଓପାଥି ଔଷଧ ପ୍ରଦାନ କରାଯାଉଥିବା ସିସି ଏବଂ ଠିପି କିଣାରେ ବି ଅନିୟମିତା ଦେଖାଦେଲାଣି। 'ସକାଳ'ରେ ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଇବା ପରେ ଆୟୁଷ ନିର୍ଦ୍ଦେଶାଳୟର ଚେତା ପଶିଛି। ବିଭାଗ ପକ୍ଷରୁ ପରିଚାଳନାଗତ ଅବ୍ୟବସ୍ଥାକୁ ନେଇ ଦିଆଯାଇଛି ତଦନ୍ତ ନିର୍ଦ୍ଦେଶ। ଗୋଟିଏ ଦିନ ମଧ୍ୟରେ ଅଭିଯୋଗର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କଲେଜ ଅଧ୍ୟକ୍ଷାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

■ ହୋମିଓପାଥି ଔଷଧ ସିସି ଆଉ ଠିପି ଯୋଗାଣରେ ଅନିୟମିତତା
■ ଆୟୁଷ ବିଭାଗର ଟିମ୍ ହସ୍ପିଟାଲ ବୁଲିଲା, ଆସିଲା ମାଳମାଳ ଅଭିଯୋଗ

ତେବେ ଆୟୁଷରେ ନିର୍ଦ୍ଦେଶାଳୟରେ ଏଭଳି ନିର୍ଦ୍ଦେଶ ଦେଉଥିବା ବଡ଼ ବାବୁମାନେ କେବଳ କଲେଜ କର୍ତ୍ତୃପକ୍ଷଙ୍କୁ ବଞ୍ଚାଇଲା ଭଳି କାମ କରୁଥିବା ଭଳି ଦେଖାଯାଉଛି। କାରଣ ଏଠାରେ ପ୍ରଶ୍ନ ଉଠୁଛି କଲେଜର ଯେଉଁ କାର୍ଯ୍ୟକାରୀ ଅଧ୍ୟକ୍ଷାଙ୍କ କାର୍ଯ୍ୟକାଳ ସମୟରେ ଏଭଳି ସମ୍ବେଦନଶୀଳ ଅଭିଯୋଗ ଆସିଛି ତାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସେ ହିଁ କଲେଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଗୁଡ଼ିକର ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। କିଏ କଣ ପାଇଁ ନିଜ କାର୍ଯ୍ୟକାଳ ଭିତରେ ଚାଲିଥିବା ଅନିୟମିତତା କିମ୍ବା ପରିଚାଳନାଗତ ଅବ୍ୟବସ୍ଥାର ସଠିକ ରିପୋର୍ଟ ପ୍ରଦାନ କରିବ। ଏଭଳି କରି ଆୟୁଷ ନିର୍ଦ୍ଦେଶାଳୟ କାହାକୁ ବଞ୍ଚାଇବାକୁ ଉଦ୍ୟମ କରୁଛି। ଏଭଳି ଲୋକ ଦେଖାଣିଆ ତଦନ୍ତରେ କେତେ ସ୍ୱଚ୍ଛତା ରହିବ ଏଥିରୁ ସାଧାରଣରେ ଅନୁମାନ କରାଯାଇ ପାରେ।



ଅନ୍ୟପକ୍ଷରେ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଟିମ୍ ହସ୍ପିଟାଲ ପରିଦର୍ଶନରେ ଆସିଥିଲେ। ହୋମିଓପାଥି ଯୁଗ୍ମ ନିର୍ଦ୍ଦେଶକ ଭରତ ଭୂଷଣ ଦାଶ ଏବଂ ଆୟୁରବେଦର ଯୁଗ୍ମ ନିର୍ଦ୍ଦେଶକ ରାମ ଚନ୍ଦ୍ର ବେହେରା ହସ୍ପିଟାଲ ବୁଲିଥିଲେ। ସେମାନେ ଅପରାହ୍ଣରେ ହସ୍ପିଟାଲ ଭିତରେ ପ୍ରବେଶ କଲେ। ହସ୍ପିଟାଲ ସିନିୟର ମେଡ଼ିକାଲ ଅଫିସର ପ୍ରତାପ ଦାସଙ୍କୁ ସାଙ୍ଗରେ ଧରି ହସ୍ପିଟାଲର ଏକାଧିକ କର୍ମଚାରୀଙ୍କ ସହ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏହା ପରେ ଯେଉଁ ଆଡେ ଗଲେ, ଆଉ ଯାହାକୁ ପଚାରିଲେ ଖାଲି ମାଳ ମାଳ ଅଭିଯୋଗର ଲମ୍ବା ଚିଠା ପାଇଲେ। କେତେବେଳେ ଔଷଧ ମିଳୁ ନାହିଁ। ଅଧିକାଂଶ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ସିସି ଏବଂ ଠିପି ଖରାପ ପଡୁଛି ବୋଲି ଦେଖିବାକୁ ପାଇଲେ। ତେବେ ସିସି ଯୋଗଉଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବା ବଦଳରେ ଏଥର ହସ୍ପିଟାଲରେ ସିସି ଚେକ୍ କରିବାକୁ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ନିଷ୍ପତ୍ତି ହୋଇଛି। ଏହି କର୍ମଚାରୀ ଜଣଙ୍କ ସିସି ଏବଂ ଠିପି ଠିକ୍ ରହିଛି କି ନାହିଁ ସେଗୁଡ଼ିକ ଯାଞ୍ଚ କରାପରେ ରୋଗୀଙ୍କୁ ଔଷଧ ଦେବେ। ଆୟୁଷ ଟିମ୍‌ର ଏଭଳି ନିଷ୍ପତ୍ତିକୁ ସାଧାରଣରେ ସମାଲୋଚନା କରାଯାଇଛି।

### ତଦନ୍ତ ଆଳରେ ଦୋଷ ଲୁଚାଇବାକୁ ଉଦ୍ୟମ

ରୋଗୀଙ୍କ ଔଷଧକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବେପରୁଆ ବ୍ୟବହାରକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୁରୁତର ସହ ନେଇଥିବା ଜଣାପଡ଼ିଛି। ଏଣୁ ଏହାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଥିଲା ବେଳେ ହସ୍ପିଟାଲ କର୍ତ୍ତୃପକ୍ଷ କିନ୍ତୁ ଏହି ମାମଲାକୁ ଚାପିବାକୁ ପ୍ରାଣପଣେ ଉଦ୍ୟମ ଆରମ୍ଭ କରିଛନ୍ତି। ଶହେ ରୋଗୀଙ୍କୁ ଔଷଧ ଦେଲା ବେଳେ ମାତ୍ର ୮ ଜଣ ଠିପି ଖରାପ ରହୁଛି ଯାହାଫଳରେ ଔଷଧ ଢାଳି ଯାଉଛି। ଏଣିକି ମାମଲାକୁ ଗୁରୁତର ସହ ନିଆଯିବ। ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇ ଆୟୁଷ ବିଭାଗ ହସ୍ତାନ୍ତର କରାଯିବ ବୋଲି ମସୁଧା ଆରମ୍ଭ ହୋଇଛି। ହସ୍ପିଟାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଠିପି ଏଣିକି ଯାଞ୍ଚ କରାଯାଇ ରୋଗୀଙ୍କୁ ଦିଆଯିବ। ଏହାସହ ପୂର୍ବରୁ ହୋମିଓପାଥି ଗୁଳି ଖରାପ ଥିବା ନେଇ ସେ ସ୍ୱୀକାର କରିଥିଲେ। ଏବେ ନୂଆ ଗୁଳି ଆସିଗଲାଣି ଏଣୁ ଏହି ସମସ୍ୟା ଠିକ୍ ହୋଇଯାଇଛି ବୋଲି ସେ କହିଛନ୍ତି।

● ସ୍କୁଟି ଉପରେ ମାଡ଼ିଗଲା ହାଇୱା; ଜଣେ ମୃତ

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରେ

ଦାନଗଦି,୭।୪(ସମିସ): ଡୁବୁରୀ- କେନ୍ଦୁଝର ୭୨୦ ନଂ ଜାତୀୟ ରାଜପଥର ଡୁବୁରୀ ହାଟ ନିକଟରେ ଆଜି ସକାଳେ ଏକ ସ୍କୁଟି ଉପରେ ଅନ୍ୟ ଏକ ଟିପ୍ପ ବୋଝେଇ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଡୁବୁରୀ ଗ୍ରାମର ବିଜୟ ସ୍ୱାଇଁ (୬୦)। ଘଟଣା ପରେ ସ୍ଥାନୀୟ ଲୋକେ ଓ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିକରି ରାସ୍ତା ଉପରେ ଟାୟାର ଜାଳି ଅବରୋଧ କରିଥିଲେ। ଦୀର୍ଘ ୬ ଘଣ୍ଟା ଧରି



ରାଜପଥ ଅବରୋଧ ରହିବା ଫଳରେ ଡୁବୁରୀ ଠାରୁ ନଡ଼ିଆଭଙ୍ଗା ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ମାଲବାହୀ ଗାଡି ଠିଆ ହୋଇରହିଥିଲା। ଖବର ପାଇ କଳିଙ୍ଗନଗର ପୁଲିସ ଓ ସୁକିନ୍ଦା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଆଲୋଚନା ହୋଇଥିଲା। ଆଲୋଚନାରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୨୫ ହଜାର ଓ ଗାଡି ମାଲିକ ୨୦ ହଜାର ଟଙ୍କା ଶୁଦ୍ଧିକ୍ରିୟା ପାଇଁ ଦେବା ସହ ଇନ୍‌ସୁରାନ୍ସ ବାବଦକୁ ଯାହା ମିଳିବ ପ୍ରଦାନ କରିବାକୁ ସହମତି କରିଥିଲେ। ଫଳରେ ରାସ୍ତା ଅବାରୋଧ ହଟିଥିଲା। ପୁଲିସ କେସ ନମ୍ବର ୯୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠେଇବା ସହ ଦୁର୍ଘଟଣା ଘଟଇଥିବା ହାଇୱା ଓ ସ୍କୁଟି ଗାଡ଼ିକୁ ଜବତ କରିଛି। ଘଟଣା ପରେ ଗାଡ଼ିର ଡ୍ରାଇଭର ଫେରାର ଅଛି।

## କଲେଜରେ ସ୍ୱଚ୍ଛତା ଅଭିଯାନ

ବଡଚଣା,୭।୪(ସମିସ): ବଡ଼ଚଣା ବ୍ଲକ୍ ସ୍ଥିତ ବାବା ଭୈରବା ନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ବ୍ୟୁରୋ, ଉଚ୍ଚ ମାଧ୍ୟମିକ ପରିଷଦ ଭୁବନେଶ୍ୱର ଓଡ଼ିଶା ଅନୁକୂଲ୍ୟରେ ପାଞ୍ଚ ଦିନ ଧରି ସ୍ୱଚ୍ଛତା ଅଭିଯାନ ଏବଂ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ଅଭିଯାନରେ କଲେଜ ପରିସର ଛାତ୍ରୀ ନିବାସ ପରିସର, କଲେଜ ଓ ଶ୍ରେଣୀ



ଗୃହମାନ ସଫେଇ ହୋଇଯାଇଛି, ସଫେଇ ପାଇଁ ଛାତ୍ରୀମାନଙ୍କର ଅନେକ ଅବଦାନ ରହିଛି ତଥା ଚାରିଜଣ କର୍ମଚାରୀଙ୍କୁ ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ପଣ୍ଡାଙ୍କ ଦ୍ୱାରା ସଫେଇ କାର୍ଯ୍ୟରେ ନିଯୁକ୍ତ କରାଯାଇଥିଲା। ଏଥିରେ କଲେଜ ଅଧକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରୋଗ୍ରାମ୍ ଅଫିସର ଶର୍ମିଷ୍ଠା ପଣ୍ଡା, ପ୍ରୋଗ୍ରାମ୍ ଅଫିସର ପଙ୍କଜ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା,୭।୪(ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ବ୍ରାହ୍ମଣଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିମାଂଶୁ କୁମାର ବରାଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ



ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ଶିକ୍ଷା ମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ମମିତା ମହାନ୍ତି, ମୁଖ୍ୟବକ୍ତା ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ତ୍ରିଲୋଚନ ଜେନା, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ସ୍କୁଲର ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ଖଟୁଆ, ସମ୍ପାଦକ ଲଳିତ କୁମାର ରାଉତ, ପ୍ରଧାନ ଶିକ୍ଷୟତ୍ରୀ ପ୍ରତିଭା ଦାସ, ଏସଆର୍‌ସିସି ସନ୍ତୋଷ କୁମାର ଦାସ, ସମ୍ମାନିୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଭୁତି ଭୁଷଣ ପାଳ, ସୁବାସ ଚନ୍ଦ୍ର ବେହେରା, ପରିଚାଳନା କମିଟିର ଅଧକ୍ଷ ସୁନାକର ବେହେରା, ଶିକ୍ଷକ ରବିନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସର୍ବେଶ୍ୱର ବରାଳ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ସମେତ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ବିକାଶ କୁମାର ବରାଳ ଧନ୍ୟବାଦ ଦେଇଥିଲେ।

ବୃକ୍ଷରୋପଣ ନାଁରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି

# ଗୋଟିଏ ରାସ୍ତାରେ ୨ଟି ଫଳକ ଲଗାଇ ୧୦ ଲକ୍ଷ ଟଙ୍କା ପାଇଁ ଯୋଜନା

ବ୍ୟାସନଗର,୭।୪(ସମିସ):

ଯାଜପୁର ଜିଲା କୋରେଇ ବ୍ଲକ୍ ଅଧୀନ ପଛିକୋଟ ପଞ୍ଚାୟତରେ ମନରେଗା ଯୋଜନାରେ ଦୁର୍ନୀତିର ଚେର ବରଗଛ ଓହଳ ପରି ଲମ୍ବି ଚାଲିଛି। ଏହି ବ୍ଲକର କେଉଁଠି ଅଳ୍ପକିଛି ହାତଗଣତି ବୃକ୍ଷ ରୋପଣ କରି ଆବଣ୍ଟିତ ଅର୍ଥରାଶି ହରିଲୁଟ୍ ହେଉଛି ତ କେଉଁଠି ମେସିନ ସାହାଯ୍ୟରେ ରାସ୍ତା ନିର୍ମାଣ କରି ଅର୍ଥ ଆତ୍ମସାତ୍ ହେଉଥିବା ନେଇ ମାଳମାଳ ଅଭିଯୋଗ ହେଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଏହି ପଛିକୋଟ ପଞ୍ଚାୟତର କଡ଼ମା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମରେ ଖେଳପଡ଼ିଆ ଉନ୍ନତୀକରଣ, ବୃକ୍ଷରୋପଣ, ପୋଖରୀ ପୁନରୁଦ୍ଧାର, ମାଟି ରାସ୍ତା ନିର୍ମାଣରେ ପାଖାପାଖି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ତଥ୍ୟ ହସ୍ତଗତ ହୋଇଛି। ସୂଚନା ଅନୁଯାୟୀ କଡ଼ମା (ଆଇଚିପୁର) ସ୍ଥିତ ନୂଆପୋଖରୀ ପାଶ୍ୱର୍ ବୃକ୍ଷ ରୋପଣ ନାଁରେ ଲକ୍ଷାଧିକ ଟଙ୍କା ଚଳୁ କରିବାକୁ ମସୁଧା କରାଯାଇଛି। ଅଭିଯୋଗ ମତେ ନୂଆପୋଖରୀ ପାଶ୍ୱର୍ ବୃକ୍ଷରୋପଣ ପାଇଁ ଖାତା ନଂ ୬୫୫ ଏବଂ ପ୍ଲଟ୍ ନଂ ୮୦୯ରେ ମନରେଗା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କାର ଅନୁଦାନ ବରାଦ ହୋଇଥିଲା। ହେଲେ




ପରିତାପର ବିଷୟ ଅଳ୍ପ କିଛି ବୃକ୍ଷରୋପଣ କରି ସ୍ଥାନୀୟ କିଛି ଠିକାଦାର ସମଗ୍ର ଅର୍ଥରାଶି ହଡ଼ପ କରିବାକୁ ବସିଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ହାତ କରି ୧୩ଟି ଜାଲ୍ ମଷ୍ଟରରୋଲ ପ୍ରସ୍ତୁତ କରାଯାଇଛି। ଏଥିସହିତ ହାତଗଣତି କିଛି ପରିବାରର ସଦସ୍ୟଙ୍କୁ ଶ୍ରମିକ ଦର୍ଶାଇବା ସହ ୮୩୦ ଦିନର କାର୍ଯ୍ୟଦିବସ ଦର୍ଶାଇ ସେହି ଗ୍ରାମର ପ୍ରଦୀପ ସ୍ୱାଇଁ, ମାମିନା ମୁଦୁଲି, ଜିତେନ୍ଦ୍ର ମୁଦୁଲି, ପୁଷ୍ପାଞ୍ଜଳି ମୁଦୁଲି, ଯଶୋଦା ଭୋଇ, ଅଶୋକ ସ୍ୱାଇଁ, ସୁମିନା ସାହୁ, ବାସୁଦେବ ରାଉତଙ୍କ ନାମରେ ଲେବର ପେମେଣ୍ଟ ବାବଦରେ ୨ ଲକ୍ଷ ୨୬ ହଜାର ଟଙ୍କା ଅର୍ଥ ଉଠାଇ ନେଇଛନ୍ତି। ଅନୁରୂପ ଭାବେ ପୁନର୍ବାର ସେହି ସମାନ ଜମିରେ ଆଇଚିପୁର ଦାଣ୍ଡି ବୃକ୍ଷରୋପଣ ଦର୍ଶାଇ ୫ ଲକ୍ଷ ଟଙ୍କାର ଅନ୍ୟ ଏକ ଫଳକ ଲଗାଇ ଅର୍ଥ ରାଶି ହରିଲୁଟ୍ କରାଯାଇଛି। ସମାନ ଢଙ୍ଗରେ ସେହି ଗ୍ରାମର କିଛି ପରିବାର ସଦସ୍ୟଙ୍କ ନାମରେ ୧୩ଟି ଜାଲ୍ ମଷ୍ଟରରୋଲ ପ୍ରସ୍ତୁତ କରି ୮୯୪ ଦିନର ନକଲି କାର୍ଯ୍ୟଦିବସ ସୃଷ୍ଟି କରାଯାଇଛି। ଗ୍ରାମର ସୁକାନ୍ତୀ ସ୍ୱାଇଁ, ରବୀନ୍ଦ୍ର କୁମାର ସ୍ୱାଇଁ, ଝିଲ୍ଲୀ ସ୍ୱାଇଁ, ଜୋସ୍ନାରାଣୀ ସ୍ୱାଇଁ, ନରେଶ କୁମାର ବେହେରା, ପ୍ରଶାନ୍ତ ପାତ୍ର, ଯଯାତି କେଶରୀ ପାତ୍ର, ଅନୁଶୟା ପାତ୍ର, ବିଜୟ ସାହୁ ଏବଂ ଅଜୟ ସାହୁ ପ୍ରଭୃତି ୧୩୦ ଜଣ ନକଲି ଶ୍ରମିକଙ୍କ ନାଁରେ ୨ ଲକ୍ଷ ୩୦ ହଜାର ଟଙ୍କା ଉଠାଯାଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ପଞ୍ଚାୟତର କିଛି କୁଚକ୍ରି ଠିକାଦାର କିପରି ଗୋଟିଏ ଜାଗାରେ ୨ଟି ଫଳକ ଲଗାଇ ବୃକ୍ଷରୋପଣ ନାଁରେ ୧୦ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆତ୍ମସାତ୍ କରିବାକୁ ବସିଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିର୍ମଳ କାପଙ୍କୁ ପଚାରିବାରେ ବୃକ୍ଷରୋପଣରେ କୌଣସି ଦୁର୍ନୀତି ହୋଇନଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉପରିସ୍ଥ ପ୍ରକଳ୍ପ ଗୁଡ଼ିକରେ ପ୍ରାୟ ୫୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ହେରଫେର ହୋଇଥିବା ଗ୍ରାମବାସୀ ପ୍ରକାଶ କରିବା ସହିତ ତାର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ଗ୍ରାମବାସୀ କହିଛନ୍ତି।

## ଯାଜପୁର ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସମଗ୍ର ଶିକ୍ଷାର ମିଳିତ ସହଯୋଗରେ ଶିଶୁ କଥା ଦିବସ

ଯାଜପୁର,୭।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଯାଜପୁର ଜିଲ୍ଲାରେ ୧୦ଟି ବ୍ଲକରେ ଓ ଜିଲ୍ଲାସ୍ତରରେ ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ଶିଶୁ କଥା ଦିବସ ତଥା 'ବର୍ଣ୍ଣବୋଧ ଦିବସ' ପାଳିତ ହୋଇଯାଇଛି। ଜିଲ୍ଲା ସମଗ୍ର ଶିକ୍ଷା ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କୋମଳମତି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ଦେବୀଲାଲ



ମଲ୍ଲିକ, ମଣ୍ଡଳ ସାଧନ ସଂଯୋଜକ ନିର୍ମଳ ଚନ୍ଦ୍ର ଜେନା, ଜିଲ୍ଲା ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି, ଜିଲ୍ଲା ପ୍ରକଳ୍ପ ଏସ୍‌ସି/ଏସ୍‌ଟି ସଂଯୋଜିକା ଜ୍ୟୋତ୍ସ୍ନାମୟୀ ଧଳ ଓ ଜିଲ୍ଲା ସ୍କୁଲ ଯାଜପୁରର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ ଜଣ ବାଲ୍ ବାଟିକା ଓ ୩୦ ଜଣ ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିଶୁ ଲେଖା ଓ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବଡ଼ଚଣା ବ୍ଲକର ପିଏମଶ୍ରୀ ବଡ଼ଚଣା ସରକାରୀ ବିଦ୍ୟାଳୟ, ବରୀ ବ୍ଲକର ବରୀ ଜୁନିଅର ବେସିକ ବିଦ୍ୟାଳୟ, ବିଞ୍ଝାରପୁର ବ୍ଲକର ବରୁଣେଶ୍ୱର ପ୍ରାଥମିକ ବିଦ୍ୟାଳୟ, ଦାନଗଦି ବ୍ଲକର ବୁଢ଼ାରାଜା ସରକାରୀ ବିଦ୍ୟାପୀଠ, ଦଶରଥପୁର ବ୍ଲକର ସୁପ୍ରଭା ନୋଡାଲ ଉପ୍ରା ବିଦ୍ୟାଳୟ, ଧର୍ମଶାଳା ବ୍ଲକର ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ, କୋରେଇ ବ୍ଲକର ବଡ଼ ବିରୁହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରସୁଲପୁର ବ୍ଲକର ସରକାରୀ ଉପ୍ରା ବିଦ୍ୟାଳୟ, ବାରବାଟି ଓ ସୁକିନ୍ଦା ବ୍ଲକର ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସଂପୃକ୍ତ ବ୍ଲକର ମଣ୍ଡଳ ଶିକ୍ଷା ଅଧିକାରୀମାନଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ସମସ୍ତ ବ୍ଲକ ମାନଙ୍କୁ ସର୍ବମୋଟ ୩୦୦ ଶିଶୁ ଲେଖା ଓ ୩୦୦ ବର୍ଣ୍ଣବୋଧ ପୁସ୍ତକ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯାଇଥିଲା।

## ଖଣି ବିଭାଗ ଦ୍ୱାରା ବାଲି ହାଇୱା ଜବତ

ପାଣିକୋଇଲି, ୭।୪(ସମିସ): ଯାଜପୁର ଖଣି ବିଭାଗ ଦ୍ୱାରା ବାଲି ହାଇୱା ଜବତ ହୋଇଛି। ବେଆଇନ ଭାବେ ବାଲି ଚୋରାଚାଲାଣ କରାଯାଉଥିବା ବେଳେ ବେଆଇନ ବାଲି ଘାଟକୁ ନେଇ ସୋମବାର ତୁମୁଳକାଣ୍ଡ ଘଟିବା ପରେ ଆଜି ଖଣି ବିଭାଗ ସଠିପୁର ଠାରେ ବାଲିଗାଡି ଯାଞ୍ଚ କରିଥିଲା। ବାଲିର କୌଣସି କାଗଜପତ୍ର ଚାଳକ ଦେଖାଇ ନପାରିବାକୁ ଉକ୍ତ ହାଇୱାଟିକୁ ଜବତ କରାଯାଇ ପାଣିକୋଇଲି ପୁଲିସ ଜିମା ଦିଆଯାଇଥିଲା।

## ୩୦ ଫୁଟ ତଳକୁ ଖସିଲା ବାଇକ୍, ୨ ଆହତ



କବାଟବନ୍ଧ,୭।୪(ସମିସ): ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତଙ୍କ ଦୁଇ ଜଣ ବାଇକରେ ଯାଉଥିବା ସମୟରେ ଦୁଇଟି ପୋଲ ମଝିରେ ଥିବା ଫାଙ୍କା ସ୍ଥାନରେ ବାଇକ୍ ଖସି ପଡିବାରୁ ଉଭୟ ପ୍ରାୟ ୩୦ ଫୁଟ ତଳକୁ ଖସି ପଡ଼ି ଗୁରୁତର ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣାର ଶିକାର ଦ୍ୱୟ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ପ୍ରଶାନ୍ତ କୁମାର ମହାରଣାଙ୍କ ପୁଅ ମଳୟ କୁମାର ମହାରଣା ଏବଂ ଧନେଶ୍ୱର ବାରିକଙ୍କ ପୁଅ ଲୁନା ବାରିକ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ମଳୟ ଏବଂ ଲୁନା ଏକ ମୋଟର ସାଇକଲରେ କନ୍ତପଡ଼ା ଛକ ଠାରୁ ବ୍ରାହ୍ମଣୀ ବ୍ରିଜ ପଟକୁ ଆସୁଥିବା ବେଳେ କୁଣ୍ଡି ପୋଲ ନିକଟରେ ରାସ୍ତା ଅତିକ୍ରମ କରୁଥିଲେ। ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ସେଠାରେ ଅନ୍ୟ ଏକ ପୋଲ ନିର୍ମାଣ କରାଯାଇଛି; ମାତ୍ର ଉଭୟ ପୋଲ ନିକଟରେ କୌଣସି ସୁରକ୍ଷା ବାଡ଼ କିମ୍ବା ସୂଚନା ଫଳକ ଲଗାଯାଇନାହିଁ। ଫଳରେ ସେମାନେ ପ୍ରାୟ ୩୦ ଫୁଟ ପୋଲ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ମେଡ଼ିକାଲକୁ ପଠା ଯାଇଥିଲା। ସେଠାରେ ଉଭୟଙ୍କର ପ୍ରାଥମିକ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

## ମା' ତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଣିକୋଇଲି,୭।୪(ସମିସ): ପାଣିକୋଇଲିସ୍ଥିତ ମା' ତାରିଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଆଜି ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ବାର୍ଷିକ ଉତ୍ସବ ସଭାରେ ଅଧ୍ୟାପକ ଅଭିମନ୍ୟୁ ପଣ୍ଡା ମଙ୍ଗଳାଚରଣ ପାଠଥିଲେ। ଅଧ୍ୟାପକ ମଦନମୋହନ ପାତ୍ରଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଅଧକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୋରେଇର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଆକାଶ ଦାସନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁକ୍ତ ୨ର ଅଧକ୍ଷା ବସନ୍ତ ମଞ୍ଜରୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋରେଇ ବିଡିଓ ଅବନୀକାନ୍ତ ସାହୁ ଯୋଗଦେଇଥିଲେ। ପରେ ମହାବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅଧ୍ୟାପକ ସତ୍ୟବ୍ରତ ଦାସଙ୍କ ସଂଚାଳନାରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯଶଇଥିଲା। ଶେଷରେ ଅଧ୍ୟାପକ ସୋମନାଥ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଅଧ୍ୟାପକ ଶୁଭକାନ୍ତ ପାତ୍ରଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଧାୟକ ମହାବିଦ୍ୟାଳୟ ନୂତନ ଫାଟକର ଶୁଭ ଉନ୍ମୋଚନ ଓ ରକ୍ତଦାନ ଶିବିର ଉଦ୍‌ଘାଟନ କରିଥିଲେ।

କସବା ଗ୍ରାମରେ ପାଲା ପାଇଁ ପାଲା

## ଗୋଷ୍ଠୀ ସଂଘର୍ଷ ଘଟି ୧୫ରୁ ଊର୍ଦ୍ଧ୍ୱ ଗୁରୁତର

ମଙ୍ଗଳପୁର/କୟାଁଗୋଲା/ଦଶରଥପୁର,୭।୪(ସମିସ): ଦଶରଥପୁର ବ୍ଲକ ଥାଳକୁଡି ପଞ୍ଚାୟତସ୍ଥ କସବା ଗ୍ରାମର ୬ନମ୍ବର ଓ ୭ନମ୍ବର ୱାର୍ଡ ବାଉତରା ସାହି ଓ ପୀରବନ୍ଧ ଡିହସାହି ମଧ୍ୟରେ ପାଲା ଓ କୀର୍ତ୍ତନ ଅନୁଷ୍ଠାନକୁ ନେଇ ଦୁଇ ସାହି ମଧ୍ୟରେ ଆଜି ଗଣ୍ଡଗୋଳ ହୋଇଥିଲା ଓ ପରେ ଏହା ଗୋଷ୍ଠୀ ସଙ୍ଘର୍ଷରେ ପରିଣତ ହୋଇଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ୧୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡିଛି। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଇଟା, ମେଣ୍ଟାଲ, କାଚ ବୋତଲ ଫୋପଡ଼ା ଫୋପାଡ଼ି ହେଉଥିବାର ଦେଖିବାକୁ ମିଳିଥିଲା। ଆହତମାନେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଆହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆହତ ମାନଙ୍କ ମଧ୍ୟରେ ପୀରବନ୍ଧ ଡିହସାହିର ଅଭୟ ମଲ୍ଲିକ, ବାବୁଲି ମଲ୍ଲିକ, କାଠିଆ ମଲ୍ଲିକ, ମହେଶ୍ୱର ମଲ୍ଲିକ, ଅଧର ମଲ୍ଲିକ, ଦୀପକ ମଲ୍ଲିକ, ରଙ୍ଗବତୀ ମଲ୍ଲିକ, ସୁବାସ ମଲ୍ଲିକ, ରିଲିଆ ମଲ୍ଲିକ, ମେଘନାଦ ମଲ୍ଲିକ, ମାଗୁଣି ମଲ୍ଲିକ, ଟିକିଲି ମଲ୍ଲିକ ହୋଇଥିବା ବେଳେ ବାଉତରା ସାହିର ମଧ୍ୟ ୭/୮ଜଣ ଆହତ ହୋଇଥିବା ସୂଚନା। ତେବେ ଘଟଣାସ୍ଥଳରେ ମଙ୍ଗଳପୁର ଆଇଆଇସି ରଞ୍ଜନ କୁମାର ବେହେରା, ଏସଆଇ ସଂକେତ ପଲ୍ଲାଇ,



ଏଏସଆଇ ଜଟାଧାରୀ ଦାସ, ଏଏସଆଇ ଘନଶ୍ୟାମ ନାୟକ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ମଧ୍ୟ ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତିକରି ଉଭୟ ପକ୍ଷରୁ ମୋଟ ୮ ଜଣଙ୍କୁ ମଙ୍ଗଳପୁର ଥାନାରେ ଅଟକ ରଖାଯାଇଥିବା ଆଇଆଇସି ରଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି।

# ନବନିଯୁକ୍ତ ଜିଲ୍ଲା ଯୋଜନା କମିଟି ଅଧକ୍ଷଙ୍କ ପ୍ରଥମ ସମୀକ୍ଷା ବୈଠକ

ଯାଜପୁର,୭।୪(ସମିସ):

ଜିଲ୍ଲା ଯୋଜନା କମିଟିର ନବନିଯୁକ୍ତ ଅଧକ୍ଷ ବିଧାୟକ ଆକାଶ ଦାସନାୟକଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସାମଗ୍ରୀକ ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ, ଲୋକକଲ୍ୟାଣକାରୀ ଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଏଥିରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅତୀତରେ ଯାଜପୁର ଜିଲ୍ଲା ସାରା ଓଡ଼ିଶାକୁ ଦିଗଦର୍ଶନ ଦେଇଛି। ସ୍ୱଳ୍ପ ମିଆଦୀ, ମଧ୍ୟମ ମିଆଦୀ ଏବଂ ଦୀର୍ଘ



ମିଆଦୀ- ଏହି ଭଳି ତିନୋଟି ଉପାୟରେ ଯୋଜନା କରିବାକୁ ପଡ଼ିବ। ସ୍ୱଳ୍ପମିଆଦୀ ଯୋଜନାରେ ଯେଉଁସବୁ ଅଧୁରା କାମ ଆମର ରହିଯାଉଛି, ସେଗୁଡ଼ିକୁ ସାରିବାକୁ ହେବ ବୋଲି ଅଧକ୍ଷ କହିଥିଲେ। ସାଇନ୍ସ ପାର୍କ ଭଳି ଆଉ କିଛି ପ୍ରକଳ୍ପ ଯାହା ରାଜ୍ୟସ୍ତରରେ ଅନୁମୋଦନ ବା ସହଯୋଗ ଅପେକ୍ଷାରେ ରହିଛି, ସେଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ବନ୍ୟାରୁ ମୁକ୍ତି ପାଇବା ପାଇଁ ଏକ ବ୍ୟାପକ ଯୋଜନା ବାହାର କରିବାକୁ ହେବ ବୋଲି ଅଧକ୍ଷ କହିଥିଲେ। ଆଗାମୀ କିଛି ଦିନ ମଧ୍ୟରେ ନିଜ ନିଜ ବିଭାଗର ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ଅମ୍ବର କୁମାର କର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ 1 ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ମନୋଜ କୁମାର ନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ, କୋରେଇ ବିଡିଓ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସଭା ଶେଷରେ କୋରେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଭିଏଁ ସ୍କୁଲ ଯିବା ସଚେତନତା ରଥର ଶୁଭାରମ୍ଭ

ମଙ୍ଗଳପୁର,୭।୪(ସମିସ): ସରକାର ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜୟଚଣ୍ଡୀ ନୋଡାଲ କ୍ଲଷ୍ଟର ପକ୍ଷରୁ ସଭିଏଁ ସ୍କୁଲ ଯିବା ସଚେତନତା ରଥଟିକୁ ଜୟଚଣ୍ଡୀ ନୋଡାଲ କ୍ଲଷ୍ଟରର ସିଆର୍‌ସିସି ପ୍ରିୟରଞ୍ଜନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଥମେ ପହଞ୍ଚିଥିବା ବେଳେ ରଥଟିକୁ ବିଦ୍ୟାଳୟ ପକ୍ଷରୁ ଭବ୍ୟ ସ୍ୱାଗତ



କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହାଞ୍ଜଳି ଯେନା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ସଚେତନତା ରଥକୁ ସ୍ୱାଗତ କରିବା ସହ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ଯୋଜନା ଦ୍ୱାରା ସାଧାରଣ ଲୋକମାନେ ସଚେତନ ହୋଇପାରିବେ ବୋଲି କହିଥିଲେ। ପରେ ଏହି ରଥ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟ ଗୁଡିକୁ ଯାଇଥିବା ବେଳେ ଶେଷରେ ଏହି ସଚେତନତା ରଥ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲା। ସମସ୍ତ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ନିକଟରେ ରଥ ପହଞ୍ଚିବା ପରେ ରଥକୁ ବେଶ ସ୍ୱାଗତ କରାଯାଇଥିବା ଦେଖିବା ପାଇଁ ମିଳିଥିଲା।



# ଭୁବନେଶ୍ୱର ସିଟି

## ବିଏମ୍‌ସିର ବିଚିତ୍ର ନୀତି

# ଡ୍ରେନ୍ ଉପରେ ଭେଣ୍ଡିଂ ଜୋନ୍

ଭୁବନେଶ୍ୱର, ୭।୪(ସମିସ): ରାସ୍ତା କିମ୍ବା ଡ୍ରେନ୍ ଉପରେ ଠେଲା କିମ୍ବା ଦୋକାନ ରହିଲେ ଏହାକୁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯାଉଛି। ଡ୍ରେନ୍ ଜବରଦଖଲ ମୁକ୍ତ ସହ ଡ୍ରେନ୍ ସଫେଇରେ କୌଣସି ସମସ୍ୟା ନଉପୁଜିବାକୁ ବିଗତ ଦିନରେ ଏହି ନିୟମକୁ ଆଧାର କରି ବହୁ ସଂଖ୍ୟାରେ ଉଠା ଦୋକାନକୁ ଉଚ୍ଛେଦ କରାଯାଇଥିବା ଉଦାହରଣ ରହିଛି। ହେଲେ ଏହି ନିୟମକୁ ଏବେ ବିଏମ୍‌ସି ନିଜେ ଭାଙ୍ଗୁଥିବା ଦେଖିବାକୁ ମିଳିଛି। ୟୁନିଟ୍-୧ ଅଞ୍ଚଳର ରୋଡ୍ ନମ୍ବର ୧୦ ଏବଂ ୧୧ରେ ଡ୍ରେନ୍ ଏବଂ ରାସ୍ତା ଉପରେ ଭେଣ୍ଡିଂ ଜୋନ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏଭଳି ଡ୍ରେନ୍ ଉପରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ଦ୍ୱାରା ଡ୍ରେନ୍ ସଫେଇରେ ସମସ୍ୟା ସୃଷ୍ଟିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ୟୁନିଟ୍-୧ ମାର୍କେଟରେ ନିଆଁ ଲାଗିବା ଘଟଣାରେ ବହୁ ସଂଖ୍ୟାରେ ଉଠା ଦୋକାନ ଜଳିଯାଇଥିଲା। ଏହାପରେ ବିଏମ୍‌ସି ରାସ୍ତା ପାଇଁ କିଛି



ଉଠା ଦୋକାନୀଙ୍କୁ ହଟାଇ ଜବରଦଖଲମୁକ୍ତ କରିଥିଲା। ଏହି ଦୁଇଟି ଘଟଣାରେ ମୋଟ୍ ୬୩ ଜଣ ବ୍ୟବସାୟୀ ସେଠାରୁ ନିଜର ଜୀବିକା ହରାଇଥିବା ବେଳେ ଯେଉଁଠି ପୋଡ଼ିଛି ଉକ୍ତ ସ୍ଥାନରେ ଦୋକାନ ପାଇଁ ବ୍ୟବସାୟୀମାନେ ଜିଦ୍ ଧରିଥିବାରୁ ଭେଣ୍ଡିଂଜୋନ୍ ପୋଡିଥିବା ବ୍ୟବସାୟୀଙ୍କୁ ବିଏମ୍‌ସି ଥଇଥାନ କରିବାକୁ ନୂଆ ଭେଣ୍ଡିଂ ଜୋନ୍ ନିର୍ମାଣ କରୁଥିବା ଜଣାପଡ଼ିଛି। ସେହିପରି ସେହିପରି ଆଦିବାସୀ ପଡ଼ିଆ ରାସ୍ତାରେ ମଧ୍ୟ ନିର୍ମାଣ ଚାଲିଛି ନୂଆ ଭେଣ୍ଡିଂ ଜୋନ୍। ଏହି ଭେଣ୍ଡିଂଜୋନ୍ ନିର୍ମାଣ ଫଳରେ ୨୦ ଫୁଟ ରାସ୍ତାର ଏକ ଚତୁର୍ଥାଂଶ ନିର୍ମାଣ କାର୍ଯ୍ୟରେ ଯିବା ସହ ବଳକା ରାସ୍ତା ପାର୍କିଂରେ ଯିବ। ଫଳରେ ଏଠାରେ ଏକପ୍ରକାର ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ବୋଲି କୁହାଯାଉଛି। ଏହି ରାସ୍ତାକୁ ଲାଗି ଆଦିବାସୀ ପଡ଼ିଆ ସହିତ ଅନେକ ଗୁଡିଏ ସରକାରୀ ଅଫିସ ରହିଥିବାରୁ ପ୍ରତିଦିନ ହଜାର ହଜାର ଲୋକେ ଏଜି-ରାଜମହଲ ଛକ ଭିଡ଼ ହେଲେ ଏହି ରାସ୍ତା ଦେଇ ଲୋକେ ବାଏ ପାସ୍‌ରେ ଯାଆନ୍ତି। ଏସମ୍ପର୍କରେ ବିଭାଗୀୟ ଅଧିକାରୀ ଅଜୟ ମହାନ୍ତି କହିଛନ୍ତି ଯେ, ସେଠାରେ ଅସ୍ଥାୟୀ ଭେଣ୍ଡିଂଜୋନ୍ ନିର୍ମାଣ ହୋଇଛି। ଏହା ସ୍ଥାୟୀ ନୁହେଁ। ଡ୍ରେନ୍‌ର ଚଉଡ଼ା ଅଧିକ ଥିବାରୁ ଏଠାରେ ସେଭଳି କିଛି ଅସୁବିଧା ହେବ ନାହିଁ।

## ପିଆରସିଆଇର ପ୍ରତିଷ୍ଠା ଦିବସ




ଭୁବନେଶ୍ୱର, ୭।୪(ସମିସ): ପବ୍ଲିକ୍ ରିଲେସନ୍ସ କାଉନ୍ସିଲ୍ ଅଫ୍ ଇଣ୍ଡିଆର ୨୨ତମ ପ୍ରତିଷ୍ଠା ଦିବସ କୋଲକାତା ପ୍ରେସ୍ କ୍ଲବରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦାମୋଦର ଭ୍ୟାଲି କର୍ପୋରେସନ୍‌ର ଅଧ୍ୟକ୍ଷ ସୁରେଶ କୁମାର ଉପସ୍ଥିତ ରହି ପିଆର୍ ବୃତ୍ତିଗତମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଜନସାଧାରଣଙ୍କ ଧାରଣା ଗଠନ ଏବଂ ବିଭିନ୍ନ କ୍ଷେତ୍ରରେ ଯୋଗାଯୋଗକୁ ସୁଦୃଢ଼ କରିବାରେ ପିଆର୍ ବୃତ୍ତିଜୀବୀମାନଙ୍କ ଅବଦାନ ଅତ୍ୟନ୍ତ ମୂଲ୍ୟବାନ। ଏହି ପରିପ୍ରେକ୍ଷୀରେ 'କ୍ରାଇସିସ୍ ଏବଂ ଷ୍ଟ୍ରାଟେଜିକ୍ ପିଆର୍' ବିଷୟରେ ଏନ୍.ଡି. ରାଜପାଲ୍ ସ୍ମୃତି ବ୍ୟାଖ୍ୟାନ ଆୟୋଜିତ ହୋଇଥିଲା। ବର୍ତ୍ତମାନ ସମୟରେ ପ୍ରତିଷ୍ଠା ପରିଚାଳନା ଓ ରଣନୀତିଗତ ସଂଯୋଗର ଚ୍ୟାଲେଞ୍ଜ ସମ୍ବନ୍ଧରେ ଏଥିରେ ଆଲୋଚନା କରାଯାଇଥିଲା। ଏହା ସହିତ ଏକ ବିଶେଷ ପ୍ୟାନେଲ୍ ଚର୍ଚ୍ଚାରେ ସଙ୍କଟ ପ୍ରସ୍ତୁତି, ନୈତିକ ସଂଯୋଗ ଏବଂ ଡିଜିଟାଲ୍ ଯୁଗରେ ପବ୍ଲିକ୍ ରିଲେସନ୍ସର ଗତିଶୀଳ ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିଆରସିଆଇର ନିର୍ଦ୍ଦେଶକ ଆର୍ ଏନ୍ ମହାପାତ୍ର, ଅଧ୍ୟକ୍ଷ ଓ ମେଣ୍ଟର ଏମ୍ ବି ଜୟରାମ, ଜାତୀୟ ଅଧ୍ୟକ୍ଷ ଗୀତା ଶଙ୍କର, ପରିଚାଳନା ପରିଷଦର ଅଧ୍ୟକ୍ଷ ଡା. ଟି ବିନୟ କୁମାର, ଡିପି ତାରେନିଆ, ରିତା ଭିମାନୀ, ସୁବୀର ଘୋଷ, ଡା. ଅଶୋକ ପାଣ୍ଡା ଓ ସ୍ନେହାଶିଷ ସୁର ପ୍ରମୁଖ ଉପସ୍ଥିତ ରହିଥିଲେ। ଅନେକ ପ୍ରତିଷ୍ଠିତ ବୃତ୍ତିଗତଙ୍କୁ ସେମାନଙ୍କର ଆଦର୍ଶ କାର୍ଯ୍ୟ ଏବଂ ଲୋକସମ୍ପର୍କ କ୍ଷେତ୍ରରେ ଥିବା କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା। ପ୍ରାପ୍ତକର୍ତ୍ତାମାନଙ୍କ ମଧ୍ୟରେ ପୂର୍ବ କୋଷ୍ଟ ରେଳପଥର ପିଆର୍ ଓ ନିହାର ରଞ୍ଜନ ମହାନ୍ତିଙ୍କୁ ରଣନୀତିଗତ ସଂଯୋଗ ଓ ପବ୍ଲିକ୍ ରିଲେସନ୍ସରେ ଉତ୍କୃଷ୍ଟତା ପାଇଁ ସମ୍ମାନିତ କରାଯାଇଥିଲା।

## ଓଡ଼ିଆ ପକ୍ଷର ଷଷ୍ଠ ଦିନରେ ରାଜ୍ୟବ୍ୟାପୀ 'ସ୍ୱଚ୍ଛତା ଅଭିଯାନ'



ଭୁବନେଶ୍ୱର, ୭।୪(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ହେଉଥିବା ବେଳେ ସୋମବାର 'ସ୍ୱଛତା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି, ଉଦୟଗିରି, ପଟିଆ ଠାରେ ଥିବା ଜଗନ୍ନାଥ ମନ୍ଦିର, ନନ୍ଦନ କାନନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲିଙ୍ଗରାଜ ମନ୍ଦିର ଠାରେ ଆୟୋଜିତ ହୋଇଥିବା ସ୍ୱଛତା ଅଭିଯାନରେ ମେୟର ସୁଲୋଚନା ଦାସ ଯୋଗଦେଇ ଏକ 'ସ୍ୱଛ ଓଡ଼ିଶା, ସୁନ୍ଦର ଓଡ଼ିଶା' ଗଠନ ପାଇଁ ଆହ୍ୱାନ ଦେବା ସହ ଲିଙ୍ଗରାଜ ମନ୍ଦିର ପରିସରର ସଫେଇ କାର୍ଯ୍ୟରେ ସାମିଲ ହୋଇ ଆମେ ସଚେତନ ହେବା ଏବଂ ଭୁବନେଶ୍ୱର ସହରକୁ ସ୍ୱଛ ରଖିବା ପାଇଁ ସଂକଳ୍ପବଦ୍ଧ ହେବା ବୋଲି ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବିଏମ୍‌ସି କମିସନର ଚଞ୍ଚଳ ରାଣା, ଷ୍ଟାଣ୍ଡିଙ୍ଗ କମିଟିର ସଦସ୍ୟ ଏବଂ କର୍ପୋରେଟରମାନଙ୍କ ସହ ୪୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭୁବନେଶ୍ୱର ଆନୁକୂଲ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ଅଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଧଉଳି ଶାନ୍ତିସ୍ତୂପ ଠାରେ ଏହି ଅଭିଯାନ ଆୟୋଜିତ ହୋଇଥିଲା।

## ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ଭୁବନେଶ୍ୱର, ୭।୪(ସମିସ): ସିଦ୍ଧେଶ୍ୱର ୱେଲଫେୟାର ଆସୋସିଏସନ ପକ୍ଷରୁ ପାମ ହାଇରୋଡ଼ସ୍ଥିତ ଡିଭାଇନ ହେଲ୍‌ଥ କ୍ଲିନିକ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ହୃଦରୋଗ ବିଶେଷଜ୍ଞ ଡ.ଦୀପ୍ତି ରଞ୍ଜନ ବେହେରା, ସର୍ଜନ ଡ. ପ୍ରମୋଦ କୁମାର ବିଶ୍ୱାଳ, ଭେଷଜ ବିଶେଷଜ୍ଞ ଡ. ଶ୍ରୀଧର ବେହେରା, କଣ୍ଠ, ଗଳା, ନାସା ବିଭାଗ ଡାକ୍ତର ମନସ୍ୱିନୀ ମଲ୍ଲିକ ୬୦ ଜଣ ରୋଗୀଙ୍କୁ ନିଃଶୁଳ୍କ ସେବା ଯୋଗାଇଥିଲେ। କର୍ମକର୍ତ୍ତା କାଳୀ ପ୍ରସନ୍ନ ମଲ୍ଲିକ, ବିଜୟ କୁମାର ପଣ୍ଡା, ରମେଶ ଚନ୍ଦ୍ର ମହାପାତ୍ର, ନିମାଇଁ ଚରଣ ରାଉତ, ତ୍ରୈଲୋକ୍ୟ ନାଥ ସେନାପତି, ସରୋଜ କୁମାର ପଣ୍ଡା, ଦିଲ୍ଲୀପ କୁମାର ପଣ୍ଡା, ମହେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ।

## ପ୍ରଥମ ରାଜ୍ୟସ୍ତରୀୟ ଶିଶୁ-ପତ୍ରିକା ସମ୍ପାଦକ ସମ୍ମେଳନ



ଭୁବନେଶ୍ୱର, ୭।୪(ସମିସ): ନିଖିଳ ଉତ୍କଳ-ପରଶମଣି-ଶିଶୁସାହିତ୍ୟ ସଂଗଠନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ-ପତ୍ରିକା ସମ୍ପାଦକ ସମ୍ମେଳନ ପଟିଆସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ଡ. ମହେଶ୍ୱର ମହାନ୍ତି, ଓଡ଼ିଆ ଶିଶୁ ସାହିତ୍ୟ ଗବେଷକ ଡ. ମନୀନ୍ଦ୍ର ମହାନ୍ତି, କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରଦତ୍ତ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ-ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ ଓ ସଂସାର ପତ୍ରିକାର ସମ୍ପାଦିକା ଅନସୂୟା ନନ୍ଦ ଯୋଗଦେଇ ଥିଲେ। ଶିକ୍ଷାବିତ୍ ଡ. ନରେନ୍ଦ୍ର ପ୍ରସାଦ ଦାସ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ସଂଗଠନର ସଭାପତି ଡ. ରାମଚନ୍ଦ୍ର ଦେଓ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୭୧ ଜଣ ଶିଶୁ ପତ୍ରିକା ସମ୍ପାଦକ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସଂଗଠନ ଦ୍ୱାରା ପ୍ରକାଶ ପାଇଥିବା 'ସମ୍ପାଦକ ଡାଇରୀ' ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶିଶୁ ସାହିତ୍ୟିକ ନଳିନୀକାନ୍ତ ପାଢ଼ୀଙ୍କ ରଚିତ କବିତା ପୁସ୍ତକ 'ଗାଆଁରେ ବସିଛି ବଜାର' ଓ ସୁକାନ୍ତ କୁମାର ପଣ୍ଡାଙ୍କ ସମ୍ପାଦିତ ଶିଶୁ ସାହିତ୍ୟ ସମାଚାର ମଧ୍ୟ ଲୋକାର୍ପିତ ହେଲା। ସଂଗଠନର ସମ୍ପାଦକ ସୁଶାନ୍ତ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

## 'ମଇଦାନରୁ ୪୧ବର୍ଷ' ଉଦ୍‌ଘାଟିତ



ଭୁବନେଶ୍ୱର, ୭।୪(ସମିସ): 'ମଇଦାନରେ ୪୧ ବର୍ଷ' ଶୀର୍ଷକ ନିଆରା କ୍ରୀଡ଼ା ପ୍ରଦର୍ଶନୀ ସ୍ଥାନୀୟ ଜୟଦେବ ଭବନରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିବା ଫଟୋ ଓ ଲେଖା ପ୍ରଦର୍ଶନୀକୁ ରାଜ୍ୟର ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅର୍ଜୁନ ପୁରସ୍କାର ବିଜେତା ମିନତି ମହାପାତ୍ର, ନିର୍ଭୟ ସମ୍ପାଦକ ନବୀନ ଦାସ, ଓଡ଼ିଶାର କିମ୍ବଦନ୍ତୀ କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା, ରାଜ୍ୟ ରଣଜୀ ଦଳର ସଫଳତମ କୋଚ୍ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଓଡ଼ିଶାର ଏକମାତ୍ର ସାମ୍ବାଦିକ ଭାବେ ଅଲିମ୍ପିକ୍ କ୍ରୀଡ଼ାକୁ କଭର କରିଥିବା ମହାପାତ୍ରଙ୍କ ଦ୍ୱାରା ଗତ ୪ ଦଶନ୍ଧିର କୃତିତ୍ୱକୁ ଫଟୋ ଓ ଲେଖା ମାଧ୍ୟମରେ ପ୍ରଦର୍ଶିତ କରାଯିବାକୁ ଉଦ୍ୟମ କରାଯାଇଛି। ବୁଧବାର ସନ୍ଧ୍ୟା ୭ଟା ଯାଏ ଏହି ପ୍ରଦର୍ଶନୀ ଖୋଲା ରହିବ।

### ଇଗ୍ନୋର ସମାବର୍ତ୍ତନ ଉତ୍ସବ

## ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରରେ ୭୧୯ ଜଣଙ୍କୁ ଡିଗ୍ରୀ

ଭୁବନେଶ୍ୱର, ୭।୪(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ୩୯ତମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟ ଏବଂ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୋଟ୍ ୭୧୯ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ କହିଛନ୍ତି ଯେ, ସମାବର୍ତ୍ତନ ହେଉଛି ଜ୍ଞାନ, ସ୍ଥିରତା ଏବଂ ପରିବର୍ତ୍ତନର ଏକ ଉତ୍ସବ। ମହାଭାରତର ଏକଲବ୍ୟଙ୍କ ଉଦାହରଣ ଦେଇ ଇଗ୍ନୋ ଛାତ୍ରୀଛାତ୍ରଙ୍କ ଉଦାହରଣ ଦେଇ ସେମାନେ ଆତ୍ମପ୍ରେରିତ ଓ ଜୀବନବ୍ୟାପୀ ଶିକ୍ଷାର ଜୀବନ୍ତ ଉଦାହରଣ ବୋଲି କହିଛନ୍ତି। ଅନ୍ୟତମ ଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ଜ୍ଞାନ ବିକଶିତ କରିବା ପାଇଁ ପ୍ରେରିତ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କ ନିରନ୍ତର ପ୍ରୟାସ ଦ୍ୱାରା ଜୀବନର ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏମ୍.କେ. ଦାଶ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଉପନିର୍ଦ୍ଦେଶକ ଡ. ବିମଳ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପଲକ୍ଷେ ସୋଆ ପକ୍ଷରୁ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା

ଭୁବନେଶ୍ୱର, ୭।୪(ସମିସ): ଚଳିତ ମାସ ୨୫ ତାରିଖରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପଲକ୍ଷେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଏଚ୍), ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୨ ତାରିଖରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭୁବନେଶ୍ୱର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସକାଳ ୯ଟାରୁ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ସୋଆ କ୍ୟାମ୍ପସ-୪ ଅଡିଟୋରିୟମରେ ଆୟୋଜିତ ହେବ। ବକ୍ତୃତା ପ୍ରତିଯୋଗିତାର ବିଷୟ ବସ୍ତୁ 'ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ଆପ୍ଲିକେସନ୍ ଇନ୍ ଆନିମଲ ମ୍ୟାନେଜମେଣ୍ଟ ପ୍ରାକ୍ଟିସେସ୍ ପଜେସ୍ ମୋର ଏଥିକାଲ୍ ରିସ୍କ ଅର୍ ବେନିଫିଟ୍ସ' ରହିଥିବା ବେଳେ ଭୁବନେଶ୍ୱର ଏବଂ ଏହାର ଆଖପାଖ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବା ନିମନ୍ତେ ଆଇଭିଏସ୍‌ଏଏଚ୍‌ର ଡିନ୍ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱ ପ୍ରାଣୀ ଚିକିତ୍ସା ପାଳନ ଦିବସରେ ପୁରସ୍କୃତ କରିବା ସହ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରଫେସର ଡ. ଦାସ କହିଛନ୍ତି। ଏଥିନିମନ୍ତେ ସବିଶେଷ ବିବରଣୀ ପାଇଁ ଫୋନ୍ ନମ୍ବର ୯୯୩୭୫୧୩୫୯୯ରେ ଯୋଗାଯୋଗ କରିପାରିବେ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱଚ୍ଛତା ଦିବସ

ଭୁବନେଶ୍ୱର, ୭।୪(ସମିସ): ଐତିହ୍ୟ ସ୍ଥଳ ସ୍ୱଚ୍ଛତା ଦିବସ ପାଳନ ଉପଲକ୍ଷେ ଉତ୍କଳ ସମ୍ମିଳନୀ ଓ ପଞ୍ଚୁପାଣ୍ଡବ ଗୁମ୍ଫା ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ପଞ୍ଚୁପାଣ୍ଡବ ଗୁମ୍ଫା ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ନିକଟରେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କର ଏକ ପ୍ରତିନିଧ ଦଳ ସାକ୍ଷାତ କରିବେ ବୋଲି ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ତଥା ବଡ଼ଗଡ଼ ବ୍ରିଟ୍ କଲୋନି ଉନ୍ନୟନ କମିଟିର ପ୍ରାକ୍ତନ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର ସୂଚନା ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ନିରୁପମା ମଙ୍ଗରାଜଙ୍କ ନେତୃତ୍ୱରେ ଦେବରାଜ ନାୟକ, ବିନ୍ଦୁ ବଳିୟାରସିଂହ, ଖଗେଶ୍ୱର ବଳ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ପାଣ୍ଡବ ଗୁମ୍ଫା ବିକାଶ ପରିଷଦର ଅବାହକ ମହେଶ ମିଶ୍ର ପରିଚାଳନା କରିଥିଲେ।

## 'ଦାଦା' ପକ୍ଷରୁ ବରା ଦିବସ




ଭୁବନେଶ୍ୱର, ୭।୪(ସମିସ): ଢେଙ୍କାନାଳ ଅନୁଗୋଳ ଡେଭଲପମେଣ୍ଟ ଆସୋସିଏସନ 'ଦାଦା' ପକ୍ଷରୁ ମଙ୍ଗଳବାର ବରା ଦିବସ ଗୀତ ଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି। ଦାଦାର ସଭାପତି କୃଷ୍ଣଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳିଙ୍ଗ ହସ୍ପିଟାଲ ଚେୟାରମ୍ୟାନ ଡାକ୍ତର ସୀତାକାନ୍ତ ଦାଶ, ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ, ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଡକ୍ଟର ବିମଳେନ୍ଦୁ ମହାନ୍ତି, ଓୟୁଏଟି ବୈଜ୍ଞାନିକ ପ୍ରଫେସର ନିର୍ମଳ ଚନ୍ଦ୍ର ଦାସ, ସୁବ୍ରତ କୁମାର ମିଶ୍ର ଏବଂ କିଶୋର ମିଶ୍ର, ସାଧାରଣ ସମ୍ପାଦକ ଦାଦା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ବରାକୁ ଜିଆଇ ଟ୍ୟାଗ୍ ମିଳିବା ଦିଗରେ ଆଗାମୀ ଦିନରେ ଢେଙ୍କାନାଳ ଅନୁଗୋଳ ଡେଭଲପମେଣ୍ଟ ଆସୋସିଏସନ ଉଦ୍ୟମ କରିବା ନେଇ ମତ ପ୍ରକାଶ କରିଛନ୍ତି। ଭୁବନେଶ୍ୱରର ଆଶା କିରଣ ଫାଉଣ୍ଡେସନ ଏବଂ ସାମାଜିକ ସଙ୍ଗଠନ ମା ଆନନ୍ଦ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ କିଶୋର ମିଶ୍ର। ରାଜଧାନୀରେ ରହୁଥିବା ଅନେକ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ଭାଇ ଭଉଣୀ ଯୋଗଦାନ କରିଥିଲେ।

## ମା' ଚମ୍ପାଦେଇଙ୍କ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ



ବାଲିପାଟଣା, ୭।୪(ସମିସ): ବାଲିପାଟଣା ସ୍ଥାନୀୟ ନବାଟି ଗ୍ରାମସ୍ଥିତ ମା' ଚମ୍ପାଦେଇଙ୍କ ପୀଠରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ନାରାୟଣ ବେହେରା ଓ ମମତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥି ଭାବେ ଅକ୍ଷୟ କୁମାର ଭୋଇ, କେଦାରନାଥ ଭୋଇ, ପ୍ରଶାନ୍ତ କୁମାର ଭୋଇ, ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ବେଣୁଧର ଭୋଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ। ମା ଚମ୍ପାଦେଇ ଟ୍ରଷ୍ଟର ଟ୍ରଷ୍ଟି ପ୍ରସନ୍ନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞରେ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ଯଜ୍ଞକୁ ସଫଳ କରିବାରେ ସୁରେନ୍ଦ୍ର ଭୋଇ, ପବନ ଭୋଇ, ତ୍ରିନାଥ ଭୋଇ, ସଞ୍ଜୀବ ବେହେରା, ପ୍ରକାଶ କୁମାର ଭୋଇ, ପ୍ରଦୀପ କୁମାର ଭୋଇ, ଶାନ୍ତିଲତା ଭୋଇ, ପ୍ରଭାତ ଭୋଇ, ପୂର୍ଣ୍ଣଚନ୍ଦ୍ର ରାଉତ, ନିତ୍ୟାନନ୍ଦ ଭୋଇ, ସୂର୍ଯ୍ୟମଣି ଭୋଇ ଓ ସୌଭାଗ୍ୟ ବେହେରାଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ସଭା କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ବେହେରା ପରିଚାଳନା କରିଥିଲେ।

# ସୌନ୍ଦର୍ଯ୍ୟ ହରାଉଛି ଐତିହ୍ୟ ପୁଷ୍କରିଣୀ

ଭୁବନେଶ୍ୱର, ୭।୪(ସମିସ): ରାଜଧାନୀରେ ଗଚ୍ଛିତ ହୋଇ ରହିଛି ଓଡ଼ିଶାର ପ୍ରମୁଖ ଐତିହ୍ୟସ୍ଥଳୀ। ଏହା ମନ୍ଦିରମାଳିନୀ ସହର ଭାବେ ପରିଚିତ। ସେହି ପୁରାତନ ମନ୍ଦିରର ପରିସରରେ ରହିଛି ବିଭିନ୍ନ ଐତିହ୍ୟ ପୁଷ୍କରିଣୀ। କିନ୍ତୁ ଅଧିକାଂଶ ପୁଷ୍କରିଣୀଗୁଡ଼ିକ ନିକଟସ୍ଥ ମନ୍ଦିରର ପୂଜାର୍ଚ୍ଚନା ଓ ବିଧିବିଧାନ ସମ୍ପୃକ୍ତ କିନ୍ତୁ ନିୟମିତ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ସେସବୁର ଜଳ ଏତେ ଅପରିଷ୍କାର ହୋଇ ଯାଇଛି ଯେ ଜଳ ମନ୍ଦିରରେ ବ୍ୟବହାର ହୋଇ ପାରୁନାହିଁ। ଅପରପକ୍ଷେ ଏହିସବୁ ପୁଷ୍କରିଣୀ ଏବେ ମଶା, ମାଛିଙ୍କ ଏନ୍ତୁଡ଼ିଶାଳ ପାଲଟିଛି। ଯାହା ସ୍ଥାନୀୟ ଅଧିବାସୀଙ୍କ ପାଇଁ ଦୁଃଖର କାରଣ ପାଲଟିଛି।

ସହରରେ ବିଭିନ୍ନ ଐତିହ୍ୟ ମନ୍ଦିର ପରିସର ମଧ୍ୟରେ ଥିବା ପୁଷ୍କରିଣୀ ବା କୁଣ୍ଡ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଐତିହାସିକ ମାନ୍ୟତା ହରେଇବାକୁ ବସିଲାଣି। ରାମେଶ୍ୱର ମନ୍ଦିରର ରାମତୀର୍ଥ ପୁଷ୍କରିଣୀ, ଝାଡେଶ୍ୱର ମନ୍ଦିର ପୁଷ୍କରିଣୀ, କୋଟି ତୀର୍ଥେଶ୍ୱର ପୁଷ୍କରିଣୀ, ସୂକ୍ଷ୍ମେଶ୍ୱର ପୁଷ୍କରିଣୀ, ପାପନାଶିନୀ ପୁଷ୍କରିଣୀ, ଅଷ୍ଟସମ୍ଭୁ ମନ୍ଦିରର ଗୋଦାବରୀ କୁଣ୍ଡ, କେଦାରଗୌରୀ ମନ୍ଦିର ପୁଷ୍କରିଣୀ ଭଳି ବହୁ ଐତିହାସିକ ପୁଷ୍କରିଣୀ ମନ୍ଦିର ପରିସରରେ ରହିଛି। ଯେଉଁଗୁଡିକର ଭିନ୍ନ ଭିନ୍ନ ଐତିହାସିକ ମାନ୍ୟତା ମଧ୍ୟ ରହିଛି। ହେଲେ ଏହି ଐତିହ୍ୟ ପୁଷ୍କରିଣୀ ମଧ୍ୟରୁ ବର୍ତ୍ତମାନ ଅଧିକାଂଶ ପୁଷ୍କରିଣୀ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। କେଉଁଠି ଅଳିଆ ଆବର୍ଜନା ତଥା ଗଛର ଶୁଖିଲା ପତ୍ର ଡାଳ ଆଦି ପଡ଼ି ତାର ରଙ୍ଗ ପରିବର୍ତ୍ତନ ହୋଇଗଲାଣି ତ କେଉଠି ନିୟମିତ ସଫା ନହେବାରୁ ପଙ୍କରେ ପରିପୂର୍ଣ୍ଣ ପାଣି। ଫଳରେ ତାହା ଏବେ ମନ୍ଦିର କାର୍ଯ୍ୟରେ ଲାଗିପାରୁନି ବୋଲି ପୂଜକ ମତ ଦେଉଛନ୍ତି। ସେହି ପାଣିକୁ ସଫା କରିବା ସହ ସମୟ ଅନ୍ତରରେ ପାଣି ନିଷ୍କାସନ କରି ବଦଳାଇବା କଥା ହେଲେ ମାସ ମାସ ବିତିଯାଉଛି ହେଲେ ଏତିପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହି ସବୁ ଐତିହ୍ୟ ପୁଷ୍କରିଣୀ ମନ୍ଦିର ପରିସର ଭିତରେ ଥିବାରୁ ଏଠାକୁ ପ୍ରତିଦିନ ଆସୁଥିବା ଶହ ଶହ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଥାଏ। ହେଲେ ବର୍ତ୍ତମାନ ସେହି ପୁଷ୍କରିଣୀ ଆକର୍ଷଣ ପାଇଁ ବାଧା ସାଜୁଛି ଅପରିଷ୍କାର ପାଣି। ପୁରୁଣା ଭୁବନେଶ୍ୱରରେ ଏପରି ଅନେକ ଗୁଡିଏ ଛୋଟ ବଡ ମନ୍ଦିର ରହିଛି ଏବଂ ତା ପରିସରରେ ଏହି ଐତିହ୍ୟ ପୁଷ୍କରିଣୀ। ପୁରୁଣା କିର୍ତ୍ତୀରାଜି ସହ ଏହି ପୁଷ୍କରିଣୀଗୁଡିକ ଯୋଡ଼ି ହୋଇରହିଛି।



### ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଉଛି ସୌନ୍ଦର୍ଯ୍ୟ

ଏହି ପୁରାତନ ପୁଷ୍କରିଣୀଗୁଡ଼ିକ ଏବେ ପରିତ୍ୟକ୍ତ ବା ଅବହେଳିତ ଅବସ୍ଥାରେ ପଡ଼ିବା ଭଳି ଅଛନ୍ତି। କେଉଁଠି ଚାରିପଟେ ଘରଦ୍ୱାର ଗଢ଼ି ଉଠିବାରୁ ରାସ୍ତା ବନ୍ଦ ହୋଇ ଯାଇଛି, ପୁଣି ତାହା ନିକଟରେ ଲୋକଙ୍କର ଯାତାୟତ ମଧ୍ୟ ଆଉ ଆଗଭଳି ନାହିଁ। ଅନ୍ୟପଟେ ପୁଷ୍କରିଣୀର ପାଣି ନିଷ୍କାସନ ନହେବା ହିଁ ବଡ ସମସ୍ୟା ସୃଷ୍ଟି କରୁଛି। ଏହି ଅପରିଷ୍କାର ପାଣି ମଶାଙ୍କ ବଂଶ ବୃଦ୍ଧି କରିବା ସହ ପୁଷ୍କରିଣୀର ନେଳି ପାଣି ଧିରେ ଧିରେ ଆହୁରି ଗାଢ ରଙ୍ଗରେ ପରିଣତ ହେଲାଣି।



**ମୁଣ୍ଡମୁହାଣ ରାମଲୀଳା**

# ଦ୍ୱାଦଶ ସନ୍ଧ୍ୟାରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ ବଧ

ଯାଁଳା, ୭।୪(ସମିସ): ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ରଘୁନାଥଙ୍କ ପୀଠରେ ରାମ ନାଟକ ଯାତ୍ରାର ଦ୍ୱାଦଶ ସଧାରେ କୁମ୍ଭକର୍ଣ୍ଣ ବଧ ଓ ଇନ୍ଦ୍ରଜିତ୍ ବଧ ପରିବେଷଣ କରାଯାଇଛି। ଆଜିର ପ୍ରସଙ୍ଗରେ ବହୁ ଅସୁର ନିଧନ ହୁଅନ୍ତି, ଇନ୍ଦ୍ରଜିତ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଅଚେତ କରନ୍ତି। ନାଗଫାଶରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ବନ୍ଧନ କରନ୍ତି। ସେହିପରି ରାବଣ ମାୟାସୀତା ପ୍ରସ୍ତୁତି କରି ଶ୍ରୀରାମଙ୍କ ଆଗରେ ତାକୁ ନିଧନ କରେ ଓ ଶ୍ରୀରାମ ଶୋକରେ ଆତୁର ହୋଇଯାଆନ୍ତି। ରାବଣର ମାୟା ରାମ, ଲକ୍ଷ୍ମଣଙ୍କ କଟାମୁଣ୍ଡ ନେଇ ସୀତାଙ୍କୁ ଦେଖାନ୍ତି ସୀତା ମଧ୍ୟ ଶୋକରେ ଆତୁର ହୋଇପଡନ୍ତି। ବାରମ୍ବାର ଯୁଦ୍ଧରେ ବିଫଳ ହେବାରୁ ରାବଣ ଆପଣାର ଯୋଦ୍ଧା ଭାଇ କୁମ୍ଭକର୍ଣ୍ଣକୁ ନିଦରୁ ଉଠାଏ। କୁମ୍ଭକର୍ଣ୍ଣ ଅବେଳାରେ ଉଠିବା ଏକ ଅଶୁଭଲକ୍ଷଣ ଥିଲା। ସେ ରାବଣ ପାଖରୁ ସବୁ ଶୁଣିବାପରେ ରାବଣର ସୀତା ହରଣ ଠିକ୍ ନୁହେଁ ବୋଲି କହିବାରୁ ରାବଣ କୁମ୍ଭକର୍ଣ୍ଣକୁ ଧିକାର କରି ବିଭୀଷଣ ପରି ରାମର ସରଣକୁ ଚାଲିଯିବାକୁ କହିବାରୁ ଭାତୃଭକ୍ତ



କୁମ୍ଭକର୍ଣ୍ଣ ଯୁଦ୍ଧରୁ ବାହାରେ, କୁମ୍ଭକର୍ଣ୍ଣର ବିକଟାଳ ରୂପ ଦେଖି ସମସ୍ତ ବାନର ସେନା ଭୟରେ ଛତ୍ରଭଙ୍ଗ ଦିଅନ୍ତି, ନଳ, ନୀଳ ବୀର ମଧ୍ୟ ପରାସ୍ତ ହୁଅନ୍ତି। ଏଣୁ ବାନାରଙ୍କୁ ସାହାସ ଦେବା ପାଇଁ ନିଜେ ସୁଗ୍ରୀବ ଯୁଦ୍ଧକୁ ଆସି ପରାସ୍ତ ଓ ମୋହଗ୍ରସ୍ତ ହେବାପରେ କୁମ୍ଭକର୍ଣ୍ଣ ସୁଗ୍ରୀବକୁ କାଖ ତଳେ ଚାପି ଲଙ୍କାପୁରକୁ ଫେରିବା ବାଟରେ ସୁଗ୍ରୀବ ଚେତା ପାଇ କୁମ୍ଭକର୍ଣ୍ଣର ନାସା ଓ କର୍ଣ୍ଣକୁ ଛିଣ୍ଡାଇ ରକ୍ତ ଜର୍ଜରିତ କରନ୍ତି। ଏଣୁ ଅତିଶୟ କ୍ରୋଧରେ କୁମ୍ଭକର୍ଣ୍ଣ ଭୟଙ୍କର ଯୁଦ୍ଧ କରେ। ମାତ୍ର ଶେଷରେ ରାମଚନ୍ଦ୍ର ଅର୍ଦ୍ଧଚନ୍ଦ୍ର ବାଣରେ କୁମ୍ଭକର୍ଣ୍ଣ ଶିର ଛେଦ କରନ୍ତି। ଆଜି ଦ୍ୱାଦଶ ସନ୍ଧ୍ୟାରେ କୁମ୍ଭକର୍ଣ୍ଣ ବଧ ଦୃଶ୍ୟ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରଦର୍ଶିତ ହୋଇଥିଲା। ନାଟକରେ ବିଭିନ୍ନ ଭୂମିକାରେ, ଭରତ ବାରିକ (ରାମ), ସୁନୀଲ ମଙ୍ଗରାଜ (ଲକ୍ଷ୍ମଣ), ମୁରଲୀ ପ୍ରଧାନ (ସୀତା), ସଙ୍କର୍ଷଣ ମଙ୍ଗରାଜ (ହନୁମାନ), ସନ୍ତୋଷ ପ୍ରଧାନ (ରାବଣ), ମହେଶ୍ୱର ମଙ୍ଗରାଜ (କୁମ୍ଭକର୍ଣ୍ଣ), ବେଣୁଧର ପ୍ରଧାନ (ଇନ୍ଦ୍ରଜିତ), କଳା ପ୍ରଦର୍ଶନ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

**ପୁରୁଣା ଫଟୋ ପୁରୁଣା ସ୍ମୃତି**



ଭୁବନେଶ୍ୱର, ୭।୪(ସମିସ): ସବୁଠି ଏବେ ଚାକଚକ୍ୟ। କଂକ୍ରିଟ ସଡ଼କ ସାଙ୍ଗକୁ ଆକାଶ ଛୁଉଁଥିବା ଅଟ୍ଟାଳିକା। ସେ ଦିନର ବର୍ଷା, ବସନ୍ତ ବୈଶାଖକୁ, ଉତ୍ସବ, ଉତ୍ସାହ ଆଉ ନାନା ସ୍ମୃତିକୁ ଏବଂ ପ୍ରତିଟି ଛକ, କଲୋନି, ମନ୍ଦିର, ଏପରିକି ବର୍ଷ ବର୍ଷ ଧରି ଠିଆ ହୋଇ ରହିଥିବା ବଡ ଗଛ ପଛରେ ମଧ୍ୟ ରହିଛି କିଛି ଇତିହାସ, କଥା ଓ କାହାଣୀ। ଯାହା କିଛି ଜଣଙ୍କ କ୍ୟାମେରାରେ ଆଜିବି କଏଦ୍ ହେଇ ରହିଛି ସାଇତା ସ୍ମୃତି ପରି। ଶାନ୍ତ ସହର ଏବେ ଗହଳିରେ ପରିପୂର୍ଣ୍ଣ। ସହର ଭିତରେ ମାଳମାଳ ସରକାରୀ ଓ ଘରୋଇ କୋଠା। ହେଲେ ଅନେକ ବର୍ଷ ପୂର୍ବରୁ କିପରି ଦେଖାଯାଉଥିଲା ଏ ସହର ଏବଂ ସେ ସମୟର ଅଟ୍ଟାଳିକା ତାକୁ ହିଁ ନେଇ ଏହି ଉପସ୍ଥାପନା।

ଏହି ଫଟୋଚିତ୍ରଟି ଭୁବନେଶ୍ୱରର '୯ ତାଲା' ବା ଏହି ନଅ ମହଲା କୋଠା। ଯାହା ରାଜ୍ୟର ଏକ ପୁରୁଣା ଓ ପରିଚିତ ସରକାରୀ ସଚିବାଳୟ କୋଠା ଭାବରେ ଜଣାଶୁଣା। ଯେଉଁଠି ରାଜ୍ୟ ସରକାରଙ୍କ ପ୍ରମୁଖ ବିଭାଗଗୁଡିକ ରହିଛି। ଏହି ଫଟୋଚିତ୍ରଟି ପାଖାପାଖି ୫୦ ବର୍ଷ ପୁରୁଣା ହୋଇଥିବାବେଳେ ଏହା ରାଜଧାନୀର ବହୁ ପୁରାତନ ୯ ତାଲା ବିଶିଷ୍ଟ କୋଠା।

## ଓଡ଼ିଆ ସଂସ୍କୃତି, ପରମ୍ପରା ଓ ବୀରତ୍ୱର ବାର୍ତ୍ତା ଦେବ ନମାମି ମନ୍ଦାକିନୀ

ଭୁବନେଶ୍ୱର, ୭।୪(ସମିସ): ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ନାଗରିକ ମହାସଙ୍ଘ ପକ୍ଷରୁ ଆସନ୍ତା ୧୪ ତାରିଖ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ 'ନମାମି ମନ୍ଦାକିନୀ ନବବର୍ଷ ମହୋତ୍ସବ' ଅନୁଷ୍ଠିତ ହେବ। ବିଶ୍ୱମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମେତ ଅନ୍ୟ ମହାପୁରୁଷଙ୍କ ଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସାରସ୍ୱତ ସାଧକଙ୍କୁ 'ସୁଯୋଗ୍ୟ ଓଡ଼ିଆ ସମ୍ମାନ -୨୦୨୬' ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ମତବ୍ୟକ୍ତ କରିଛନ୍ତି। ସଂସ୍କୃତି ପୁରୁଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଭାଷାପ୍ରାଣ ସୀତା ବଲ୍ଲଭ ମହାପାତ୍ର, ଶତାୟୁ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ସମାଜସେବୀ ଡ. ପ୍ରଦୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିବେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି।

## ସନ୍‌ରାଇଜ ବ୍ୟାଡ଼ମିଣ୍ଟନ କ୍ଲବର କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, ୭।୪(ସମିସ): ସହିଦ ନଗର ସନ୍‌ରାଇଜ ବ୍ୟାଡ଼ମିଣ୍ଟନ କ୍ଲବର ୨ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଇନ୍ଦିରା ପାର୍କରେ ଅନୁଷ୍ଠିତ ହୋଇଯାଇଛି। ସିକ୍ରେଟ ବ୍ୟାଲାଟ ଦ୍ୱାରା ଅନୁଷ୍ଠିତ ଏହି ନିର୍ବାଚନରେ ମୋଟ ୫୪ଜଣ ସଭ୍ୟଙ୍କ ମଧ୍ୟରୁ ୩୭ ଜଣ ସଭ୍ୟ ଭୋଟଦାନ କରିଥିଲେ। ସଭାପତି ପଦବୀ ପାଇଁ ଶ୍ୟାମସୁନ୍ଦର ମହାପାତ୍ର ୩୫ଖଣ୍ଡ ଭୋଟ ପାଇ ବିଜୟ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସରୋଜ ପାତ୍ରଙ୍କୁ ମାତ୍ର ୨ଖଣ୍ଡ ଭୋଟ ମିଳିଥିଲା। ଉପସଭାପତି ପଦବୀରେ ଦୀପକ ବେହେରା ୨୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ୧୬ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ପଦବୀରେ ସୁନିଲ କୁମାର ସାହୁ, ଯୁଗ୍ମ ସମ୍ପାଦକ ପଦବୀରେ ପ୍ରଶାନ୍ତ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ପଦବୀରେ ଶଶାଙ୍କ ଶେଖର ଜେନା ଓ ଯୁଗ୍ମ କୋଷାଧ୍ୟକ୍ଷ ପଦବୀରେ ମୃତ୍ୟୁଞ୍ଜୟ ସାମନ୍ତସିଂହାର ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପରିଚାଳନା କମିଟି ପାଇଁ ୫ଜଣ ସଭ୍ୟଙ୍କୁ ଆସନ୍ତା ସାଧାରଣ ସଭାରେ ମନୋନୀତ କରାଯିବ। ଉକ୍ତ ନିର୍ବାଚନରେ ୩ଜଣିଆ କମିଟି ଦେବବ୍ରତ ଦାସ, ବିକ୍ରମ ସିଂହ ଓ ସୁଶ୍ରୀ ସୁଦିପ୍ତା ପରିଡ଼ା ପରିଚାଳନା କରିଥିଲେ।

**ଓଇଏସ୍ ଓ ଆର୍‌ଏସ୍‌ସି ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ**

## 'ଅନ୍ଧବିଶ୍ୱାସ ନୁହେଁ; ବୈଜ୍ଞାନିକ ତଥ୍ୟ ଆଧାରରେ ସ୍ୱାସ୍ଥ୍ୟ ସମସ୍ୟାର ବିଶ୍ଳେଷଣ କରାଯାଉ'

ଭୁବନେଶ୍ୱର, ୭।୪(ସମିସ): ଅନ୍ଧବିଶ୍ୱାସ ନୁହେଁ; ବୈଜ୍ଞାନିକ ତଥ୍ୟ ଆଧାରରେ ସ୍ୱାସ୍ଥ୍ୟ ସମସ୍ୟାର ବିଶ୍ଳେଷଣ କରାଯାଉ। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର (ଆର୍‌ଏସ୍‌ସି), ଭୁବନେଶ୍ୱରର ମିଳିତ ଅନୁକୂଲ୍ୟରେ ଆର୍‌ଏସ୍‌ସି ପ୍ରେକ୍ଷାଳୟରେ ଆୟୋଜିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ଏପରି ମତ ପ୍ରକାଶ କରିଛନ୍ତି। ଓଇଏସ୍‌ର କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ରର ପୂର୍ବତନ ବୈଜ୍ଞାନିକ (ଜି) ଡ. ମନୋରଞ୍ଜନ ରଣଜିତ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ଡ. ପାଣିଗ୍ରାହୀ ତାଙ୍କ ସଭାପତି ଅଭିଭାଷଣରେ ମଣିଷ, ପ୍ରାଣୀ, ଉଦ୍ଭିଦ ଏବଂ ଆମ ଗ୍ରହର ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ପ୍ରମାଣ-ଭିତ୍ତିକ, ବୈଜ୍ଞାନିକ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ଏସ୍‌ସିର ସଂଯୋଜକ ଡ. କପିଳ ଜୈନ ଉଦୀୟମାନ ସ୍ୱାସ୍ଥ୍ୟ ବିପଦ, ପ୍ରାଣୀଭିତ୍ତିକ ରୋଗ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା ପାଇଁ ବିଜ୍ଞାନ ଏବଂ ଗବେଷଣାରେ ନିବେଶ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆର୍‌ଏସ୍‌ସିର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ସାହୁ



ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ମାରାଣ୍ଡି ଏବଂ ଓଇଏସ୍ ଉପ-ସଭାପତି ଡ. ବିଜୟ କେତନ ପଟ୍ଟନାୟକ, ଡ. ଲାଲା ଏକେ ସିଂହ, ସଦସ୍ୟ ପ୍ର. ନିମାଇ ଚରଣ ମିଶ୍ର, ରମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ପଣ୍ଡା, ସ୍ୱପ୍ନା ବେହେରା, ଡ. ଲଡୁକେଶ ପ୍ରସାଦ ମିଶ୍ର ଏବଂ ଏକାଦଶୀ ନନ୍ଦୀ ପ୍ରତିଯୋଗିତାସବୁର ପରିଚାଳନା କରିଥିଲେ। ଓଇଏସ୍ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ ଜଣ ପିଲା କହିଲେ ୨୫ ଗପ

ଭୁବନେଶ୍ୱର, ୭।୪(ସମିସ): ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳନ କରାଯାଉଥିବା ଓଡ଼ିଆ ପକ୍ଷ ଅବସରରେ ଇନଫୋସିଟି ଏରିଆସ୍ଥିତ ଇଟିକିଲି ମିଟିକିଲି କାର୍ଯ୍ୟାଳୟଠାରେ ଶିଶୁକଥା ଦିବସ ପାଳନ କରାଯାଇଛି। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିଶୁକଥା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶୀ ସଙ୍ଗୀତଜ୍ଞ ଓ ଗୁରୁ ରାମହରି ଦାସ, କବି ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ସଦସ୍ୟ ଅରୁଣ କୁମାର ସାହୁ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଇଟିକିଲି ମିଟିକିଲିର ସଚିବ ଶରତ କୁମାର ନାୟକ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପଚିଶ ଜଣ ସାନସାନ ପିଲା ପଚିଶଟି ଗପ କହିଥିବାବେଳେ ପନ୍ଦର ଜଣ ଅଭିଭାବକ ପନ୍ଦରଟି ଗପ କହିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ 'ବର୍ଣ୍ଣବୋଧ' ଓ ପିଲାଙ୍କ ପତ୍ରିକା 'ଶିଶୁଲେଖା'ର ବନ୍ଦେ ମାତରମ୍



ସଂଖ୍ୟା, ଗପ କହିଥିବା ପିଲା, ଅଭିଭାବକ ଓ ଶିଶୁ-ସାହିତ୍ୟିକମାନଙ୍କୁ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ରଜନୀକାନ୍ତ ରାଉତ, ପ୍ରତ୍ୟୁଷିନୀ ମହାନ୍ତି, ଶିଳ୍ପୀତା ବିଶ୍ୱାଳ ପ୍ରମୁଖ ଶିଶୁକଥା ଦିବସ ପାଳନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୃଜନୀ ସମୀକ୍ଷାୟନ ଆଲୋଚନା ପର୍ବରେ 'ଧୂସର ଅନ୍ଧାର'

ଭୁବନେଶ୍ୱର, ୭।୪(ସମିସ): ସାହିତ୍ୟ ସାଧିକା ଡକ୍ଟର ଶିବପ୍ରିୟା ମିଶ୍ରଙ୍କ ଗଳ୍ପ ସଂକଳନ 'ଧୂସର ଅନ୍ଧାର' ସୃଜନୀ ସମୀକ୍ଷାୟନ ଆଲୋଚନା ପର୍ବରେ ବରେଣ୍ୟ ଅତିଥି, ସମୀକ୍ଷକଙ୍କ ଉପସ୍ଥିତିରେ ସୃଜନୀ ପରିବାର ଆନୁକୂଲ୍ୟରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଚେନ୍ନାଇ, ସୃଜନୀ ପରିବାର ଉପଦେଷ୍ଟା ତଥା ସାରସ୍ୱତ ସାଧିକା ଡ. ବାସନ୍ତୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଗତିଶୀଳ ହୋଇଥିଲା ଓ ନାଟ୍ୟକାର, ସାହିତ୍ୟିକ ତଥା ଶିକ୍ଷାବିତ୍ ପ୍ରାଧ୍ୟାପକ ମୋହନ ସାହୁ ସଭାର ମୁଖ୍ୟଅତିଥି ଭାବେ ଆଭାସୀ ସଭାରେ ଯୋଗଦେଇ ଡ. ଶିବପ୍ରିୟା ମିଶ୍ରଙ୍କ ଗଳ୍ପ ସଂକଳନ 'ଧୂସର ଅନ୍ଧାର' ପ୍ରସଙ୍ଗରେ ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସାହିତ୍ୟିକ, ଗବେଷକ ତଥା ଶିକ୍ଷାବିତ୍ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ସଭାର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ ସାହିତ୍ୟିକା ପାରମିତା ଷଡ଼ଙ୍ଗୀ, ବିଶ୍ୱନୀଡମ୍ ସେଣ୍ଟର୍ ଫୋର୍ ଏସିଆନ୍ - ବ୍ଲୁସୋମିଙ୍ଗର କାର୍ଯ୍ୟକାରୀ ପରିଚାଳିକା ତଥା ସାହିତ୍ୟିକା ମିନତୀ ପ୍ରଧାନ, ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. କମଳାକୃଷ୍ଣ ତ୍ରିପାଠୀ, ବିଘ୍ନେଶ୍ୱର ସାହୁ ଆଦି ସଭାରେ ସମୀକ୍ଷକ ଭାବେ ଉପସ୍ଥିତ ଥିଲେ। ସୃଜନୀ ପରିବାରର ସମ୍ପାଦକ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## ରାଜଧାନୀ ମହାବିଦ୍ୟାଳୟରେ 'କାବ୍ୟତତ୍ତ୍ୱ' ଆଲୋଚନା

ଭୁବନେଶ୍ୱର, ୭।୪(ସମିସ): ରାଜଧାନୀ ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ 'ପଣ୍ଡିତରାଜ ଜଗନ୍ନାଥଙ୍କ ଦୃଷ୍ଟିରେ କାବ୍ୟତତ୍ତ୍ୱର ଆଲୋଚନା' ଶୀର୍ଷକ ବିଶିଷ୍ଟ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ଯୁବ ପୁରସ୍କାର ପ୍ରାପ୍ତ, ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ପ୍ରଫେସର୍ ଏବଂ ଓଡ଼ିଶା ଚେୟାର୍‌ର ନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ସୁରେଶ୍ୱର ମେହେର, ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ମନ୍ମଥ ନାଥ ଘଡ଼େଇ, ସଂସ୍କୃତଜ୍ଞ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପ୍ରଥମ ବର୍ଷୀୟା ଛାତ୍ରୀ ରାଜଶ୍ରୀ ତ୍ରିପାଠୀ ସଞ୍ଚାଳନ କରିଥିଲେ। ଶେଷରେ 'ସ୍ମୃତିମଞ୍ଜରୀ' ନାମକ ବିଦାୟକାଳୀନ ଉତ୍ସବ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ଦ ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଡ. ସ୍ମିତା ପାଢ଼ୀ ସମ୍ମାନୀତ

ଭୁବନେଶ୍ୱର, ୭।୪(ସମିସ): 'ଦ ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଡାକ୍ତର ସ୍ମିତା ପାଢ଼ୀଙ୍କୁ ସମ୍ମାନୀତ କରାଯାଇଛି। ମାସିକ ପତ୍ରିକା 'ଦ ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ପ୍ରେରଣାଦାୟୀ ବ୍ୟକ୍ତିବିଶେଷଙ୍କୁ ଲୋକଲୋଚନକୁ ଆଣିବା ସହ ଗୋଟିଏ ମଞ୍ଚରେ ସମ୍ମାନିତ କରିବାକୁ ସ୍ଥାପୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ପାଢ଼ୀଙ୍କୁ ସମ୍ମାନୀତ କରାଯାଇଛି। ଡ. ସ୍ମିତା ପାଢ଼ୀ ଓଡ଼ିଶାର ଜଣେ ପ୍ରମୁଖ ସ୍ୱାସ୍ଥ୍ୟସେବା ନେତୃତ୍ୱ ବହନ କରୁଥିବା ବ୍ୟକ୍ତିତ୍ୱ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସଂସ୍କୃତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଯୋଗଦେଇ ଇଣ୍ଟରଭ୍ୟୁ ଟାଇମ୍ସ ପତ୍ରିକା ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଅନ୍ୟମତ ଅତିଥି ଭାବେ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ହିରଣ୍ମୟ ମହାନ୍ତ, ଆଇଏମଏମଟି ଡାଇରେକ୍ଟର ଡ. ରାମାନୁଜ ନାରାୟଣ, ଦିଲ୍ଲୀପ ରାଉତରାୟ, ଆଶିଷ ଘୋଷ ପ୍ରମୁଖ ଯୋଗଦେଇଥିଲେ।

## ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ



ଭୁବନେଶ୍ୱର, ୭।୪(ସମିସ): ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୬୦ ଏବଂ ୬୭ରେ କାର୍ଯ୍ୟରତ ୧୧୦ ଜଣ ସଫେଇ କର୍ମଚାରୀ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅମର ଜ୍ୟୋତି ଫାଉଣ୍ଡେସନ୍ ଏବଂ ଜାଗରଣ ପେହେଲେ ଦ୍ୱାରା ପରିଚାଳିତ ହର୍ପିକ ୱାଲ୍ଡ ଟଏଲେଟ୍ କଲେଜ ପକ୍ଷରୁ କପେଲେଶ୍ୱର୍ ନଗର କଲ୍ୟାଣୀ ମଣ୍ଡପରେ ଆୟୋଜିତ ଏହି ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୱାର୍ଡ ସାନିଟେସନ ଅଫିସର, କର୍ପୋରେଟର୍ ଚନ୍ଦ୍ରଶେଖର ମଲ୍ଲିଆ, ଏବଂ ମଧୁସ୍ମିତା ପ୍ରଧାନ ଉପସ୍ଥିତ ଥିବା ବେଳେ ପ୍ରଶିକ୍ଷକ ଅବିନାଶ ସୁତାର, ସୁଚରିତା ମଣ୍ଡଳ କର୍ମଚାରୀଙ୍କ ସୁରକ୍ଷିତ ଜୀବନ ଓ ବିଭିନ୍ନ ନୀତି ନିୟମ, ସ୍ୱଚ୍ଛତା, ଜଳ ପରଚାଳନା, ବୃତ୍ତିଗତ ଦୁର୍ଘଟଣା ଓ ବ୍ୟବହାରିକ ଜ୍ଞାନ କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ସଫେଇ କର୍ମଚାରୀମାନଙ୍କୁ ଓ୍ୱାଟର ବୋଟଲ, ଜ୍ୟାକେଟ, ଗଲଭ୍ ହାରପିକ, ସାର୍ଟିଫିକେଟ, ସଫେଇ ମିତ୍ର ସୁରକ୍ଷା ପାସପୋର୍ଟ ଆଦି ପ୍ରଦାନ କରାଯାଇଥିଲା।

**ସୌନ୍ଦର୍ଯ୍ୟ ହରାଉଛି ଆନନ୍ଦବନ**

# ଭାଙ୍ଗି ପଡ଼ିଛି ଗଛ, ଚାଲୁନି ୱାଟର୍ ଫାଉଣ୍ଟେନ୍

ଭୁବନେଶ୍ୱର, ୭।୪(ସମିସ): ଦିନକୁ ଦିନ ସୌନ୍ଦର୍ଯ୍ୟ ହରାଉଛି ଆନନ୍ଦ ବନ। କେଉଁଠି ଗଛଗୁଡ଼ିକ ଭାଙ୍ଗିରୁଜି ପଡ଼ିଛି ତ ଆଉ କେଉଁଠି ପାଣି ଅଭାବରୁ ଶୁଖି ଗଲାଣି। ସେହିପରି ପୋଖରୀରେ ଆଉ କଇଁଫୁଲ ଫୁଟୁ ନ ଥିବା ସହ ବତକଙ୍କୁ ବି ଦେଖିବାକୁ ମିଳୁନି। ଏହା ପରିସରରେ ରହିଥିବା ଅଧିକାଂଶ ଔଷଧୀୟ ବୃକ୍ଷର ସତ୍ତା ବି ହଜିଗଲାଣି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନସ୍ପୃହା ବୃଦ୍ଧି କରିବାକୁ

**■ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ**

ଆନନ୍ଦ ବନରେ ନିର୍ମାଣ ହୋଇଥିବା ଟ୍ରୀ- ଲାଇବ୍ରେରୀରୁ ଅଧିକାଂଶ ବହି ଗାୟବ ହୋଇଗଲାଣି। ସରକାର ବଦଳିବା ପରେ ଆନନ୍ଦବନର ଭାଗ୍ୟରେ ପରିବର୍ତ୍ତନ ହୋଇଥିବା ଅଞ୍ଚଳବାସୀ କହିଛନ୍ତି।

୨୦୨୪ ମସିହା ମାର୍ଚ୍ଚ ମାସ ୧୨ରେ ତାରିଖରେ ରାଜଧାନୀ ଉକପଣ୍ଠ ଶଙ୍କରପୁର ମୌଜାର କଳିଙ୍ଗନଗର କେ-୭ ଅଞ୍ଚଳରେ ୯୦ଏକର ପରିମିତ ଜାଗାରେ କୃତ୍ରିମ ଉପାୟରେ ନିର୍ମାଣ କରାଯାଇଥିବା ଏହି ଜଙ୍ଗଲ 'ଆନନ୍ଦ ବନ'କୁ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଉଦଘାଟନ ହେବାର ମାତ୍ର ୧୮ ଦିନ ମଧ୍ୟରେ ଏଠାକୁ ପ୍ରାୟ ୨୦ ହଜାର ପର୍ଯ୍ୟଟକ ବୁଲିବାକୁ ଆସିଥିବା ବେଳେ ରାଜଧାନୀ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। କିନ୍ତୁ ବର୍ଷକ ମଧ୍ୟରେ ଧୀରେ ଧୀରେ ଏହି ଆନନ୍ଦ ବନ ନିଜର ସୌନ୍ଦର୍ଯ୍ୟ ହରାଇବା



ସହ ପର୍ଯ୍ୟଟକଙ୍କ ସଂଖ୍ୟା ବି କମିବାକୁ ଲାଗିଲା। ନୂତନ ସରକାର କ୍ଷମତାକୁ ଆସିବା ପରେ ଏହାର ନାମ ବାରମ୍ବାର ପରିବର୍ତ୍ତନ କରି ବର୍ତ୍ତମାନ 'ଅଟଳ ବିହାରୀ ବାଜପେୟୀ ଆନନ୍ଦବନ ଖୁସିର ନୀଡ଼' ରଖାଯାଇଛି। ହେଲେ ପୂର୍ବଭଳି ଏଠାରେ ଆଉ ପର୍ଯ୍ୟଟକଙ୍କୁ ଆନନ୍ଦ ମିଳୁ ନଥିବା ପର୍ଯ୍ୟଟକମାନେ କହିଛନ୍ତି। ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାନଯିବାରୁ ଏଠାରୁ ପର୍ଯ୍ୟଟକମାନେ ମୁହଁ ଫେରାଉଛନ୍ତି। ପୂର୍ବଭଳି ଏଠାରେ ଗହଳି ଦେଖିବାକୁ ମିଳୁନଥିବା ସହ ସବୁଜିମା ଜଙ୍ଗଲ ଖାଁ ଖାଁ ପାଲଟିଛି। କୁଳକୁଳୁ ଶବ୍ଦରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଜଳରାଶିରେ ଏବେ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଛି। ତେବେ ଏଠାରେ ପର୍ଯ୍ୟଟକମାନେ କେବଳ ପ୍ରାକୃତିକ ପରିବେଶକୁ ଉପଭୋଗ କରିବାକୁ ନୁହେଁ ବରଂ ଏଠାରେ ରହିଥିବା ଗଛଲତା, ପକ୍ଷୀ ଓ ପରିବେଶ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ବେଶ୍ ଉତ୍କଣ୍ଠିତ ହେଉଥିଲେ। ଯାହା ଏବେ ଆଉ ଦେଖିବାକୁ ମିଳୁନାହିଁ। ସେହିପରି ବିଡିଏ ପକ୍ଷରୁ ଏବଂ କେବୁଲ ଫାଉଣ୍ଡେସନ୍ ସହଯୋଗରେ ଭିନ୍ନ ଭିନ୍ନ ସ୍ଥାନରେ ୪ଟି ଟ୍ରୀ-ଲାଇବ୍ରେରୀ ନିର୍ମାଣ କରାଯାଇଥିଲା। ଏହି ସ୍ଥାନ ପ୍ରକୃତିର ମନୋରମ ସ୍ଥଳ ହୋଇଥିବାରୁ ସେଠାରେ ପ୍ରକୃତି ବିଷୟରେ ଜାଣିବା ପାଇଁ ଏକାଧିକ ପୁସ୍ତକ ରଖାଯାଇଥିଲା। ଲୋକମାନେ ବୁଲାବୁଲି କରିବାକୁ ଆସି ବହି ପଢ଼ିବାର ସୁଯୋଗ ପାଉଥିଲେ। ବିଶେଷକରି ପକ୍ଷୀ, ପଶୁ ଓ ଗଛକୁ ନେଇ ଲେଖାଯାଇଥିବା ନିର୍ଦ୍ଦିଷ୍ଟ ପୁସ୍ତକ ସହ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପନ୍ୟାସ, ଆତ୍ମ ଜୀବନୀ, ଗଳ୍ପ ଆଦି ଉପଲବ୍ଧ ରହିଥିଲା। କେବଳ ସେତିକି ନୁହେଁ, ଛୋଟ ପିଲାମାନଙ୍କ ନିମନ୍ତେ ମଧ୍ୟ ଜଣା, ଅଜଣା ବହି, ପଶୁ ପକ୍ଷୀ ଏବଂ ଗଛ ସମ୍ପର୍କରେ ଅନେକ ଜାଣିବା କଥା ଚିତ୍ର ସହ ଲେଖା ପିଲାମାନଙ୍କୁ ବେଶ୍ ଆକର୍ଷିତ କରୁଥିଲା। ହେଲେ ଏଠାରେ ଟ୍ରୀ ଲାଇବ୍ରେରୀ ରହିଛି, କିନ୍ତୁ ଅଧିକାଂଶ ପୁସ୍ତକ ନାହିଁ। ସେହିପରି ଆକ୍ୟୁପ୍ରେସର୍ ରାସ୍ତା, ପୁଷ୍କରିଣୀ ସମେତ ସୌନ୍ଦର୍ଯୀକରଣ ନିମନ୍ତେ ଭଳି କି ଭଳି ରଙ୍ଗୀନ ଫୁଲ ପାର୍କ ସାଙ୍ଗକୁ ଫୁଟ ଓଭରବ୍ରିଜ୍, ମିଲେଟ କାଫେରେ ପ୍ରବଳ ଗହଳି ଜମୁଥିଲା। ଯାହା ଏବେ ଶ୍ରୀହିନ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆନନ୍ଦବନର ମୁଖ୍ୟ ଫାଟକ ନିକଟରେ ରହିଥିବା ୱାଟର ଫାଉଣ୍ଟେନ୍ ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିରହିଛି। ଯାହାକୁ ଦେଖିଲେ ଅନୁମାନ କରିହେଉଛି ଭିତରର ଦୃଶ୍ୟ କ'ଣ ହୋଇଥିବ। ତେବେ ସୂଚନା ଅନୁସାରେ ପୂର୍ବରୁ ଏଠାରେ ନିଯୁକ୍ତ ଥିବା ୫୦ରୁଉର୍ଦ୍ଧ୍ୱ କର୍ମଚାରୀଙ୍କ ସଂଖ୍ୟା ଏବେ ୧୫ରୁ ୨୦ ମଧ୍ୟରେ ସୀମିତ ରହିଛି। ଫଳରେ ଏହାର ରକ୍ଷଣାବେକ୍ଷଣ ସଠିକ୍ ଭାବେ ହୋଇପାରୁନଥିବା ଜଣାପଡ଼ିଛି।

### ଘୂର୍ଣ୍ଣିଝଡ଼ ପ୍ରଭାବିତଙ୍କ କ୍ଷତିପୂରଣ ଦାବି

# ତହସିଲ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

କରଞ୍ଜିଆ, ୭।୪(ସମିସ): ଗତମାସ ୧୫ ତାରିଖରେ କରଞ୍ଜିଆ ଅଞ୍ଚଳରେ ହୋଇଥିବା ଭୟାବହ ଘୂର୍ଣ୍ଣିଝଡ଼ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଘୂର୍ଣ୍ଣିଝଡ଼ରେ ପ୍ରଭାବିତ ଲୋକଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ମିଳିନାହିଁ।




ଘୂର୍ଣ୍ଣିଝଡ଼ ପ୍ରଭାବିତଙ୍କୁ ଯଥୋଚିତ କ୍ଷତିପୂରଣ ଦାବିରେ କରଞ୍ଜିଆରେ ଏକ ବିଶାଳ ଗଣବିକ୍ଷୋଭ ଓ ପଦଯାତ୍ରା ଆୟୋଜିତ ହୋଇଛି। ଏହି ପଦଯାତ୍ରା କରଞ୍ଜିଆ ମାଣିକ ଛକଠାରୁ ଆରମ୍ଭ ହୋଇ ସହରର ବିଭିନ୍ନ ମୁଖ୍ୟ ସଡ଼କ ଦେଇ ତହସିଲଦାରଙ୍କ କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି।

ଏହି ପଦଯାତ୍ରାରେ ଘୂର୍ଣ୍ଣିଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା କିଆପାଣିପୋଷି, କିଆ, କଙ୍କଡା, ପୁରୁଣାପାଣି ଓ ମେଣ୍ଢାସିଂହା ଭଳି ବିଭିନ୍ନ ଗ୍ରାମର ଲୋକ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଆଞ୍ଚଳିକ ସଂଗ୍ରାମ ବୈଠକ ସଂଘ ନାମକ ଏକ ସଂଗଠନ ଗଠନ କରି ହଜାର ହଜାର ଲୋକ ଏକତ୍ରିତ ହୋଇ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପଦଯାତ୍ରା ସମୟରେ ଲୋକମାନେ ବିଭିନ୍ନ ନାରା ଦେଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଭାବିତ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଘରବାଡ଼ି କ୍ଷତି ପାଇଁ ସରକାର ପକ୍ଷରୁ ଯେଉଁ ଅର୍ଥ ସାହାଯ୍ୟ ଦିଆଯାଇଛି, ସେହି ରାଶି ପ୍ରଯାପ୍ତ ନୁହେଁ। ଅନେକ ସ୍ଥାନରେ ଲୋକମାନେ ଏ ପର୍ଯ୍ୟନ୍ତ ଘୋଷିତ ଅନୁଦାନ ମଧ୍ୟ ପାଇପାରିନାହାନ୍ତି। ଫଳରେ ସେମାନଙ୍କ ଜୀବନଯାପନ ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି। ଘର ଅବସ୍ଥା ସ୍ୱାଭାବିକ ହୋଇପାରୁନାହିଁ। ଖାଦ୍ୟପେୟର ଅସୁବିଧା ଏବେ ମଧ ପରିଲକ୍ଷିତ ହେଉଛି। ବିନା ବିଜୁଳିରେ ଅନ୍ଧାର ମଧ୍ୟରେ ଏବେ ବି ଜୀବନ ବଞ୍ଚିବା ଭୟଭୀତ କରୁଛି। ଏଥିସହ ପ୍ରଭାବିତ ଅଞ୍ଚଳକୁ ବାତ୍ୟା ପୀଡ଼ିତ ଅଞ୍ଚଳ ଘୋଷଣା କରାଯିବା, ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଓ ଆହତଙ୍କୁ ୨୦ ଲକ୍ଷ ଟଙ୍କା ଅନୁଦାନ, ପ୍ରଭାବିତ ଅଞ୍ଚଳରେ ଏକ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ ବିଲ୍ ଛାଡ଼, ବାତ୍ୟାଞ୍ଚଳ ଛାତ୍ରଛାତ୍ରୀଙ୍କ ସମସ୍ତ ଶିକ୍ଷାଗତ ଫିସ ଛାଡ଼, ଗଭୀର ନଳକୂପ ଖନନ କରାଯାଇ ଚାଷ ଜମିକୁ ସ୍ୱାଭାବିକ କରାଯିବା, ପ୍ରତି ପରିବାରକୁ ସର୍ବନିମ୍ନ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ,



ବିବାହିତ ଦମ୍ପତିଙ୍କୁ କ୍ଷତିଗ୍ରସ୍ତ ତାଲିକା ଭୁକ୍ତ କରାଯିବା ଓ ପ୍ରଭାବିତ ପରିବାରଙ୍କୁ ରୋଜଗାର ସୁବିଧା ଯୋଗାଇ ଦିଆଯିବାକୁ ଦାବି କରାଯାଇଛି। ଘୂର୍ଣ୍ଣିଝଡ଼ ପ୍ରଭାବରେ ୪୦୦ରୁ ଅଧିକ ଗୃହ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୪ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଯଦି ଉପରୋକ୍ତ ଦାବି ପୂରଣ କରା ନ ଯାଏ, ଆଗାମୀ ଦିନରେ ଏହାକୁ ଆହୁରି ବଡ଼ ଆନ୍ଦୋଳନରେ ପରିଣତ କରାଯିବ ଓ ଉଚ୍ଚସ୍ତରରେ ବିଶାଳ ବିକ୍ଷୋଭ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଓଡ଼ିଆ ପକ୍ଷ ଅବସରରେ ମୟୂରଭଞ୍ଜରେ ସ୍ୱଚ୍ଛତା ଅଭିଯାନ

ବାରିପଦା, ୭।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ମନ୍ଦିର ଓ ହାଟବଜାର ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ ବ୍ୟାପକ ଭାବେ ଆୟୋଜିତ ହୋଇ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅଭିଯାନ ମାଧ୍ୟମରେ ସାଧାରଣ ଲୋକମାନଙ୍କ ପାଇଁ ପରିଷ୍କାରତା, ସ୍ୱାସ୍ଥ୍ୟ ସଚେତନତା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ପ୍ରଦାନ କରାଯାଇଛି। ବିଶେଷକରି ସାଧାରଣ ଜନସାଧାରଣଙ୍କ ଆଗମନ ଥିବା ସ୍ଥାନଗୁଡ଼ିକୁ ପରିଷ୍କାର ଓ ସୁନ୍ଦର ରଖିବା ଉପରେ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକରେ ଭିନ୍ନ ଭିନ୍ନ ଭାବରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବ୍ଲକର ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ସହିତ ପଞ୍ଚାୟତରାଜ ସଦସ୍ୟମାନେ, ବ୍ଲକ ଓ ଗ୍ରାମପଞ୍ଚାୟତ ଅଧିକାରୀମାନେ, ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚଜି) ମହିଳାମାନେ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ସକ୍ରିୟ ଭାଗ ନେଇଥିଲେ। ସମସ୍ତଙ୍କ ଏକତ୍ର ସହଯୋଗ ଓ ସାମୂହିକ ପ୍ରୟାସ ଏହି ଅଭିଯାନକୁ ସଫଳ କରିଥିଲା। ଅଭିଯାନ ସମୟରେ ବିଭିନ୍ନ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନତା କାର୍ଯ୍ୟ ସହ ଲୋକମାନଙ୍କୁ ଦୈନିକ ଜୀବନରେ ସ୍ୱଚ୍ଛତା ଅଭ୍ୟାସ ଆପଣାଇବାକୁ ପ୍ରେରିତ କରାଯାଇଥିଲା। ଏହା ସହିତ ପ୍ଲାଷ୍ଟିକ ବ୍ୟବହାର କମେଇବା, ଅବର୍ଜନାର ସଠିକ୍ ପ୍ରକ୍ରିୟାକରଣ ଓ ପରିବେଶ ସୁରକ୍ଷା ବିଷୟରେ ମଧ ସଚେତନତା ସୃଷ୍ଟି କରାଯାଇଥିଲା।

## ଡାକ୍ତର ଗିରିଶ ମହାନ୍ତଙ୍କ ବିୟୋଗରେ କୁଡୁମି-ମହାନ୍ତ ମହାସଭାର ଶୋକ



ବାରିପଦା, ୭।୪(ସମିସ): ଏକ ମିଳିତ ବାର୍ତ୍ତାରେ କୁଡୁମି-ମହାନ୍ତ ମହାସଭା ପକ୍ଷରୁ ଜିଲ୍ଲାର ଲୋକପ୍ରିୟ ଶିଶୁ ବିଶେଷଜ୍ଞ ଡାକ୍ତର ଗିରିଶ ଚନ୍ଦ୍ର ମହାନ୍ତଙ୍କ ବିୟୋଗରେ ଶୋକ ବ୍ୟକ୍ତ କରାଯାଇଛି। ସ୍ୱର୍ଗତ ମହାନ୍ତଙ୍କ ବିୟୋଗ ଗତ ୧ ତାରିଖ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୋଇଥିଲା। ସେ ଯକୃତଜନିତ ରୋଗରେ ପୀଡ଼ିତ ଥିଲେ। ମହାସଭା ସଭାପତି ଅଧ୍ୟାପକ ଗୋପବନ୍ଧୁ, ମହାସଚିବ ଆଡଭୋକେଟ ବସନ୍ତ ମହାନ୍ତ ଓ ଉପଦେଷ୍ଟା ଆଡଭୋକେଟ ଅବନୀ ମହାନ୍ତ ଜିଲ୍ଲା ଜଣେ ଲୋକପ୍ରିୟ ଡାକ୍ତରଙ୍କୁ ହରାଇଲା ବୋଲି କହିଛନ୍ତି। ସାରସକଣା ବ୍ଲକ ଅନ୍ତର୍ଗତ ଶଶାଁନଦୀ ଗ୍ରାମରେ ଜନ୍ମିତ ସ୍ୱର୍ଗତ ମହାନ୍ତ ବୁର୍ଲା ମେଡିକାଲ କଲେଜରୁ ଏମବିବିଏସ ପାସ କରି କଟକରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବିଶେଷଜ୍ଞ ଓ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଡିଏମଓ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଅନୁପମା, କନ୍ୟା ସିମ୍ପଲ, ପୁତ୍ର ପପୁ, ପୁତ୍ରବଧୂ ଲିମା, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

## ବିଜେପିର ପ୍ରତିଷ୍ଠା ଦିବସ

ବାରିପଦା, ୭।୪(ସମିସ): ବିଜେପି ମୟୂରଭଞ୍ଜ (ଉଭୟ ପୂର୍ବ ଓ ପଶ୍ଚିମ) ଜିଲ୍ଲା ଶାଖା ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଜିଲ୍ଲା ସଦର ମହକୁମା, ଉପଖଣ୍ଡ ମହକୁମା ଓ ବିଭିନ୍ନ ବ୍ଲକ କେନ୍ଦ୍ରରେ ସୋମବାର ପୂର୍ବାହ୍ନରେ ଦଳୀୟ ପତାକା ଉତ୍ତୋଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ତକତପୁରସ୍ଥ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଦଳୀୟ ପ୍ରତିଷ୍ଠା ଦିବସର ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ନିହାର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ଥାନୀୟ ବିଧାୟକ ପ୍ରକାଶ ସୋରେନ ଓ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖଙ୍କ ସମେତ ଶତାଧିକ ଯୁବଛାତ୍ର ଓ ମହିଳା ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ରାଜ୍ୟ ଓ ଜିଲ୍ଲାର ସମସ୍ତ ପ୍ରମୁଖ ସ୍ଥାନରେ ଆୟୋଜିତ ହୋଇଥିବା ରାଜ୍ୟ ପ୍ରବକ୍ତା ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି।

## ଗ୍ରାଇଣ୍ଡର ଓ ଧାନକୁଟା ମେସିନ ଯୁଗରେ ହଜିଗଲାଣି 'ଢିଙ୍କି'

ମୋରଡା, ୭।୪(ସମିସ): ଆଗରୁ କୌଣସି ପର୍ବ ଆସିଲେ ଢିଙ୍କି ଶବ୍ଦରେ ପ୍ରକମ୍ପିତ ହେଉଥିଲା ଗାଁ। ଶସ୍ୟ ଜାତୀୟ ଖାଦ୍ୟକୁ ଖାଦ୍ୟ ଉପଯୋଗୀ କରିବା ପାଇଁ ପୂର୍ବରୁ ଲୋକମାନେ ଯେଉଁ ଦେଶୀୟ ପ୍ରଣାଳୀ ପ୍ରସ୍ତୁତ କରିଥିଲେ, ସେହି ଯନ୍ତ୍ରଟି ଥିଲା ଢିଙ୍କି। ଢିଙ୍କିକୁଟା ଚାଉଳ ଯିଏ

- ପୂର୍ବଭଳି ସ୍ୱାଦିଷ୍ଟ ଲାଗୁନି ପିଠାପଣା
- ଗାଁରେ ଶୁଭୁନି ଢିଙ୍କି କୁଟା ଶବ୍ଦ
- ଶରୀରକୁ ଶକ୍ତି ଓ ଭିଟାମିନ୍ ଯୋଗାଏ ଢିଙ୍କି ଖାଦ୍ୟ



ଖାଇଛି, ସିଏ ଜାଣିଛି ତା'ର ସ୍ୱାଦ ଓ ମୂଲ୍ୟ। ସେତେବେଳେ ସେହି ଅକାଣ୍ଡିଆ ଚାଉଳ ଶରୀରକୁ ପ୍ରଚୁର ଶକ୍ତି ଓ ଭିଟାମିନ୍ ଯୋଗାଉଥିଲା। ବଗଡ଼ା ଚାଉଳ ଆଜି ଆଉ ନାହିଁ। ଚାଉଳର ଯେଉଁ ଉପର ସ୍ତରରେ ବାଦାମୀ ରଙ୍ଗର ପରସ୍ତ ରହୁଥିଲା, ସାଧାରଣତଃ ଅକ୍ଷତ ଅବସ୍ଥାରେ ରହୁଥିଲା। କିନ୍ତୁ ଧାନକଳରେ ପେଶିବା ବେଳେ ଚାଉଳ ତା'ର ମୌଳିକ ତତ୍ତ୍ୱ ହରାଇଥାଏ। ତେବେ ମୋରଡା ବ୍ଲକରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାବେଳେ ପୂର୍ବରୁ ଘରେ ଘରେ ଢିଙ୍କି ସାହାଯ୍ୟରେ ପରିଶ୍ରମ କରି ଧାନ କୁଟି ଚାଉଳ ପ୍ରସ୍ତୁତ କରି ସୁସ୍ଥ ରହୁଥିଲେ। ବର୍ତ୍ତମାନ ସେ ଯୁଗ ଗଲା। ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ଆମ ଚାରିପାଖରୁ ଉଭେଇଗଲା। ଢିଙ୍କି ସାହାଯ୍ୟରେ ସମସ୍ତ ଶସ୍ୟଜାତୀୟ ସାମଗ୍ରୀରୁ ଅନେକ ସୁସ୍ୱାଦୁ ଖାଦ୍ୟ ଓ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରୁଥିଲା। ଧାନ, ଗହମ, ମାଣ୍ଡିଆ, ମକା, କୁଇରି, ଚୁଡ଼ା ଓ ଡାଲି ଜାତୀୟ ଶସ୍ୟ କୁନ୍ଦୁଲୁ ଓ କୋଳଥ, ମୁଗ ଢିଙ୍କି ସାହାଯ୍ୟରେ ପ୍ରସ୍ତୁତ ହେଉଥିଲା। ଢିଙ୍କି ପ୍ରସ୍ତୁତ ଚାଉଳ ଚୂନାରେ ଯେଉଁ ପିଠା ହେଉଥିଲା, ତାହା ମେସିନ ଦ୍ୱାରା ହେଉଥିବା ଚୂନାରେ ଫରକ ଆଣୁଥିବା ଦେଖିବାକୁ ମିଳୁଛି।

## ନିଜ ଗ୍ରାମରେ ରାସନ ସାମଗ୍ରୀ ବଣ୍ଟନ କରାଯିବା ଦାବି

କୁଆମରା, ୭।୪(ସମିସ): ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ପଞ୍ଚାୟତ କାଳିଆପଦା ରାଜସ୍ୱ ଗ୍ରାମରେ ପୂର୍ବଭଳି ରାସନ ସାମଗ୍ରୀ



ବଣ୍ଟନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ୪ଟି ଗ୍ରାମର ଲୋକେ। ସାଇଁକୁଳା ପଞ୍ଚାୟତ କାର୍ଯ୍ୟାଳୟଠାରୁ ସିରାଥଳୀ, କାଳିଆପଦା, ପହଁରାଡୁବା ଓ ଭଙ୍ଗାଚଟୁ ଚାରୋଟି ଗ୍ରାମର ଦୂରତ୍ୱ ୩ରୁ ୪ କିଲୋମିଟର ହେବ। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଓ ସୁବିଧା ଦୃଷ୍ଟିରୁ ୨୦୨୧ରେ ତତ୍କାଳୀନ ବିଡିଓଙ୍କ ନିର୍ଦ୍ଦେଶକ୍ରମେ କାଳିଆପଦା ଗ୍ରାମରୁ ୪ଟି ଗ୍ରାମର ଲୋକେ ରାସନ ସାମଗ୍ରୀ ପାଉଥିଲେ। ମାତ୍ର କିଛି ମାସ ହେବ ଉକ୍ତ ରାସନ କେନ୍ଦ୍ରକୁ ବନ୍ଦ କରି ଦେବା ଯୋଗୁଁ ବୃଦ୍ଧ, ମହିଳା, ଶ୍ରମଜୀବୀଙ୍କୁ ନାନା ହଇରାଣ ହେବାକୁ ପଡୁଛି। ଉକ୍ତ ୪ଟି ଗ୍ରାମର ୯୫ ପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସମସ୍ତେ ଖଟିଖିଆ। ପର ଘରେ ଖଟିଲେ ଚୁଲି ଜଳେ। ରାସନ ଆଣିବାକୁ ହେଲେ ସକାଳେ ଯାଇ ସନ୍ଧ୍ୟାରେ ଫେରନ୍ତି। ଯାହା ଗୋଟିଏ ଦିନ କାମ ବନ୍ଦ ହୋଇଥାଏ। ଏଣୁ ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ପୂର୍ବ ଭଳି କାଳିଆପଦାଠାରେ ରାସନ କେନ୍ଦ୍ର ଖୋଲିବାକୁ ଆଜି ସ୍ଥାନୀୟ ଅଞ୍ଚଳ ଲୋକେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ମହୁଲଡିହା ସ୍କୁଲରେ ପ୍ରବେଶ ଉତ୍ସବ

ମହୁଲଡିହା, ୭।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ୪ ତାରିଖରେ ଠାକୁରମୁଣ୍ଡା ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ମହୁଲଡିହା ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସୀତାମଣି ହାଁସଦାଙ୍କ ନେତୃତ୍ୱରେ ନବାଗତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ ପାଳନ କରାଯାଇଛି। ସେହିପରି ମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଣଶିକ୍ଷକ, ଅଧ୍ୟୟନରତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## କୁସୁନପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖୁଣ୍ଟି, ୭।୪(ସମିସ): ଶୁକ୍ଳି ବ୍ଲକ ଅନ୍ତର୍ଗତ କୁସୁନପୁରସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସୌରଭ' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜେଶ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଜୟକ୍ରିଷ୍ଣ ନାଏକ ଓ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟ ଗୋପୀନାଥ ମୁଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକନାଥ ନାଏକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ବିଦ୍ୟାଳୟ ଶିକ୍ଷା ସହ ବ୍ୟକ୍ତିଗତ ସାମାଜିକ ଗୁଣାବଳୀ ଲାଭ କରିବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମ୍ୟାଜିକ ବସ୍ ସଂଗଠନର ସଦସ୍ୟ ଦୀପକ ନାଏକ, ମିଳନ ପୃଷ୍ଟି, ଦେବାଶିଷ ମହାନ୍ତ, ସଭ୍ୟା ଦୀପ୍ତି ରଥ, ପ୍ରିୟଙ୍କା ଘଣ୍ଟିଆଳି, ଅପର୍ଣ୍ଣା ଜେନା, ଶୁଭଶ୍ରୀ କୁଣ୍ଡୁ, ଶିକ୍ଷକ ଉମାକାନ୍ତ ବେହେରା, ମନମୋହନ ଚାତାର, ଶିକ୍ଷୟିତ୍ରୀ ସୌଦାମିନୀ ଗିରି ଓ ଅନୁପମା ମହାନ୍ତଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ।

## 'ଆନ୍ତଃବିଷୟିକ ଗବେଷଣାରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା' ଶୀର୍ଷକ ତାଲିମ ଶିବିର ଉଦ୍‌ଘାଟିତ

ବାରିପଦା ୭।୪(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗରେ 'ଆନ୍ତଃବିଷୟିକ ଗବେଷଣାରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା' ଶୀର୍ଷକ ଏକ ବ୍ୟବହାରିକ ତାଲିମ ଶିବିର ଉଦଘାଟିତ ହୋଇଛି। ୫ଦିନ ଧରି ହେବାକୁ ଥିବା ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ପ୍ରଯୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ରଥ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଶତପଥୀ କୃତ୍ରିମ ବୁଦ୍ଧିମତ୍ତା ଆଜିର ଯୁଗରେ ଏକ ବାସ୍ତବିକତା। ଏହା ଆଧୁନିକ ଗବେଷଣା ପାଇଁ ଏକ ଶକ୍ତିଶାଳୀ ଉପକରଣ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଡିଆର୍‌ଡିଓ, ଚାନ୍ଦିପୁରର ବୈଜ୍ଞାନିକ ସୁପର୍ଣ୍ଣକାନ୍ତି ଦାସ କହିଥିଲେ, ଏଆଇ ପ୍ରଯୁକ୍ତି କେବଳ ଏକ ସଫ୍ଟୱେୟାର ନୁହେଁ, ଏହା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଏକ ଅଦ୍ଭୁତ ସମନ୍ୱୟ। ତଥ୍ୟ ଯୁଗ ପରେ ବର୍ତ୍ତମାନ ଏଆଇ ଯୁଗ ଓ ଏଆଇର ଏହି ବିଜୟଧାରା ଆଗାମୀ ଦିନରେ ବଳବତ୍ତର ରହିବ। ବିଶ୍ୱବିଦ୍ୟାଳୟର ପିଏମ୍-ଉଷା ଟ୍ରେନିଂ ନୋଡାଲ୍ ଅଫିସର ପ୍ରଫେସର୍ ଇନ୍ଦ୍ରଜିତ୍ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଏମ୍-ଉଷା ଯୋଜନା ଅଧୀନରେ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଗୁଣବତ୍ତା ବୃଦ୍ଧି କରିବ। ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ରଥ କହିଥିଲେ, ଏହି ପ୍ରଶିକ୍ଷଣ ମାଧ୍ୟମରେ ଗବେଷକ ବାସ୍ତବିକ ସମସ୍ୟାର ସମାଧାନ ପାଇଁ ବ୍ୟବହାରିକ ତାଲିମର ଅଭିଜ୍ଞତା ଲାଭ କରିବେ। ଏହା ଆମ ବିଶ୍ୱବିଦ୍ୟାଳୟକୁ ଆଇଏଆଇ ଗବେଷଣାରେ ଅଗ୍ରଣୀ କରିବାରେ ସହାୟକ ହେବ। ବିଭାଗୀୟ ମୁଖ୍ୟ ତଥା ଆବାହକ ପ୍ରଫେସର ଏମ୍ ହିମବିନ୍ଦୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ସହକାରୀ ପ୍ରଫେସର ତଥା ସଂଯୋଜକ ଡ ପ୍ରଶାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡ ସ୍ୱରୂପାନନ୍ଦ ବିଷୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ ଶିବିରର ପାଠ୍ୟକ୍ରମ ସାମଗ୍ରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ବକ୍ତା ଭାବେ ଆଟଲାଣ୍ଟାସ୍ଥ ବ୍ରାଣ୍ଡସ୍କେପ୍ସ କମ୍ପାନୀର ପ୍ରଯୁକ୍ତିବିଦ୍ୟା ବରିଷ୍ଠ ନିର୍ଦ୍ଦେଶକ ମାନସ ରଥ ଓ ସହଯୋଗୀ ଉପାଧ୍ୟକ୍ଷ ଡକ୍ଟର ତନ୍ମୟ ସ୍ୱାଇଁ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅର୍ଥନୀତି, ପ୍ରାଣୀ ବିଜ୍ଞାନ, ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ବ୍ୟବସାୟ ପ୍ରଶାସନ, ଆର୍‌ଏସ୍‌ଜିଆଇଏସ୍‌ର ଓ ଜୈବ ପ୍ରଯୁକ୍ତି ବିଭାଗର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଯୋଗଦାନ କରିଛନ୍ତି।

## ରଘୁନାଥ ମାହାତୋଙ୍କ ବଳିଦାନ ଦିବସ



ବାରିପଦା, ୭।୪(ସମିସ): ରଘୁନାଥ ମାହାତୋଙ୍କ ବଳିଦାନ ଦିବସ ପାଳନ କରାଯାଇଛି। ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଥାନା ଅନ୍ତର୍ଗତ ଶାଳବଣୀଠାରେ କୁଡୁମି ସମାଜ ଓ କୁଡୁମି ସେନାର ମିଳିତ ଆନୁକୂଲ୍ୟରେ ଏକ ବିଶାଳ ଜନସଭା ଓ ବାଇକ ରାଲିର ଆୟୋଜନ କରାଯାଇଥିଲା। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଶହ ଶହ ବାଇକରେ କୁଡୁମୀ ଭାଇମାନେ ଯୋଗଦାନ କରିଥିଲେ। ଏହି ସଭାରେ ସ୍ୱାଧୀନତା ସଂଗ୍ରାମରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ଲଢେଇ କରି ୧୮୭୮ ଏପ୍ରିଲ ୫ ତାରିଖରେ ରଘୁନାଥ ମାହାତୋ ସହିଦ ହୋଇଥିଲେ। ଜଳ, ଜଙ୍ଗଲ, ଜମି, ଆପନା ଗାଓଁ ଆପନା ରାଜ, ଦୂର ଖେଦ ବ୍ରିଟିଶ ରାଜ, ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ରଘୁନାଥ ମାହାତୋଙ୍କ ବଳିଦାନ ଦିବସ ପାଳନ କରିବା ସହିତ ତାଙ୍କର ଏକ ବିରାଟ କାୟ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ବେଙ୍ଗଲ କୁଡୁମୀ ସମାଜ ଅଧ୍ୟକ୍ଷ କୌଶିକ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ିଶାର କୁଡୁମି ସେନା ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନି ମହାନ୍ତ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସହିଦ ରଘୁନାଥ ମାହାତୋଙ୍କ ଦେଶ ମାତୃକା ପାଇଁ ତ୍ୟାଗକୁ ସ୍ମରଣ କରିଥିଲେ। ଏହି ସଭାରେ ସାଇରାମ୍ ମହାନ୍ତ, ବିଶ୍ୱନାଥ ମହାନ୍ତ, ବିରେନ୍ଦ୍ର ମହାନ୍ତ, ବରୁଣ ମହାନ୍ତ, ପପୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଜନସଭା କାର୍ଯକ୍ରମରେ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମରୁ ବହୁ ମାତ୍ରରେ ସବୁ କୁଡୁମୀ ଭାଇଭଉଣୀ ଯୋଗଦାନ କରିଥିଲେ।

# ତୋଟାସାହି ଗ୍ରାମ ସ୍ଥିତି ଅନୁଧ୍ୟାନ କଲେ ପାନୀୟଜଳ ବିଭାଗ ଟିମ୍

ଶରତ, ୭।୪(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଅଞ୍ଚଳର କଳମଗୋଡିଆ ପଞ୍ଚାୟତ ଅଧୀନସ୍ଥ ଦୁଗୁଧା ରାଜସ୍ୱ ଗ୍ରାମ



ରାମକଣ୍ଡା ପର୍ବତ ପାଦଦେଶର ତୋଟାସାହିରେ ବସବାସ କରୁଥିବା ୪୫ଟି ହୋ' ଆଦିବାସୀ ପରିବାର ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଖବର 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ଜିଲ୍ଲା ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କ ଟିମ୍

**'ସକାଳ' ପ୍ରଭାବ**

ତୋଟାସାହି ଗ୍ରାମର ଲୋକେ ଚୁଆ ଓ ଝରଣା ପାଣିକୁ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବା ପ୍ରସଙ୍ଗ 'ସକାଳ' ଖବରକାଗଜରେ ପ୍ରସାରଣ ହେବାର ୧୨ ଘଣ୍ଟା ମଧ୍ୟରେ ତୋଟାସାହି ଗ୍ରାମକୁ କପ୍ତିପଦା ଉପଖଣ୍ଡ ଉଦଳାର ସହକାରୀ ଯନ୍ତ୍ରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଗ୍ରାମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ରାଧାଶ୍ୟାମ ନାୟକ, ଉଦଳା ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାୟକ, କପ୍ତିପଦା ବ୍ଲକ ପାନୀୟଜଳ ବିଭାଗ ସହକାରୀ ଯନ୍ତ୍ରୀ ସୃଷ୍ଟିଧର ବେହେରା ପ୍ରମୁଖ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୨୪ ଘଣ୍ଟା ମଧ୍ୟରେ ଗ୍ରାମରେ ନଳକୂପ ଖନନ କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ଯନ୍ତ୍ରୀ ସଦାଶିବ ବେହେରା। ପ୍ରଶାସନ ତୋଟାସାହି ଗ୍ରାମକୁ ଯାଇ ପାନୀୟଜଳ ସମସ୍ୟା ସ୍ଥିତି ଅନୁଧ୍ୟାନ କରିଥିବାରୁ ଗ୍ରାମବାସୀଙ୍କ ମନରେ ପାନୀୟଜଳ ପ୍ରାପ୍ତିର ଆଶା ସଞ୍ଚାର ହୋଇଛି।

**ଗ୍ରାମବାସୀଙ୍କୁ ଯୋଗାଇ ଦିଆଯିବ ବିଶୁଦ୍ଧ ପାନୀୟଜଳ**




# ବସ୍‌ଷ୍ଟାଣ୍ଡ ଅବ୍ୟବସ୍ଥାର ସୁଧାର ନିମନ୍ତେ ମାସା ଆର୍ମୀର ଦାବିପତ୍ର

ବାରିପଦା, ୭।୪(ସମିସ): ବାରିପଦା ବସଷ୍ଟାଣ୍ଡ ଅବ୍ୟବସ୍ଥାର ସୁଧାର ନିମନ୍ତେ ମୟୂରଭଞ୍ଜର ଜାଗ୍ରତ ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପ୍ରଦାନ କରାଯାଇଛି।



ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣା ଅଭାବ ଯୋଗୁଁ ଯାତ୍ରୀ ପ୍ରତୀକ୍ଷାଳୟ ଅବସ୍ଥା ଅତି ଖରାପ ହୋଇପଡ଼ିଛି। ଫଳରେ ଯାତ୍ରୀ ସେଠାରେ ବସିବାକୁ ଚାହୁଁନାହାନ୍ତି। ପିଇବା ପାଣି ପାଇଁ ଯେଉଁ ଟାଙ୍କି ନିର୍ମାଣ କରାଯାଇଥିଲା, ସେ ଟାଙ୍କି ଭାଙ୍ଗିଯାଇଥିବାରୁ ଯାତ୍ରୀ ଥଣ୍ଡା ପାନୀୟଜଳ ପିଇବାରୁ ବଞ୍ଚିତ ହେଉଛନ୍ତି। ବର୍ଷେ ପୂର୍ବେ ବସଷ୍ଟାଣ୍ଡ କାମ କରାଯାଇଥିଲା। ତାହା ଅତି ନିମ୍ନମାନର କାମ କରାଯାଇଥିବାରୁ ନିର୍ମାଣର ଏକ ବର୍ଷ ବି ନ ପୁରୁଣୁ କଂକ୍ରିଟରୁ ଚିପ୍ସ ଉଠି ଖାଲ ଢିପ ହୋଇ ପାଣି ଜମିବା ଆରମ୍ଭ ହେଲାଣି।

ଏତେ ବଡ଼ ବସ୍‌ଷ୍ଟାଣ୍ଡରେ ସରକାରୀ ଶୌଚାଳୟ ଗୋଟିଏ ମାତ୍ର ଥିବା ଯୋଗୁଁ ଯାତ୍ରୀ ପରିସ୍ରା ଓ ଶୌଚ ପାଇଁ ହଇରାଣ ହେଉଛନ୍ତି। ଖାସ କରି ମହିଳାମାନେ ପରିସ୍ରା ଓ ଶୌଚ ପାଇଁ ଅଧିକ ସମସ୍ୟା ଭୋଗ କରୁଛନ୍ତି। ବସଷ୍ଟାଣ୍ଡର ଗୋଟିଏ ମାତ୍ର ଶୌଚାଳୟ ରାତି ୮ଟା ପରେ ବନ୍ଦ ହେଉଛି। ତା'ପରେ ମହିଳାମାନେ ଅସୁରକ୍ଷିତ ଭାବେ ପରିସ୍ରା ଓ ଶୌଚ ପାଇଁ ବାଧ ହେଉଛନ୍ତି। ତେଣୁ ମହିଳାଙ୍କ ସୁରକ୍ଷା ନିମନ୍ତେ ନ୍ୟୁନତମ ତିନୋଟି ଶୌଚାଳୟ ନିର୍ମାଣ କରାଯିବା ସହିତ ୨୪ ଘଣ୍ଟା ଖୋଲାଯିବା ବ୍ୟବସ୍ଥା କରାଯାଉ। ଏଥିସହିତ ବସଷ୍ଟାଣ୍ଡର ସମସ୍ତ ଅବ୍ୟବସ୍ଥା ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ସ୍ମାରକ ପତ୍ର ମାଧ୍ୟମରେ ନିବେଦନ କରାଯାଇଛି। ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଛାତ୍ରନେତା ବିଶ୍ୱ ମୁର୍ମୁ, ଅବିନାଶ ମାରାଣ୍ଡି, ଦିଗବିଜୟ ସରେନ, ଦୀପକ ହେମ୍ବ୍ରମ, ମୁନସୀ ମୁର୍ମୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ପ୍ରତିଷ୍ଠାରେ ବ୍ୟତିକ୍ରମ

# ଟାର୍ଗେଟରେ ସହରାଞ୍ଚଳ; ଉପାନ୍ତକୁ ଉପେକ୍ଷା





ବ୍ରହ୍ମପୁର,୭ ।୪(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବା ଉପାନ୍ତ ପାଇଁ ଭିନ୍ନ ଭିନ୍ନ ତରିକା ଗ୍ରହଣ କରାଯାଉଛି। ସହର ଓ ଗ୍ରାମାଞ୍ଚଳ କ୍ଷେତ୍ରରେ ପାତରଅନ୍ତର ସୃଷ୍ଟି କରାଯାଉଥିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଯଦିଓ ସମସ୍ତଙ୍କ ପାଇଁ ଗୋଟିଏ ନିୟମ ଓ ଯୋଜନା ପ୍ରଣୟନ କରୁଛନ୍ତି ତେବେ ଏହାକୁ କାର୍ଯ୍ୟକାରୀ କରିବାରେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ଉଠିଛି ପ୍ରଶ୍ନ। ମହିଳା ଓ ଶିଶୁଙ୍କ ଭଳି ସମ୍ବେଦନଶୀଳ ବର୍ଗଙ୍କ ସୁରକ୍ଷା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି କାର୍ଯ୍ୟକାରୀ ମଧ୍ୟ କରୁଛନ୍ତି। ଖାସ୍ କରି ଉଭୟ ମହିଳା ଓ ଶିଶୁଙ୍କ ପାଇଁ ଗଠିତ ହୋଇଛି ସ୍ୱତନ୍ତ୍ର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ରାଜ୍ୟ ମହିଳା ଆୟୋଗ। ଉଭୟ ଆୟୋଗଙ୍କ ସୁପାରିଶ କ୍ରମେ ଗୃହ ବିଭାଗ ତଥା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଥାନାରେ ପ୍ରତିଷ୍ଠା କରାଯାଇଛି ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ। ଯେଉଁଠି ଜଣେ ପୁଲିସ ଅଧିକାରୀଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣତଃ ନିର୍ଯ୍ୟାତିତା ବା ପିଡିତା ମହିଳା ହୁଅନ୍ତୁ ଅଥବା ନାବାଳିକା ନିଜର ସମସ୍ୟା ସମ୍ପର୍କରେ ପୁରୁଷ ପୁଲିସ ଅଧିକାରୀଙ୍କ ଅପେକ୍ଷା ମହିଳା ଅଧିକାରୀଙ୍କ ସମ୍ମୁଖରେ ଖୋଲାଖୋଲି କହିବାକୁ ସହମତି ପ୍ରକାଶ କରିଥାନ୍ତି। ଯାହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ବିଭିନ୍ନ ଥାନାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସରକାରୀ ନିର୍ଦ୍ଦେଶନାମାକୁ ଖିଲାପ କରି ଅଧିକାରୀମାନେ ନିଜ ସୁବିଧା ଦୃଷ୍ଟିରୁ ବିଭିନ୍ନ ଥାନାରେ। ନିକଟରେ ସ୍ଥାନୀୟ ଗୋଷାଣିନୁଆଗାଁ ଥାନାକୁ ଚାଇଲ୍ଡ ଫ୍ରେଣ୍ଡଲି ଥାନା ଭାବେ ଘୋଷଣା କରାଯାଇଥିବା ବେଳେ ଟାଉନ ଥାନାରେ ଶିଶୁ ଓ ମହିଳା ଡେସ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଥାନାରେ ସ୍ୱତନ୍ତ୍ର ଭାବେ ମହିଳା ଓ ଶିଶୁ ଡେସ୍କ ମଧ୍ୟ ପ୍ରତିଷ୍ଠା କରାଯାଇଛି। କେଉଁଠି ସରକାରୀ ଅର୍ଥରେ ନୂତନ କୋଠା ନିର୍ମାଣ କରାଯାଇଛି ତ ଆଉ କେଉଁଠି ରଙ୍ଗିନ ଚିତ୍ର ଓ ଖେଳଣା ଉପକରଣରେ

### ■ ଚକାଚକ୍ ସହରର ଥାନା, ଉପକଣ୍ଠକୁ ଅଣଦେଖା

### ■ ପ୍ରଦକ୍ଷଣରେ ଆସୁଥିବା ଅଧିକାରୀଙ୍କ ନଜର ଆଢୁଆଳରେ କିଭଳି ରହୁଛି ବ୍ୟବସ୍ଥା

ସରକାରୀ ଯୋଜନାକୁ ଗ୍ରାମାଞ୍ଚଳ ପରିବର୍ତ୍ତେ ସବୁକିଛି ସହରାଞ୍ଚଳରେ ହିଁ ପ୍ରଣୟନ କରୁଥିବା ଦେଖିବାକୁ ମିଳୁଛି। ଯଦ୍ୱାରା ବିଭିନ୍ନ ସରକାରୀ ଯୋଜନାରୁ ଉପେକ୍ଷିତ ରହୁଛନ୍ତି ଉପକଣ୍ଠ ଆଉ ଉପାନ୍ତ ଅଞ୍ଚଳବାସୀ।

ଯାହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ଜରଡା ସଜ୍ଜିତ କରାଯାଇଛି ଥାନାର ମହିଳା ଓ ଶିଶୁ ଡେସ୍କ। ହେଲେ ଜରଡା ଥାନାର ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ଓ ବିରଳ। ଏଠାରେ ସ୍ୱତନ୍ତ୍ର ଭାବେ ଯଦିଓ ନୂତନ କୋଠା ଦିର୍ଘ ବର୍ଷରୁ ନିର୍ମାଣ କରାଯାଇଛି ହେଲେ ତାହାକୁ ବ୍ୟବହାର କରାଯାଉଛି କି ନାହିଁ ତାହା ଆଉ ଏକ ବଡ ପ୍ରଶ୍ନ। ଥାନା ପରିସରରେ ଥିବା ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ ପାଇଁ ଯଦିଓ ଅନ୍ୟ ଥାନା ଭଳି ଜଣେ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ତେବେ ଏଠାରେ କେହି କାର୍ଯ୍ୟ କରୁନଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଏପରିକି ଉପାନ୍ତରେ ଉଭୟ ମହିଳା ଓ ନାବାଳିକା ଅଧିକ ନିର୍ଯାତିତ ଓ ଶୋଷଣର ଶୀକାର ହେଉଥିବା ବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ ନହେବା ସମସ୍ତଙ୍କୁ ଚକିତ କରିଛି। ଥାନା ପରିସରରେ ଥିବା ସ୍ୱତନ୍ତ୍ର ଶିଶୁ ଓ ମହିଳା ଡେସ୍କରେ ନିୟମିତ ତାଲା ପଡୁଥିବା ବେଳେ ସେଠାରେ ଥିବା ଗୋଟିଏ ଭଙ୍ଗା ଟେବୁଲ ଓ ଦୁଇଟି ଅବ୍ୟବହୃତ ଚୌକିରୁ ତାହା କେତେଦୂର କାର୍ଯ୍ୟକ୍ଷମ ତାହା ସ୍ପଷ୍ଟ ପରିଲକ୍ଷିତ ହେଉଛି। କେବଳ ଜରଡ଼ା ଥାନା ନୁହେଁ ବରଂ ବିଭିନ୍ନ ପୁଲିସ ଜିଲ୍ଲାରେ ଉପାନ୍ତ ବା ଉପକଣ୍ଠରେ ଥିବା ସମସ୍ତ ଥାନାରେ ମହିଳା ଓ ଶିଶୁ ଡେସ୍କର ସ୍ଥିତି ଏକାଭଳି ବୋଲି ଅଭିଯୋଗ ହୋଇଛି। ତେବେ ସବୁଠାରୁ ବଡ଼କଥା ହେଲା ନିୟମିତ ବ୍ୟବଧାନରେ ବିଭିନ୍ନ ଥାନାକୁ ଏସ୍‌ଡିପିଓ,



ଏସ୍‌ପି ଓ ଆଇଜି ପରିଦର୍ଶନରେ ଯାଉଥିଲେ ହେଁ ସେମାନଙ୍କ ନଜରକୁ ଏହା କିଭଳି ଆସୁନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ଏନେଇ ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମଙ୍କ ସହ ଯୋଗାଯୋଗ କରାଯିବାରେ ଏହା ଉଦ୍ଦେଶ୍ୟମୂଳକ ନୁହେଁ ବରଂ ନଜରକୁ ଆସିଥିବା ସମସ୍ୟାର ତୁରନ୍ତ ସମାଧାନ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଯିବ ବୋଲି ସେ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।

## ଡିଇଓଙ୍କ ପରିସରରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଧାରଣା

### ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ବଦଳି ଦାବିରେ ତାତିଲେ



ବ୍ରହ୍ମପୁର,୭ ।୪(ସମିସ): ଗୋଷାଣିନୂଆଗାଁ ସ୍ଥିତ ୧୭୦ବର୍ଷ ପୁରୁଣା ଖଲ୍ଲିକୋଟ କଲେଜିଏଟ୍(କେସି) ହାଇସ୍କୁଲକୁ ସରକାରୀକରଣ ଦାବିରେ ମଙ୍ଗଳବାର ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ(ଡ଼ିଇଓ)ଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। ସେହିପରି ଜିଲ୍ଲାରେ ମନମୁଖୀ ଶାସନ କରୁଥିବା ଜନୈକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ(ଏଡିଇଓ)ଙ୍କ ତୁରନ୍ତ ବଦଳି ଦାବି କରିଛନ୍ତି। ଶିକ୍ଷକ ସଂଗଠନ ଓଷ୍ଟା, ସଂସ୍କାରବାଦୀ ଅନୁଷ୍ଠାନ, କେ.ସି ହାଇସ୍କୁଲ ପୁରାତନ ଛାତ୍ର ସଂଘ ଓ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ମିଳିତ ଆନୁକୂଲ୍ୟରେ ଏହି ଧାରଣା ଦିଆଯାଇଛି। ଖଲ୍ଲିକୋଟର ତତ୍କାଳୀନ ରାଜାଙ୍କ ଅବଦାନ ଯୋଗୁଁ ଏହାର ନାମ ଖଲ୍ଲିକୋଟ କଲେଜିଏଟ୍ ହାଇସ୍କୁଲ ରଖାଯାଇ ଏହାକୁ ୧୮୫୬ରେ ପ୍ରତିଷ୍ଠିତ ହୋଇଥିଲା। ଏଠାରେ କେ.ସି. ବାଳିକା ହାଇସ୍କୁଲ ଏବଂ କେ.ସି ପ୍ରାଥମିକ ବିଦ୍ୟାଳୟ ମଧ୍ୟ ସଂଲଗ୍ନ ହୋଇ ରହିଛି। ବର୍ତ୍ତମାନ ଏହି ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀକରଣ କରିବା ଏବଂ ଏହାର ଭିତ୍ତିଭୂମିର ଉନ୍ନତି ପାଇଁ ବିଭିନ୍ନ ସମୟରେ ପୁରାତନ ଛାତ୍ର ଓ ଅଭିଭାବକ ମାନେ ଦାବି କରି ଆସୁଛନ୍ତି। ଏପରିକି ୨ବର୍ଷ ପୂର୍ବେ ରାଜ୍ୟ ସରକାର କେ.ସି ହାଇସ୍କୁଲକୁ ଐତିହ୍ୟ ବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ସେହିକ୍ରମରେ ଏହି ବିଦ୍ୟାଳୟକୁ ପ୍ରାୟ ୨୫ଲକ୍ଷ ଟଙ୍କା ଆସିଥିଲା। କିନ୍ତୁ ଉକ୍ତ ଟଙ୍କା ଖର୍ଚ୍ଚ ହୋଇନପାରି ଫେରି ଯାଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଉକ୍ତ ବିଦ୍ୟାଳୟ ପରିସରରେ ଏକ ଘରୋଇ ବିଦ୍ୟାଳୟ ରହୁଥିବା ବେଳେ ଯାହାକୁ ନେଇ ପ୍ରତିବାଦ କରାଯାଇଛି। ଧାରଣାରେ ସଂସ୍କାରବାଦୀ ପ୍ରତିଷ୍ଠାତା ତ୍ରିନାଥ ମହାରଣା, ଓଷ୍ଟା ସମ୍ପାଦକ ବିଜୟ ବେହେରା, ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର ଖାଡ଼ଙ୍ଗା ପ୍ରମୁଖ ସାମିଲ ଥିଲେ।

ଗତ କିଛିଦିନ ପୂର୍ବେ କେସି ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଘଟଣାକୁ ନେଇ ପାତରଅନ୍ତର କରାଯାଇଥିବା ଅଭିଯୋଗ ରହିଥିଲା। ଜିଲ୍ଲାର ବିଭିନ୍ନ କାର୍ଯ୍ୟରେ ଉକ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଣକ ହସ୍ତକ୍ଷେପ କରୁଥିବା ଯୋଗୁଁ ବିଦ୍ୟାଳୟ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ଏଣୁ ତୁରନ୍ତ ତାଙ୍କୁ ଏଠାରୁ ଅନ୍ୟତ୍ର ଜିଲ୍ଲାକୁ ବଦଳି କରିବାକୁ ଧାରଣାରତ ସଂଘ ଦାବି କରିଛି।

## ଛାତ୍ରୀଙ୍କୁ ଦୁଷ୍କର୍ମ; ଟ୍ୟୁସନ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର,୭ ।୪(ସମିସ): ଜଣେ ୩ୟ ଶ୍ରେଣୀର ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ଫାଷ୍ଟଟ୍ରାକ ପୋକସୋ କୋର୍ଟର ଜଜ୍ ରୋହିତଲାଲ ପଣ୍ଡା ଅଭିଯୁକ୍ତ ଟିୟୁସନ ଶିକ୍ଷକଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର କାର୍ତ୍ତିକ ନାୟକ(୨୯)। ଜେଲ ଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକାରଣକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ଅଗଷ୍ଟ ୨୩ରେ ଏହି ୮ ବର୍ଷର ପୀଡ଼ିତା ନାବାଳିକା ଜଣକ ସବୁଦିନ ଭଳି ଟିୟୁସନ ଯାଇଥିଲେ। ଟିୟୁସନ ସରିବା ପରେ ସେହି ଟିୟୁସନର ଶିକ୍ଷକ ତଥା ଅଭିଯୁକ୍ତ କାର୍ତ୍ତିକ ତାଙ୍କୁ ଛାତ ଉପରକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ତାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିବା ବେଳେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ପଚାରିବା ପରେ ସେ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପୀଡ଼ିତାଙ୍କ ମା’ ଥାନାରେ ଅଭିଯୋଗ କରିଥିଲେ। ପୁଲିସ କାର୍ତ୍ତିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ସେ ଜେଲ୍‌ରେ ଥିଲେ। ବିଚାରଣ ବେଳେ ମୋଟ ୧୦ ଜଣ ସାକ୍ଷୀଙ୍କ ବୟାନ ଓ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିବାରୁ କୋର୍ଟ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ସମ୍ବାଦପତ୍ର ସଂଗଠନର ପ୍ରତିନିଧି ମଣ୍ଡଳୀ

ବ୍ରହ୍ମପୁର,୭ ।୪(ସମିସ): ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିଛନ୍ତି। ସଂଗଠନର ରାଜ୍ୟ ଅଧ୍ୟକ୍ଷ ରବି ରଥଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଏଥିନିମନ୍ତେ ଏକ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ ପାଇଁ ଦାବି କରିଥିଲେ। ଭାରତବର୍ଷର ଅନ୍ୟରାଜ୍ୟ ଭଳି ସାମ୍ବାଦିକମାନଙ୍କୁ ପେନସନ, ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ରଗୁଡ଼ିକୁ ରାଜଧାନୀରେ କାର୍ଯ୍ୟାଳୟ ନିମନ୍ତେ ସରକାରୀ ଗୃହ ପ୍ରଦାନ ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏ ସଂକ୍ରାନ୍ତରେ ଯଥାଶୀଘ୍ର ଆବଶ୍ୟକୀୟ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀମତି ଗର୍ଗ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଉପସଭାପତି ସ୍ୱଦେଶ ଚନ୍ଦ୍ର ଦାସ, ଡ. ଜୀବନ କୁମାର ଦୀକ୍ଷିତ ପ୍ରମୁଖଙ୍କ ଉପସ୍ଥିତ ଥିଲେ।

## ଲଜ୍ ଭିତରୁ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମପୁର,୭ ।୪(ସମିସ): ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଶ୍ରୀରାମ ଲଜର କୋଠାରୀ ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ଜଣଙ୍କ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଜିରାବାଡି ଗ୍ରାମର ବିଶ୍ୱରଞ୍ଜନ ଗୌଡ ଓରଫ ଜଗନ(୩୭) ବୋଲି ପୁଲିସ ତଦନ୍ତରୁ ଜଣାପଡିଥିବା ଥାନା ଅଧିକାରୀ ରାମ ସୁବ୍ରମନୀୟମ୍ ପ୍ରଧାନ ସୂଚନା ଦେଇଛନ୍ତି। ଖବର ପାଇ ତାଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଯାଇଛି। ବିଶ୍ୱରଞ୍ଜନ ବିବାହିତ ହୋଇଥିବା ବେଳେ ତାଙ୍କର ଏକ ୬ ବର୍ଷର ଶିଶୁକନ୍ୟା ରହିଛି। ସେ ଦୀର୍ଘବର୍ଷ ଧରି ଜମିବାଡ଼ି ବିକ୍ରି ସହ ଜଗନ୍ନାଥପ୍ରସାଦ ଅଞ୍ଚଳରେ ଟିୟୁସନ କରି ପିଲାଙ୍କୁ ପାଠ ପଢାଉଥିଲେ। ସେହିପରି ଅନ୍ୟାନ୍ୟ କାମଧନ୍ଦା ମଧ୍ୟ କରୁଥିଲେ। ହେଲେ କିଛି ମାସ ହେବ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଗତକାଲି ସନ୍ଧ୍ୟାରେ ସେ ଜିରାବାଡ଼ିରୁ କୌଣସି କାମରେ ବ୍ରହ୍ମପୁର ଆସିଥିଲେ। ବ୍ରହ୍ମପୁରର ପୁରୁଣା ବସ୍‌ଷ୍ଟାଣ୍ଡକୁ ଯାଇ ଶ୍ରୀରାମ ଲଜରେ ଏକ କୋଠରୀ ବୁକ୍ କରି ରହିଥିଲେ। ହେଲେ ଆଜି ସକାଳୁ ଲଜର କୋଠରୀ ଖୋଲି ନଥିଲେ। କର୍ମଚାରୀମାନେ ଡାକିଲେ ମଧ୍ୟ ଶୁଣିନଥିଲେ। ଯାଞ୍ଚ ପରେ ସେ କୋଠରୀର ପଙ୍ଖାରେ ନିଜ ବେକକୁ ବାନ୍ଧି ଝୁଲି ପଡିଥିବା ପୁଲିସ ଜାଣିବାକୁ ପାଇଥିଲା। ବିଶ୍ୱରଞ୍ଜନଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେ କେଉଁ କାରଣରୁ ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ସ୍ପଷ୍ଟ ହୋଇପାରିନି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

### ଦ୍ୱିତୀୟ ସନ୍ଧ୍ୟାରେ ରେଶମ ସହର ମହୋତ୍ସବ

# ନବ୍ୟା, ଯାଜ୍ଞସେନୀ ଓ ସଚିନଙ୍କ ସଂଗୀତରେ ବିଭୋର ଶ୍ରୋତା








ବ୍ରହ୍ମପୁର,୭ ।୪(ସମିସ): ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ରେଶମ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ସନ୍ଧ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଓ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ଶରତ ପଟ୍ଟନାୟକ, ସ୍ୱଦେଶୀ ମେଳାର ରାଜ୍ୟ ଆବାହକ ରଘୁନାଥ ବେହେରା, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର କମିଶନର ଏ. ସସ୍ୟା ରେଡ୍ଡୀ ଓ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଯୋଗ ଦେଇଥିଲେ।

ଅତିଥିମାନେ ମହୋତ୍ସବରେ ବ୍ରହ୍ମପୁରର ପାଟ ମଠା, ପିତଳ ସାମଗ୍ରୀ, ଆଚାର, ପାମ୍ପଡର ସ୍ୱତନ୍ତ୍ରତା, ଗଞ୍ଜାମ ଜିଲ୍ଲାର ନୌବାଣିଜ୍ୟ ଇତିହାସ, ସୁଭଦ୍ରା ଶକ୍ତି ମେଳା ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାରେ ସମୁଚିତ ମୂଲ୍ୟରେ ଉପଲବ୍ଧ କୃଷି ଯନ୍ତ୍ରପାତି, ପାଟଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ଆଲୋକପାତ କରିଥିଲେ।

ଆୟୋଜିତ ଦ୍ୱିତୀୟ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ନବ୍ୟା ଜାଇଟି, ଯାଜ୍ଞସେନୀ ନାୟକ ଏବଂ ସଚିନ ରାଉତଙ୍କ ସହ ଅନେକ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ମୁଖ୍ୟ ଆକର୍ଷଣ ରହିଥିବା ବେଳେ ତାହା ଶ୍ରୋତାଙ୍କୁ ବିଭୋର କରିଥିଲା। ସେହିପରି କାର୍ଯ୍ୟକ୍ରମରେ ବହୁ ପାରମ୍ପରିକ ସଙ୍ଗୀତ ସହ ସମ୍ବଲପୁର ଓ କଳାହାଣ୍ଡି ନୃତ୍ୟର ତାଳେ ତାଳେ ଦର୍ଶକ ମତୁଆଲା ହୋଇଥିଲେ।

**ଅସାମାଜିକ ଯୁବକର ଉନ୍ମକ୍ତ କାଣ୍ଡ**

# ମହିଳାଙ୍କୁ ଅଶ୍ଳୀଳ ଗାଳି ସହିତ ଘରେ ପଶି ଆକ୍ରମଣ

ପାରାଦୀପ,୭।୪(ସମିସ): ପାରାଦୀପ ଷଣ୍ଢକୁଦ ବସ୍ତିରେ ଜଣେ ଅସାମାଜିକ ଯୁବକ ଉନ୍ମକ୍ତ କାଣ୍ଡ ଘଟାଇଛି। ଯୁବକ ଜଣଙ୍କ ଘରେ ପଶି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ଅଶ୍ଳୀଳ ଇଙ୍ଗିତ କରିବା ସହିତ ପଥର ଫୋପାଡ଼ି ଆକ୍ରମଣ କରିବା ଏବଂ ଘରେ ନିଆଁ ଲଗାଇ ଜାଳିଦେବା ଘଟଣାକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ ଷଣ୍ଢକୁଦ ୧୯ ନମ୍ବର ୱାର୍ଡ ଶ୍ରୀରାମ କଲୋନୀରେ ଘଟିଛି ଏହି ଘଟଣା। ଏହି କଲୋନୀରେ ରହୁଥିବା ଜଗା ମଲ୍ଲିକ ଆଜି ହଠାତ କିଛି ଲୋକଙ୍କ ଘରେ ପଶି ଗାଳିଗୁଲଜ କରିଥିଲା। ଯାହାକୁ ନେଇ ଜଟାଧାର ମୁହାଣ ସାମୁଦ୍ରିକ ପୁଲିସକୁ ଖବର ଦେବା ପରେ ପୁଲିସ ଅଭିଯୁକ୍ତକୁ ଥାନାକୁ ଆଣିଥିଲା। ତେବେ କିଛି ସମୟରେ ପୁଣିଥରେ ପୁଲିସ ଅଭିଯୁକ୍ତକୁ ତାର ଘରକୁ ଆଣି ଛାଡୁଥିବା ଦେଖି ସ୍ଥାନୀୟ ଲୋକ ପୁଲିସର କାର୍ଯ୍ୟକୁ ବିରୋଧ କରିଥିଲେ। ଏହାପରେ ପୁଲିସ ଅଭିଯୁକ୍ତର ଘର ଭିତରକୁ ପଶି ତାକୁ ନ ପାଇ ବାହାରକୁ ଆସି ଜଗା ମଲ୍ଲିକ ଖସି ଯାଇଥିବା ନେଇ ସ୍ଥାନୀୟ ଲୋକଙ୍କୁ କହିଥିଲେ। ଯାହାକୁ ନେଇ କିଛି ସମୟ ଘଟଣା ସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଜଗା ମଲ୍ଲିକ ଫେରାର ହୋଇଯିବା ପରେ ପୁଣିଥରେ ଆସି ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମୋତେ ପୁଲିସକୁ ଦେଇଛ, ମୁଁ ତୁମ ଘରେ ନିଆଁ ଲଗାଇ ଜାଳିଦେବି ବୋଲି ବସ୍ତି ବାସିନ୍ଦାକୁ ଧମକ ଦେବା ସହିତ ପଥରରେ ଆକ୍ରମଣ କରିଥିଲା। ଜଣେ ଯୁବତୀ ପଥର ମାଡ଼ରେ ମୁଣ୍ଡରେ ଆଘାତ ସୃଷ୍ଟି ହେବା ସହିତ ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିଲେ। ଯାହାକୁ ନେଇ ବସ୍ତିବାସିନ୍ଦା ମିଳିତ ହୋଇ ଜଗା ମଲ୍ଲିକକୁ ମାଡିବସିବା ସହିତ ପୁଲିସକୁ ଖବର ଦେବାପରେ ଜଟାଧାର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତାକୁ ଆଣି ଥାନାରେ ଅଟକ ରଖିଥିଲା। ପୁଲିସ ଅଭିଯୁକ୍ତକୁ ଥାନାକୁ ନେବା ପରେ ମହିଳାମାନେ ଆହତ ହୋଇଥିବା ଦୁଇଜଣ ଯୁବତୀଙ୍କୁ ଅଠରବାଙ୍କୀ ମେଡିକାଲରେ ଆଶୁ ଚିକିତ୍ସା କରିବା ପରେ ପୁଲିସ ପାଖରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତକୁ ଥାନରେ ରଖିବା ନେଇ ପୁଲିସ୍ ଓ ମହିଳାଙ୍କ ମଧ୍ୟରେ କିଛି ସମୟ ବାକଯୁଦ୍ଧ ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଅଭିଯୁକ୍ତକୁ ପୋଲିସ ରଖିବା ପରେ ମହିଳାମାନେ ବିଳମ୍ବିତ ରାତ୍ରିରେ ଘରକୁ ଫେରିଥିଲେ।

# ପୁଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

**ବଦଳିଲେ ୧୬ ଇନ୍ସପେକ୍ଟର**

ଜଗତସିଂହପୁର/ପାରାଦୀପ,୭।୪(ସମିସ): ଜଗତସିଂହପୁର ପୁଲିସ ବିଭାଗରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି ଏସ୍‌ପି ଅଙ୍କିତ କୁମାର ବର୍ମା। ଏହି ବଦଳି ପ୍ରକ୍ରିୟାରେ ୧୬ ଜଣ ଇନ୍ସପେକ୍ଟର ସାମିଲ ହୋଇଛନ୍ତି। ଜଗତସିଂହପୁର ସଦର ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କୁ ବନ୍ଦର ମେରାଇନ ଥାନା ଆଇଆଇସି ଭାବେ ବଦଳି କରାଯାଇଥିବା ବେଳେ ବାଲିକୁଦା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କୁ ଜଗତସିଂହପୁର ସଦର ଥାନା ଆଇଆଇସି ଭାବେ ନିଯୁକ୍ତି ମିଳିଛି। ସେହିପରି ବିରିଡି ଥାନା ଆଇଆଇସି ସୁଜାତା ବେହେରାଙ୍କୁ ବାଲିକୁଦା ଥାନା, ପାରାଦୀପ ମେରାଇନ ଥାନା ଆଇଆଇସି ବବିତା ଦେହୁରୀଙ୍କୁ ପାରାଦୀପ ଆଦର୍ଶ ଥାନା, କୁଜଙ୍ଗ ଥାନା ଆଇଆଇସି ବଂଶୀଧର ପ୍ରଧାନଙ୍କୁ ତିର୍ତ୍ତୋଲ ଥାନା, କୃଷ୍ଣାନନ୍ଦପୁର ଥାନା ଆଇଆଇସି ଶିବାଶିଷ ଦାସଙ୍କୁ କୁଜଙ୍ଗ ଥାନା, ତିର୍ତ୍ତୋଲ ଥାନାର ଆଡିସିନାଲ ଆଇଆଇସି ପାର୍ଥପ୍ରୀତମ ବେଉରାଙ୍କୁ ଏରସମା ଥାନା, ଏସ୍‌ଆର ସେକ୍ସନରେ କାର୍ଯ୍ୟରତ ରଞ୍ଜନ କୁମାର ମାଝୀଙ୍କୁ କୃଷ୍ଣାନନ୍ଦପୁର ଥାନା, ପାରାଦୀପ ଆଦର୍ଶ ଥାନା ଆଇଆଇସି କାବୁଲି ବାରିକଙ୍କୁ ବିରିଡି ଥାନା, ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ଜଗତସିଂହପୁର ଡିଆଇବିକୁ ବଦଳି

**ଦୁଇ ଥାନାରେ ଅତିରିକ୍ତ ଆଇଆଇସି**

କରାଯାଇଛି। ତିର୍ତ୍ତୋଲ ଥାନା ଆଇଆଇସି ପ୍ରଦୀପ୍ତ କୁମାର ସେଠୀଙ୍କୁ ପାରାଦୀପ ମେରାଇନ ଥାନା, ଏରସମା ଥାନା ଆଇଆଇସି ପ୍ରେମଜିତ୍ ଦାସଙ୍କୁ ରଘୁନାଥପୁର ଥାନା, ବନ୍ଦର ମେରାଇନ ଥାନା ଆଇଆଇସି ରଘୁନାଥ ଟୁଡୁଙ୍କୁ ତିର୍ତ୍ତୋଲ ଥାନାର ଆଡିସିନାଲ ଆଇଆଇସି ଭାବେ ବଦଳି କରାଯାଇଛି। ସେହିପରି ସାଇବର ଥାନାରେ କାର୍ଯ୍ୟରତ ସନ୍ତୋଷ କୁମାର ବଳଙ୍କୁ ପାରାଦୀପ ଆଦର୍ଶ ଥାନାର ଆଡିସିନାଲ ଆଇଆଇସି, ରିଜର୍ଭ ପୁଲିସ ମୁଖ୍ୟାଳୟରେ ଥିବା ମନ୍ଦାକିନୀ ବିଶୋଇଙ୍କୁ ଜଗତସିଂହପୁର ସାଇବର ଥାନା ଏବଂ ସାଇବର ଥାନାରେ କାର୍ଯ୍ୟରତ ସ୍ନେହଲତା ପ୍ରଧାନଙ୍କୁ ପାରାଦୀପ ଲକ୍ ଥାନାର ଆଡିସିନାଲ ଆଇଆଇସି ଭାବେ ବଦଳି କରାଯାଇଛି। ଏହି ବଦଳିରେ ପାରାଦୀପର ଦୁଇ ପ୍ରମୁଖ ଥାନା ମଡେଲ ଥାନା ଓ ଲକ୍ ଥାନାରେ ନୂତନ ଭାବେ ଅତିରିକ୍ତ ଆଇଆଇସି ନିଯୁକ୍ତ କରାଯାଇଛି। ସୂଚନା ଥାଉକି କିଛି ଦିନ ତଳେ ବାଲିଘାଟକୁ ନେଇ ଚର୍ଚ୍ଚାରେ ଥିବା ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ ସେଠୀଙ୍କୁ ପାରାଦୀପ ମେରାଇନ ଥାନାକୁ ବଦଳି କରାଯାଇଛି।

## ଗେଟ୍ ଭିତରୁ ମହିଳାଙ୍କ ବେକରୁ ଝାମ୍ପିନେଲେ ଚେନ୍

ପାରାଦୀପ,୭।୪(ସମିସ): ବନ୍ଦର ସହର ପାରାଦୀପରେ ଏବେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢି ଚାଲିଛି। କଲୋନୀରେ ପଶି ଏହି ଲୁଟେରାମାନେ ମହିଳାଙ୍କ ବେକରୁ ଲୁଟପାଟ କରୁଛନ୍ତି। ପୂର୍ବରୁ ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଲଗାତର ମହିଳାଙ୍କ ବେକରୁ ସୁନାଚେନ ଛିଡାଇ ଦୁର୍ବୃତ୍ତମାନେ ନେଇ ପଳାଇବା ଘଟଣା ପରେ ଆଜି ସନ୍ଧ୍ୟାରେ ଭଞ୍ଜକଲୋନୀ ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନ୍ ଛିଡାଇ ନେଇ ପଳାଇଛନ୍ତି ଦୁର୍ବୃତ୍ତ। ମହିଳା ଜଣଙ୍କ କୌଣସି କାମରୁ ଆସି ଗେଟ୍ ଭିତରେ ଗାଡ଼ି ପୂରାଉଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ମଟରସାଇକଲରେ ଆସି ତାଙ୍କ ବେକରୁ ସୁନାଚେନ ଛିଡ଼ାଇ ଗାଡ଼ି ନେଇ ସହର ଆଡକୁ ପଳାଇଥିଲେ। ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଦୁର୍ବୃତ୍ତଙ୍କର କୌଣସି ଟେର ମିଳିପାରିନାହିଁ। ତେବେ ଏ ସମ୍ପର୍କରେ ଆଦର୍ଶ ଥାନାରେ ଅଭିଯୋଗ କଲାପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ

ଜଗତସିଂହପୁର,୭।୪(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଚାଟରା ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଆବସରରେ ଜିଲ୍ଲା ସଭାପତି ପ୍ରତାପ ମିଶ୍ର ବିଜେପି ପତାକା ଉତ୍ତୋଳନ କରିଥିବା ବେଳେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତାରାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପ୍ରଭାରୀ ସୁବାସ ଜେନା ଓ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିନୋଦ ମହାନ୍ତି, ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ବସନ୍ତ ମହାନ୍ତି, ସବିତା ପ୍ରଧାନ, ମଣ୍ଡଳ ସଭାପତି, ସମ୍ପାଦକ, ହୃଷିକେଶ ନନ୍ଦ, ଚିତରଞ୍ଜନ ପଣ୍ଡା, ଶିଶିର ପାତ୍ର, ସମୀର ନାୟକ, ନାରାୟଣ ସାମଲ, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜନାରାୟଣ ସାହୁ, ନିହାର ପତି, ପିଙ୍କୁ ମହାରଣା ପ୍ରଭୃତି ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃନ୍ଦାବନ କଲୋନୀ ମା' ମଙ୍ଗଳା ପୀଠରେ ଝାମୁଯାତ୍ରା



ପାରାଦୀପ,୭।୪(ସମିସ): ପାରାଦୀପ ବୃନ୍ଦାବନ କଲୋନୀ ମା' ମଙ୍ଗଳାଙ୍କ ପୀଠରେ ଭକ୍ତି, ଶକ୍ତି ଓ ଆଧ୍ୟାତ୍ମିକ ପରମ୍ପରାରେ ପର୍ବ ଝାମୁଯାତ୍ରା ଆୟୋଜିତ ହୋଇଯାଇଛି। ଯାହା ମୁଖ୍ୟତଃ ଚୈତ୍ର ମାସରେ ମା' ମଙ୍ଗଳା ଏବଂ ଅନ୍ୟ ଦେବୀପୀଠମାନଙ୍କରେ ପାଳନ କରାଯାଏ। ପାରାଦୀପ ବୃନ୍ଦାବନ କଲୋନୀରେ ରହିଥିବା ମା' ମଙ୍ଗଳାଙ୍କ ପୀଠରେ ଏହି ଯାତ୍ରାରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହିତ ସମୁଦ୍ରକୂଳରୁ ମା'ଙ୍କ ଉଦ୍ଦେଶ୍ୟରେ କଳସ ଶୋଭାଯାତ୍ରାରେ ମା'ଙ୍କ ପଟୁଆଙ୍କୁ ଘଣ୍ଟ, ଘଣ୍ଟା ହରିବୋଲ ହୁଳହୁଳିରେ ନଗର ସାରା ପାଛୋଟି ଆଣିଥିଲେ ଶ୍ରଦ୍ଧାଳୁ। କଳସ ଶୋଭାଯାତ୍ରା ମା'ଙ୍କ ପୀଠରେ ପହଞ୍ଚିବା ପରେ ଝାମୁଯାତ୍ରା ଆରମ୍ଭ ହୋଇଥିଲା। ଚଳିତ ବର୍ଷର ଝାମୁଯାତ୍ରାରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ମା'ଙ୍କ ଝାମୁଯାତ୍ରା ଦର୍ଶନ କରିଥିଲେ। ମା'ଙ୍କ ଝାମୁଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହେବ ଏ ନେଇ ମନ୍ଦିର କମିଟିର ସମସ୍ତ ସଦସ୍ୟମାନଙ୍କ ସହିତ ସ୍ଥାନୀୟ ବୃନ୍ଦାବନ କଲୋନୀର ମୁରବିତୁଲ୍ୟ ବ୍ୟକ୍ତି ବିଶେଷ, ସ୍ଥାନୀୟ ପାରିଷଦଙ୍କ ସମେତ ଶ୍ରଦ୍ଧାଳୁ ମାନେ ଏଥିପ୍ରତି ଦୃଷ୍ଟି ଦେବା ସହିତ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥାନ୍ତି।

## ନିଶାମାଫିଆକୁ କାବୁ କଲା ଅବକାରୀ ବିଭାଗ

ଜଗତସିଂହପୁର,୭।୪(ସମିସ):



ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ମାର୍କଣ୍ଡପୁର ଗ୍ରାମରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମର ବେଲାର ସିଂଙ୍କ ପୁଅ ସିଲୁ ସିଂ (୩୧) ଦୀର୍ଘ ଦିନ ହେବ

**୨୮ ଗ୍ରାମର ହେରୋଇନ**

ବ୍ରାଉନସୁଗାର କାରବାର ଲୁଚାଛପାରେ ଚଳାଉଥିବାର ଅଭିଯୋଗ ରହିଥିଲା। ଏହାକୁ ଆଧାର କରି ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ପିଛା କରୁଥିବା ବେଳେ ସିଲୁ ସିଂ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର ପରିସର ମଧ୍ୟରେ ଆତ୍ମଗୋପନ ଉଦ୍ଦେଶ୍ୟରେ ପସି ଯାଇଥିଲା। ତେବେ କୌଶଳ କ୍ରମେ ଖସି ଯିବା ପାଇଁ ଉଦ୍ୟମ କରୁଥିବା ବେଳେ ଫିଲ୍ମ ଷ୍ଟାଇଲରେ ସିଲୁକୁ କାବୁ କରି ନେଇଥିଲେ ପିଛା କରୁଥିବା ଟିମ୍। ଯାଞ୍ଚ ପରେ ତାଙ୍କ ନିକଟରୁ ୨୮ ଗ୍ରାମର ହେରୋଇନ ଜବତ କରାଯାଇଥିଲା ଯାହାର ଆନୁମାନିକ ମୂଲ୍ୟ ୨.୮୦ ଲକ୍ଷ ଟଙ୍କା ହେବ। ଆଜିର ଏହି ଚଢ଼ଉରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାରର ଏଏସ୍‌ଆଇ ସନ୍ତୋଷ ନାୟକ, କନଷ୍ଟେବଲ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ। ଗିରଫ ସିଲୁ ସିଂକୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢ଼ଉକୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟ ସହନଶୀଳ ନୀତିରେ ସମସ୍ତ ଅଭିଯୁକ୍ତଙ୍କୁ ଦମନ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

## ଅଗ୍ନି ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୭।୪(ସମିସ): ପାରାଦୀପ କଲେଜ ପରିସରରେ ବନ୍ଦର ସିଆଇଏସଏଫ ୟୁନିଟ ପକ୍ଷରୁ ୟୁଆଇଆର୍‌ସି ଏବଂ ଏନ୍‌ସିସି ୱିଙ୍ଗସ୍‌ଙ୍କ ସହଯୋଗରେ ଏକ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କଲେଜର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ଦେଇ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଏଏନଓ, ଏନସିସି ଅଫିସର ଓ ଇତିହାସ ବିଭାଗର ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର, ଏନସିସି କାର୍ଯ୍ୟକ୍ରମ ଅଧିକାରୀ, ସଂଘମିତ୍ରା ପ୍ରଧାନ, ଇତିହାସ ବିଭାଗର ଅଧ୍ୟାପିକା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍‌ବୋଧନ ରଖିଥିଲେ। ସିଆଇଏସଏଫର ଫାୟାର ଇନ୍ସପେକ୍ଟର ପ୍ରଦୀପ ମୋଥସାରା ଓ ତାଙ୍କ ଦଳ ଅଗ୍ନି ସୁରକ୍ଷା ଓ ପ୍ରତିରୋଧ ସମ୍ପର୍କରେ ପ୍ରସ୍ତୁତି ଦେଇଥିଲେ ଏବଂ ଛାତ୍ରଛାତ୍ରୀଙ୍କ ସହ ଏକ ମକ୍ ଡ୍ରିଲ୍ ଆୟୋଜନ କରିଥିଲେ। ଏହା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ବଢାଇବା ପାଇଁ ଏକ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଶେଷରେ କଲେଜର ଇଂରାଜୀ ଅଧ୍ୟାପିକା ଶାଶ୍ୱତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ କିଛି ଶିକ୍ଷକ/କର୍ମଚାରୀପୂର୍ବତନ ଜିଲ୍ଲା ସମନ୍ୱୟକ ୟୁଆଇଆରସିସି ଓ ଦର୍ଶନ ବିଭାଗର ମୁଖ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ, ସିଟିଓ ଏନସିସି ଅଭିଷେକ ବିଶ୍ୱାଳ, ମିସ୍ କବିତା ପଧାନ, ଶୁଭସ୍ମିତା ଲେଙ୍କା ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରି ସଫଳ କରିଥିଲେ।

**ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ**

## ମଠକୁ ଫେରିଲେ ମଠାଧୀଶ ଓ ଅନ୍ତେବାସିନୀ



ନାଉଗାଁ,୭।୪(ସମିସ): ବହୁ ଚର୍ଚ୍ଚିତ ଜଗତସିଂହପୁର ଜିଲ୍ଲା ନାଉଗାଁ ଶାଳଜଙ୍ଗା ମଠର ମଠାଧିଶ ବାବା ଗଦାଧର ଦାସ ଓ ଅନ୍ତେବାସିନୀ ରିନାରାଣୀ ସ୍ୱାଇଁଙ୍କୁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଆଜି ପୁଲିସ ପ୍ରଶାସନ ମଠ ମଧ୍ୟରେ ପ୍ରବେଶ କରାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମଠ ପରିସରରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ପାଇଁ ସେଠାରେ ପୁଲିସ୍ ମଧ୍ୟ ମୁତୟନ କରାଯାଇଛି। ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଓ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମଠ ଭିତରେ ସେମାନଙ୍କୁ ପ୍ରବେଶ କରାଯାଇଥିବା ଦେଖିବାକୁ ମିଳିଛି। ମଠରେ ଦାନଧର୍ମ ସୂତ୍ରରେ ମିଳିଥିବା ଅର୍ଥ ତୋଷରପାତ ଓ ମଠ ଜମି ହଡ଼ପ ଅଭିଯୋଗ ପରେ ସ୍ଥାନୀୟ ଶାଳଜଙ୍ଗା ଗ୍ରାମବାସୀ ନାଉଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୌଶଳ କ୍ରମେ ଅନ୍ତେବାସିନୀ ରିନାରାଣୀ ସ୍ୱାଇଁ ମଠ ଛାଡି ପଳାଇଥିବା ବେଳେ ବାବା ଗଦାଧର ଦାସ ମଠ ମଧ୍ୟରୁ ରାତି ଅଧରେ ପାଚେରି ଡେଇଁ ପଳାୟନ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ମଠ ମଧ୍ୟକୁ ଉକ୍ତ ଦୁଇଜଣ ପ୍ରବେଶ କରିବାକୁ ଚାହିଁଥିଲେ ମଧ୍ୟ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁଁ ସେମାନେ ମଠ ମଧ୍ୟକୁ ପ୍ରବେଶ କରି ପାରିବା ସମ୍ଭବ ହୋଇନଥିଲା। ଆଜି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ପୁଲିସ ସେମାନଙ୍କୁ ମଠ ମଧ୍ୟକୁ ପ୍ରବେଶ କରାଇଛି।

**• ମିଳୁନି ଗ୍ୟାସ୍ ସିଲିଣ୍ଡର**

## ରାସ୍ତାକୁ ଓହ୍ଲାଇଲେ ଜନତା



ଜଗତସିଂହପୁର,୭।୪(ସମିସ): ଜଗତସିଂହପୁର ପୌରାଞ୍ଚଳରେ ଥିବା ମା' ଶାରଳା ଗ୍ୟାସ୍ ବିତରକ ସଂସ୍ଥାର ଗ୍ୟାସ୍ ଗାଡି ପ୍ରାୟ ସପ୍ତାହେ ହେବ ଆସୁନାହିଁ। ଫଳରେ ରାତି ୩ଟାରୁ ଖାଲି ଗ୍ୟାସ ସିଲିଣ୍ଡର ଧରି ବାଘସାହି ସ୍ଥିତ ସଂସ୍ଥାର ଗୋଦାମ ନିକଟରେ ଧାଡିରେ ଠିଆହୋଇ ଘରକୁ ଫେରୁଛନ୍ତି ଗ୍ରାହକ। ଉକ୍ତ ଗ୍ୟାସ ବିତରକ ସଂସ୍ଥା ମଧ୍ୟ ସଠିକ ସୂଚନା ଦେଉନଥିବା ଅଭିଯୋଗ କରିଛନ୍ତି ଗ୍ରାହକ। ଏହାର ପ୍ରତିବାଦ କରି ଆଜି ସକାଳେ ବାଘସାହି ସ୍ଥିତ ଗ୍ୟାସ ଗୋଦାମ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛି ସମୟ ଧରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗ୍ୟାସ ସିଲିଣ୍ଡର ରଖି ଜଗତସିଂହପୁର ସହରର ଥାନା ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ ଉତ୍ୟକ୍ତ ଲୋକେ। ପ୍ରାୟ ୩୦ ମିନିଟ ଧରି ହୋ ହାଲା ଚାଲିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା।

## ‘ଓଡ଼ିଆ ପକ୍ଷ'ରେ ବର୍ଣ୍ଣବୋଧ ବଣ୍ଟନ




ଜଗତସିଂହପୁର,୭।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ପାଳନ ହେଉଛି "ଓଡ଼ିଆ ପକ୍ଷ'। ଏହି ପକ୍ଷ ପାଳନର ସପ୍ତମ ଦିନକୁ ‘ଶିଶୁ କଥା ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ଆଜି ଜିଲ୍ଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ଓ ଶିଶୁଲେଖା ପୁସ୍ତକ ବଣ୍ଟନ କରାଯାଇଛି। ‘ଓଡ଼ିଆ ପକ୍ଷ' ଅବସରରେ ଶିଶୁମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶ ଏବଂ ସେମାନଙ୍କୁ ମାତୃଭାଷାର ସମୃଦ୍ଧ ପରମ୍ପରା ସହ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ "ଶିଶୁ କଥା ଦିବସ' ଓ "ବର୍ଣ୍ଣବୋଧ ବଣ୍ଟନ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶୈଶବର କଳ୍ପନାପ୍ରସୂତ ଜଗତକୁ ପାରମ୍ପରିକ ଗଳ୍ପର ରଙ୍ଗରେ ରଞ୍ଜିତ କରିବା ସହ ଆଗାମୀ ପିଢ଼ିକୁ ଆମ ସାହିତ୍ୟ ଓ ଲୋକକଥାର ମହକରେ ବୁଦ୍ଧିମନ୍ତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଜିଲ୍ଲାର ସମସ୍ତ ବ୍ଲକର ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଡିଇଓ, ବିଇଓ, ଡିଏସଡବ୍ଲୁଓଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଇବ୍ରି ସିଂରେ ସ୍ୱାସ୍ଥ୍ୟ ସେବା ଶିବିର

ତିର୍ତ୍ତୋଲ,୭।୪(ସମିସ): ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ମଣ୍ଡଳ ବିଜେପି ଓ ଜନ ଶିକ୍ଷଣ ସଂସ୍ଥାନ ଜଗତସିଂହପୁରର ମିଳିତ ଆନୁକୂଲ୍ୟରେ ଇବ୍ରିସିଂ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ବରିଷ୍ଠ ବିଜେପି ନେତ୍ରୀ ଜୟ ଲକ୍ଷ୍ମୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ମଣିଜଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଂଜିଦା ଅଞ୍ଜୁମ, ଡ ସୌମ୍ୟପ୍ରକାଶ ନାୟକ ଯୋଗଦେଇ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।। ରୋଗୀମାନଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଫାର୍ମାସୀଷ୍ଟ ପ୍ରୀତିଶ ରାଉଳ ଓ ଏଏନଏମ ଜ୍ୟୋସ୍ନାରାଣୀ ମଲ୍ଲିକ ସହଯୋଗ କରିଥିଲେ। ଯୁବନେତା ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସମ୍ପାଦିତ ହୋଇଥିବା ବେଳେ ରମେଶ ନାୟକ, ପ୍ରତିମା ମହାନ୍ତି, ଅରୂପାନନ୍ଦ ସ୍ୱାଇଁ, ସୁଶାନ୍ତ ମହାନ୍ତି, ମାନସ ବିଶ୍ୱାଳ ଓ ପ୍ରଭଞ୍ଜନ ମୁଦୁଲି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶୋଭା ଶୋବନେଶ୍ୱର ଗୋଠରେ କାଠି-ଲଉଡ଼ି ମହୋତ୍ସବ



ଜଗତସିଂହପୁର-ବାଲିକୁଦା,୭।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଓଷକଣା ପଞ୍ଚାୟତର ଶୋଭା ସ୍ଥିତ ଶୋବନେଶ୍ୱର ଗୋଠ ପ୍ରାଙ୍ଗଣରେ ବାର୍ଷିକ ଗୋପାଳ ଓଗାଳ ଓ କାଠି-ଲଉଡ଼ି ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ପର୍ଯ୍ୟବେକ୍ଷକ ତୀର୍ଥବାସୀ ବେହେରା, ପ୍ରସନ୍ନ କୁମାର ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯାଦବ ମହାସଭାର ସଭାପତି ଧର୍ମାନନ୍ଦ ଦାସ, ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ଦାସ, ନାଉଗାଁ ବ୍ଲକ୍ ଯାଦବ ମହାସଭାର ଗୌରାଙ୍ଗ ଚରଣ ଦାସ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ଦାସ, ଉପସଭାପତି ନରେଶ ଚନ୍ଦ୍ର ଦାସ, ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ରବୀନ୍ଦ୍ର କୁମାର ମାଦେଳି, ବୀରବର ଦାସ, ଚାଷୀ ନେତା ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୬ଟି ଦଳ ଭାଗ ନେଇ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ପରସ୍ପର ଭିତରେ ଭାଇଚାରା ସୃଷ୍ଟି କରିବା, ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଶିଖାଇଥାଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶୋବନେଶ୍ୱର ଗୋଠର ଅଶୋକ ଦାସ, ରବୀନ୍ଦ୍ର ମାଦେଳୀ, ନେତ୍ରାନନ୍ଦ ମାଳତୀ, ଚନ୍ଦ୍ରାନନ୍ଦ ମାଳତୀ, ସୁନାକର ଦାସ, କାର୍ତ୍ତିକ ମାଳତୀ, ଗୌରାଙ୍ଗ ମାଳତୀ, ସୁରେଶ ଦାସ, ପଦିଆ ମାଳତୀ, କାଳିଆ ମାଳତୀ, ବିପିନ ମାଳତୀ, ଲକ୍ଷ୍ମୀଧର ଦାସ, ସଞ୍ଜୟ ମାଳତୀ, ଶଙ୍କର ଦାସ, ସୁନାକର ମାଳତୀ, ଚକର ଦାସ, ନୂତନ ମାଳତୀ ପ୍ରମୁଖଙ୍କ ସହିତ ଯାଦବ ଭାଇ ମାନେ ପରିଚାଳନା କରିଥିଲେ।

**ପିସିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଜିପିସିଆଇ ହିରୋସ୍ ଓ ଡିକେଟି ଷ୍ଟାର୍ସ ବିଜୟୀ

ପାରାଦୀପ,୭।୪(ସମିସ)




ପାରାଦୀପରେ ଆୟୋଜିତ ପିସିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୧ତମ ଦିନରେ ଆଜି ଏନ୍‌ଏସି ଫିଲ୍ଡ ଠାରେ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ଟି ଜିପିସିଆଇ ହିରୋସ୍ ଓ ଜିଡିସି ବ୍ଲାଷ୍ଟର ମଧ୍ୟରେ ଖେଳା ଯାଇଥିଲା। ଜିପିସିଆଇ ହିରୋସ୍ ଟସ୍ ଜିତି ବୋଲିର ନିଷ୍ପତ୍ତି ନେଇ ନେଇଥିଲା। ଜିଡିସି ବ୍ଲାଷ୍ଟର ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରେଇ ମୋଟ୍ ୧୦୫ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ୍ ଜିପିସିଆଇ ହିରୋସ୍ ୧୬.୫ଟି ବଲରେ ମାତ୍ର ୫ ଉଇକେଟ୍ ହରାଇ ୧୦୬ ରନ୍ କରି ମ୍ୟାଚ୍‌କୁ ଅତି ସହଜରେ ଜିତି ନେଇଛି। କିସାନ ରଥ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଡିକେଟି ଷ୍ଟାର୍ସ ଓ ପାରାଦୀପ ସୁପର କିଙ୍ଗସ୍ ମଧ୍ୟରେ ଖେଳାଯାଇଥିଲା। ଡିକେଟି ଷ୍ଟାର୍ସ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ତାର ମୂଲ୍ୟବାନ ୬ ଉଇକେଟ୍ ହରାଇ ୧୪୪ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ପାରାଦୀପ ସୁପର୍ କିଙ୍ଗସ୍ ୧୮ ଓଭରରେ ତାର ସମସ୍ତ ଉଇକେଟ୍ ହରାଇ ମାତ୍ର ୮୯ ରନ୍ କରି ମ୍ୟାଚ୍ ଟିକୁ ହାରିଯାଇଛି। ରାକେଶ ଦାସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଆଜିର ଏହି ଦୁଇଟି ଯାକ ମ୍ୟାଚରେ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏସିଇ କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୁତାର, ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବୀନ୍ଦ୍ର କୁମାର ଦାସ ଓ ସମାଜସେବୀ ସୁସେନ ମଣ୍ଡଳ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଦୁଇଟି ମ୍ୟାଚ୍‌ରେ ଦେବେନ୍ଦ୍ର ନାୟକ, ନିରଞ୍ଜନ ଦାସ, ସଂଜୀବ କୁମାର ବେହେରା ଓ ଜୟନ୍ତ କୁମାର ଦାସ ଖେଳ କୁ ପରିଚାଳନା କରିଥିଲେ।

● ଜେଏମ୍‌ଡି ସେୟାର ସର୍ଭିସ ନାମରେ ଲୁଟ ଅଭିଯୋଗ

# ଋଣଗ୍ରହିତାଙ୍କୁ ଲୁଟୁଛି ଫାଇନାନ୍ସ ସଂସ୍ଥା

ମଙ୍ଗଳପୁର,୭।୪(ସମିସ): ମଙ୍ଗଳପୁର ଥାନା ଅନ୍ତର୍ଗତ ଜେଏମ୍‌ଡି ସେୟାର ସର୍ଭିସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଫାଇନାନ୍ସ କମ୍ପାନୀ ନାମରେ ଆସିଛି ସାଙ୍ଘାତିକ ଅଭିଯୋଗ। ଜଣେ ଲୋନ୍‌ଧାରୀଙ୍କୁ ଲୋନ କରାଇଦେଇ ଲୁଟିନେଲେ ଅଧାରୁ ଅଧିକ ଟଙ୍କା। ଏଥିନେଇ ମଙ୍ଗଳପୁର ଥାନାରେ ଅଭିଯୋଗ ପରେ ଫାଇନାନ୍ସ କମ୍ପାନୀଙ୍କ ବିଶ୍ୱାସନୀୟତା ଉପରେ ଉଠିଛି ପ୍ରଶ୍ନବାଚୀ। ଅଭିଯୋଗ ଅନୁସାରେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଆଖୁଆପଦା (ଜଗନ୍ନାଥପ୍ରସାଦ) ଗ୍ରାମର ରବୀନ୍ଦ୍ର କୁମାର ମଲିକ (୩୬) ମଙ୍ଗଳପୁରସ୍ଥ ଜେଏମ୍‌ଡି ସେୟାର ସର୍ଭିସ ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଫାଇନାନ୍ସ କମ୍ପାନୀରେ ଗତ ସପ୍ତାହରେ ଏକ ଲୋନ୍ ପାଇଁ ଆବେଦନ କରିଥିଲେ। ଏହି ସଂସ୍ଥା ରବୀନ୍ଦ୍ର ଠାରୁ ସମସ୍ତ ଆବଶ୍ୟକତା ଅନୁସାରେ କାଗଜପତ୍ର ନେବାପରେ ଗତ ୩୦ ମାର୍ଚ୍ଚରେ ଏକ ଲୋନ୍ ମଞ୍ଜୁରୀ ହୋଇଥିବା ମୋବାଇଲକୁ ମ୍ୟାସେଜ ଆସିଥିଲା। ମ୍ୟାସେଜରେ ୪୧ ହଜାର ୭୧୧ ଟଙ୍କା ଲୋନ୍ ଏହି ସଂସ୍ଥା ମଞ୍ଜୁରୀ କରିଥିଲା। ଏହି ଟଙ୍କା ଫିନୋ ବ୍ୟାଙ୍କର ଏକ ଖାତାକୁ ସମସ୍ତ ଟଙ୍କା ଯାଇଛି। ଗତ ୩୧ ତାରିଖ ଦିନ ରବୀନ୍ଦ୍ରଙ୍କୁ ଅଫିସ ଡକାଇ ଏକ ଫିନୋ ବ୍ୟାଙ୍କ ଏଟିଏମ୍ ଧରାଇ ଫାଇନାନ୍ସ କର୍ମଚାରୀ ମନୋରଞ୍ଜନ ଦାସ ନିକଟସ୍ଥ ଜନସେବା କେନ୍ଦ୍ରକୁ ନେଇଟଙ୍କା ଉଠାଣ ପାଇଁ ୩ ଥର ରବୀନ୍ଦ୍ରଙ୍କ ଫିଙ୍ଗର ସ୍କାନ କରାଇଥିଲେ। ଏହାପରେ ରବୀନ୍ଦ୍ରଙ୍କ ମୋବାଇଲକୁ ୧୦ ହଜାର ଲେଖାଏଁ ୨ ଥର, ୫୭୦୦ ଥରେ ଟଙ୍କା ଉଠାଣ ମ୍ୟାସେଜ ଆସିଥିଲା। ଏହା କ'ଣ ପାଇଁ ପଚାରିବାରୁ ଫାଇନାନ୍ସ କର୍ମଚାରୀ ମନୋରଞ୍ଜନ କିଛି ନୁହେଁ, କହି ମ୍ୟାସେଜ ଗୁଡିକୁ ଡିଲିଟ୍ କରିଦେଇଥିଲେ। ତୁମ ନାମରେ ୧୮ ହଜାର ଲୋନ୍ ହୋଇଛି। ପ୍ରୋସେସିଂ ପାଇଁ ୨ ହଜାର କଟିଛି ଅବଶିଷ୍ଟ ୧୬ ହଜାର ଉଠାଇ ନେବ କହି ଛାଡ଼ିଦେଇଥିଲେ। ସମସ୍ତ କଥା ରବୀନ୍ଦ୍ର ଜାଣିବା ପରେ ଆଜି ମଙ୍ଗଳପୁର ଥାନାରେ ଲିଖିତ ଭାବେ ଫାଇନାନ୍ସ କମ୍ପାନୀ ନାମରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଥାନା ପକ୍ଷରୁ ତଦନ୍ତ କରାଯିବା ସହିତ ନିଜର ପକ୍ଷ ରଖିବାକୁ ସୂଚନା ଦିଆଯାଇଛି। ଏ ବିଷୟରେ ଫାଇନାନ୍ସ କର୍ମଚାରୀ ମନୋରଞ୍ଜନ ଦାସଙ୍କୁ ପଚାରିବାରେ କିଛି ମିସ୍ ଅଣ୍ଡରଷ୍ଟାଣ୍ଡିଂ ହୋଇଥିଲା। ଆସନ୍ତା ସୋମବାର ବୁଝାମଣା ହେବ କହିଥିଲେ। ଏଠାରେ ପ୍ରଶ୍ନ ଉଠେ ଫାଇନାନ୍ସ ଅଧିକାରୀମାନେ ଲୋକଙ୍କୁ ଲୋନ୍ ଦେବା ନାମରେ ଖାଲି ରବୀନ୍ଦ୍ରଙ୍କୁ ଏମିତି ଲୁଟ କରିଛନ୍ତି ନା ଆଉ କେହି ଏମିତି ଲୁଟର ଶିକାର ହୋଇଛନ୍ତି ତାହା ତଦନ୍ତ ସାପେକ୍ଷ। ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହାର କେନ୍ଦ୍ର ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଭଦ୍ରକ,୭।୪(ସମିସ): ଗତ ବର୍ଷ ୨୫ ଅଗଷ୍ଟରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ



ନୂଆ ବଜାରରୁ ଗେଲପୁରକୁ ସ୍ଥାନାନ୍ତରିତ ହୋଇଥିଲେ ବି ଏଠାରେ ରୋଗୀମାନଙ୍କ ସମ୍ପର୍କୀୟଙ୍କ ପାଇଁ ଏକ ଆହାର କେନ୍ଦ୍ର ନାହିଁ। ଏଣୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର କିମ୍ବା ନିକଟରେ ଆହାର କେନ୍ଦ୍ର ଖୋଲିବାକୁ ପୂର୍ବତନ ଭଦ୍ରକ ବିଧାୟକ ନରେନ୍ ପଲେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଅନୁରୋଧ ପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କୁ ମଙ୍ଗଳବାର ପୂର୍ବାହ୍ଣରେ ଭେଟି ଶ୍ରୀ ପଲାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଅନୁରୋଧ ପତ୍ର ପ୍ରଦାନ କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବ୍ରହ୍ମବରଦା,୭।୪(ସମିସ): ବ୍ରହ୍ମବରଦା ଥାନା ଅଧୀନସ୍ଥ ଝାଲପଡାବରୁଆଁ ମୁଖ୍ୟ ରାସ୍ତାର ଝାଲପଡା ଛକଠାରେ ଆଜି ଅପରାହ୍ଣ ସମୟରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ କାକୁଡ଼ିକୁଦ ଗ୍ରାମର ଦିବା ଅଧିକାରୀଙ୍କ ପୁତ୍ର କୃଷ୍ଣଚନ୍ଦ୍ର ପତି (୪୦) ବୋଲି ଜଣାପଡିଛି।



ସୂଚନା ଅନୁଯାୟୀ, ସେ ଆଜି ଅପରାହ୍ଣରେ ତାଙ୍କର ବାଇକ ଯୋଗେ ବରୁଆଁରୁ ଘରକୁ ଫେରୁଥିବା ବେଳେ ଝାଲପଡା ଛକ ନିକଟରେ ହଠାତ ନିୟନ୍ତ୍ରଣ ହାରାଇ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ବାଡ଼ାରେ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ଟଳି ପଡିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କ ଘରକୁ ଜଣାଇବା ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ତୁରନ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ମୃତ୍ୟୁରେ ପରିବାର ଉପରେ ଦୁଃଖର ଛାୟା ଛାଇଯାଇଛି। ମୃତକ ବ୍ରାହ୍ମଣ କର୍ମକାଣ୍ଡ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଗୋଟିଏ ଝିଅ ଓ ଦୁଇଟି ପୁଅ ଥିବା ଜାଣିବାକୁ ମିଳିଛି।

# ପିକ୍‌ଅପ୍ ପଛରେ ପିଟିଲା ବାଇକ୍

ପାଣିକୋଇଲି,୭।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାରରେ ପିକଅପ ପଛରେ ବାଇକ ଧକ୍କା ହେବାରୁ ବାଇକ ଆରୋହୀ ଆହତ ହୋଇଛି। ପ୍ରକାଶଯେ ସୁକିନ୍ଦା କାଳିଆପାଣି ମାଇନ୍ସର ଏକ ପିକଅପ କଲିକତାରୁ ଆସିଥିବା କିଛି ଦ୍ରବ୍ୟ ପାଇଁ ପାଣିକୋଇଲି ଆସିଥିଲା। ପାଣିକୋଇଲିରୁ ମାଲବୋଝେଇ କରିଯିବା ବେଳେ କୋରେଇ ଥାନା ଅନ୍ତର୍ଗତ ଧନେଶ୍ୱର ଗ୍ରାମର କିଶୋର ମଲ୍ଲିକ ଘରକୁ ଫେରୁଥିବା ବେଳେ ପିକଅପ ପଛରେ ଧକ୍କା ଦେଇଥିଲା। ପିକଅପ ପଛରେ ପିଟି ହୋଇ କିଶୋର ଆହତ ହୋଇଥିଲା। ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ ବଳ ସଦଳବଳେ ଘଟଣାସ୍ଥଳେ ପହଂଚି ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ପଠାଇବା ସହ ଗାଡିଟିକୁ ସେଠାରୁ ହଟାଇଥିଲେ।

# ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବରେ ସପ୍ତମ ଓ ଅଷ୍ଟମ ଅର୍ଘ୍ୟ ସମ୍ପନ୍ନ

ଚନ୍ଦନେଶ୍ୱର, ୭।୪ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବ ଭାରତର ଖ୍ୟାତିସମ୍ପନ୍ନ ଚନ୍ଦନେଶ୍ୱର ଜିଉଙ୍କ ବିଶ୍ୱପ୍ରସିଦ୍ଧ ଚଡ଼କ ପର୍ବର ସପ୍ତମ ଅର୍ଘ୍ୟ ଆଜି ମଙ୍ଗଳବାର ଗଭୀର ଆଧ୍ୟାତ୍ମିକ ପରିବେଶରେ ଯଥାରୀତି ସମ୍ପନ୍ନ ହୋଇଯାଇଛି। ଏହି ପବିତ୍ର ପର୍ବ ଦୀର୍ଘ ୧୧ ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଭକ୍ତମାନଙ୍କ ମନରେ ଅଦ୍ୱିତୀୟ ଭକ୍ତିଭାବ ଓ ଉତ୍ସାହର ସୃଷ୍ଟି କରିଆସୁଛି। ସେହିପରି ଗତ ସମବାର ଅଷ୍ଟମ ଅର୍ଘ୍ୟ ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଥିଲା। ଉକ୍ତ ଦିନ ପବିତ୍ର ଚୈତ୍ର ମାସର ଚତୁର୍ଥ ସୋମବାର ଥିବାରୁ ଶୈବ ଭକ୍ତମାନଙ୍କ ପାଇଁ ଅତ୍ୟନ୍ତ ପୁଣ୍ୟମୟ ଓ ଆଧ୍ୟାତ୍ମିକ ମହତ୍ତ୍ୱ ଥାଏ। ତେଣୁ ଏହି ଶୁଭ ଅବସରରେ ସମଗ୍ର ପୀଠ ଭକ୍ତମୟ ହୋଇଥିଲା। ପୂର୍ବ ଭାରତର ଏହି ପ୍ରସିଦ୍ଧ ଶୈବପୀଠ ଭକ୍ତମାନଙ୍କ ଅନନ୍ୟ ଶ୍ରଦ୍ଧା, ଭକ୍ତି ଓ ଆସ୍ଥାର ସାକ୍ଷୀ ହୋଇ ଜନସମୁଦ୍ରରେ ପରିଣତ ହୋଇଥିଲା। ପବିତ୍ର ବ୍ରାହ୍ମମୁହୂର୍ତ୍ତରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଆଗମନ ଆରମ୍ଭ ହୋଇଥିଲା। ନିତ୍ୟ ନୀତି ଓ ମହାଦେବଙ୍କ ମଙ୍ଗଳାରତି ସମ୍ପନ୍ନ ହେବା ସହିତ ଦୀର୍ଘ ଧାଡ଼ିରେ ଅପେକ୍ଷାରତ ଭକ୍ତମାନେ ଶୃଙ୍ଖଳିତ ଭାବରେ ଗର୍ଭଗୃହକୁ ପ୍ରବେଶ କରି ପବିତ୍ର କ୍ଷୀର, ପଇଡ଼ ଓ ଅନ୍ୟାନ୍ୟ ନୈବେଦ୍ୟ ଅର୍ପଣ କରି ଶିବଶଙ୍କରଙ୍କ ଅନୁଗ୍ରହ ଲାଭ କରିଥିଲେ। 'ହର ହର ମହାଦେବ' ଧ୍ୱନିରେ ସମଗ୍ର ପରିସର ଅନୁରଣିତ ହୋଇ ଏକ ଅଦ୍ଭୁତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଦଣ୍ଡିମାରିବା, ହରିଲୁଟ ଓ ଅନ୍ୟାନ୍ୟ ପାରମ୍ପରିକ ଉପାସନାରେ ଲିନ ହୋଇ ନିଜ ମନୋକାମନା ପୂରଣ ପାଇଁ ପ୍ରାର୍ଥନା କରୁଥିଲେ। ଶ୍ରୀଜୀଉଙ୍କ କୌଳିକ ପରମ୍ପରା ଓ ପ୍ରାଚୀନ ନୀତିନିୟମ ଅନୁଯାୟୀ ଚୈତ୍ର ମାସର ୧୯ ଦିନ ଏପ୍ରିଲ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଚଡ଼କ ଯାତ୍ରା ଆଜି ସପ୍ତମ ଅର୍ଘ୍ୟରେ ପଦାର୍ପଣ କରିଛି। ଏହି ଅବସରରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଦେଉଳିଆ ଅଜିତ ପାତ୍ର ଓ ମୁଖ୍ୟ ଶ୍ରୀବେକଡି ନିରଞ୍ଜନ ଲେଙ୍କାଙ୍କ ସହ ହଜାର ହଜାର ଭକ୍ତ ଉପବୀତ ଧାରଣ କରି ଭଗବାନଙ୍କ ପ୍ରତି ନିଜ ଅତୁଟ ଶ୍ରଦ୍ଧା ଓ ଭକ୍ତିର ପ୍ରକାଶ କରିଥିଲେ। ଚନ୍ଦନେଶ୍ୱର ମହାଦେବଙ୍କ ଏହି ସାମ୍ବତ୍ସରିକ ଉତ୍ସବର ମୁଖ୍ୟ ଆକର୍ଷଣ ଶିବ-କାମିନୀ ବିବାହ ଆସନ୍ତା ରବିବାର ମହା ଆଡମ୍ବର ଓ ଆଧ୍ୟାତ୍ମିକ ଉଲ୍ଲାସରେ ଅନୁଷ୍ଠିତ ହେବାକୁ ଥିବାରୁ ଭକ୍ତମାନଙ୍କ ମଧ୍ୟରେ ଆଗ୍ରହ ଦିନକୁ ଦିନ ବୃଦ୍ଧି ପାଇଛି। ସନ୍ଧ୍ୟା ସମୟରେ ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ନିରଞ୍ଜନ ଲେଙ୍କା, ଅଜିତ ପାତ୍ରଙ୍କ ସହ ୧୩ ଜଣ ମୁଖ୍ୟ ଉପବୀତଧାରୀ, ମୌରସୀ ତପନ କୁମାର ପଣ୍ଡା ଓ ଉପମୌରସୀ ବୁଦ୍ଧଦେବ ପଣ୍ଡାଙ୍କ ନେତୃତ୍ୱରେ ହଜାର ହଜାର ଉପବୀତଧାରୀ ଭକ୍ତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମ୍ୟ ପରିକ୍ରମା ପରେ ପାରମ୍ପରିକ ବାଦ୍ୟ ଯେପରିକି ଢୋଲ, ମୃଦଙ୍ଗ ଓ ଶଙ୍ଖଧ୍ୱନିରେ ପରିବେଶ ମୁଗ୍ଧମୟ ହୋଇଯାଇଥିଲା। 'ହର ହର ମହାଦେବ' ଧ୍ୱନିରେ ଆକାଶ ଓ ପବନ ପ୍ରକମ୍ପିତ ହୋଇଯାଉଥିବାବେଳେ ଭକ୍ତମାନେ ନୃତ୍ୟ ଓ କୀର୍ତ୍ତନରେ ମଗ୍ନ ହୋଇ ସ୍ଥାନୀୟ ମଙ୍ଗଳା ଚଣ୍ଡୀଙ୍କ ଠାରେ ପାରମ୍ପରିକ ବେକଡା ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ସମସ୍ତେ ପୁନଃ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ମହୋତ୍ସବକୁ ସୁଚାରୁ ଭାବେ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ, ଭୋଗରାଇ ପ୍ରଶାସନ ଓ ମନ୍ଦିର ସେବାୟତମାନେ ସଦା ସଚେତନ ଓ ସଜାଗ ରହିଛନ୍ତି। ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ଓ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ଏବଂ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ମଧ୍ୟ ଉପସ୍ଥିତ ଥିଲେ ଏବଂ ସମସ୍ତ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ସପ୍ତମ ଅର୍ଘ୍ୟଦାନ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ସମଗ୍ର ପରିବେଶ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଉତ୍ସାହରେ ଭରିଯାଇଥିଲା।

# ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅର୍ଡ' ଉନ୍ମୋଚିତ

ବାଲେଶ୍ୱର,୭।୪(ସମିସ): ଆଜିମାବାଦ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସେନାପତିଙ୍କ ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅର୍ଡ୍' ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କବୀ ଅଭିଲିପ୍ସା ପାଢ଼ୀ, ଉତ୍କଳିକା ରାଉତ ଓ ଏପି ଶୁଭକାନ୍ତ ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ସମୟର ପ୍ରେମ କାହାଣୀ ଆଧାରରେ ଏହି ଉପନ୍ୟାସଟି ଶୁଭପଲ୍ଲବ ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ହୋଇଛି, ଯାହାକି ଆଗାମୀ ଦିନରେ ଓଡ଼ିଆ ଭାଷାରେ ମଧ୍ୟ ପ୍ରକାଶ ପାଇବାକୁ ଯାଉଛି ସୂଚନା ଥାଉକି ସଂଗ୍ରାମଙ୍କର ଏହା ପ୍ରଥମ ଇଂରାଜୀ ଉପନ୍ୟାସ ଏବଂ ତାଙ୍କ ରଚିତ




ଓଡ଼ିଆ ଉପନ୍ୟାସ 'ସିଗାରେଟ୍' ଆଗାମୀ ସପ୍ତାହରେ ଟାଇମ୍‌ପାସ୍ ପ୍ରକାଶନ ଦ୍ୱାରା ଉନ୍ମୋଚିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ଯୁବ କବି ଓ ଲେଖକମାନେ ଯୋଗ ଦେଇ, ନିଜ ନିଜର ଗପ ଓ କବିତା ଉପସ୍ଥାପନା କରିବା ସହିତ ସଙ୍ଗୀତ ପରିବେଷଣ ଓ ଷ୍ଟାଣ୍ଡଅପ୍ କମେଡ଼ି ମଧ୍ୟ ପରିବେଷଣ କରାଯାଇଥିଲା। ଅଭିଳାଷା ଦ୍ୱାରା ବାଲେଶ୍ୱରରେ ଆୟୋଜିତ ଏହା ପ୍ରଥମ ଓପନ୍ ମାଇକ୍ ଥିଲା।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ଅସୁରାଳି,୭।୪(ସମିସ): ଧୂଷୁରୀ ପୂଜ୍ୟପୂଜା ସଂସଦ ଭବନରେ ଧୂଷୁରୀ ବିଜେପି ମଣ୍ଡଳସ୍ତରୀୟ "ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" ମଣ୍ଡଳ ସଭାପତି ଅନିରୁଦ୍ଧ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତାମାନେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ସାଂଗଠନିକ ଗୁରୁମନ୍ତ୍ର ଦେଇଛନ୍ତି। ପଣ୍ଡିତ ଦୀନଦୟାଲଙ୍କ 'ଅନ୍ତ୍ୟୋଦୟ' ତତ୍ତ୍ୱ ଅର୍ଥାତ୍ ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ସେବା ପହଞ୍ଚାଇବା ଲକ୍ଷ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ସାଂଗଠନିକ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଦଳର ମୂଳ ନୀତି ଓ ଆଦର୍ଶକୁ ପାଥେୟ କରି ସଂଗଠନକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଜିଲ୍ଲା ଉପସଭାପତି ଚତୁର୍ଭୁଜ ନାୟକ, ସମିତିସଭ୍ୟ ବିଦ୍ୟାଧର ରାଉତ, ସହିଦ ମଣ୍ଡଳର ପୂର୍ବତନ ସଭାପତି ଅଜୟ ବଳ, ରଞ୍ଜିତା ସ୍ୱାଇଁ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ରଞ୍ଜନ ମହାନ୍ତି, ସରପଞ୍ଚ ଅଜୟ ମଲ୍ଲିକ, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିଚୟ ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବଡଚଣା,୭।୪(ସମିସ): ବାବା ଭୈରବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ବ୍ୟୁରୋ ଉଚ୍ଚ ମାଧ୍ୟମିକ ପରିଷଦ ଭୁବନେଶ୍ୱର ଓଡ଼ିଶା ଆନୁକୂଲ୍ୟରେ ପରିଚୟ ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭା କଲେଜ ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ପ୍ରୋଗ୍ରାମ କୋଅର୍ଡିନେଟର୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏନ୍‌ଏସଏସ୍ ଭୁବନେଶ୍ୱରର ଡ. ବିଶ୍ୱମୋହନ ଜେନା ପିଲାମାନଙ୍କୁ ଏନଏସଏସ୍ ସମ୍ବନ୍ଧିତ ତଥ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ପିଲାମାନଙ୍କର କ୍ୟାରିଅର୍ କାଉନସେଲିଂ କିପରି ଏନଏସଏସ୍ ଦ୍ୱାରା ହୋଇପାରିବ ସେହି ବିଷୟରେ ଧାରଣା ଦେଇଥିଲେ। ଏଥିମଧ୍ୟରେ ପ୍ରୋଗ୍ରାମ୍ ଅଫିସର ନୃତତ୍ତ୍ୱ ବିଭାଗର ଅଧ୍ୟାପିକା ଶର୍ମିଷ୍ଠା ପଣ୍ଡା ସଭା ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାରେ ଅନ୍ୟମାନଙ୍କ ଉପସ୍ଥିତି ଯଥା ନୃତତ୍ତ୍ୱ ବିଭାଗ ଡେମୋନ୍ସ୍ଟ୍ରେଟର ସଂଘମିତ୍ରା ସାହୁ, ନୃତତ୍ତ୍ୱ ବିଭାଗର ଅଧ୍ୟାପକ ବି ବରୁଣ ବଳ, ରାଜନୀତି ବିଭାଗର ଅଧ୍ୟାପିକା ଚିନ୍ମୟୀ ସାହୁ ସଭାକୁ ଅଧିକ ସଫଳତା ଆଣି ଦେଇଥିଲା।

# ବିଜେପିର ୪୭ତମ ପ୍ରତିଷ୍ଠା ଦିବସ

ଧାମନଗର,୭।୪(ସମିସ): ବିଜେପି ଧାମନଗର ସହରୀ ମଣ୍ଡଳ ତରଫରୁ ଦଳର ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସୋମବାର ସକାଳ ୭ଟାରେ ଦଳୀୟ ପତାକା ଉତ୍ତୋଳନ ସହ ବନ୍ଦେ ମାତରମ ସଙ୍ଗୀତ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ନଗର ସଭାପତି ପ୍ରଶାନ୍ତ ପରିଡ଼ା, ବିଜୟ ରାମ, କୃଷ୍ଣ ଚନ୍ଦ୍ର ଜେନା, ନାରାୟଣ ଚନ୍ଦ୍ର ରାଉତ, ଜଗଦୀଶ ପାତ୍ର, କାଉନ୍‌ସିଲର ଉତମ ମହାନ୍ତି, ସ୍ୱାଧୀନ ସମ୍ବିତ ଦାଶ, ଶୁଭେନ୍ଦୁ ପାତ୍ର, ଲକ୍ଷ୍ମଣ କର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଧାମନଗର, ଧୂଷୁରୀ, ଅସୁରାଳି, ଦୋବଲ ଆଦି ଅଞ୍ଚଳରେ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ରହି ଦଳର ପ୍ରତିଷ୍ଠା ଦିବସ ପାଳନ କରିଛନ୍ତି।

# ମନମାନୀରେ ଚାଲିଛି ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ

● ଚିଠିରୁ ଜଣାପଡୁଛି କେମିତି ଚାଲିଛି ଉନ୍ନୟନମୂଳକ କାର୍ଯ୍ୟ

● ବନ୍ତ ବ୍ଲକ୍‌ରେ ଓଡ଼ିଆ ଅସ୍ମିତାକୁ ଉପହାସ

ବନ୍ତ/ଆଗରପଡ଼ା,୭।୪(ସମିସ): ସରକାରଙ୍କ ପତ୍ର ସଂଖ୍ୟା ୯୦୫୬/୨୪.୩.୨୦୨୬ ଅନୁଯାୟୀ, ଚଳିତ ବର୍ଷ ଏପ୍ରିଲ ୧ରୁ ୭ ପର୍ଯ୍ୟନ୍ତ ପ୍ରତି ବ୍ଲକ୍‌ରେ ଗ୍ରାମସଭା ଅନୁଷ୍ଠିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ତାହାକୁ ପାଳନ କରିବାକୁ ଯାଇ ପଞ୍ଚାୟତ ସମିତି ବନ୍ତ, କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୯୪୮/୨୬.୩.୨୬ରେ ବ୍ଲକ୍‌ର ବିଭିନ୍ନ ଅଧିକାରଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଉକ୍ତ ପତ୍ରକୁ ଦେଖିଲେ ବନ୍ତ ପଞ୍ଚାୟତ ସମିତି ମନମାନୀରେ ଚାଲିଥିବା ସ୍ପଷ୍ଟ ବାରି ହୋଇପଡୁଛି। ବ୍ଲକ୍ ପ୍ରଶାସନର ଭୁଲ୍‌କୁ ଜିଲ୍ଲା ପ୍ରଶାସନ ମଧ୍ୟ ପରୋକ୍ଷରେ ସହଯୋଗ କରୁଥିବା ଜଣାପଡୁଛି। ନୂତନ ସରକାର ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିବାବେଳେ ବନ୍ତ ବ୍ଲକ୍‌ରେ ଓଡ଼ିଆ ଅସ୍ମିତାର ଉପହାସ ହେଉଛି। ଗ୍ରାମସଭା ପାଇଁ ଜାରି ହୋଇଥିବା ପତ୍ରରେ 'ଆମେ ଜାଣିବା, ଆମ ବଜେଟ' ଉଲ୍ଲେଖ ହେବା ପରିବର୍ତ୍ତେ 'ଆମେ ଜାଣିବା, ଆମ ବଜଟେ' ଉଲ୍ଲେଖ ହୋଇଛି। ସେହିପରି ୨୫ଟି ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହେବା ପାଇଁ ଯେଉଁ ତାରିଖ ଉଲ୍ଲେଖ କରାଯାଇଛି ତାହା ପଞ୍ଚାୟତର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଆଡ଼ିଆ ପଞ୍ଚାୟତରେ ଗ୍ରାମସଭା ପାଇଁ ଅନୁଷ୍ଠିତ ହେବା ତାରିଖ ୪.୬.୨୪, ବଡ଼ମହିଁଷଗୋଠରେ ୬.୨.୨୬, ଛୟାଳସିଂହରେ




୬.୨.୨୬, କେନ୍ଦୁଆପଦାରେ ୪.୨.୨୬, ମହାନ୍ତିପଡ଼ାରେ ୬.୨.୨୬, ରାମଚନ୍ଦ୍ରପୁରରେ ୪.୨.୨୬ ଓ ତୋଡ଼ଗାଁରେ ୬.୨.୨୬ରେ ଅନୁଷ୍ଠିତ ହେବ ବୋଲି ଉଲ୍ଲେଖ ଅଛି। ଉକ୍ତ ନିର୍ଦ୍ଦେଶାନୁସାରେ ଆଜି ସୁଦ୍ଧା ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା ମଧ୍ୟ ପାଳିତ ହୋଇସାରିଛି। ତେଣୁ ପତ୍ର ଅନୁସାରେ ଗ୍ରାମସଭା ଚଳିତ ବର୍ଷ ଏପ୍ରିଲ ମାସ ପ୍ରଥମ ସପ୍ତାହରେ ପାଳିତ ହେବାକୁ ନିର୍ଦ୍ଦେଶ ଥିବାବେଳେ ଫେବୃଆରୀ ମାସ ୪, ୬, ୭ ତାରିଖରେ ପାଳିତ ହେବାକୁ ଉଲ୍ଲେଖ ହେବା ଓ କ୍ରମିକ ସଂଖ୍ୟା ୧ରେ ଆଡ଼ିଆ ପଞ୍ଚାୟତ ଥିବା ବେଳେ ଗ୍ରାମସଭା ପାଳିତ ହେବା ପାଇଁ ୪.୬.୨୦୨୪ ଉଲ୍ଲେଖ ହେବା ସମସ୍ତଙ୍କୁ ଚକିତ କରୁଛି। ଉକ୍ତ ପତ୍ର ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ଓ ତାଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସମେତ ବ୍ଲକ୍ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ମଧ୍ୟ ପ୍ରେରଣ କରାଯାଇଛି। ତେଣୁ ବ୍ଲକ୍ ଉନ୍ନୟନ ଅଧିକାରୀ ଉକ୍ତ ପତ୍ର ପ୍ରେରଣ ପାଇଁ ଅନୁମତି ପ୍ରଦାନ କରିବାବେଳେ ଭୁଲ୍ ସଂଶୋଧନ ନ କରିବା ତାଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପ୍ରତି ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମସଭା ଗୁରୁତ୍ୱ ବହନ କରୁଥିବାବେଳେ ବନ୍ତ ବ୍ଲକ୍‌ର ଏହିପରି ତ୍ରୁଟି ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ଗ୍ରାମସଭା କେବଳ କାଗଜକଲମରେ ସୀମିତ ରହୁଥିବା ସ୍ପଷ୍ଟ ବାରିହୋଇ ପଡୁଛି। ତେଣୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଗ୍ରାମସଭାକୁ ପ୍ରହସନରେ ପରିଣତ ନ କରି ପଞ୍ଚାୟତର ଉନ୍ନତିରେ ଏହାର ଭୂମିକା ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ସ୍ୱଚ୍ଛତାର ସହ ଅନୁଷ୍ଠିତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ବ୍ୟାରେଜ୍ ନିର୍ମାଣରେ ଦୁର୍ନୀତି; ଚଳୁ କରିବା ଲକ୍ଷ୍ୟରେ ୫୦୦ କୋଟି

# ଧସିଲା ୧୫୦ ଫୁଟ୍‌ର ନଦୀବନ୍ଧ; ୩ ପଞ୍ଚାୟତ ବାସିନ୍ଦା ଆତଙ୍କିତ

ଅସୁରାଳି,୭।୪(ସମିସ)



ଧାମନଗର ବ୍ଲକ୍ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ କୋଟିଳା ବ୍ୟାରେଜ୍ ପ୍ରକଳ୍ପକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ୫ଶହ କୋଟି ଟଙ୍କାରେ ନିର୍ମାଣ ହେଉଥିବା ଏହି ବ୍ୟାରେଜ୍ କାମର ଗୁଣମାନ ନେଇ ପ୍ରଶ୍ନ ଉଠିଛି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତରା ହୋଇଥିବାର ଅଭିଯୋଗ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ମୁଖ୍ୟ କଥା ହେଉଛି ୧୫୦ ଫୁଟ୍ ବୈତରଣୀର ବାମ ପାର୍ଶ୍ୱ ବନ୍ଧ ମମଦୁଲାଠାରେ ଧସିଯାଇଥିବାରୁ ଆଖପାଖର ଗ୍ରାମ ଯଥା- ମମାଦୁଲା, ଦାସପାରି, ସୈଲୋ, ବାଲିପାଟଣା, ମଠସାହି, ହସାନାବାଦ, ଅସ୍ତକ ଆଦି ୩ ଖଣ୍ଡ ପଞ୍ଚାୟତର ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି।

ବିଜେଡି ସରକାର ସମୟରେ ବନ୍ୟା ନିୟନ୍ତ୍ରଣ ଓ ଚାଷୀଙ୍କୁ ଜଳ ଯୋଗାଣ ନିମନ୍ତେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ ସରକାରୀ ଭାବେ ବିଜ୍ଞପ୍ତି ହୋଇଥିଲା। ସେହି ସମୟରେ ନବୀନ ପଟ୍ଟନାୟକଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଠିକ୍ ଏହି ସମୟରେ ସରକାର ପରିବର୍ତ୍ତନ ହୋଇଗଲା। ନୂଆ ସରକାର ଆସିବା ପରେ କାମ ଅଗ୍ରସର ହେଲେ ମଧ୍ୟ ଏହାର ଗୁଣମାନ ନେଇ ଅଭିଯୋଗ ଜାରି ରହିଛି। ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ଯେ, ବ୍ୟାରେଜ୍ ହେବା ଦ୍ୱାରା ଅଞ୍ଚଳର ବିକାଶ ହେଉଛି ନା ବିନାଶ? ଏହି ପ୍ରକଳ୍ପ ଯଦି ସଠିକ୍ ଭାବରେ ନିର୍ମାଣ ହୁଏ, ତେବେ ବନ୍ୟା ନିୟନ୍ତ୍ରଣ ଓ କୃଷିରେ ଉନ୍ନତି ଆଣିପାରିବ। କିନ୍ତୁ ନିମ୍ନମାନର କାମ ଯୋଗୁଁ ଏହା ସମଗ୍ର ଅଞ୍ଚଳ ପାଇଁ ବିପଦରେ ପରିଣତ ହେବାର ଆଶଙ୍କା ଲୋକଙ୍କ ମଧ୍ୟରେ ବଢୁଛି। ଏହି ପରିପ୍ରେକ୍ଷୀରେ ବୈତରଣୀ ସୁରକ୍ଷା ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଆଗାମୀ ସମୟରେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଯନ୍ତ୍ରୀ ସଞ୍ଜୀବ କୁମାର ସାହୁ କହିଥିଲେ ଯେ, ଉକ୍ତ କାର୍ଯ୍ୟ ଉପରେ ନଜର ଅଛି। ୱାଲ୍ ଖୋଲା ହେବା ଦ୍ୱାରା ବନ୍ଧ ଧସୁଛି। ଖୁବ୍‌ଶୀଘ୍ର ମରାମତି କରାଯିବ।

● ଆଳୁ ପାଇଁ ବଜାରରେ ଭିଡ଼; ରାସ୍ତା ଜାମ୍

# ବସ୍ତାକୁ ୧୫୦; ଘଣ୍ଟାକେ ବୋହିନେଲେ

ପାଣିକୋଇଲି,୭।୪(ସମିସ): ମାତ୍ର ୧୫୦ ଟଙ୍କାରେ ଆଳୁ ବସ୍ତା କିଣିବା ପାଇଁ ଆଜି ପାଣିକୋଇଲି ବଜାରରେ ନାହିଁ ନଥିବା ଭିଡ଼ ଦେଖାଦେଇଛି। ଏମିତିକି କିଛି ସମୟ ପାଇଁ ପାଣିକୋଇଲିର ଗଣେଶ ବଜାର ଜାମ ରହିବା ସହ ଯାତାୟତ ଅସ୍ୱାଭାବିକ ହୋଇଥିଲା। ପ୍ରକାଶଯେ ମାର୍କେଟରେ ଆଳୁ ବସ୍ତା ପ୍ରତି ୨ଶହ ଟଙ୍କା ଦାମ ରହିଥିବା ବେଳେ ଆଜି ପଶ୍ଚିମବଙ୍ଗରୁ ଏକ ଆଳୁ ବୋଝେଇ ଟ୍ରକ ଗଣେଶ ବଜାରରେ ଅଟକିଥିଲା। ଆଳୁ ବସ୍ତା ପ୍ରତି ୧୫୦ଟଙ୍କା



ବିକ୍ରି କରିବାର ଘୋଷଣା ପରେ ନାହିଁ ନଥିବା ଭିଡ଼ ଦେଖାଯାଇଥିଲା। ଲୋକମାନେ ପ୍ରତିଯୋଗିତା ମୂଳକ ଭାବେ ଆଳୁ ବସ୍ତା କିଣିଥିଲେ। ଭଲ ଆଳୁ କି ପଚା ଆଳୁ ତାହା ପରଖିବା ପୂର୍ବରୁ ଦାମ କମ ଶୁଣି ଭିଡ଼ ଲାଗିଥିଲା। ଆଳୁବସ୍ତା ଗୁଡିକୁ ବାଇକ୍‌ରେ ଲଦି ନେଇ ପଳାଇଥିଲେ। ପ୍ରାୟ ଘଣ୍ଟାକ ମଧ୍ୟରେ ଏକ ଟ୍ରକ୍ ଆଳୁ ବୋହି ନେଇଥିଲେ।

# ‘ଢେଙ୍କାନାଳ ବରାର ସ୍ୱାଦ ନିଆରା; ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ’








ଢେଙ୍କାନାଳ,୭ ।୪(ସମିସ)

ଓଡିଶା ତଥା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଢେଙ୍କାନାଳରେ ବରା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଢେଙ୍କାନାଳ ବରାର ସ୍ୱାଦ ନିଆରା ବୋଲି କହିଥିଲେ। ଏହି ପାରମ୍ପାରିକ ଖାଦ୍ୟ ଯୋଗୁଁ ଢେଙ୍କାନାଳ ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ଢେଙ୍କାନାଳ ବରାର ସ୍ୱତନ୍ତ୍ରତା ଫଳରେ ଜିଆଇ ମାନ୍ୟତା ପ୍ରାପ୍ତି ପାଇଁ ପ୍ରଚେଷ୍ଟା ନିଶ୍ଚିତ ଭାବେ ଫଳପ୍ରସୂ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଢେଙ୍କାନାଳ ବରାର ପ୍ରଚାର ପ୍ରସାର ଦିଗରେ ସମସ୍ତ ପ୍ରକାରର ଉଦ୍ୟମ କରାଯାଇ ଜିଆଇ ମାନ୍ୟତା ହାସଲ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରକାଶ କରିଛନ୍ତି। ଉତ୍ସବରେ ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବରାର ସ୍ୱତନ୍ତ୍ରତା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ସହରବାସୀ, ଗଣମାଧ୍ୟମର ପ୍ରତିନିଧି, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକରେ ବରା ଦିବସ ପାଳନ ହୋଇ ଥିବାବେଳେ ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବରା ଦିବସ ପାଳିତ ହୋଇଯାଇଛି। ବରା ଦିବସ ପାଳନ ଉପଲକ୍ଷେ

## ଜିଆଇ ମାନ୍ୟତା ପାଇଁ ଉଦ୍ୟମ ଜାରି ରହିଛି

ଗତକାଲି ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଢେଙ୍କାନାଳ ବରା ନାମକ ଏକ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ଶିଶୁ କଥା ଦିବସ ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ବର୍ଣ୍ଣବୋଧ ଓ ଶିଶୁ କଥା ପୁସ୍ତକ ବଣ୍ଟନ କରାଯାଇଥିଲା।

ପରଜଙ୍ଗ (ଫଟୋ-୧୧୦): ପରଜଙ୍ଗ ବ୍ଲକରେ ବିଶ୍ୱ ବରା ଦିବସ ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ମଙ୍ଗଳବାର ଏକତ୍ରିତ ହୋଇ ପରମ୍ପରା ଏବଂ ସ୍ୱାଦର ଏକ ଅନନ୍ୟ ସମ୍ମିଶ୍ରଣରେ ବରା ଦିବସ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ଜେନା, ସହକାରୀ ନର୍ବାହୀ ଯନ୍ତ୍ରୀ ରାଣୀ ପଣ୍ଡା, ଉପ ବିଭାଗ ଅଧିକାରୀ ଦିବ୍ୟସିଂହ ଲେଙ୍କା, ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ବେଣୁଧର ମହାପାତ୍ର ଏବଂ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଧୀରେନ କୁମାର ସାମଲ ସମ୍ମୁଖ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବରାର ସ୍ୱାଦ ଚାଖିଥିଲେ। ପିତିରି ପଞ୍ଚାୟତର ଶକ୍ତିଦୁର୍ଗା ଓ ଶକ୍ତି ଭାଗବତ ସ୍ୱୟଂ ସହାୟକ ଗୋଷ୍ଠୀ, ରୋଡ ପଞ୍ଚାୟତର ମହାମାୟୀ ଓ ମା' ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବାରିହାପୁର ପଞ୍ଚାୟତର ମହିମା ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ନିଜର ବରା ପ୍ରଦର୍ଶନ କରିଥିଲେ। ବ୍ଲକ ଅଧ୍ୟକ୍ଷା ନିଜ ଭାଷଣରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶରେ ପ୍ରମୁଖ ଭୂମିକା ପାଇଁ ପ୍ରଶଂସା କରିଥିଲେ।

## ସଚେତନ ନାଗରିକ ଫୋରମ

ସ୍ଥାନୀୟ ସୂର୍ଯ୍ୟ ମଣ୍ଡପଠାରେ ସଚେତନ ନାଗରିକ ଫୋରମ୍ ପକ୍ଷରୁ ଫୋରମ ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବରା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବରେ ସମାଜସେବୀ ଜ୍ୟୋତ୍ସ୍ନା ପଟ୍ଟନାୟକ, ଆମ ଆଦ୍‌ମୀ ପାର୍ଟି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ସମାଜସେବୀ ଡାକ୍ତର ଶାନ୍ତିଭୂଷଣ ପଣ୍ଡା, ସମାଜସେବୀ ଯୁବରାଜ ଅମରଜ୍ୟୋତି ସିଂଦେଓ ପ୍ରମୁଖ ଯୋଗଦେଇ ବରା ବିଷୟରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଫୋରମର ଉପଦେଷ୍ଟା ପଙ୍କଜ ନାୟକ, କାର୍ଯ୍ୟକାରୀ ସଭାପତି ବିଶ୍ୱନାଥ ବେହେରା, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ଫୋରମର ନଗର ସଭାପତି ଅମରେନ୍ଦ୍ର ସାହୁ, ଉପସଭାପତି ଉଦୟନାଥ ବେହେରା, ସମ୍ପାଦକ ମନ୍ମଥ ରାଓ, ନଗେନ କର, ଆମ ଆଦମୀ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ଉପସଭାପତି ବିଜୟ ଦାସ, ସମ୍ପାଦକ ଅନୀଲ ସାମଲ, ଜୟନ୍ତ ଦାସ ପ୍ରସନ୍ନ ବରାଳ ପ୍ରମୁଖ ଦୁଇ ଶହରୁ ଅଧିକ ଯୋଗ ଦେଇଥିଲେ। ଫୋରମ ତରଫରୁ ସମସ୍ତଙ୍କୁ ବରା ପରସା ଯାଇଥିଲା। ଫୋରମର ସମ୍ପାଦକ ଭରତ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିମାଳ ଯୁଥ ଫୋରମ

ପଣ୍ଡୁଆ,୭ ।୪(ସମିସ): କାମାକ୍ଷାନଗର ବ୍ଲକ ପାରିମାଳ ଅଞ୍ଚଳରେ ଚଳିତବର୍ଷ ପ୍ରଥମଥର ପାଇଁ ପଣ୍ଡୁଆ ବଜାରସ୍ଥିତ ଆସେଟ କମ୍ପ୍ୟୁଟର ସେଣ୍ଟର ନିକଟରେ ବିଶ୍ୱ ବରା ଦିବସ ପାଳିତ ହୋଇଯାଇଛି। ପଣ୍ଡୁଆ ବଜାର ବ୍ୟବସାୟୀ, ବଟୋଇ ତଥା ଆଖପାଖ ଅଞ୍ଚଳର ୫ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗରମ ଗରମ ବରା, ଘୁଗୁନି ବଣ୍ଟନ କରାଯାଇଥିଲା। ପାରିମାଳ ଯୁବ ଫୋରମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଜାର ସଭାପତି ହୃଦାନନ୍ଦ ପରିଡ଼ା, କୋଟଗରା ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଅଶ୍ୱିନୀ କୁମାର ପରିଡ଼ା, ବିଜେପି ବାରୁଆଁ ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ଦାସ, ରାୟ ନୃସିଂହପୁର ପଞ୍ଚାୟତ ସରପଞ୍ଚ ଶିଶିରକାନ୍ତ କେହେରା, କୋଟଗରା ପଞ୍ଚାୟତ ପୂର୍ବତନ ସରପଞ୍ଚ ଲଳିତ କୁମାର ସାହୁ, ପଣ୍ଡୁଆ ଫାଣ୍ଡି ଅଧିକାରୀ ବିଭୂତି ଭୂଷଣ ବେହେରା, ସମାଜସେବୀ ତଥା ଯୁବନେତା ପର୍ଶୁରାମ ମହାଭୋଇ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପାରିମାଳ ଯୁବ ପରିଷଦର ସଭ୍ୟ ଅଶ୍ୱିନୀ କୁମାର ପରିଡ଼ା, ଲକ୍ଷ୍ମୀଧର ସାହୁ, ସୁନୀଲ ମିଶ୍ର, ମଳୟ ସାହୁ, ରଞ୍ଜିତ ପରିଡ଼ା ପ୍ରମୁଖଙ୍କ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟ ସମାହିତ ହୋଇଥିଲା।

## ହନୁମାନ ବାଟିକା ପରିଚାଳନା କମିଟି

ସ୍ଥାନୀୟ ଶ୍ରୀହନୁମାନ ବାଟିକା ଠାରେ ବିଶିଷ୍ଟ ଅତିଥିମାନଙ୍କୁ ନେଇ ବିଶ୍ୱ ବରାଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଯୁବରାଜ ଅମରଜ୍ୟୋତି ସିଂହଦେଓ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଶିଳ୍ପୀ ତଥା ନାଟ୍ୟକାର ପରେଶ ଚନ୍ଦ୍ର ପଟ୍ଟନାୟକ, ବିଶିଷ୍ଟ ବ୍ୟଙ୍ଗ କବି ତଥା ନାଟ୍ୟକାର ଶତ୍ରୁଘ୍ନ ମାଟି ପ୍ରମୁଖ ମଞ୍ଚାସୀନ ହୋଇ ବିଶ୍ୱ ବରା ଦିବସ ଅବସରରେ ଢେଙ୍କାନାଳ ବରା ବହୁ ଅତୀତରୁ ରାଜ ରାଜୁଡ଼ା ସମୟରୁ ତା'ର ପୂର୍ବ ଗରିମା ବଜାୟ ରଖିଛି ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଢେଙ୍କାନାଳ ବରା ଦିବସର ଆବାହକ ଡଃ ସମୀର କୁମାର ସାହୁ ସମସ୍ତ ଅତିଥିଙ୍କ ସହିତ ପ୍ରାୟ ୩ ହଜାରରୁ ଅଧିକ ବରାପ୍ରେମୀଙ୍କୁ ସ୍ୱାଗତ କରିଥିଲେ। ମଞ୍ଚର ସମସ୍ତ ଅତିଥି ହନୁମାନ ବାଟିକାର ପରିଚାଳନା କମିଟିର ସମସ୍ତ ସଭ୍ୟଙ୍କ ସହ ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କର ଏହି ପ୍ରଚେଷ୍ଟାକୁ ସ୍ୱାଗତ କରିଥିଲେ। ସକାଳ ୮ ଘଟିକାରୁ ଆରମ୍ଭ କରାଯାଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଦୀର୍ଘ ୫ଘଣ୍ଟା ଧରି ଲୋକମାନେ ଢେଙ୍କାନାଳ ବରାକୁ ଖାଇ ବରା ଦିବସ ପାଳିଥିଲେ। ଏକାଡେମୀ ଅଫ୍ ମେଡିକାଲ୍ ସାଇନ୍ସ ପକ୍ଷରୁ ନିର୍ଦ୍ଦେଶକ ଡଃ ରଜନୀକାନ୍ତ ତରାଇଙ୍କ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପରେ ବାର୍ତ୍ତା ଦେଇ ପିଲାମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ପରେ ମହାଶୟ ଅନୁଷ୍ଠାନ ତରଫରୁ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ହନୁମାନ ବାଟିକା ପରିଚାଳନା କମିଟିର ସମସ୍ତ ସଭ୍ୟଙ୍କ ଉଦ୍ୟମରେ ଆୟୋଜିତ କରାଯାଇଥିବା ବରା ଦିବସ ନିମିତ୍ତ ସମସ୍ତଙ୍କ ତରଫରୁ ପ୍ରଶଂସା କରାଯାଇଥିଲା। ଶେଷରେ କମିଟିର ସଭ୍ୟ ବାହାଦୂର ପାଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।





# ମେସିନ ପୋଡ଼ିଦେଲେ; ହତ୍ୟା ଧମକ ଦେଲେ ଦୁର୍ବୃତ୍ତ



ହିନ୍ଦୋଳ/ଖଜୁରିଆକଟା,୭ ।୪(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ମେସିନ ପୋଡ଼ି ଦେବାସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ହିନ୍ଦୋଳ ଉପଖଣ୍ଡ ରସୋଳ ଥାନା ଗିରିଧର ପଞ୍ଚାୟତ ବ୍ରହ୍ମପୁର ଗ୍ରାମର ସ୍ୱର୍ଗତ ଗଙ୍ଗାଧର ଦେହୁରୀଙ୍କ ପୁଅ କ୍ଷୀରୋଦ ଦେହୁରୀଙ୍କ ଟାଟା ୧୩୦ ମେସିନକୁ ମୋଟଙ୍ଗା ଥାନା ହିନ୍ଦୋଳରୋଡ୍ ଅଞ୍ଚଳର ସୁବାସ ଘୋଷଙ୍କ ପୁଅ ସଞ୍ଜୀବ ଘୋଷ ଭଡ଼ାରେ ନେଇ ନିଜ କାର୍ଯ୍ୟରେ ଲଗାଇଥିବାବେଳେ କ୍ଷୀରୋଦଙ୍କ ପ୍ରାପ୍ୟ ବାବଦକୁ ୧୫ ଲକ୍ଷ ଟଙ୍କା ଦେବାର ଥିଲା। ମାତ୍ର ଟଙ୍କା ନ ପାଇବାରୁ କ୍ଷୀରୋଦ ନିଜ ଗାଡ଼ି ନେଇ ଆସିଥିଲେ। ତେବେ ଗତ ୩ତାରିଖରେ କ୍ଷୀରୋଦ ନିଜ ବଗିଚାରେ ଥିବାବେଳେ ସଞ୍ଜୀବ ଘୋଷ ଓ ତାଙ୍କର ଦୁଇଜଣ ସହଯୋଗୀ ଆସି ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ସେହିଦିନ ରାତି ୧୨ଟା ସମୟରେ ଗୁଣ୍ଡାମାନଙ୍କ ସହ ଆସି କ୍ଷୀରୋଦଙ୍କ ମେସିନକୁ ପୋଡ଼ିଦେବା ସହ ସୁନାଚେନ ଓ ଟଙ୍କା ଲୁଟି ନେଇଥିବା କ୍ଷୀରୋଦ ରସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ପୁଲିସ ତଦନ୍ତ କରୁଥିବାବେଳେ କ୍ଷୀରୋଦଙ୍କୁ କ୍ଷତିପୂରଣ ସହ ଉଚିତ ନ୍ୟାୟ ଦେବାପାଇଁ ସେ ଦାବି କରିଛନ୍ତି।

# ଉଭିଦ ବିଜ୍ଞାନ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଖଜୁରିଆକଟା,୭।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା ଉଭିଦ ବିଜ୍ଞାନ ବିଭାଗରେ +୩ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ କନିଷ୍ଠ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ସହ ଉପହାର ପ୍ରଦାନ କରି ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଭାଗୀୟ ମୁଖ୍ୟ ଶୁଭଲକ୍ଷ୍ମୀ ଦାଶ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ନିଜ ନିଜର ବକ୍ତବ୍ୟ ଜରିଆରେ ଜ୍ଞାନ ଦିଗବଳୟର ବିକାଶ ପାଇଁ ଉଚ୍ଚତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନିଜର ମୂଲ୍ୟବାନ କର୍ମମୟ ଜୀବନକୁ ସାର୍ଥକ କରିବା ସହିତ ସଞ୍ଜତ ଓ ଶୃଙ୍ଖଳିତ ମାର୍ଗରେ ପଥିକ ହେବାକୁ ମାର୍ଗ ଦର୍ଶନ ଦେଇଥିଲେ। ଉତ୍ସବରେ ବିଭାଗର ଅଧ୍ୟାପିକା ରୁଚିସ୍ମିତା ବେହେରା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲା ବେଳେ ଡେମୋନେଷ୍ଟ୍ରେଟର ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗ ଜୁଟ୍ ଶ୍ରମିକଙ୍କ ବେତନ ଓ ଇପିଏଫଓ ପାଇଁ ଜିଲ୍ଲାପାଳଙ୍କୁ ଫେରାଦ



ଢେଙ୍କାନାଳ,୭ ।୪(ସମିସ): ଢେଙ୍କାନାଳ ପୌରପରିଷଦ ଅନ୍ତର୍ଗତ କଳିଙ୍ଗ ଜୁଟ୍ ପ୍ରଡକ୍ଟସର ଶ୍ରମିକମାନଙ୍କର ବେତନ ଓ ଇପିଏଫ, ଏଏସଆଇ ପ୍ରଦାନ ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଶ୍ରମିକମାନଙ୍କର ୧ଜୁନ୍ ୨୦୨୫ଠାରୁ ଆଜି ପର୍ଯ୍ୟନ୍ତ ଏହି ପ୍ରାପ୍ୟ କମ୍ପାନୀ ଜମା କରୁନାହିଁ। ସେହିପରି ୧ ଡିସେମ୍ବର ୨୦୨୫ରିଖ ଠାରୁ ୩୧ ମାର୍ଚ୍ଚ ୨୦୨୬ରିଖ ପର୍ଯ୍ୟନ୍ତ ଶ୍ରମିକମାନଙ୍କର ବେତନ ପ୍ରଦାନ କରାଯାଇନାହିଁ। ଫଳରେ ଶ୍ରମିକମାନେ ଆର୍ଥିକ ଅନାଟନ ଓ ଅଭାବରେ କାଳାତିପାତ କରୁଛନ୍ତି। ଏହାକୁ ବିଚାର କରିବା ନିମନ୍ତେ ସମସ୍ତ ଶ୍ରମକ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ଅଭିଯୋଗ ପତ୍ର ଦାଖଲ ସମୟରେ ଶ୍ରମିକ ସଂଘର ସମ୍ପାଦକ ବିଷ୍ଣୁ ବେହେରା, ପ୍ରଶାନ୍ତ ମହାନ୍ତି, ଜଗନ୍ନାଥ ସାମଲ, କୁମୁଦ ସ୍ୱାଇଁ, ସୁଦର୍ଶନ ସାହୁ, ଅଜୟ ସ୍ୱାଇଁ, ଦିଲ୍ଲୀପ ସାହୁଙ୍କ ସମେତ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।

# କୁଆପଥର ମାଡ଼ରେ ବ୍ୟାପକ କ୍ଷତି

ଖଜୁରିଆକଟା,୭।୪(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ କାଳବୈଶାଖୀର ତାଣ୍ଡବଲୀଳା ଲୋକଙ୍କପାଇଁ ହୋଇଛି କାଳ। ଅପରାହ୍ନରେ ପବନ ବୋହିବା ସହ କାଳବୈଶାଖୀ ପାଇଁ କୁଆପଥର ମାଡ଼ ହୋଇଥିଲା। ଫଳରେ ମଣିଷ ଓ ଗାଈଗୋରୁ ପ୍ରାୟ ୧ଘଣ୍ଟା ଯାଏ ପଦାକୁ ବାହାରିପାରି ନ ଥିଲେ। ଏହି କୁଆପଥର ମାଡ଼ରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ହିନ୍ଦୋଳ ଏନ୍‌ଏସି ୱାର୍ଡ ନଂ ୬ ଗୋବିନ୍ଦବେରେଣୀ ଫିସରୀ ନିକଟରେ ଥିବା ଓଡ଼ାପଡ଼ା କଣ୍ଟାବଣିଆ ଥାନା ଅଞ୍ଚଳର ରାଜୀବ



ସାହୁଙ୍କ ବ୍ରୟଲର ଫାର୍ମରେ ୪ଟି ହଂସ, କିଛି ଦେଶୀ କୁକୁଡ଼ା, ପୋଖରୀରେ ମାଛସବୁ ମରିଥିବାବେଳେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାଇଗଣ, ଟମାଟୋ ସହ ଅନ୍ୟାନ୍ୟ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଅନେକ ଘରର ଆଜବେଷ୍ଟସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାୟ କେତେକ ସ୍ଥାନରେ ଅଧ କେଜି ଓଜନର ବରଫ ପଡ଼ିଥିଲା। ଏଥିସହ ଗୋଟିଏ କାର, ଗୋଟିଏ ବାଇକ୍ ନଷ୍ଟ ହେବା ସହ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ସେହିପରି ଅନେକ କାଜୁ, ଆମ୍ବ, ପଣସ ଫସଲ ବି ନଷ୍ଟ ହୋଇଛି। ଲୋକଙ୍କ କ୍ଷୟକ୍ଷତିକୁ ଆକଳନ କରାଯାଇ ଉପଯୁକ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଆ ପକ୍ଷରେ ସଫେଇ କାର୍ଯ୍ୟକ୍ରମ

ଓଡ଼ାପଡ଼ା,୭।୪(ସମିସ): ଢେଙ୍କାନାଳ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱଚ୍ଛ ଓଡ଼ିଶା ଦିବସରେ ଓଡ଼ାପଡ଼ା ବ୍ଲକ୍ ପ୍ରଶାସନ ପକ୍ଷରୁ ଜୀବନ ଖୋଲ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବ୍ଲକ୍ କର୍ମଚାରୀ ଯୋଗଦେଇ ମନ୍ଦିର ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏହା ସହିତ ଆସନ୍ତା ୧୩ ତାରିଖରେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଖାଦ୍ୟ ଦିବସ ପାଳନ, ୧୪ ତାରିଖରେ ଝୋଟି, ଚିତା, ମୁରୁଜ ଓ ବିଭିନ୍ନ ପ୍ରକାର ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଜଳିଗଲା ବାଇକ୍, ବର୍ତ୍ତିଗଲେ ଯୁବକ

ଗଁଦିଆ,୭ ।୪(ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ଥାନା ନୂଆଗଡ଼ ନିକଟରେ ଏକ ବାଇକ୍ ଜଳି ଯାଇଥିବା ବେଳେ ଚାଳକଙ୍କ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଛଡାସିଂ ଗ୍ରାମର ଯୁବକ ଗୋଲେଖ ପ୍ରସାଦ ମଲ୍ଲିକ ଯୋରନ୍ଦା ବିଦ୍ୟୁତ ବିଭାଗରେ ଡ୍ୟୁଟିସାରି ନିଜ ବାଇକ୍ (ଓଡି ୦୬ ଜେ ୨୨୮୩) ରେ ଯୋରନ୍ଦା ଆଡୁ ବଣସିଂହ ଅଭିମୁଖେ



ଯାଉଥିଲେ। ନୂଆଗଡ଼ ନିକଟରେ ପରିସ୍ରା ଲାଗିବାରୁ ରାସ୍ତା ଉପରେ ଗାଡ଼ି ରଖି ପରିସ୍ରା ଯାଇଥିଲେ। ଏହି ସମୟରେ ହଠାତ୍ ବାଇକ୍‌ଟି ଜଳିବାରେ ଲାଗିଥିଲା। ଗୋଲେଖ ଉପାୟଶୂନ୍ୟ ହୋଇ ଜୀବନ ବଞ୍ଚାଇ ଦୌଡ଼ିଥିଲେ। ରାସ୍ତାରେ ଯାଉଥିବା ଲୋକେ ଖବର ଦେବା ପରେ ଗଁଦିଆ ଅଗ୍ନିଶମ ବିଭାଗର କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

## ବିପର୍ଯ୍ୟସ୍ତ ଅବସ୍ଥାରେ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ

# ବାରମ୍ବାର ଅଭିଯୋଗ ପରେ ବି ହେଉନି କାମ

ଢେଙ୍କାନାଳ,୭ ।୪(ସମିସ)

ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ୍ ସିମିନଈ ଏବଂ ଗଦାଶିଳା ପଞ୍ଚାୟତ ଦେଇ ଯାଇଥିବା ପୁରୁଣା ୫୫ ନଂ ଜାତୀୟ ରାଜପଥ ବିପର୍ଯ୍ୟନ୍ତ ହୋଇଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି କାମ ହେଉନାହିଁ। ଫଳରେ ରାସ୍ତାଟି ଖାଲଖମା ହୋଇ ରହଛି। ଏହି ପୁରୁଣା ରାସ୍ତାର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହୋଇଆସୁଥିବା ବେଳେ କେବେ କାମ ହେବ ତାହା ଜଣାପଡୁନାହିଁ।

ସିମିନଈ ଓ ଗଦାଶିଳା ବଜାରଦେଇ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ ଯାଇଛି। ନୂତନ ବାଇପାସ ରାସ୍ତାନିର୍ମାଣ ପରେ ବିଭାଗୀୟ କର୍ତ୍ତୃପକ୍ଷ ପୁରୁଣା ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଛନ୍ତି। ଏହି ରାସ୍ତାଦେଇ ସିମିନଈ, ଗଦାଶିଳା, କାଶିଆଡିହ, ବଳରାମପୁର, କାଣ୍ଡବିନ୍ଧା ପଞ୍ଚାୟତ ସହିତ ଗଞ୍ଜରା ବ୍ରାହ୍ମଣିଆପାଳ, ସୋରଡ ଦେଇ କୁଟୁଣିଆ, ବାବନ୍ଧ ଓ ହିନ୍ଦୋଳକୁ ରହିଥିବା ରାସ୍ତା, ବଳରାମପୁର ଦେଇ ଭାପୁର ଅଞ୍ଚଳକୁ ଏହି ରାସ୍ତାଦେଇ ଲୋକମାନେ ଯାତାୟତ କରିଥାନ୍ତି। ବାଇପାସ ରାସ୍ତା ନିର୍ମାଣ ହେବାର ୫ ବର୍ଷ ପରେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି ନିର୍ମାଣକୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଫଳରେ ରାସ୍ତାତମାମ ଖାଲଖମା ସୃଷ୍ଟି ହୋଇଥିବାବେଳେବର୍ଷାହେଲେପାଣିଜମିବା ସହିତ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଇପାସ୍ ରାସ୍ତାକୁ ସଂଯୋଗ କରୁଥିବା ମୁଳିସିଂହ ଏବଂ ଝାରଗାଡ଼ିଆ ଠାରେ ସଂଯୋଗ ରାସ୍ତାଟି ନିର୍ମାଣ ହୋଇନଥିବାରୁ ମାଟି ରାସ୍ତାଦେଇ ଯାନବାହନ ସହିତ ଲୋକମାନେ ଯାତାୟାତ କରୁଛନ୍ତି। ଏହି ରାସ୍ତାଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରିଥାନ୍ତି। ଦାଣ୍ଡିମାଳ ରେଳ ଷ୍ଟେସନକୁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତାର ନର୍ମାଣ ପାଇ ୨୦୨୫ ଜୁଲାଇ ୧୪ ତାରିଖରେ ଓଡ଼ିଶା ସରକାରଙ୍କ ରାସ୍ତା ଏବଂ ସିଭିଲ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ପତ୍ର ସଂଖ୍ୟା ୨୭୪୬୫ ଅନୁସାରେ ପ୍ରାୟ ୧୦କୋଟି ୭୩ଲକ୍ଷ ଟଙ୍କା ଅନୁମୋଦନ କରାଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହି କାମ ଦଶ ମାସ ମଧ୍ୟରେ ଶେଷ ହେବାର ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାମର ଭିତ୍ତିପ୍ରସ୍ତର ବି ପଡିନାହିଁ। ଏହାକୁ ନେଇ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବୀପତ୍ର ପ୍ରଦାନ ସମୟରେ ବିଭୁ ପ୍ରସାଦ ରଥ, ପୁରୁଷୋତ୍ତମ ରାଉତ,ଗଙ୍ଗାଧର ରାଉତ, ତାପସ ନାଏକ, ରାଜ କିଶୋର ରାଉଳ, ସର୍ବେଶ୍ୱର ଦାସ, ଶିଖର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟ ଆରମ୍ଭ ନ ହେଲେ୧୦ ଦିନ ମଧ୍ୟରେ ୭ ପଞ୍ଚାୟତବାସୀ ଏକତ୍ରୀତ ହୋଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଜନା କରିବେ ବୋଲି ବିଭୁ ପ୍ରସାଦ ରଥ କହିଛନ୍ତି।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଅଧ୍ୟକ୍ଷ ହେଲେ ନାଉରୀ ସିଂହ

କଙ୍କଡ଼ାହାଡ଼,୭।୪(ସମିସ): ରାଜ୍ୟ ସରକାର ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା କରିଛନ୍ତି। ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ନାଉରୀ ସିଂହଙ୍କ ନାମ ଘୋଷଣା ହୋଇଛି। ଶ୍ରୀ ସିଂହ ହେଉଛନ୍ତି କଙ୍କଡ଼ାହାଡ଼ ବ୍ଲକ୍ ବାମ ପଞ୍ଚାୟତ କୀର୍ତ୍ତନପୁର ଗ୍ରାମର ବାସିନ୍ଦା। ୨୦୦୨ରେ ଶ୍ରୀ ସିଂହ ବାମ ଗ୍ରାମ ପଞ୍ଚାୟତର ସରପଞ୍ଚ, ୨୦୦୭ ରେ କଙ୍କଡ଼ାହାଡ଼ ଜୋନ-୨ ର ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। କଙ୍କଡ଼ାହାଡ଼ ବ୍ଲକର ଜଣେ ଟାଣୁଆ ଆଦିବାସୀ ନେତା ଭାବେ ବେଶ ପରିଚିତ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା



ଅଧ୍ୟକ୍ଷ ଘୋଷଣା ହେଲା ପରେ ଶ୍ରୀ ସିଂହ କହିଛନ୍ତି ଜିଲ୍ଲାର ବିକାଶ କିଭଳି ହୋଇ ପାରିବ ସେଥିପାଇଁ ସେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବା ପାଇଁ କହିଛନ୍ତି। ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଘୋଷଣା ହେଲା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ,ଜିଲ୍ଲା ସଭାପତି ରାସ ବିହାରୀ ବେହେରାଙ୍କୁ ଧନ୍ୟବାଦ ଦେଇଛନ୍ତି। ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ସିଂହଙ୍କ ନାମ ଘୋଷଣା ପରେ କଙ୍କଡ଼ାହାଡ଼ ବ୍ଲକ୍‌ରେ ଖୁସିର ଲହରୀ ଖେଳିଯାଇଛି। ଜିଲ୍ଲା ଉପାଧ୍ୟକ୍ଷ ଭାବେ ସେବତୀ ଭୋଇଙ୍କ ନାମ ଘୋଷଣା ହୋଇଛି।

ନିଶା ଖାଇ ଯୁବକଙ୍କ ମୃତ୍ୟୁ ପରେ ଲୋକେ ସଚେତନ

# ମଦ ବନ୍ଦ ପାଇଁ ପୁଲିସ ସହାୟତା ଲୋଡ଼ିଲେ




ନାରାୟଣ ପାଟଣା,୭।୪(ସମିସ):

ଆଜି ନାରାୟଣପାଟଣା ଥାନାରେ ତେନ୍ତୁଳି ପଦର ପଞ୍ଚାୟତର ଶତାଧିକ ମହିଳା ପୁରୁଷ ପହଞ୍ଚି ମଦ ବନ୍ଦ ପାଇଁ ପୁଲିସର ସହଯୋଗ ଲୋଡ଼ିଛନ୍ତି। ଗାଁରେ ମଦ ବନ୍ଦ ସହ କୈଣସି ପ୍ରକାରର ମାଦକ ଦ୍ରବ୍ୟ ବିକ୍ରି ଓ ସେବନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପୁଲିସର ସହାୟତା ଲୋଡ଼ିଛନ୍ତି। ଶତାଧିକ ଗ୍ରାମବାସୀ ଦସ୍ତଖତ କରି ଏକ ଦାବି ପତ୍ର ଥାନା ଏଏସ୍ଆଇ ନରସିଂହ ପାଢ଼ୀଙ୍କୁ ପ୍ରଦାନ କରିଛନ୍ତି। ଚଳିତ ୨ ତାରିଖ ଦିନ ତେନ୍ତୁଳି ପଦର ଗ୍ରାମର ସଦା ମାଣ୍ଡିଙ୍ଗିଙ୍କ ମୃତ୍ୟୁ ହୋଇଥିଲା। ସଦା ବେକାର ହୋଇ ଗାଁରେ ରହି ମଦ ସିଗାରେଟ ପିଇବା ସହ ଦେହ ଖରାପ ହୋଇଥିଲା। ଯାହାକୁ ନେଇ ତାର ମୃତ୍ୟୁହୋଇଥିଲା। ଏହାକୁ ନେଇ ଗାଁ ରେ ବୈଠକ ବସିଥିଲା।। ସଦା ପରି ବହୁ ଯୁବକ ବେକାର ହୋଇ ନିଶା ଦ୍ରବ୍ୟ ସେବନ କରି ନାନା ରୋଗରେ ପଡି ଘରେ ଘରେ ଝଗଡ଼ା ଅସନ୍ତୋଷ ଲାଗି ରହିଛି। ଆଗକୁ ଯେପରି ଆଉ କାହାର ଜୀବନ ନ ଯାଉ, ସେଥିପାଇଁ ପୁରା ଗାଁଟି ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଥିଲେ ଶତାଧିକ ମହିଳା। ଘର ଘର ବୁଲି ମଦ ପିଇବା ,ମଦ ପିଇ ଗାଁରେ ପ୍ରବେଶ କରିବା ,ପୁଡିଆ, ଗଞ୍ଜେଇ, ସିଗାରେଟ୍ ବିକ୍ରି କରିବା ଉପରେ ସଚେତନ କରିଥିଲେ। ଗାଁ ରେ ଥିବା ଦୋକାନ ,ଚୋରା ମଦ ବିକ୍ରି ବନ୍ଦ ରେ ପ୍ରତିବନ୍ଧକ ଲଗେଇ ଥିଲେ। ମଦ ପିଇ ଗାଁରେ ପ୍ରବେଶ କରିବାକୁ ବାରଣ କରିଥିଲେ। ଗାଁକୁ ପ୍ରବେଶ କରିବାକୁ ପ୍ରତିବନ୍ଧକ ଲଗାଇବାକୁ ସଚେତନ କରିଥିଲେ। ସଚେତନ କରିବା ପରେ ବି କିଛି ବ୍ୟବସାୟୀ ଚୋରାରେ ମଦ ବିକୁଥିବାରୁ ଆଜି ଶତାଧିକ ମହିଳା ପୁରୁଷ ଥାନାକୁ ଆସି ସହାୟତା ଲୋଡ଼ିଛନ୍ତି ।ଲିଖିତ ଆକାରରେ ପୁଲିସକୁ ଜଣାଇ ସହଯୋଗ ଲୋଡ଼ିଛନ୍ତି। ଆଜି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ପରିଷଦ ସଭ୍ୟ ରାମ୍ବୋ ଶିରିକା, ଟୁନି ମାଣ୍ଡିଙ୍ଗି, ପୁର୍ଣ ମାଣ୍ଡିଙ୍ଗି ,ପଦ୍ମନ ମାଣ୍ଡିଙ୍ଗି, ଅଶୋକ ମାଣ୍ଡିଙ୍ଗି, ମୋନଜ ମାଣ୍ଡିଙ୍ଗି, ଦିଲିପ ମାଣ୍ଡିଙ୍ଗି ,ହୁଲୋ ମାଣ୍ଡିଙ୍ଗି ,ରୁପାୟ ନାଚିକା,ପଦମେ ମାଣ୍ଡିଙ୍ଗି,ପରି ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

■ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ରୋକିବାକୁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ



ମାଲକାନଗିରି, ୭।୪ (ସମିସ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏପ୍ରିଲ ମାସର ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ବଢୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାପାଳ ମୁଖ୍ୟତଃ ପିଏମ ରାହତ ଯୋଜନା ଏବଂ ସୋଲାଟିୟମ ଫଣ୍ଡ ବିଷୟରେ ଜନସାଧାରଣଙ୍କୁ ବ୍ୟାପକ ଭାବେ ସଚେତନ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆମ୍ବୁଲାନ୍ସର ଉପଲବ୍ଧତା ସୁନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାସ୍ତା ସୁଧାର ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଜାତୀୟ ରାଜପଥ-୩୨୬ରେ ଥିବା ସମସ୍ତ ଖାଲଖମା ପୂରଣ କରିବା ସହ ବିପଦଜନକ ବ୍ଲାକ୍ ସ୍ପଟ୍ ଗୁଡ଼ିକ ଚିହ୍ନଟ କରି ତୁରନ୍ତ ଆବଶ୍ୟକୀୟ ସଂସ୍କାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ହ୍ରାସ କରିବା ପାଇଁ ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ସହ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଏସଡିପିଓ ଦିବ୍ୟଜ୍ୟୋତି ଦଳେଇଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ନଗର ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ଓ ସମସ୍ତ ଘରୋଇ ବସ୍ ମାଲିକ ସଂଘର ସଭାପତି ଏବଂ ସମ୍ପାଦକ ଉପସ୍ଥିତ ରହି ସଡ଼କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ପରିବହନ ଅଧିକାରୀ ତୁଷାର ହେମ୍ବ୍ରମ ପରିଚାଳନା କରିଥିଲେ।

## ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତ



ଜୟପୁର,୭ ।୪(ସମିସ) ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସ୍ଥାୟୀ କୁଳପତି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ କେନ୍ଦ୍ର ସରକାରଙ୍କ ନ୍ୟାସନାଲ କାଉନସିଲର ଅଫ ଏଜୁକେଶନ ରିସର୍ଚ୍ଚ ଟ୍ରିନିଂ ପ୍ରତିଷ୍ଠାନର ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ରିସର୍ଚ୍ଚ ପ୍ରତିଷ୍ଠାନର ଅବସରପ୍ରାପ୍ତ ବରିଷ୍ଠ ପ୍ରଫେସର ଡ. ହୃଷିକେଶ ସେନପତିଙ୍କୁ ନିଯୁକ୍ତି କରାଯାଇଛି । ନୂତନ କଲୁପତି ପ୍ରଫେସର ସେନାପତି ମୁଖ୍ୟତଃ ଶିକ୍ଷା ପାଠ୍ୟକ୍ରମବିଭାଗରକୋରାପୁଟସରକାରୀ ଡିଏଭି ମହାବିଦ୍ୟାଳୟରୁ ଅଧ୍ୟାପକରୁ ନିଜ ଚାକିରିକାଳ ଆରମ୍ଭ କରିବା ସହିତ ଏହି ବିଭାଗର ଜାତୀୟସ୍ତରର ପ୍ରଫେସର ଭାବେ କାର୍ଯ୍ୟ କରିବା ସହିତ ଗତ ୨୦୨୫ ଡିସେମ୍ବର ମାସରେ ତାଙ୍କର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କର ଦ୍ୱାରା ଶିକ୍ଷା ବିଭାଗ ପାଠ୍ୟକ୍ରମର ଅନେକ ବହି ଲେଖାଯାଇଥିବା ବେଳେ ପ୍ରାୟ ୪୦ ଦେଶକୁ ଯାଇ ସେଠିକାର ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟର ନିଜ ଶିକ୍ଷା ପାଠ୍ୟକ୍ରମ ଉପରେ ନିଜର ଅଭିଭାଷଣ ଦେଇ ସମ୍ମାନିତ ହୋଇଛନ୍ତି। ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସ୍ଥାନୀୟ କୁଳପତି ନିଯୁକ୍ତି ପରେ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶ ହେବ ବୋଲି ସ୍ଥାନୀୟ ଶିକ୍ଷାବିତ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଆଶା ପ୍ରକଟ କରିଛନ୍ତି।

## ରାସ୍ତାମଝିରୁ ଗଛ ହଟାଇଲେ ଅଗ୍ନିଶମ ବାହିନୀ



ବୈପାରିଗୁଡ଼ା,୭।୪(ସମିସ) : ପ୍ରବଳବର୍ଷାପ୍ରଭାବରେବୈପାରିଗୁଡାବ୍ଲକଅନ୍ତର୍ଗତମାଠପଡା ପଞ୍ଚାୟତର ମୂଷାପଦର ଛକ ରାସ୍ତା ପାଶ୍ୱର୍ରେ ଥିବା ଏକ ବିଶାଳ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆଜି ସନ୍ଧ୍ୟାରେ ଗଛ ଉପୁଡ଼ି ପଡ଼ି ରାସ୍ତାରେ ପଡିଯିବାରୁ ଏହି ରାସ୍ତା ଦେଇ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ରାମଗିରି, ଦଣ୍ଡାବାଡି ଏବଂ ଗୁପ୍ତେଶ୍ୱର ପଞ୍ଚାୟତବାସୀଙ୍କୁ ବହୁ ହଇରାଣ ହେବାକୁ ପଡ଼ିଥିଲା । ବିଶେଷକରି ଗୁପ୍ତେଶ୍ୱର ଦର୍ଶନ ନିମନ୍ତେ ଯାଇଥିବା ଶ୍ରଦ୍ଧାଳୁ ଫେରିବା ସମୟରେ ରାସ୍ତା ଅବରୋଧ ହୋଇଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବ୍ଲକ ସଦରମହକୁମାକୁ ଆସି ନିଜ ଘରକୁ ଯିବାପାଇଁ ତିନୋଟି ପଞ୍ଚାୟତର ଗ୍ରାମବାସୀ ପ୍ରଭାବିତ ହୋଇଥିଲେ। ଗଛ ଉପୁଡ଼ି ପଡ଼ିଥିବା ନେଇ ବୈପାରିଗୁଡା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ଗଛକୁ କାଟି ରାସ୍ତା ସଫା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ଗର୍ଭବତୀଙ୍କୁ ସହାୟତା ଯୋଗାଇଲା ନେତାଜୀ ଯୁବକ ସଂଘ

ରେନ୍ତୁଲିଖୁଣ୍ଟି,୭।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଭରମୋଝିଗୁଡା ଗ୍ରାମ ହୀରାଧର କୁଲଦୀପଙ୍କ ସ୍ତ୍ରୀ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟ ମେଡିକାଲରେ ଏକ ଶିଶୁପୁତ୍ର ଜନ୍ମଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ମା ଓ ଶିଶୁ ଉଭୟ ଗୁରୁତର ଅବସ୍ଥାରେ କୋରାପୁଟ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ ।ସେଠାରେରକ୍ତରଆବଶ୍ୟକତାପଡିବାରୁନେତାଜୀଯୁବକସଂଘପକ୍ଷରୁରକ୍ତଯୋଗାଇଦେବା ସହ ଅର୍ଥର ଅଭାବ ଥିବା ଶୁଣିବା ପରେ ସଂଘ ପକ୍ଷରୁ କିଛି ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ସଂଘ ପକ୍ଷରୁବିଭିନ୍ନସମୟରେଲୋକଙ୍କୁସହାୟତାଯୋଗାଇଆସୁଥିବାରୁବିଭିନ୍ନମହଲରୁ ସଂଘପ୍ରଶଂସିତ ହେଉଛି । ନେତାଜୀଯୁବକସଂଘରସଭାପତିମୁକୁନ୍ଦସୁନାନୀ, ସରୋଜ ନାଗ,ଡମ୍ବରୁସାଗରିଆ, ନୀଳସୁନାନୀ, ବିଜୟ ବେହେରା,ଦୁର୍ଯ୍ୟସାଗରିଆ,କିଶୋରନାଗପ୍ରମୁଖସଂଘରକାର୍ଯ୍ୟକ୍ରମଗୁଡିକରେସହଯୋଗକରିଆସୁଛନ୍ତି।

# ଦୋକାନରେ ଅଗ୍ନିକାଣ୍ଡ

ଉମରକୋଟ ୭।୪(ସମିସ): ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏହିଭଳି ଘଟଣା ଦେଖିବାକୁ ମିଳିଛି ଉମରକୋଟ ବ୍ଲକ ଡାବୁଗାଁ ଥାନା ସିଂସାରୀ ପଞ୍ଚାୟତ ଠାରେ ସିଂହାରୀ ରାସ୍ତାକଡ଼ରେ ଥିବା ସୁନିଲ କୁମାର ଗୁପ୍ତାଙ୍କ କିରାନା ଦୋକାନରେ। ମଙ୍ଗଳବାର ସକାଳ ୭.୪୦ ମିନିଟ ସମୟରେ ନିଆଁ ଲାଗିଥିଲା। ନିଆଁକୁ ଗ୍ରାମବାସୀ ଆୟତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଉମରକୋଟ ଦମକଳ ବାହିନୀକୁ ଯୋଗାଯୋଗ କରିଥିଲେ। ସଙ୍ଗେ ସଙ୍ଗେ ଦମକଳ ବାହୀନି ଯାଇ ନିଆଁକୁ ଆୟତ କରିଥିଲେ। ତଥାପି ଦୋକାନର ଅନେକ ଜିନିଷ ନିଆଁରେ ପୋଡି ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇ ଯାଇଛି। କିନ୍ତୁ ଦୋକାନ ଭିତରେ ଥିବା ଭାଗବତ ଗୀତା ବହି କିଛି ହୋଇନଥିଲା। ଦମକଳ କେନ୍ଦ୍ରର ଏସ ଓ ଭାଗିରଥି ବାଣ୍ଡଆ, ଡ୍ରାଇଭର ଜଗଦୀଶ କାଣ୍ଡ, ଅଗ୍ନି ଯୋଦ୍ଧା ଧର୍ମେନ୍ଦ୍ର ସା ଦଶରଥ ସାହୁ, ଆକାଶ ହରିପାଲ ନିଆଁକୁ ଆୟତ କରିଥିଲେ।

# ଗଞ୍ଜେଇ ଜବତ, ୨ ଗିରଫ

କୋରାପୁଟ/କାକିରିଗୁମ୍ମା,୭।୪(ସମିସ): କୋରାପୁଟ ଜିଲ୍ଲା ପୁଲିସ ସହାୟତାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଭୁବନେଶ୍ୱର ଟିମ୍ ଦ୍ୱାରା ଦୁଇଟି ଭ୍ୟାନ ସମେତ ୬୨୩ କିଲୋଗ୍ରାମ ଗଞ୍ଜେଇ ଜବତ କରା ଯାଇଥିବା ବେଳେ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ କୋରାପୁଟ ସଦର ଥାନା ଅନ୍ତର୍ଗତ ମୁଣ୍ଡାର ଗ୍ରାମର ଗୁରୁ କନ୍ଦପାନ (୧୮) ଏବଂ ସୁନାବେଡ଼ା ଥାନା ଭେଜାପୁଟର (ଦାମନଯୋଡ଼ି) ରଞ୍ଜନ କୁମାର ଖେମୁଣ୍ଡୁ (୨୦) ବୋଲି କାକିରିଗୁମ୍ମା ପୁଲିସ ପକ୍ଷରୁ ସୂଚନା ଦିଆ ଯାଇଛି। ଗିରଫ ଦୁଇ ଅଭିଯୁକ୍ତ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଯୋଗାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବାକୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଜାଲ ବିଛାଇ ଥିଲା। ସୋମବାର ଅପରାହ୍ନରେ ଉଭୟେ ଦୁଇଟି ଭ୍ୟାନ ଯୋଗେ ଗଞ୍ଜେଇ ନେଇ ଯିବା ବେଳେ କାକିରିଗୁମ୍ମା ପୁଲିସ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଟିମ କାବୁ କରିଥିଲେ। ଗଞ୍ଜେଇ ସହ ଗାଡ଼ି ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରା ଯାଇଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଜେଏମ୍ଏଫ୍ସି କୋର୍ଟ ଖୋଲିବା ପାଇଁ ଓକିଲ ସଂଘର ଦାବି

ବୈପାରୀଗୁଡ଼ା,୭।୪(ସମିସ): ବୈପାରୀଗୁଡାରେନୂତନଜେଏମଏଫସି କୋର୍ଟ ଖୋଲିବା ପାଇଁ ଓକିଲ ସଙ୍ଘ ତରଫରୁ ଦାବି ହୋଇଛି ।ଲୋକଙ୍କୁ ସୁବିଧାରେ ଆଇନ ସେବା ଯୋଗାଇବା ଲକ୍ଷ୍ୟ ନେଇ ସରକାର ନୂତନ କୋର୍ଟ ମାନ ସ୍ଥାପନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବୈପାରୀଗୁଡା ଠାରେ ନୂତନ ଜେଏମଏଫସି କୋର୍ଟ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଖୋଲିବା ପାଇଁ ଘୋଷଣା ହୋଇଛ। କିନ୍ତୁ ୩ ବର୍ଷ ବିତିଲା ଏ ପର୍ଯ୍ୟନ୍ତ କୋର୍ଟ ଆରମ୍ଭ ହୋଇପାରୁନାହିଁ । ଯାହାକୁ ନେଇ ବୈପାରୀଗୁଡା ଓକିଲ ସଂଘ ତରଫରୁ ଅସନ୍ତୋଷ ବଢିଛି। ଅତି ଶୀଘ୍ର କୋର୍ଟ ଆରମ୍ଭ ପାଇଁ ଦାବି ହୋଇଛି । ସୂଚନା ଥାଉକି, ବୈପାରୀଗୁଡା ଥାନା ଅଧିନସ୍ତ କୁନ୍ଦୁରା ବ୍ଲକର ୩ଟି ପଞ୍ଚାୟତ ଏବଂ ବୈପାରୀଗୁଡାର ୨୦ଟି ପଞ୍ଚାୟତ ସମେତ ଅନ୍ୟନ୍ୟ ଉପାନ୍ତ ଅଞ୍ଚଳ ରହିଛି । ଏଥିପାଇଁ ଲୋକଙ୍କ ବୈପାରୀଗୁଡା ଠାରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଖୋଲିବା ପାଇଁ ଘୋଷଣା ହୋଉଛି। ଏଥିପାଇଁ ଜମି ଚିହ୍ନଟ ହେବା ସହ ପଚେରୀ ନିର୍ମାଣ କାମ ମଧ୍ୟ ସରିଛି । କିନ୍ତୁ କୋଠା ନିର୍ମାଣ ବିଳମ୍ବ ରହିଛି ଏଥିଲାଗି ଅସ୍ଥାୟୀ ଭାବେ ଜେଏମଏଫସି କୋର୍ଟ ଆରମ୍ଭ କରିବାକୁ ନିର୍ଦ୍ଦେଶ ରହିଛି । ଏଥିପାଇଁ ବୈପାରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ କୋଠାରେ ଅସ୍ଥାୟୀ ଜେଏମଏଫସି କୋର୍ଟ ସ୍ଥାପନ ପାଇଁ ମରାମତି କାର୍ଯ୍ୟ ସରିଛି। କିନ୍ତୁ କୋର୍ଟ ଆରମ୍ଭ ହେଉନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଓକିଲ ସଙ୍ଘ ସଭାପତି ଗୌର ଚାନ୍ଦ ପାତ୍ର ସମତ ଆଇନୀଜୀବୀ ଦାବି କରିଛନ୍ତି ।

● ଜୟପୁର କ୍ରିକେଟ ଲିଗ୍

## ଜଗନ୍ନାଥ ସୁପର ଜିଆଣ୍ଟସ, ବିଶ୍ୱନାଥ ସୁପର ଷ୍ଟ୍ରାଇକର୍ସ ବିଜୟୀ

ଜୟପୁର,୭। ୪(ସମିସ) : ଜୟପୁର ଦଶହରା ପଡିଆରେ ଠାରେ ଆୟୋଜିତ ଜୟପୁର କ୍ରିକେଟ ଲିଗର ଆଜି ତୃତୀୟ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜଗନ୍ନାଥ ସୁପର ଜିଆଣ୍ଟସ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୧୫୨ ରନ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ଜୟପୁର ଜାଗୁଆର ଦଳ ୧୩ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୧୦ ରନ ସଂଗ୍ରହ କରିବା ସହିତ ପରାଜିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ବିଶ୍ୱନାଥ ସୁପର ଷ୍ଟାଇକର୍ସ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୧୯୫ ରନ ସଂଗ୍ରହ କରିଥିଲେ ଏହାର ଜବାବରେ ବିପକ୍ଷ ବ୍ରାଣ୍ଡଡେ ବୟସ ଦଳ ୧୪.୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୨୬ ରନ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜୟପୁର ପୌରସଂସ୍ଥାର ୫ ନମ୍ବର ୱାର୍ଡର କାଉନସିଲର ପ୍ରଣବ କିଶୋର ନାୟକ ଏବଂ ଦ୍ୱିତୀୟ ମ୍ୟାଚରେ ପୌର ଉପାଧ୍ୟକ୍ଷା ବି. ସୁନିତା ଏବଂ ୨୨ ନମ୍ବର ୱାର୍ଡର କାଉନସିଲର ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ୧୯ ତାରିଖରେ ସ୍ଥାନୀୟ ୭ଟି ଦଳକୁ ନେଇ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।ଆଜିର ମ୍ୟାଚରେ ଏମ୍ପାୟର ଭାବେ ଦେବ ଚୌଧୁରୀ, ଅନିଲ କୁମାର ଓ ଲିଟୁ ବେହେରା ପରିଚାଳ କରିଥିଲେ।

## କୋରାପୁଟ ଇସିଏଚ୍ଏସ୍ ପଲିକ୍ଲିନିକ ପରିଦର୍ଶନ କଲେ କମାଣ୍ଡର

କୋରାପୁଟ,୭ ।୪(ସମିସ): ଗୋପାଳପୁର ଷ୍ଟେସନ ମୁଖ୍ୟାଳୟର କମାଣ୍ଡର ବ୍ରିଗେଡିୟର ହେମନ୍ତ ସିଂହ ଏବଂ ଏସ.ଓ କର୍ଣ୍ଣେଲ ଆର.ଏନ. ଚୌଧୁରୀ କୋରାପୁଟ ସ୍ଥିତ ଇସିଏଚଏସ ପଲିକ୍ଲିନିକ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ସେମାନଙ୍କ ସହ ପଲିକ୍ଲିନିକର ଓଆଇସି ଅବସରପ୍ରାପ୍ତ ଗ୍ରୁପ କ୍ୟାପଟେନ ଏ କେ ପ୍ରଧାନ,ଅବସରପ୍ରାପ୍ତ ହାବିଲଦାର ପି କେ ଦଳାଇ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରିଗେଡିୟର ସିଂହ ପଲିକ୍ଲିନିକର କାର୍ଯ୍ୟଧାରାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଠିକ ଭାବେ ଚାଲିଛି କି ନାହିଁ ତାହାର ତଦାରଖ କରିଥିଲେ। ସେଠାରେ ଉପସ୍ଥିତ ଥିବା ବହୁ ସଂଖ୍ୟକ ପୂର୍ବତନ ସୈନିକ ମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ସୈନିକମାନଙ୍କ ଭଲମନ୍ଦ ବୁଝିବା ସହ ସେମାନଙ୍କୁ କିଭଳି ଉନ୍ନତ ସେବା ଯୋଗାଇ ଦିଆଯାଇପାରିବ ସେ ନେଇ ସେମାନଙ୍କ ଠାରୁ ମତାମତ ଗ୍ରହଣ କରିଥିଲେ। ଚଳିତ ବର୍ଷ ଶେଷ ଆଡ଼କୁ ଏକ ବଡ଼ ଧରଣର ପୂର୍ବତନ ସୈନିକ ସମ୍ମିଳନୀ ଆୟୋଜନ କରାଯିବ ବୋଲି ବ୍ରିଗେଡିୟର ଶ୍ରୀ ସିଂହ ସୂଚନା ଦେଇଛନ୍ତି। ନୂତନ ଭାବେ ନିର୍ମାଣ ହେବାକୁ ଥିବା ଇସିଏଚଏସ ପଲିକ୍ଲିନିକ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ଉଦ୍ଦିଷ୍ଟ ଜମିକୁ ଅଧିକାରୀ ଦ୍ୱୟ ପରିଦର୍ଶନ କରିଥିଲେ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ କୋରାପୁଟ ଜିଲ୍ଲାପାଳ ଏବଂ ଡିଆଇଜିଙ୍କ ସହ ଜମି ଅଧିଗ୍ରହଣ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ସମସ୍ତ ସୁବିଧା ଉପଲବ୍ଧ କରାଗଲେ ପୂର୍ବତନ ସୈନିକମାନେ ଗୋଟିଏ ସ୍ଥାନରେ ଏକାଧିକ ସେବା ସହଜରେ ପାଇପାରିବେ ବୋଲି କୁହାଯାଇଛି।

## ମାଁ କର୍ମା ମାତାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଉମରକୋଟ,୭।୪ (ସମିସ): ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବକୋଦା ପଞ୍ଚାୟତର ଇଙ୍ଗ୍ରା ଗ୍ରାମ ଠାରେ ତୈଳିକ ସମାଜର ଇଷ୍ଟଦେବୀ ମାଁ କର୍ମା ମାତା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ କଳସ ଶୋଭାଯାତ୍ରା ବାହାରି ଥିବା ବେଳେ ସୋମବାର ଆଚାର୍ଯ୍ୟ ରେବା ପ୍ରସାଦ ଙ୍କ ଦ୍?ାରା ଯଜ୍ଞ ଏବଂ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବା ସହ ମାଁ କର୍ମାଙ୍କ ମହାଆଳତି ଓ ପ୍ରସାଦ ସେବନ କରାଯାଇଛି । ଏହି ଉତ୍ସବ ରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଆଶ୍ରିବାଦ ନେବା ସହ ତୈଳିକ ସମାଜର ବିକାଶ ତଥା ମନ୍ଦିର ର ଉନ୍ନତି ପାଇଁ ମନ୍ତ୍ରୀ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିବା ସହ ତୈଳିକ ସମାଜର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତୈଳିକ ସମାଜ ର ଇଙ୍ଗ୍ରା ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସମାଜ ର ବୁଦ୍ଧିଜୀବୀ ଉମରକୋଟ ତୈଳିକ ସମାଜ ର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସମାଜ ର ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହିଥିଲେ। ସନ୍ଧ୍ୟା ରେ ସମାଜ ପକ୍ଷରୁ ମହାସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ସ୍ୱାଗତ ଏବଂ ଅଭିଭାଷଣ , ସଚିବଙ୍କ ଦ୍ୱାରା ବାର୍ଷିକ ଆୟ ଏବଂ ବ୍ୟୟ ପାଠ କରାଯାଇଥିଲା । ମହାସଭା କାର୍ଯ୍ୟକ୍ରମରେ କିଶୋର ସାହୁ , କୃପାରାମ ସାହୁ ,ଅଶୋକ ସାହୁ , ଚିତାନନ୍ଦ ସାହୁ , ସରଜୁ ରାମ ସାହୁ, ତେଜଲାଲ ସାହୁ, ରାମ୍ଭୁଭାନ୍ ସାହୁ, ହେମନ୍ତ କୁମାର ସାହୁ, ତ୍ରିଲୋକ ସାହୁ, ପୃଷ୍ଟପୋଷକ ଓମପ୍ରକାଶ ସାହୁ, ବୁଦ୍ଧରାମ, ମାନସିଂହ ସାହୁ, ସୀତାରାମ ସାହୁ, ରାମସେବାକ୍ ସାହୁ, ହରିହର ସାହୁ, ଅର୍ଜୁନ ସାହୁ, ନରେଶ ସାହୁ, ଅକ୍ଷୁରାମ ସାହୁ, କାମଟା ସାହୁ , ପ୍ରତାପ ସାହୁ, କୁନୱାର୍ସିଂହ ସାହୁ, କୋମଲ ସାହୁ,ଜ୍ୟୋତି ସାହୁ, ଶ୍ରାବଣ ସାହୁ,କୁନ୍ଦନ ସାହୁ,ତେଜୟୁରାମ ସାହୁ , ଖେମାନ ସାହୁ,ମହିଳା ସେଲ ର ଉଷା ସାହୁ, ରାଗିଣୀ ବାଇ ସାହୁ, ରେନାୱାଇ ସାହୁ, ସାବିତାସାହୁ,ସୁଖୋବାଇ ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ।

## ହୋଟେଲ,ରେଷ୍ଟୁରାଣ୍ଟରେ ଚଢ଼ଉ

ଉମରକୋଟ ୭।୪(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉମରକୋଟ ସହରରେ ବିଭିନ୍ନ ଢାବା , ହୋଟେଲ , ଦୋକାନ ଠାରେ ଚଢ଼ାଉ କରାଯାଇଥିଲା । ସହରର କିଛି ହୋଟେଲରୁ ଦୁଇଟି ଘରୋଇଗ୍ୟାସସିଲିଣ୍ଡରକୁଜବତକରାଯାଇଛି ।ଗ୍ୟାସରବିକଳ୍ପବ୍ୟବସ୍ଥାକରିବାକୁହୋଟେଲମାନଙ୍କୁ ପରାମର୍ଶ ଦିଆଯାଇଛି ।ଅନ୍ୟ ପକ୍ଷରେ ଏଭଳି ଚଢ଼ଉକୁ ହୋଟେଲ ମାଲିକ ମାନେ ନିନ୍ଦା କରିବା ସହ ତାଙ୍କଓତାଙ୍କ ହୋଟେଲରେକାମକରୁଥିବା କର୍ମଚାରୀଙ୍କ ପରିବାରକିପରିଚଳିବେବୋଲିକହିଛନ୍ତି।

## ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହ



କୋରାପୁଟ,୭।୪(ସମିସ) ସ୍ଥାନୀୟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଠାରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ତରଫରୁ ୩୯ତମ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସ୍ତରରେ ନୂଆଦିଲ୍ଲୀର ଇଗ୍ନୋ ମୁଖ୍ୟାଳୟରେ ଭାରତର ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଡିଗ୍ରୀ ପ୍ରଦାନ କରିଥିଲେ ।କୋରାପୁଟ ଆଞ୍ଚଳିକ କେନ୍ଦ୍ରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ ଏବଂ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ, ସ୍ନାତକୋତ୍ତର, ଡିପ୍ଲୋମା ଏବଂ ପିଜି ଡିପ୍ଲୋମା ପ୍ରମାଣପତ୍ର ଓ ଡିଗ୍ରୀ ପ୍ରଦାନ କରିଥିଲେ। ଏହି ବର୍ଷ ପ୍ରାୟ ୨୧୯୦ ଛାତ୍ରଛାତ୍ରୀ ଡିଗ୍ରୀ ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି। ସେଥିରୁ ପ୍ରାୟ ୧୫୦ ଜଣ ସଫଳ ଶିକ୍ଷାର୍ଥୀ ମୁଖ୍ୟ ଅତିଥିଙ୍କ ହାତରୁ ଡିଗ୍ରୀ ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦାଶ, ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିଲେ। ଡା. ଲତିକା ମିଶ୍ର କୋରାପୁଟ ଆଞ୍ଚଳିକ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଞ୍ଚଳିକ କେନ୍ଦ୍ରର ସହ ନିର୍ଦ୍ଦେଶକ ମାଧବ କୁମାର ବିଶୋଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଞ୍ଚଳିକ କେନ୍ଦ୍ରର କର୍ମଚାରୀ ଗଦାଧର ନାୟକ, ସୂର୍ଯ୍ୟକାନ୍ତ ଚୌଧୁରୀ, ପ୍ରଭାସ କୁମାର ସାହୁ, ଗୌରୀ ଶଙ୍କର ନାୟକ, ସୀମାଦ୍ରୀ ମାଝୀ, ଚିତ୍ତ ରଞ୍ଜନ ଗେଜ, ଉଦ୍ଧବ ଗଡ଼ନାୟକ, ଭବାନୀ ବାରିକ, କାଳୁ ଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନିଆରା ପରମ୍ପରା

# ଦୁଇଟି ଗ୍ରାମ ମଧ୍ୟରେ ସଂଗାତ



ଜୟପୁର,୭। ୪(ସମିସ) : କୋରାପୁଟ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ। କିନ୍ତୁ ଏଠିକାର ବାସିନ୍ଦା ବନ୍ଧୁ ବତ୍ସଳ ଅଟନ୍ତି ଏବଂ ଏହିପରି ଘନିଷ୍ଠ ଓ ବିଶ୍ୱାସୀ ବନ୍ଧୁତାକୁ ନେଇ ସଙ୍ଗାତ ହେବା ଏକ ପରମ୍ପରା ଭାବେ ରହିଛି। ଏହିପରି ସଂଗାତ ବସିଲେ ଉଭୟ ଉଭୟଙ୍କ ପାଇଁ ଜୀବନ ଓ ମରଣ ପର୍ଯ୍ୟନ୍ତ ଉଭୟ ଉଭୟଙ୍କ ସମସ୍ତ ଦୁଃଖ ଓ ସୁଖରେ ସହାୟତା କରିଥାଆନ୍ତି। ଏହିପରି ମଣିଷଙ୍କ ମଧ୍ୟରେ ସଂଗାତ ବସିବା ରହିଥିବା ବେଳେ ଦୁଇଟି ଗ୍ରାମ ମଧ୍ୟରେ ସଂଗାତ ବସିବା ଏକ ନିଆରା ପରମ୍ପରା ରହିଛି। କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ଗଡପଦର ଏବଂ ଏକମ୍ବା ଗ୍ରାମ ମଧ୍ୟରେ ରାଜାରାଜୁଡା ସମୟରୁ ପ୍ରାୟ ଦେଢଶହରୁ ୨୦୦ ବର୍ଷ ପୂର୍ବରୁ ଏହିପରି ସଂଗାତ ବସିବା ନିଆରା ପରମ୍ପରା ଦେଖିବାକୁ ମିଳିଛି। ଏହିପରି ପ୍ରତ୍ୟେକ ୩ବର୍ଷରେ ଗଡପଦର ଗ୍ରାମର ଲୋକମାନେ ନିଜ ବନ୍ଧୁ ତଥା ସଂଗାତ ଗ୍ରାମ ଏକମ୍ବା ଆସି ଚୈତ୍ରପର୍ବରେ ମଉଜ ମଜଲିସ କରୁଥିବା ବେଳେ ଏକମ୍ବା ଗ୍ରାମର ଲୋକମାନେ ମଧ୍ୟ ପ୍ରତି ୩ବର୍ଷରେ ଗଡପଦର ଗ୍ରାମକୁ ଯାଇ ସେହିପରି ମର୍ଯ୍ୟାଦା ପାଇ ଆନନ୍ଦ ଉଠାଇ ଥାନ୍ତି। ଦୀର୍ଘଦିନ ହେଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦୁଇ ଗ୍ରାମ ମଧ୍ୟରେ କୌଣସି କଳହ ହୋଇନାହିଁ ଏବଂ ବନ୍ଧୁତା ତଥା ଭାଇଚାର ବଜାୟ ରହିଛି। ଏହିପରି ଆଜି ଅପରାହ୍ନରେ ଗଡପଦର ଗ୍ରାମର ପ୍ରାୟ ୫ଶହରୁ ହଜାରରୁ ଅଧିକ ମହିଳା ଓ ପୁରୁଷମାନେ ସଙ୍ଗାତ ଗ୍ରାମ ଏକମ୍ବାକୁ ଆସିଥିଲେ। ଏକମ୍ବା ଗ୍ରାମବାସୀ ମାନେ ସଂଗାତ ଗ୍ରାମର ବନ୍ଧୁ ମାନଙ୍କୁ ଗୋଡ ଧୋଇ ଗ୍ରାମ ଭିତରକୁ ବାଜାବାଜଣା ବଜାଇ ପାଛୋଟି ନେଇଥିଲେ। ପରେ ଗ୍ରାମର ସମସ୍ତ ପୁରୁଷ ମହିଳା ମାନେ ମିଳିମିଶି ନିଜର ସୁଖ ଦୁଃଖ ଆଦାନ ପ୍ରଦାନ କରିଥିଲେ ଏବଂ ଉଭୟ ଗ୍ରାମର ପର୍ବ ଓ ପୂଜାକୁ ନିମନ୍ତ୍ରଣ କରିଥିଲେ। ଆଜି ସନ୍ଧ୍ୟାରେ ରାବଣପୋଡି ଉତ୍ସବ ଦେଖିବା ପରେ ରାତିରେ ଭୋଜିଭାତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଆଦିବାସୀ ନାଟକ ଦେଖି ଆସନ୍ତା କାଲି ଅପରାହ୍ନରେ ନିଜ ଗ୍ରାମକୁ ଫେରିଯିବେ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଆଜି ସନ୍ଧ୍ୟାରେ ରାବଣପୋଡି କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିବା ବେଳେ ରାତିରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ରବିନାରାୟଣ ନନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।ଆଧୁନିକ ଯୁଗରେ ମଧ୍ୟରେ କୋରାପୁଟ ଜିଲ୍ଲାର ସରଳ ଓ ବନ୍ଧୁବତ୍ସଳ ଆଦିବାସୀ ମାନଙ୍କ ଏହିପରି ସଂଗାତ ବସିବା ବିଶ୍ୱାସୀ ହେବାର ପ୍ରତିକ ବୋଲି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବା ଅତିଥି ମାନେ ପ୍ରକାଶ କରିଛନ୍ତି।